
# ସମାରୋହ

ନଭେମ୍ବର ୨୦୨୫

www.samaroha.in



# KALINGA COMMERCIAL CORPORATION LTD

## A Leading Turnkey Service Provider for Mining Sector

**(ISO 9001 : 2008 Certified)**

*Our Strength is-*
*Unity &*
*Teamwork with*





*Commitment and*
*Dedication*

*Our Motto –*
*No Words but Deeds*





*Aiming for Excellence*
*in Achievement with*
*Customer Satisfaction*

Our Vision:
Aspire to set Benchmark on Global Mining,Value Creation and Corporate Social Responsibility

***CORPORATE OFFICE***

**A/47, NILAKANTHA NAGAR, NAYAPALLI, BHUBANESWAR, ODISHA 751012**
**MOB: 9937559264**
**WEB: www.kccl.co.in**


Bringing SMILE
to the Rural Life...
Agritech
Education
Green Energy
Power & Steel
Mining
SNM
SNM GROUP
Weigh Bridge Road, Barbil, Dist : Keonjhar - 758 035, Odisha
Website: www.snmgroups.com


THE NO.1 OUTDOOR MEDIA HOUSE
IN THE STATE OF ODISHA
NO.1
ଯଜ୍ଞାଶିଷ Mohapatra
torrent
ADVERTISERS
R. SHED NO. 37, RASULGARH IND.
ESTATE BHUBANESWAR - 751010, ODISHA
torrentadv4@gmail.com
9238321015, 9114152665, 9438840801
Deals In :- Hoarding, Bulletin, Kiosk, Backlit, Ete.

# ସମାରୋହ

( କଳା, ସାହିତ୍ୟ, ସଂସ୍କୃତିର ପାରିବାରିକ ମାସିକ ପତ୍ରିକା )

**Editor:**
Sailorani Mishra
**ସଂପାଦିକା:**
ଶୈଳରାଣୀ ମିଶ୍ର
**Associate Editor:**
Rabi Narayna Nanda
Kishore Kumar Mohanty
**ସହଯୋଗୀ ସଂପାଦକ:**
ରବି ନାରାୟଣ ନନ୍ଦ
କିଶୋର କୁମାର ମହାନ୍ତି
**Publisher:**
Bibhuti Bhusan Nanda
Gandarpur, Cuttack-753003
**ପ୍ରକାଶକ:**
ବିଭୂତି ଭୂଷଣ ନନ୍ଦ
ଗଣ୍ଡରପୁର, କଟକ-୭୫୩୦୦୩
**DTP:**
Printtech Offset Pvt. Ltd.
Bhubaneswar-24
**ଡିଟିପି:**
ପ୍ରିଣ୍ଟଟେକ୍ ଅଫ୍‌ସେଟ୍ ପ୍ରା:ଲି
ଭୁବନେଶ୍ୱର-୨୪
**Printer:**
Bibhuti Bhusan Nanda
Lipsa Printers, Gandarpur, Cuttack
**ମୁଦ୍ରଣ:**
ବିଭୂତି ଭୂଷଣ ନନ୍ଦ
ଲିପ୍‌ସା ପ୍ରିଣ୍ଟର୍ସ, କଟକ
**Managing Editor:**
Kalyani Nanda
**ପରିଚ୍ଛଳନା ସଂପାଦିକା:**
କଲ୍ୟାଣୀ ନନ୍ଦ

**Volume - 35 Issue - 2**
**November - 2025**
**Price- Rs. 20/-**

*Owned, Printed and Published by*
*Bibhuti Bhusan Nanda, Gandarpur, Cuttack, Odisha*

## ସୂଚୀପତ୍ର

### ପ୍ରବନ୍ଧ

**ମହାପ୍ରଭୁଙ୍କ ଦୀପଦାନ ଓ ଶ୍ରାଦ୍ଧୋତ୍ସବ**
ଇଂ. ପ୍ରଶାନ୍ତ କୁମାର ଆଚାର୍ଯ୍ୟ... ୬

**ଓଡ଼ିଆ ଜାତୀୟତା ଓ ଗୋପବନ୍ଧୁ**
ଗୋପାଳ ଚନ୍ଦ୍ର ମିଶ୍ର............୮

**ଡାହାଣୀ ବିଶ୍ୱାସ : ସାମାଜିକ ଓ ସାଂସ୍କୃତିକ ସମ୍ପ୍ରେକ୍ଷଣ**
ଡ. ଦିଗମ୍ବର ଗିରି.............. ୧୦

### କଥା ଓ କାହାଣୀ

**ଭାଗ୍ୟଚକ୍ର** ମିହିର ରାୟ....................୧୫
**ଅଦମ୍ୟ ଲାଳସା** ଡକ୍ଟର କଜ୍ଜଳତା ଦାସ...........୨୩
**ଅପାଙ୍‌କ୍ତେୟ** ସରୋଜ ସାହୁ................. ୨୬
**ସେଇ ସ୍ୱାଭିମାନୀ ସ୍ତ୍ରୀଲୋକଟି** ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ........ ୩୧
**ସ୍ୱୀକାରୋକ୍ତି** ବୀରେଶ୍ୱର ମହାନ୍ତି............. ୩୩
**ବାହୁଡ଼ା ବେଳର ଲୁହ** ବିଭୁତି ଭୂଷଣ ତ୍ରିପାଠୀ..........୩୭
**ଚଇତନିଆର ବାହାଘର** ଡ. ନାରାୟଣ ଚନ୍ଦ୍ର ଶତପଥୀ... ୩୯

### କବିତା

**ଆଜି ଏତେ ଦିନ ପରେ** ଡଃ ମନୋରମା ବିଶ୍ୱାଳ ମହାପାତ୍ର....୪୨
**ଅନ୍ତହୀନ ଲଢ଼େଇ** ଡକ୍ଟର ନାରାୟଣ ପଣ୍ଡା..........୪୨
**କଇଁଫୁଲ ରାତି** ପିନାକୀ ମିଶ୍ର....................୪୩
**ଜହ୍ନ ଓ ଜୁଆର** ପ୍ର. ଗିରିଜା ଶଙ୍କର ଶର୍ମା........ ୪୪
**ସମୟର ନାହିଁ ପୂର୍ଣ୍ଣଚ୍ଛେଦ** ବିଷ୍ଣୁ ମୋହନ...................୪୪
**କାୟାନ୍ତର** ସୁଶୀଲ କୁମାର ପାଣିଗ୍ରାହୀ.......୪୫
**ପ୍ରେମ ଧନ** କୀର୍ତ୍ତନ ସାହୁ....................୪୬
**ସକାଳ : ଜୀବନ୍ତ ଝରକା** ଡାକ୍ତର କୃଷ୍ଣଚନ୍ଦ୍ର ରଥ...........୪୬
**କବିତା - ଚମକାଏ ଗାଆଁ ଅଶିଣ ଆସି**
ପ୍ରଶାନ୍ତ କୁମାର ଦାଶ............ ୪୭
**ପହଲ ଗାଓଁ** ଶ୍ରୀ ଭୁବନେଶ୍ୱର ବିଶି...........୪୭
**ଉଠରେ ଉଠରେ** ରବୀନ୍ଦ୍ର କୁମାର ମହାପାତ୍ର....... ୪୮

## ସମାରୋହ ନିୟମାବଳୀ

- ଏହା ପ୍ରତିମାସର ଦ୍ୱିତୀୟ ସପ୍ତାହରେ ପ୍ରକାଶ ପାଏ ।
- ସମାରୋହ ସମସ୍ତ ଲେଖକ ଲେଖିକାଙ୍କୁ ସମାନ ଗୁରୁତ୍ୱ ପ୍ରଦାନ କରେ ଓ ବିଶେଷତଃ ନୂତନ ଲେଖକଙ୍କୁ ଉତ୍ସାହିତ କରିବାରେ ବିଶ୍ୱାସ କରେ, କିନ୍ତୁ ଲେଖା ଉନ୍ନତମାନର ହୋଇଥିଲେ ହିଁ ଏହା ପ୍ରକାଶିତ ହୁଏ ।
- ଲେଖା ପଠାଇବା ସମୟରେ ଏହାର ଏକ ନକଲ ପାଖରେ ରଖନ୍ତୁ କାରଣ ଅମନୋନୀତ ଲେଖା ଫେରସ୍ତ ଦିଆଯାଏ ନାହିଁ ।
- ଲେଖା ସହିତ ନିଜର ସଂପୂର୍ଣ୍ଣ ଠିକଣା, ଦୂରଭାଷ ନମ୍ବର ଓ ପରିଚୟ ପଠାନ୍ତୁ ।
- ଅନ୍ୟ ପତ୍ରିକାରେ ପ୍ରକାଶିତ ହୋଇଥିବା କିମ୍ବା ପ୍ରକାଶ ପାଇଁ ଦେଇଥିବା ଲେଖା ପଠାନ୍ତୁନାହିଁ ।
- ଲେଖା ପଠାଇବାର ୬ ମାସ ମଧ୍ୟରେ ଏହା ପ୍ରକାଶିତ ନ ହୋଇଥିଲେ କିମ୍ବା କୌଣସି ଉତ୍ତର ନପାଇଲେ ଲେଖାଟି ଅମନୋନୀତ ବୋଲି ଧରିନେବେ ।
- ଲେଖାଟିଏ ସମାରୋହକୁ ପ୍ରକାଶ ପାଇଁ ପଠାଇବା ପରେ ୬ ମାସ ପର୍ଯ୍ୟନ୍ତ ତାହା ଅନ୍ୟତ୍ର ପ୍ରକାଶ ପାଇଁ ଦିଅନ୍ତୁ ନାହିଁ ।
- ଚାହିଁଲେ ଆପଣ ଲେଖାକୁ (ଶ୍ରୀଲିପି / ଆକୃତି)ରେ ପଠାଇ ପାରନ୍ତି । ପଠାଇବାର ଇ-ମେଲ୍ ଠିକଣା:- thesamaroha@gmail.com
- ହାତଲେଖା ସ୍ୱଷ୍ଟ ହୋଇନଥିଲେ ଏବଂ ପଢ଼ି ହେଉନଥିଲେ ଲେଖା ପ୍ରକାଶ ନିମନ୍ତେ ବିଚାରକୁ ନିଆଯିବ ନାହିଁ ।
- ଫିଚର, ମହିଳା ମହଲ, ତନ୍ମାତ୍ର, ବ୍ୟକ୍ତିତ୍ୱ, ଖେଳ ଖେଳାଳୀ ପ୍ରଭୃତିର ପୃଷ୍ଠା ନିମନ୍ତେ ଉତ୍ତମ ମାନର ତଥ୍ୟ ସମ୍ବଳିତ ଲେଖା ପ୍ରକାଶ ଯୋଗ୍ୟ । ତେବେ ଏ ସମସ୍ତ ଲେଖା ପଠାଇବା ପୂର୍ବରୁ ସଂପାଦିକାଙ୍କ ସହିତ ଯୋଗାଯୋଗ କରି ଅନୁମତି ନେବା ଆବଶ୍ୟକ ।

**ସମସ୍ତ ଲେଖା, ମନିଅର୍ଡ଼ର ପଠାଇବା ନିମନ୍ତେ ଏବଂ ସମସ୍ତ ଯୋଗାଯୋଗ ନିମନ୍ତେ ଡି-୯, ବିଜେବି ନଗର ପରିବର୍ତ୍ତେ ସହଯୋଗୀ ସଂପାଦକଙ୍କର ନିମ୍ନୋକ୍ତ ଠିକଣାଟି ବ୍ୟବହାର କରିବାକୁ ଅନୁରୋଧ ।**

ପରିଚାଳନା ସଂପାଦିକା

**ସମାରୋହ ଆଜୀବନ ପୃଷ୍ଠପୋଷକ**
- ଶ୍ରୀ ଦେବ ପଟ୍ଟନାୟକ
- ଶ୍ରୀ ଲକ୍ଷ୍ମୀକାନ୍ତ ମିଶ୍ର
- ଡ. ସିଦ୍ଧାର୍ଥ ଶଙ୍କର ପାଢ଼ୀ
- ଡା. ଅମରେନ୍ଦ୍ରନାଥ ଦାସ


### ରମ୍ୟରଚନା

**ନାରୀ ସେକାଳେ, ଏକାଳେ**

ଗିରିଜା ମଞ୍ଜରୀ ପାଢ଼ୀ.................................................... ୪୯

### ତନ୍ମାତ୍ର

**ଓଲିଉଡ଼ର ନୂଆ ଚଳଚ୍ଚିତ୍ର**.................................... ୫୨

### ଖେଳ ଓ ଖେଳାଳୀ

**ଭାରତରେ କ୍ରୀଡ଼ାର ଅଭିବୃଦ୍ଧି**................................ ୫୩

### ଜ୍ୟୋତିଷ ବିଚାର

**ମାସିକ ରାଶିଫଳ** ଜ୍ୟୋତିର୍ବିଦ - ବିଶ୍ୱନାଥ ନାୟକ............ ୫୫



**ପଢ଼ନ୍ତୁ ! ପଢ଼ନ୍ତୁ !**

**ମାସିକ ଓଡ଼ିଆ ପତ୍ରିକା**





**ଯୋଗାଯୋଗ ଠିକଣା**

**ସହଯୋଗୀ ସଂପାଦକ : ସମାରୋହ**

**ସି-୧୬୩, ବିଡିଏ ଡୁ୍ୟପ୍ଲେକ୍ସ, ପ୍ରଜ୍ଞାବିହାର, ବରମୁଣ୍ଡା, ଭୁବନେଶ୍ୱର-୩**

**ଫୋନ୍ ନମ୍ବର : ୦୬୭୪-୨୩୫୪୮୭୩, ମୋବାଇଲ ନମ୍ବର : ୯୦୯୦୪୬୮୦୪୬**

E-mail: thesamaroha@gmail.com


| **ସମାରୋହର ଦେୟ** | | |
|---|---|---|
| | ବାର୍ଷିକ................ଟ. ୩୦୦.୦୦ | ଦ୍ୱିବାର୍ଷିକ..............ଟ. ୬୦୦.୦୦ |
| | ୩ ବର୍ଷ ପାଇଁ..........ଟ. ୯୦୦.୦୦ | ୫ ବର୍ଷ ପାଇଁ..........ଟ. ୧୫୦୦.୦୦ |
| | *ପ୍ରତ୍ୟେକ ମାସିକ ସଂଖ୍ୟା ଡାକ ଯୋଗେ ଗ୍ରାହକଙ୍କ ନିକଟକୁ ପଠାଇଦିଆଯିବାର ବ୍ୟବସ୍ଥା ରହିଛି ।* | |

# ସଂ ପା ଦ କୀ ୟ

କାର୍ତ୍ତିକ ମାସର ସମସ୍ତ ପବିତ୍ରତାରେ ଇତି ଘଟାଇ ନଭେମ୍ବର ପାଞ୍ଚ ତାରିଖ ଦିନ ପୂର୍ଣ୍ଣିମ ସମାପ୍ତ ହୋଇଗଲା । ତା'ପର ଦିନ ଆସିଗଲା ଆହୁରି ପବିତ୍ର ମାର୍ଗଶିର ମାସ । ଯେଉଁ ମାସରେ ଶ୍ରୀ ଶ୍ରୀ ମହାଲକ୍ଷ୍ମୀ ସମ୍ପୂର୍ଣ୍ଣ ରୂପେ ବିଜେ କରି ଧନ ଧାନ୍ୟ ଗୋପଲକ୍ଷ୍ମୀରେ ଦେଶକୁ ପରିପୂର୍ଣ୍ଣ କରିଥାନ୍ତି । କିନ୍ତୁ ମାର୍ଗଶିର ପ୍ରଥମ ଦିବସରୁ ଛାଡ଼ଖାଇ ନିମନ୍ତେ ଯେଉଁ ଆଗ୍ରହ ବଢ଼ିଯାଏ ସେଥିରେ ପବିତ୍ରତାରେ ବିଲୁପ୍ତି ଘଟିଯାଏ । ଅବଶ୍ୟ ପ୍ରତ୍ୟେକ ବ୍ୟକ୍ତିଙ୍କର ଭିନ୍ନମତ ଥାଏ । ଏଥିପାଇଁ ଯୁକ୍ତିତର୍କ କରି ପ୍ରମାଣ ଦେଖାଇ ତା' ଉପରେ ସିଦ୍ଧାନ୍ତ ନେବା ସହଜ ହୁଏନାହିଁ । ଏଣୁ ମାସ ନୁହେଁ ସାରାବର୍ଷ ଏପରି ମିଶ୍ରିତ ଫଳ ମିଳି ଚାଲିଥାଏ ଦେଶପାଇଁ ।

ବହୁକାଳରୁ ଭାରତବର୍ଷ ଏକ ପବିତ୍ରତାର ଦେଶ ଭାବରେ ପ୍ରତିଷ୍ଠିତ ଥିଲା । କଳିଯୁଗର ପ୍ରାଧାନ୍ୟ ହେଉଁ ବା ମନୁଷ୍ୟର ଚରିତ୍ରିକ ଦୋଷ ଯୋଗୁଁ ସବୁକିଛି ମୁହୂର୍ତ୍ତକରେ ପରିବର୍ତ୍ତିତ ହୋଇଯାଇଥାଏ । ନିଜକୁ ତଉଲି ଦେଖିଲେ ସବୁକିଛି ସ୍ପଷ୍ଟ ହୋଇଯାନ୍ତା । ଆମର ମନ ନିଜ ଭିତରକୁ ସମ୍ପୂର୍ଣ୍ଣ ନିବେଶ ନକରି ଅନ୍ୟମାନଙ୍କ ଉପରେ ଦୃଷ୍ଟିଦେଇ ଚାଲିଥାଏ । ତେଣୁ ସଂସାର ଚକ୍ର ଚକ୍ରବତ୍ ଘୂର୍ଣ୍ଣାୟମାନ ହୋଇ ଚାଲିଥାଏ । ଯାହାକୁ ନିର୍ଣ୍ଣୟ କରିବାକୁ ନିଜ ଭିତରକୁ ନ ଚାହିଁ ଅନ୍ୟମାନଙ୍କ ଉପରେ ଦୃଷ୍ଟି ରଖି ସଂକଳ୍ପ, ବିକଳ୍ପ କରିଚାଲିଥାଉ । ଏଥିରେ ଉତ୍‌ଥାନ ଓ ପତନ ହେବା ଅବଶ୍ୟସମ୍ଭାବୀ । ଯାହା ବର୍ଷ ବର୍ଷ ଧରି ଚାଲି ରହିଛି ଯେଉଁଥିରେ ଜଣକୁ ଆମେ ଶୀର୍ଷ ସ୍ଥାନକୁ ନେଇଯାଉ ନିଜର ଅଜାଣତରେ ତା'କୁ ନିମ୍ନସ୍ତରକୁ ନେଇଯାଇ ସମାଲୋଚନା କରିଥାଉ । କାରଣ ଆମର ଦୃଷ୍ଟି ନିଜ ଉପରେ ସମ୍ପୂର୍ଣ୍ଣ ନ ରହି ବିଶେଷ କରି ଅନ୍ୟ ଉପରେ ନିବଦ୍ଧ ଥାଏ । ସେଥିରେ ଦେଶର ଅଭିବୃଦ୍ଧି ହୁଏ ବା ନିମ୍ନଗତି ହୁଏ ତାହା ଆମକୁ ଜଣାପଡ଼େ ନାହିଁ ।

ପ୍ରତିଦିନ ଖବରକାଗଜ ପୃଷ୍ଠା ଓଲଟାଇବା ବେଳେ ଆମର ଚିତ୍ତବୃତ୍ତିରେ କିପରି ଉତ୍‌ଥାନ ପତନ ହେଉଥାଏ ତାହା ଆମେ ବୁଝିପାରିବା । ଆଜି ନଭେମ୍ବର ତେର ତାରିଖ ପ୍ରଥମ ପୃଷ୍ଠାରେ ସମାଜରେ ବାହାରିଥିଲା "ନିଶାନରେ ଥିଲା ରାମ ମନ୍ଦିର ଓ ସେନା ଭବନ ।" "ବାରବାଟୀ ମ୍ୟାଚ୍ ସୁରକ୍ଷା ବଢ଼ାଅ ।" ଓଡ଼ିଶା ସର୍ଭେ ସେଟଲ ମେଣ୍ଟ ରୁଲ୍‌ସର ସଂଶୋଧନକୁ ମୁଖ୍ୟମନ୍ତ୍ରୀଙ୍କ ମଞ୍ଜୁରୀ ।

ତହସିଲଦାରଙ୍କୁ ରେକର୍ଡ଼ ସଂଶୋଧନକୁ କ୍ଷମତା, ଯାହା ବୋଧହୁଏ ଏ ପର୍ଯ୍ୟନ୍ତ ଦିଆଯାଇନଥିଲା । ବାରବାଟୀ ମ୍ୟାଚ୍ ସୁରକ୍ଷା ବଢ଼ାଅ, ବୋଧେ ଆଜି ପର୍ଯ୍ୟନ୍ତ ସେସବୁର ସମାଧାନ ହୋଇନଥିଲା । ସତୁରୀ ଫୁଟ ଉଚ୍ଚରେ ଅଟକିଲା ଦୋଳି, ତିନିଘଣ୍ଟା ଭିତରେ ଉଦ୍ଧାର ହେଲେ ଦଶ । ଅଲ୍ ଫଲାହ । ବିଶ୍ୱବିଦ୍ୟାଳୟରେ ମଣିଷ ନୁହେଁ ଆତଙ୍କବାଦୀ ତିଆରି କାରଖାନା, ତା ସହିତ ସମ୍ବାଦ ଆତଙ୍କବାଦୀ ସଂପୃକ୍ତିକୁ ବିଶ୍ୱବିଦ୍ୟାଳୟ ଖଣ୍ଡନ । ଦିଲ୍ଲୀ ଲାଲକିଲା ବିସ୍ଫୋରଣ ଘଟଣାରେ ଆହତ ହୋଇ ଚିକିତ୍ସା ହେଉଥିବା ବ୍ୟକ୍ତିଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଲୋକ ନାୟକ ଜୟପ୍ରକାଶ ହସ୍‌ପିଟାଲ୍‌ରେ ଭେଟିଛନ୍ତି । ଭୁଟାନ ଗସ୍ତରୁ ଫେରିବା ମାତ୍ରେ ପ୍ରଧାନମନ୍ତ୍ରୀ ପ୍ରଥମେ ହସ୍‌ପିଟାଲ ଯାଇ ଆହତଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିଥିଲେ । ଆହତଙ୍କ ସହିତ କଥା ହେବା ସହିତ ସେମାନଙ୍କ ଆଶୁ ଆରୋଗ୍ୟ କାମନା କରିଥିଲେ । ହସ୍‌ପିଟାଲର ଡାକ୍ତର ଓ କର୍ମଚାରୀମାନେ ଆହତଙ୍କ ସ୍ୱାସ୍ଥ୍ୟ ଅବସ୍ଥା ତାଙ୍କୁ ଅବଗତ କରାଇଥିଲେ । ହସ୍‌ପିଟାଲରୁ ଫେରିବାପରେ ମୋଦି ସୋସିୟାଲ ମିଡ଼ିଆ ପୋଷ୍ଟରେ ଲେଖିଛନ୍ତି, "ଲାଲକିଲା ବିସ୍ଫୋରଣର ଷଡ଼ଯନ୍ତ୍ରକାରୀଙ୍କୁ କେବେହେଲେ କ୍ଷମାଦିଆଯିବ ନାହିଁ । ଏହି ଷଡ଼ଯନ୍ତ୍ରକାରୀଙ୍କୁ ଆଇନର କାଠଗଡ଼ାକୁ ନିଶ୍ଚିତ ଅଣାଯିବ ।" ଭବିଷ୍ୟତ କହିବ କେତେଦୂର ଏହା କାର୍ଯ୍ୟକାରୀ ହେଲା । ଆଉ ଏକ ଖବର ସମସ୍ତ ହାଇକୋର୍ଟକୁ ସୁପ୍ରିମ୍ କୋର୍ଟଙ୍କ ନିର୍ଦ୍ଦେଶ "S.I.R. ଉପରେ ଶୁଣାଣି ବନ୍ଦ କର ।" ତେଣିକି ଯାହାହେବ, "ଫଳେନ ପରିଚୀୟତେ ।"

ଓଡ଼ିଶାରୁ ଆନ୍ଧ୍ରଦେଇ ୟୁପିକୁ ଗଞ୍ଜେଇ ଚାଲାଣ ଖବରରେ ପଚିଶି ଲକ୍ଷର ଗଞ୍ଜେଇ ଜାବତ ଓ ପାଞ୍ଚ ଗିରଫ । ବାରମ୍ବାର ଏପରି ଖବର ବାହାରି ଚାଲିଥିଲା । ଆନ୍ତଃରାଜ୍ୟ ଗଞ୍ଜେଇ ବେପାର ଚାଲାଣ ହେଉଥିବା ନେଇ ଆଗକୁ ଗୁଇନ୍ଦା ସୂଚନା ମିଳିଥିଲା । ଗତକାଲି ଆନ୍ଧ୍ରପ୍ରଦେଶ ପୁଲିସ୍‌ର ଇଗଲ୍ ଦଳ ସହାୟତାରେ କଣ୍ଟୁରୁରେ ଚଢ଼ାଉ କରିଥିଲା । ଟ୍ରକ୍‌ର ସିମେଣ୍ଟ ଚାମ୍ବର ଓ ଘର ଭିତରୁ ଦୁଇଶହ ବୟାଳିଶି ପ୍ୟାକେଟ୍ ଗଞ୍ଜେଇ ଜବତ ସହ ଚାରିଜଣଙ୍କୁ କାବୁ କରାଯାଇଥିଲା । ଓଡ଼ିଶାରୁ ବିଜୟୱାଡ଼ା ଗଞ୍ଜେଇ ଚାଲାଣ କରୁଥିବା ସମୟରେ ସେଠାରୁ ଖସି ପଳାଇବାକୁ ଉଦ୍ୟମ କରୁଥିଲା ।

ଆଜି ପାଇଁ ଏତିକି । ସମସ୍ତଙ୍କର ମଙ୍ଗଳ କାମନା ସହ ଦେଶର ସାମଗ୍ରିକ ଉନ୍ନତି ପାଇଁ ପ୍ରାର୍ଥନା କରୁଛି ।

ହରିଓଁ ତତ୍‌ସତ୍

ବ୍ରହ୍ମାର୍ପଣମସ୍ତୁ

ସୌଦାମିନୀ ମିଶ୍ର

ପ୍ରବନ୍ଧ

# ମହାପ୍ରଭୁଙ୍କ ଦୀପଦାନ ଓ ଶ୍ରାଦ୍ଧୋତ୍ସବ

ଇଂ. ପ୍ରଶାନ୍ତ କୁମାର ଆଚାର୍ଯ୍ୟ

ତ୍ୟାଗ, ତପସ୍ୟା, ଜ୍ଞାନ, ଧର୍ମ, ସତ୍ୟ ଓ ସେବା ଇତ୍ୟାଦିର ପ୍ରୟୋଗଶାଳା ତଥା ଦେବଭୂମି ଭାରତବର୍ଷରେ ଚାରି ଆଲୋକସ୍ତମ୍ଭ ସଦୃଶ ଥିବା ଚାରିଧାମ ମଧ୍ୟରୁ ଶ୍ରୀକ୍ଷେତ୍ର ହିଁ ଶ୍ରେଷ୍ଠଧାମ। ରାଷ୍ଟ୍ରୀୟ ଏକତା ଓ ଅଖଣ୍ଡତାର ଉଜ୍ଜ୍ୱଳ ଉଦାହରଣ ଶ୍ରୀଜଗନ୍ନାଥ ଓ ତାଙ୍କର ବିଧିବିଧାନ ସମୂହ। ଶ୍ରୀଜଗନ୍ନାଥ ଓଡ଼ିଆ ଜାତି ଓ ଜନମାନସର ପ୍ରାଣକେନ୍ଦ୍ର। ସେ ଆମର ଆଧାତ୍ମିକ, ସାମାଜିକ, ଧାର୍ମିକ ଓ ମାନସିକ ଭାବଧାରାକୁ ଅନାଦିକାଳରୁ ଆଚ୍ଛନ୍ନ କରି ରଖିଛନ୍ତି। ସେ ଏକାଧାରାରେ ପରମ ଭାଗବତ ସତ୍ତାର ପରିପୂର୍ଣ୍ଣ ପରିପ୍ରକାଶ ଏବଂ ପରିବାରର ଅନ୍ତରଙ୍ଗ ସଦସ୍ୟ ମଧ୍ୟ। ବିବିଧତା ମଧ୍ୟରେ ଏକତା ଯଦି ଭାରତର ବୈଶିଷ୍ଟ୍ୟ ହୁଏ ତେବେ ତାହାର ଆଦ୍ୟ ପ୍ରକାଶ ଶ୍ରୀଜଗନ୍ନାଥ।

ଅନନ୍ତକୋଟି ବ୍ରହ୍ମାଣ୍ଡର ନାୟକ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବାସସ୍ଥାନ ହେଉଛି ଏହି ପବିତ୍ର ଉତ୍କଳ ଭୂଇଁ। ଶ୍ରୀଜଗନ୍ନାଥ ଉତ୍କଳର ଓ ସସାଗରା ଜଗତର ଆରାଧ୍ୟ ଦେବତା। ସମଗ୍ର ଓଡ଼ିଆ ଜାତିର ସେ ମଉଡ଼ମଣି। ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ବିଷୟରେ ଯେ ପ୍ରତ୍ୟେକ ଓଡ଼ିଆ ଗୌରବାନିତ୍ୱ ଏଥିରେ କୌଣସି ଦ୍ୱିମତ ନାହିଁ। ତାଙ୍କୁ କେନ୍ଦ୍ରକରି ଯେତେ ରଚନା, ବିଶ୍ଳେଷଣ, ଅନୁଭବର ବ୍ୟାଖ୍ୟା, ତାଙ୍କ ପର୍ବପର୍ବାଣୀର ଚର୍ଚ୍ଚା, ଦୈନନ୍ଦିନ ଜୀବନଶୈଳୀର ଅନୁଶୀଳନ ଇତ୍ୟାଦି ଯୁଗାନୁକ୍ରମେ ଚାଲିଛି। ମାତ୍ର ଜୀବନଶୈଳୀର ତୀକ୍ଷ୍ଣ ଅନୁଧ୍ୟାନ କଲେ ଜଣେ ସାଧାରଣ ଓଡ଼ିଆକୁ ହିଁ ଭେଟିହୁଏ। ପରିବାରର ମୁରବୀ ଭାବେ ଆସ୍ଥା ଓ ଓଡ଼ିଆ ବିଶ୍ୱାସର କେନ୍ଦ୍ର ହୋଇ ଶ୍ରୀକ୍ଷେତ୍ରସ୍ଥ ଶ୍ରୀମନ୍ଦିରର ରତ୍ନସିଂହାସନରେ ଅଧିଷ୍ଠିତ ହୋଇଛନ୍ତି ଅନାଦି କାଳରୁ। କଳିଯୁଗରେ ବିଶ୍ୱ ଭ୍ରାତୃତ୍ୱ, ମାନବ କଲ୍ୟାଣ, ଜଗତକଲ୍ୟାଣ ଓ ଜୀବୋଦ୍ଧାର (ପତିତପାବନ) ନିମନ୍ତେ ସଚରାଚର ଜଗତର ହିତ ପାଇଁ ପ୍ରାକଟ୍ୟ ଦର୍ଶନ ପ୍ରଦାନ କରି ମୁକ୍ତି କୈବଲ୍ୟ ବାଣ୍ଟି ଚାଲିଛନ୍ତି। ତାର ମୂକସାକ୍ଷୀ କେବଳ ସମୟ। ସେ ଦେଖି ଦେଖାନ୍ତି ସର୍ବଙ୍କୁ, ଦୃଷ୍ଟିର ଦୃଷ୍ଟି ବୋଲି। ମହାପ୍ରଭୁଙ୍କ ଚିନ୍ତନ, ମନନ ଓ ଦର୍ଶନରେ ପ୍ରତି ଭକ୍ତଙ୍କ ହୃଦୟ ଆନ୍ଦୋଳିତ ହୋଇଉଠେ। ସତେ ଯେମିତି ଶରୀରରୁ କ୍ଷୁଧା, ତୃଷା, କ୍ଳାନ୍ତି, ଅବସାଦ, ଦୁଃଖ, ଭୟ, ଶୋକ, କ୍ରୋଧ ସବୁକିଛି ଦୂର ହୋଇଥାଏ।

ଉତ୍କଳୀୟ ସଂସ୍କୃତି ହିଁ ଜଗନ୍ନାଥ ସଂସ୍କୃତି ଯାହା ସନାତନ ଧର୍ମର ଶ୍ରେଷ୍ଠ ନିଦର୍ଶନ। ଏହା ପୂର୍ଣ୍ଣତାର ପରିଭାଷା। ଜଗନ୍ନାଥ ସଂସ୍କୃତିର ପରିଚୟ ଆମ ଭାଷା, ସାହିତ୍ୟ, ସଂସ୍କୃତି, ସଙ୍ଗୀତ, ସାମାଜିକ ଜୀବନ, ଯାନିଯାତ୍ରା, ଚାଲିଚଳଣି, ପରମ୍ପରା, ବେଶ, ବିନ୍ୟାସ ସହିତ ଅଙ୍ଗାଙ୍ଗୀଭାବେ ଜଡ଼ିତ ଓ ପୂର୍ଣ୍ଣ ପ୍ରତିଫଳିତ। ଶ୍ରୀଜଗନ୍ନାଥ ହେଉଛନ୍ତି ଜଗତ୍‌ମୟ, ସାର୍ବଜନୀନ ଏବଂ ଅଭିନ୍ନତାର ଶ୍ରେଷ୍ଠ ପରିଚୟ। ଏକ ପରିବ୍ୟାପ୍ତ ଚେତନାର ପ୍ରତୀକ। ସକଳ ବିଶ୍ୱରେ ସେ ହେଉଛନ୍ତି ତ୍ରାଣକର୍ତ୍ତା। ସେ ଜଗତର। ଜଗତ ବି ତାଙ୍କର। ଅନ୍ୟ ଭାବରେ କହିଲେ ସେ ସ୍ୱୟଂ ଭଗବାନ। ଭକ୍ତର ଭଗବାନ। ମହାପ୍ରଭୁ ଭକ୍ତବତ୍ସଳ – ଏହା ହିଁ ଜଗନ୍ନାଥଙ୍କ ସ୍ୱାତନ୍ତ୍ର୍ୟ ଓ ମୌଳିକତା।

କାରଣ କାଳେକାଳେ ଭକ୍ତ ହିଁ ଭକ୍ତିର ପରାକାଷ୍ଠା ବଳରେ ଭଗବାନଙ୍କୁ ବାନ୍ଧିରଖି ପାରିଛି। ସେଠି ତତ୍ତ୍ୱ ବଡ଼ ହୁଏ ନାହିଁ ଭାବ ହୁଏ ବଡ଼। ଏହି ଭାବ ବନ୍ଧନରେ ବନ୍ଦୀ ମଣିଷ ଭଳି ଭଗବାନ ବି ପିତୃଶ୍ରାଦ୍ଧ ଦିଅନ୍ତି – ସାଧାରଣ ଗୃହସ୍ଥ ଭଳି। ନିଜର ନିତ୍ୟନିବାସ ଶ୍ରୀକ୍ଷେତ୍ରରେ ଏହା ପ୍ରଭୁଙ୍କ ମାନବୀୟ ଲୀଳା।

କାର୍ତ୍ତିକ ମାସର ପଞ୍ଚଦଶ ଦିବସ ତଥା କାର୍ତ୍ତିକ ଅମାବାସ୍ୟା ହିଁ ମାନବ ସଭ୍ୟତାର ଆଲୋକ ଓ ଆନନ୍ଦର ପର୍ବ ଦୀପାବଳୀ ରୂପେ ପାଳନ କରାଯାଏ। ଏହିଦିନ ପିତୃପୁରୁଷଙ୍କୁ ଶ୍ରାଦ୍ଧ ଦିଆଯାଏ। ଠିକ୍ ସେହିପରି ମହାପ୍ରଭୁ ଶ୍ରୀଜଗନ୍ନାଥ ଶ୍ରୀକ୍ଷେତ୍ରରେ ମାନବଲୀଳା ଆଚରଣ ଅନୁସାରେ ନିଜ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ମାର୍ଗଶିର ମାସ କୃଷ୍ଣପକ୍ଷ ଚତୁର୍ଦ୍ଦଶୀ, ଅମାବାସ୍ୟା ଓ ଶୁକ୍ଳ ପ୍ରତିପଦା ତିନିଦିନ ଶ୍ରାଦ୍ଧ ତର୍ପଣାଦି ସହ ଦୀପଦାନ କରିଥାନ୍ତି। ଯାହା 'ଦେବ ଦୀପାବଳୀ' ଭାବେ ଖ୍ୟାତ। କୃଷ୍ଣ ଚତୁର୍ଦ୍ଦଶୀ ଦିନ ମହାପ୍ରଭୁ ସତ୍ୟଯୁଗର ବାମନ ଅବତାରରେ ପିତା ଋଷି କାଶ୍ୟପ ଓ ମାତା ଅଦିତିଙ୍କ ଉଦ୍ଦେଶ୍ୟରେ ପୁତ୍ରଧର୍ମ ପାଳନ କରି ଶ୍ରାଦ୍ଧ ଦେଇଥାନ୍ତି। "ଯାବତ୍ ପୃଥ୍ୱି ପର୍ବତାଶ୍ଚ ଯାବତ୍ ଶ୍ଚନ୍ଦ୍ରାର୍କ ତାରକାଃ ତାବତ୍ ଲିଳୟା ତିଷ୍ଟ

ବ୍ରହ୍ମା, ବିଷ୍ଣୁ, ମହେଶ୍ୱରାଃ" (ବାୟୁପୁରାଣ) । ଅମାବାସ୍ୟା ତିଥିରେ ଦ୍ୱାପର ଯୁଗର ପିତାମାତା ନନ୍ଦ ଯଶୋଦା, ବସୁଦେବ ଦେବକୀ, ଦଶରଥ କୌଶଲ୍ୟା ଓ ପ୍ରତିପଦା ଦିନ ନିଃସନ୍ତାନ ବରପ୍ରାପ୍ତ ହୋଇଥିବା ରାଜା ଇନ୍ଦ୍ରଦ୍ୟୁମ୍ନ ଓ ରାଣୀ ଗୁଣ୍ଡିଚାଙ୍କ ଉଦ୍ଦେଶ୍ୟରେ ଶ୍ରାଦ୍ଧ ଦେଇ ଦୀପଦାନ କରିଥାନ୍ତି । ଏହି ନୀତି ସମୟରେ ଏକ ସ୍ୱତନ୍ତ୍ର ଧରଣର ବେଶ ଅନୁଷ୍ଠିତ ହୋଇଥାଏ ତାହା ମହାପ୍ରଭୁଙ୍କ ଚବିଶ ବେଶ ମଧ୍ୟରୁ "ଶ୍ରାଦ୍ଧ ବେଶ" ଭାବେ ପରିଚିତ । ଏହି ବେଶରେ ଶ୍ରୀବିଗ୍ରହମାନେ କାଶୀଧଡ଼ିଆ ନାଗପୁରୀ ଶାଢ଼ି ଚାଦରରେ ଆଭୂଷିତ ହୋଇଥାନ୍ତି । ଏଥିରେ ବିଗ୍ରହମାନେ ଧଳାବସ୍ତ୍ରରେ ସଜ୍ଜିତ ହେଲେ ହେଁ ଧଡ଼ିଗୁଡ଼ିକ ଭିନ୍ନ ରଙ୍ଗର ହୋଇଥାଏ । ବଡ଼ଠାକୁର ଶ୍ରୀ ବଳଭଦ୍ର କଳାରଙ୍ଗର ଶ୍ରୀଜଗନ୍ନାଥ ନାଲିରଙ୍ଗର ଓ ମା ସୁଭଦ୍ରା ହଳଦିଆ ରଙ୍ଗର କୁମ୍ଭ ଧଡ଼ିଥିବା ଲୁଗା ପରିଧାନ କରିଥାନ୍ତି । ଏହା ବ୍ୟତୀତ ଶ୍ରୀବିଗ୍ରହମାନଙ୍କ କଳେବର ଗୋଟିଏ ଗୋଟିଏ ଚାଦରରେ ମଣ୍ଡନ ହୋଇଥାଏ । ଶ୍ରୀବିଗ୍ରହମାନଙ୍କ ମସ୍ତକ ସୁତାବସ୍ତ୍ରର ଶ୍ରୀକପଡ଼ାରେ ଶୋଭା ପାଇଥାଏ । ଏହି ବେଶରେ ଠାକୁରମାନେ ଚନ୍ଦ୍ର, ସୂର୍ଯ୍ୟ, କୁଣ୍ଡଳ, ଆଡ଼କାନି, ଓଢ଼ଣୀ, ନନ୍ଦିଭୂଜ, ହରିଡ଼ାମାଳ, ଅଷ୍ଟାକମର ପଟି ଇତ୍ୟାଦି ସ୍ୱର୍ଣ୍ଣ ଅଳଙ୍କାରରେ ଆଭୂଷିତ ହୋଇ ଅତ୍ୟନ୍ତ ମନୋମୁଗ୍ଧକର ଓ ଚିତ୍ତାକର୍ଷକ ରୂପରେ ଭକ୍ତମାନଙ୍କୁ ଦର୍ଶନ ଦେଇଥାନ୍ତି ।

ଶ୍ରୀମନ୍ଦିରର ଏହି ଦେବ ଦୀପାବଳୀରେ ସନ୍ଧ୍ୟାଧୂପ ପରେ ପ୍ରଥମେ ରତ୍ନସିଂହାସନ ତଳେ (ମହାପ୍ରଭୁଙ୍କ ପାଇଁ ୧୦ଟି, ଶ୍ରୀବଳଭଦ୍ର ଓ ମା' ସୁଭଦ୍ରାଙ୍କର ପ୍ରତ୍ୟେକେ ୯ଗୋଟି ଏହିପରି ୨୮ଟି) ରାଶିତେଲର ପ୍ରଦୀପ ଭଣ୍ଡାରମେକାପଙ୍କ ଦ୍ୱାରା ଚାଉଳରେ ଗଛ ତିଆରି କରାଯାଇ ଭଣ୍ଡାରମେକାପଙ୍କ ଦ୍ୱାରା ସଂସ୍କାରିତ ହୋଇ ପ୍ରଜ୍ୱଳନ କରାଯାଇଥାଏ । ତା ପରେ ମହାପ୍ରଭୁଙ୍କର ଆଳତି, ଦୀପ ନେଇ ଚୁନରା ସେବକମାନେ ଶ୍ରୀବସ୍ତ, ଖଣ୍ଡଶାଳା, ବଡ଼ଦେଉଳ, ନାଟ୍ୟମଣ୍ଡପ, ଭୋଗମଣ୍ଡପ ଓ ଜଗମୋହନରେ ପ୍ରଦୀପ ପ୍ରଜ୍ୱଳନ କରିଥାନ୍ତି । ଅଁଳାବେଢ଼ାର ତଳେ ଥିବା ଗରୁଡ଼, ସିଂହ ଓ କପିଧ୍ୱଜ ହନୁମାନଙ୍କ ନିକଟରେ

ବଡ଼ବଡ଼ ରାଶିତେଲ ଦୀପ ଲଗାଇଥାନ୍ତି ଓ ଅଁଳାବେଢ଼ାରେ ଚଡ଼ଚଡ଼ି ଓ ଫୁଲଝରି ବାଣ ମରାଯାଇଥାଏ । ହରିବୋଲ ଡାକ ଦିଆଯାଇଥାଏ । ଏହି ଦୁର୍ଲଭ ଦୃଶ୍ୟ ଦେଖିବା ପାଇଁ ଶ୍ରୀମନ୍ଦିର ବେଢ଼ା ଓ ବଡ଼ଦାଣ୍ଡରେ ଭକ୍ତମାନଙ୍କ ଭିଡ଼ ପରିଲକ୍ଷିତ ହୋଇଥାଏ ।

ଦେବ ଦୀପାବଳୀରେ ଶ୍ରୀମନ୍ଦିର, ବଡ଼ଦାଣ୍ଡ ଲକ୍ଷଲକ୍ଷ ଦୀପମାଳରେ ସୁସଜ୍ଜିତ କରାଯାଇଥାଏ । ବହୁସଂଖ୍ୟାରେ ଶ୍ରଦ୍ଧାଳୁ ଭକ୍ତବୃନ୍ଦ ଏହି ମନୋହର ଦୃଶ୍ୟ ଓ ଶ୍ରାଦ୍ଧବେଶ ଦେଖି ଆତ୍ମତୃପ୍ତି ଲାଭ କରିଥାନ୍ତି ।

ତାତ୍ତ୍ୱିକ ଦୃଷ୍ଟିକୋଣରୁ ପରଂବ୍ରହ୍ମ ପରମାତ୍ମା ପରମେଶ୍ୱର ପୁରୁଷୋତ୍ତମ ଶ୍ରୀଜଗନ୍ନାଥଙ୍କ କୌଣସି ନିର୍ଦ୍ଦିଷ୍ଟ ସ୍ୱରୂପ ବା ନାମ ନାହିଁ । ସିଏ ସର୍ବସ୍ୱରୂପ ଓ ସର୍ବନାମ । ସେ ପରମଜ୍ୟୋତି ଓ ଜ୍ୟୋତିସ୍ୱରୂପ । ଜ୍ୟୋତି ଯାହା ସଦା ଭାସ୍ୱର, ଜାଜ୍ୱଲ୍ୟମାନ । ଅନିର୍ବାଣ, ଅଖଣ୍ଡ, ଅନାହତ । ପ୍ରତ୍ୟେକ ସୃଷ୍ଟି ଭିତରେ ଯାହା ନିହିତ ଅଛି । ଭାରତୀୟ ଧାର୍ମିକ ଶୃଙ୍ଖଳାରେ ଜ୍ୟୋତିର ଏକ ସ୍ୱତନ୍ତ୍ର ପରମ ଗୁରୁତ୍ୱ ରହିଛି । ଏଣୁ ଦୀପାବଳି ପାଳନ ଏକ ପ୍ରାଚୀନ ନିର୍ଣ୍ଣୟ । ପରମାତ୍ମାଙ୍କ ଆନନ୍ଦମୟ ଇଚ୍ଛା ପ୍ରକଟ ହେଉଛନ୍ତି ଏ ସଚରାଚର ଦୃଶ୍ୟମାନ ଜଗତ । ବିନା ଆଲୋକରେ ଦୃଶ୍ୟ ଦ୍ରଷ୍ଟାର ବୋଧଗମ୍ୟ ନୁହେଁ । ଏଣୁ ଜ୍ୟୋତି ଓ ଧାରକ ଦୀପ ଉଭୟ ମହତ୍ତ୍ୱପୂର୍ଣ୍ଣ ।

ଏହି ମହା ଉଜ୍ଜ୍ୱଳତାର ସମାହାର ପରମାତ୍ମାଙ୍କ ଉଦ୍ଦେଶ୍ୟରେ ପ୍ରାର୍ଥନା "ତମସୋ ମାଂ ଜ୍ୟୋତିର୍ଗମୟ ।" ଆମ ସଂସ୍କୃତି ଓ ବିଶ୍ୱାସରେ ହିଂସା, ଦ୍ୱେଷ, ଅନୀତି, ପାପ, ଅଧର୍ମ, ଅନ୍ୟାୟ ଇତ୍ୟାଦି ଘୋର ଅନ୍ଧକାର ଭଳି କଳା । ଏ ସମସ୍ତ କଳଙ୍କ ଭଳି କଳାକୁ ମାନବଜାତି ଠାରୁ ଅପସାରିତ କରି ଆଲୋକ ସଦୃଶ ଜ୍ଞାନାଗ୍ନି ପ୍ରଜ୍ୱଳନ ଏହାର ମୂଳକଥା । ସେଇଥିପାଇଁ ତ ଅନ୍ଧାର ଭଳି କଳା ଆମ ପ୍ରଭୁ ଶ୍ରୀଜଗନ୍ନାଥ । କିନ୍ତୁ ତାଙ୍କ ଅଧରର ନାଲି ହିଁ ଆଲୋକର ରଙ୍ଗ, ପ୍ରେମର ରଙ୍ଗ, ଅଫୁରନ୍ତ ଆନନ୍ଦର ରଙ୍ଗ । ମହାପ୍ରଭୁଙ୍କ ଦେହର ରଙ୍ଗ କଳା, ବୋଧହୁଏ ଏହା ଏକ ପ୍ରତୀକ । କେଉଁ ଅଜଣା ସମୟରୁ ମହାପ୍ରଭୁ ପ୍ରତୀକାତ୍ମକ ଭାବେ ଘୋଷଣା କରିଚାଲିଛନ୍ତି, ହେ ପ୍ରାଣୀଗଣ, ନିଜ ପାଖରେ ଥିବା ଅନ୍ୟାୟ, ଅଧର୍ମ, ପାପାଦି କଳା କଳଙ୍କକୁ ମୋ ଦେହରେ ବୋଳିଦିଅ । ମୋ ଓଠର ଲାଲିମା ହସ ନେଇ ସୁଖି ହୁଅ । ସଦା ହସୁଥାଅ । ଏହି ପର୍ବରେ ପ୍ରଭୁଙ୍କ ପ୍ରତୀକାତ୍ମକ ଶ୍ରାଦ୍ଧ ଉଭୟ ଜୀବଲୋକ ଓ ପ୍ରେତଲୋକ ପାଇଁ ଅଭିପ୍ରେତ । ଶ୍ରୀଜଗନ୍ନାଥଙ୍କୁ ଆଧାର କରି ଯେଉଁ ସଂସ୍କୃତି ଗଢ଼ିଉଠିଛି ତାହା ଧର୍ମଦୃଷ୍ଟିରୁ କେବଳ ନୁହେଁ ବରଂ ଏକ ସତ୍ୟନିଷ୍ଠ ବିଚାରବାଦୀ କଳାତ୍ମକ ଅଭିବ୍ୟକ୍ତି । ଏହାହିଁ ମୂଳକଥା ।

*ଜ୍ୟୋତ୍ସ୍ନା, ଏଚଆଇଜି-୨୧୮, ପ୍ରଜ୍ଞାବିହାର, ବରମୁଣ୍ଡା*

# ଓଡ଼ିଆ ଜାତୀୟତା ଓ ଗୋପବନ୍ଧୁ

ଗୋପାଳ ଚନ୍ଦ୍ର ମିଶ୍ର

ଓଡ଼ିଆ ଜାତୀୟତା ପ୍ରସଙ୍ଗରେ କେବଳ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ଧର୍ମଧାରା ସମ୍ପର୍କରେ ଆଲୋଚନା କଲେ ଠିକ୍ ହୋଇନପାରେ। ଭାରତୀୟ ଜାତୀୟତାବାଦ ସହିତ ଏହାର ସମ୍ପର୍କ କେତେ ନିବିଡ଼ ଥିଲା ତାହାକୁ ମଧ୍ୟ ବିଚାର ପରିସରଭୁକ୍ତ କରିବାକୁ ପଡ଼ିବ। ଏହି ପରିପ୍ରେକ୍ଷୀରେ ଓଡ଼ିଆ ଜାତୀୟତା ଓ ତହିଁରେ ପଣ୍ଡିତ ଗୋପବନ୍ଧୁଙ୍କ ଅବଦାନ ସମ୍ପର୍କରେ ଆଲୋଚନା କରାଯାଇପାରେ।

ଦେଶର ସଙ୍କଟ ସମୟରେ ଅସାଧାରଣ ପ୍ରତିଭା ସମ୍ପନ୍ନ ବ୍ୟକ୍ତିଙ୍କର ଉନ୍ମେଷ ହୋଇଥାଏ ଏବଂ ସମୟ ସେମାନଙ୍କର ସ୍ମୃତିକୁ କଦାପି ପୋଛି ଦେଇପାରେ ନାହିଁ। ଗୋପବନ୍ଧୁ ୧୯୦୦ ମସିହାରେ ରେଭେନସା କଲେଜ୍‌ରେ ପଢୁଥିବା ସମୟରେ ସେହି କଲେଜ୍ କଲିକତା ବିଶ୍ୱବିଦ୍ୟାଳୟ ସହିତ ସଂଶ୍ଳିଷ୍ଟ ଥିଲା। ବଙ୍ଗାଳୀମାନଙ୍କର ପ୍ରାଦୁର୍ଭାବ ଯୋଗୁଁ ଓଡ଼ିଆ ଛାତ୍ରଛାତ୍ରୀଙ୍କୁ ଅନୁବାଦ କରିବା ପାଇଁ ବଙ୍ଗଳା ଅନୁଚ୍ଛେଦ ଦିଆଯାଉଥିଲା। ପିଲାଟି ଦିନରୁ ଓଡ଼ିଆ ଜାତୀୟତା ପ୍ରତି ମମତ୍ୱବୋଧ ଥିବା ଗୋପବନ୍ଧୁଙ୍କ ପାଇଁ ଏହା ଥିଲା ଅପମାନ ଓ ଅସହ୍ୟ। କର୍ତ୍ତବ୍ୟ ବୋଧିନୀ ସମିତି'ର ଆନ୍ଦୋଳନ ଫଳରେ ଓଡ଼ିଆ ଛାତ୍ରଛାତ୍ରୀଙ୍କ ପାଇଁ ଓଡ଼ିଆ ଅନୁଚ୍ଛେଦ ଦେବା ଲାଗି ବିଶ୍ୱବିଦ୍ୟାଳୟ କର୍ତ୍ତୁପକ୍ଷ ବାଧହୋଇଥିଲେ।

ଜନ୍ମଭୂମି ଉତ୍କଳର ନରନାରୀ ସମସ୍ତଙ୍କ ପ୍ରତି ତାଙ୍କର ଅବାରିତ ଅନୁରାଗ ଥିଲା। ଓଡ଼ିଆ ଜାତିର ସର୍ବାଙ୍ଗୀନ ଉନ୍ନତି ସାଧନ ଗୋପବନ୍ଧୁଙ୍କ ଜୀବନର ଚରମ ଲକ୍ଷ୍ୟ ଥିଲା। ୧୯୦୫ ରେ ଗୋପବନ୍ଧୁ କଲିକତାରେ ପଢୁଥିବା ସମୟରେ ସେଠାରେ କୁଲି ଓ ପୂଝାରୀ କାମ କରୁଥିବା ଓଡ଼ିଆମାନଙ୍କ ଜୀବନରେ ଉନ୍ନତି ପାଇଁ ସେ କଲିକତାର ଗଳିକନ୍ଦି ବୁଲୁଥିଲେ। ଏଭଳି ନୀଚ କର୍ମ ଲାଗି ବଙ୍ଗାଳୀମାନେ ଓଡ଼ିଆଙ୍କୁ ଘୃଣ୍ୟ ଚକ୍ଷୁରେ ଦେଖୁଥିଲେ। ସେମାନଙ୍କର ଶିକ୍ଷାର ବିକାଶ ଲାଗି ସେ ନୈଶ୍ୟ ବିଦ୍ୟାଳୟମାନ ସ୍ଥାପନ କରିଥିଲେ। ଏଥିରୁ ଗୋପବନ୍ଧୁଙ୍କର ଓଡ଼ିଆମାନଙ୍କର ଉତ୍‌ଥାନ ପାଇଁ କେତେ ପ୍ରୀତି ଥିଲା ତାହା ସ୍ୱଷ୍ଟ ରୂପେ ପ୍ରତୀୟମାନ ହୁଏ। ପୁନଶ୍ଚ ୧୯୦୬ ରେ ନୀଳଗିରିରେ ସ୍ୱଳ୍ପକାଳ ରହଣି ଭିତରେ ସେ ବହୁତ ସରକାରୀ କର୍ମଚାରୀଙ୍କୁ ସମାଜସେବା ତଥା ଜାତୀୟତା ଭାବରେ ଅନୁପ୍ରାଣିତ କରିପାରିଥିଲେ।

ଗୋପବନ୍ଧୁ କିଛି ଛାତ୍ରଙ୍କୁ ନେଇ ୧୯୦୯ ମସିହା ଅଗଷ୍ଟମାସ ବାର ତାରିଖରେ ସତ୍ୟବାଦୀର ଛୁରୀଅନା କୁଞ୍ଜରେ ଗୋଟିଏ ମଧ୍ୟଇଂରାଜୀ ବିଦ୍ୟାଳୟ ଆରମ୍ଭ କରିଥିଲେ। ଓଡ଼ିଆ ଜାତୀୟତା ସହିତ ଏହା ଘନିଷ୍ଠ ଭାବରେ ସଂପୃକ୍ତ ହୋଇ ସତ୍ୟବାଦୀ ବନବିଦ୍ୟାଳୟର ଅଙ୍କୁର ରୂପେ କାର୍ଯ୍ୟ କରିଥିଲା। ଛିନ୍ନମସ୍ତା ଉତ୍କଳ ଜନନୀର ଦୁଃଖ ମୋଚନ ପାଇଁ ଏବଂ ଜାତୀୟତାର ଅଙ୍କୁରୋଦମ ଲାଗି ଏହା ଥିଲା ଓଡ଼ିଆ ଜାତିର ଜୀବନ୍ତ କୋଣାର୍କ। ସତ୍ୟବାଦୀର ବନବିଦ୍ୟାଳୟ ମାଧ୍ୟମରେ ବିଭିନ୍ନ ଜାତିର ଲୋକଙ୍କୁ ପଂକ୍ତି ଭୋଜନ କରାଇ ସେ ବ୍ରାହ୍ମଣମାନଙ୍କର ଚକ୍ଷୁଶୀଳ ହୋଇଥିଲେ ମଧ୍ୟ ରକ୍ଷଣଶୀଳତାର ରଜ୍ଜୁକୁ ଛିନ୍ନ କରିବାକୁ ସମର୍ଥ ହୋଇଥିଲେ। ସତ୍ୟବାଦୀ ନାଁ ହିଁ ପ୍ରତିଷ୍ଠାର ସୂଚକ ଥିଲା ଏବଂ ଏହାର ଅଧିକାଂଶ ଛାତ୍ର ପରବର୍ତ୍ତୀ ଜୀବନରେ ଜାତୀୟତାର ମହାସ୍ରୋତରେ ସାମିଲ ହୋଇଥିଲେ।

୧୯୧୭ ମସିହାରେ ନିର୍ବାଚନ ଜିତି ଗୋପବନ୍ଧୁ ବିହାର ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶର ବିଧାନ ପରିଷଦକୁ ନିର୍ବାଚିତ ହେଲେ। ସେହି ସମୟରେ ସେ ସବୁ ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ମିଶାଇ ଗୋଟିଏ ଶାସନ ଅଧିନରେ ରଖିବା ପାଇଁ ଗୁରୁତ୍ୱ ଦେଲେ। ତାଙ୍କର କାର୍ଯ୍ୟକାଳରେ ଦଳିତ ଅବସ୍ଥାରେ ଥିବା ସିଂହଭୂମିର ଓଡ଼ିଆଙ୍କ ହୃଦୟରେ ଜାତୀୟତାର ବହ୍ନି ଜାଳିବା ଲକ୍ଷ୍ୟ ନେଇ ସେ ଓଡ଼ିଆ ବିଦ୍ୟାଳୟ ସ୍ଥାପନ କଲେ। ବଙ୍ଗଳା ସରକାରଙ୍କ କୌଣସି ରାଷ୍ଟ୍ରଦୋହ ଅଭିଯୋଗକୁ ଭ୍ରୁକ୍ଷେପ ନକରି ଗୋପବନ୍ଧୁ ସେମାନଙ୍କ ମଧ୍ୟରେ ଜାତୀୟତାର ବହ୍ନି ପ୍ରଜ୍ଜ୍ୱଳିତ କରିଥିଲେ।

ଗୋପବନ୍ଧୁଙ୍କର ସ୍ୱପ୍ନ ଥିଲା ଉତ୍କଳ ହେବ ଏକ ସ୍ୱତନ୍ତ୍ର ପ୍ରଦେଶ। ସମସ୍ତ ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଏକତ୍ରିତ କରି ଅଖଣ୍ଡ ଉତ୍କଳର ପ୍ରତିଷ୍ଠା କରିବା ତାଙ୍କର ଚରମ ଲକ୍ଷ୍ୟ ଥିଲା। ଏଥି ପାଇଁ ସେ ସାରା ଜୀବନ ଉତ୍କଳ ସମ୍ମିଳନୀ ସହିତ ଜଡ଼ିତ ଥିଲେ। ତାଙ୍କର ଏକାନ୍ତ ଇଚ୍ଛା ଥିଲା ଉତ୍କଳ ସମ୍ମିଳନୀ ଭାରତର ସମୂହ ଜାତୀୟତାରେ ଭାଗିଦାରୀ ହେଉ। ଗୋପବନ୍ଧୁ ୧୯୧୯ ଉତ୍କଳ ସମ୍ମିଳନୀର ଇଦ୍‌ଗା ଅଧିବେଶନରେ ସଭାପିତ୍ୱ କରି ତାଙ୍କ ଅଭିଭାଷଣରେ ଯାହା କହିଥିଲେ ତା'ର ସାରମର୍ମ ହେଲା ଉତ୍କଳ ଓ ଓଡ଼ିଆ ଭିତରେ କୌଣସି ପ୍ରଭେଦ ନାହିଁ। ଯିଏ ଯେଉଁ ଜାତିର ବା ଧର୍ମର ହେଉନା କାହିଁକି, ଯିଏ ଓଡ଼ିଶା ସହିତ ନିଜକୁ ମିଶାଇ ଦେଇଛି ସେ ଓଡ଼ିଶାର। ଓଡ଼ିଆ

ଜାତୀୟତାର ବିକାଶ କରିବା ସମ୍ମିଳନୀର ଲକ୍ଷ୍ୟ ଥିଲା। ସେହି କହିଥିଲେ ବିଶ୍ୱପ୍ରେମ ଓ ଜୀବନର ପରିପୂର୍ଣ୍ଣତାରେ ଓଡ଼ିଆ ଜାତୀୟତା ନିହିତ। ଜାତୀୟ ଉଦ୍ୟମରେ ମହାରାଜ ଓ ମେହେନ୍ତରଙ୍କ ମଧ୍ୟରେ କୌଣସି ପ୍ରଭେଦ ନାହିଁ ବୋଲି ତାଙ୍କର ମତ ଥିଲା। ଓଡ଼ିଆ ଭାଷା ଧ୍ୱଂସ ପାଇଲେ ଓଡ଼ିଆ ଜାତୀୟତା ମଧ୍ୟ ଧ୍ୱଂସ ପାଇଯିବ। ବାସ୍ତବରେ ଭାଷା ଓ ଜାତୀୟତା ଅଙ୍ଗାଙ୍ଗୀ ଭାବରେ ଜଡ଼ିତ। ଭାଷା ପ୍ରତି ଆଦର ବଢ଼ିଲେ ଜାତୀୟ ଚେତନା ଜାଗ୍ରତ ହେବ। ଭାଷା ଭିତ୍ତିକ ପ୍ରଦେଶ ଗଠନ ନୀତିକୁ ଗ୍ରହଣ କରିବା ପାଇଁ ଗୋପବନ୍ଧୁ ଗାନ୍ଧୀଙ୍କୁ ପ୍ରବର୍ତ୍ତାଇ ପାରିଥିଲେ ଏବଂ ନାଗପୁରଠାରେ ଏ ବିଷୟରେ ଗୋଟିଏ ପ୍ରସ୍ତାବ ଗୃହୀତ କରାଇନେଇଥିଲେ।

ଗୋପବନ୍ଧୁଙ୍କ ଦ୍ୱାରା ପ୍ରତିଷ୍ଠିତ ସାପ୍ତାହିକ 'ସମାଜ' ଜାତୀୟ ଜାଗରଣର ବାର୍ତ୍ତା ପ୍ରଚାର କରୁଥିଲା। ସାଧାରଣ ଜନତା ତଥା ଯୁବକମାନେ ଏହା ଦ୍ୱାରା ବିଶେଷ ଭାବରେ ପ୍ରଭାବିତ ହୋଇ ସ୍ୱାଧୀନତା ପାଇଁ ଉତ୍ସାହିତ ହୋଇଥିଲେ। ଏହି ଅଧିବେଶନରେ ଅସହଯୋଗକୁ ନିଜ ଯୋଜନାରେ ଉତ୍କଳ ସମ୍ମିଳନୀ ଅନ୍ତର୍ଭୁକ୍ତ କରିବାରୁ ଆଞ୍ଚଳିକତା ଓ ଭାରତୀୟ ଜାତୀୟତାର ମହାମିଳନ ହୋଇଥିଲା। ପ୍ରତ୍ୟେକ ଓଡ଼ିଆ ନିଜକୁ ଏହାଦ୍ୱାରା ଜାତୀୟ ଆନ୍ଦୋଳନରେ ସାମିଲ୍ କରିପାରିଥିଲେ।

୧୯୨୧ ମସିହା ସେପ୍ଟେମ୍ବର ମାସର କଥା: କଲିକତାରେ ଥିବା ଓଡ଼ିଆମାନଙ୍କୁ ଅସହଯୋଗ ଆନ୍ଦୋଳନରେ ଯୋଗଦେବା ପାଇଁ ପ୍ରବର୍ତ୍ତାଇବା ଫଳରେ ଲୁଗା ବ୍ୟବସାୟରେ କାର୍ଯ୍ୟକରୁଥିବା ଓଡ଼ିଆ ଶ୍ରମିକମାନେ ବିଲାତି ଲୁଗାଗାଣ୍ଠି ଉଠାଇବାକୁ ରାଜି ହେଲେ ନାହିଁ। ଫଳରେ ବନ୍ଦର ଓ ଜାହାଜମାନଙ୍କରେ ଲୁଗା ଓ ଲୁଗାଗାଣ୍ଠି ପାହାଡ଼ ପରି ପଡ଼ିରହିଲା। ଶ୍ରମିକମାନଙ୍କୁ ଆକ୍ରୋଶ ମୂଳକ ଭାବରେ ଜେଲ୍‌ରେ ଭର୍ତ୍ତିକରାଗଲା ସତ, ମାତ୍ର ଜେଲ୍‌ରୁ ବାହାରିବା ପରେ ମଧ୍ୟ ସେମାନେ ଲୁଗାଗାଣ୍ଠି ନ ନେବା ନିଷ୍ପତ୍ତିରେ ଅଟଳ ରହିଲେ। ଅନ୍ୟ କାରଖାନାମାନଙ୍କରେ କାର୍ଯ୍ୟ କରୁଥିବା ଓଡ଼ିଆ ଶ୍ରମିକମାନଙ୍କ ଉପରେ ଏହାର ପ୍ରଭାବ ମଧ୍ୟ ପଡ଼ିଲା। ଶ୍ରମିକମାନଙ୍କ ଜିଦ୍ ଆଗରେ ଲୁଗାବେପାରୀ ମୁଣ୍ଡ ନୁଆଁଇଲେ ଏବଂ ବିଲାତି ଲୁଗା ଆମଦାନୀ ବନ୍ଦ ହେଲା। ଏହା ଓଡ଼ିଆମାନଙ୍କ ମଧ୍ୟରେ ଜାତୀୟତାର ଭାବ ଉଦ୍ରେକ କରିଥିଲା।

ଆନ୍ଦୋଳନ କରି ହଜାରିବାଗ୍ ଜେଲ୍‌ରେ ଥିବା ସମୟରେ ତାଙ୍କର ପ୍ରିୟ ଓଡ଼ିଶାର ମନୋଜ୍ଞ ମନ୍ଦିର, ମୃଦୁ ମରୁତ, ଗ୍ରାମ ସାମନ୍ତିନୀର ଛବି, ଗୋଷ୍ଠ ବାହୁଡ଼ାର ଦୃଶ୍ୟ, ଭାଗବତ ପଢ଼ା, ସୌନ୍ଦର୍ଯ୍ୟଭରା ଚିଲିକା, ପୁଣ୍ୟ ନୀଳାଚଳ ଧାମ, ତଥା ପ୍ରାଚୀନ ଉତ୍କଳର ଗୌରବ ଗାଥା ତାଙ୍କ ସ୍ମୃତି ପଟଳରେ ଭାସି ଉଠିଛି। ଗୋପବନ୍ଧୁ କାରାବାସରେ ଥିବା ସମୟରେ ତାଙ୍କର ଜାତିପ୍ରାଣତା ପ୍ରତିଟି ଓଡ଼ିଆର ହୃଦୟରେ ପ୍ରତିଫଳିତ ହୋଇପାରିଥିଲା। ତାଙ୍କର କାରାବାସରେ ବ୍ୟଥିତ ହୋଇ ତାଙ୍କର ଆଦର୍ଶ ଓ ଜାତି ପ୍ରୀତିକୁ ଯୁବକମାନେ ଅନୁସରଣ କରିଥିଲେ। ଏହା ଓଡ଼ିଆର ଜାତୀୟତା ବୃଦ୍ଧିରେ ବିଶେଷ ସହାୟକ ହୋଇଥିଲା। ଭାରତୀୟ ମହାପ୍ରାଣତା ନେଇ ଗୋପବନ୍ଧୁ ଉଦାର କଣ୍ଠରେ ଘୋଷଣା କରିଥିଲେ ଯେ ଭାରତବର୍ଷର ଯେ କୌଣସି ଶିଳାଖଣ୍ଡ, ତାଙ୍କ ପାଇଁ ପବିତ୍ର ଶାଳଗ୍ରାମ ସଦୃଶ। ଏହି ପୁଣ୍ୟ ଭାରତବର୍ଷକୁ ବିଦେଶୀ କବଳରୁ ମୁକ୍ତ କରିବା ପାଇଁ ତାଙ୍କର ଆହ୍ୱାନ ସକଳ ଜନତାଙ୍କୁ ଜାତୀୟତା ମନ୍ତ୍ରରେ ମୁଗ୍ଧ କରିଥିଲା। ଗୋପବନ୍ଧୁ ବାରମ୍ବାର କହୁଥିଲେ ଯେ, ଲୋକଙ୍କୁ ଜାତୀୟତାରେ ଉଦ୍‌ବୁଦ୍ଧ କରିବାକୁ ହେଲେ ସମାଜସେବାକୁ ବ୍ରତ ଭାବରେ ଗ୍ରହଣ କରିବାକୁ ପଡ଼ିବ। ଖାସ୍ ଏଇଥିପାଇଁ ସେ ନିଜକୁ ଗ୍ରାମ ସଂଗଠନ ଓ ସମାଜସେବାକୁ ବ୍ରତ ରୂପେ ଗ୍ରହଣ କରିନେଇଥିଲେ।

ଦେଶ ଓ ଦଶ ପାଇଁ ଆତ୍ମୋତ୍ସର୍ଗର କାହାଣୀ ତାଙ୍କର ସାହିତ୍ୟରେ ମଧ୍ୟ ପ୍ରତିଫଳିତ ହୋଇଥିଲା। ଆତ୍ମୋତ୍ସର୍ଗରେ କି ଆନନ୍ଦ ଓ ଗୌରବ ନିହିତ ଅଛି ତାହା ସାହିତ୍ୟିକ ଗୋପବନ୍ଧୁଙ୍କ ରଚିତ ଓ କିମ୍ବଦନ୍ତୀ ଉପରେ ଆଧାରିତ 'ଧର୍ମପଦ' କାବ୍ୟରେ ସ୍ପନ୍ଦିତ ହୋଇଅଛି। 'ଧର୍ମପଦ' କାବ୍ୟ ପଢ଼ି, ଉତ୍କଳବାସୀ ନିଜ ଜାତୀୟ ଗୌରବରେ କ୍ଷଣକ ପାଇଁ ଅନୁପ୍ରାଣିତ ହେବାପାଇଁ ଗୋପବନ୍ଧୁ ନିବେଦନ କରିଛନ୍ତି। ଏହି କାବ୍ୟରେ ଯେଉଁ ମହାଜାତୀୟତା ବିଷୟରେ ଆଲୋକପାତ କରାଯାଇଅଛି ତାହା ବିରଳ: ଯେପରିକି -

ନହୋଇ ବିକଳ ଗ୍ରାମହିତେ କୁଳ
ବରଜନ୍ତି ସାଧୁଜନ,
ଦେଶହିତେ ଗ୍ରାମ ଜଗତ କଲ୍ୟାଣେ
କର ଦେଶ ବିସର୍ଜନ।

ଓଡ଼ିଶାର ଯାହା ଜାତୀୟତା, ଯାହା ଗୌରବ ତାହା କଳିଙ୍ଗର ସନ୍ତାନ ଭୁଲିଯାଇଛନ୍ତି। ହଜାରିବାଗ ଜେଲ୍‌ରେ ବନ୍ଦୀ ଥିବା ସମୟରେ 'ବନ୍ଦୀର ସ୍ୱଦେଶ ଚିନ୍ତା' କବିତା ତାଙ୍କ ସ୍ୱଦେଶପ୍ରୀତିର ଶ୍ରେଷ୍ଠ ନିଦର୍ଶନ: ଯେପରିକି

ମହାକାଳ ନୀରେ ବୁଦ୍ ବୁଦ୍ ପରାଏ
ଯାଇଛନ୍ତି ମିଶି କଳିଙ୍ଗ ଭୂତି,
କଳିଙ୍ଗ ସନ୍ତାନ ଭୁଲିଅଛି ଏବେ
କଳିଙ୍ଗର ନାମ ଗୌରବ ସ୍ମୃତି।

ଆଜି ଗୋପବନ୍ଧୁ ନାହାଁନ୍ତି ସତ, ମାତ୍ର ତାଙ୍କର ଦେଶ ପ୍ରୀତି ଏବଂ କାର୍ଯ୍ୟଧାରା ଆମ୍ଭମାନଙ୍କ ପାଇଁ ଉଦାହରଣ ହୋଇ ରହିଯାଇଛି। ଅନନ୍ତ କାଳ ପାଇଁ ସେ ଉତ୍କଳବାସୀଙ୍କର ହୃଦ ସିଂହାସନରେ ବିରାଜମାନ କରୁଥିବେ। ଓଡ଼ିଆ ଜାତିର ଉଦ୍ଧାର କର୍ତ୍ତା ଏବଂ ଏ ଓଡ଼ିଆ ଜାତିର ନିର୍ମାତା ଭାବରେ ତାଙ୍କର ଦିଗ୍‌ଦର୍ଶନ ଆମ୍ଭମାନଙ୍କୁ ଉଦ୍‌ବୁଦ୍ଧ କରୁଥିବ। ଯଥାର୍ଥ ଭାବରେ ବଙ୍ଗଳାର ବୈଜ୍ଞାନିକ ଆଚାର୍ଯ୍ୟ ପ୍ରଫୁଲ୍ଲ ଚନ୍ଦ୍ର ରାୟ, ଗୋପବନ୍ଧୁଙ୍କ ପ୍ରତି ଲୋକଙ୍କ ଶ୍ରଦ୍ଧା ଓ ଓଡ଼ିଶା ପ୍ରତି ତାଙ୍କର ଅବଦାନ ବିଷୟରେ ଅବଗତ ହୋଇ ତାଙ୍କୁ 'ଉତ୍କଳମଣି' ଉପାଧିରେ ବିଭୂଷିତ କରିଥିଲେ।

*ଅବସରପ୍ରାପ୍ତ ବରିଷ୍ଠ ଲେଖା ଅଧିକାରୀ, ଅରିଲୋ, କଟକ*

**ସହାୟକ ପୁସ୍ତକ:-**

୧. ଗୋପବନ୍ଧୁ ଦାସ - ଶ୍ରୀରାମଚନ୍ଦ୍ର ଦାଶ
୨. ଉତ୍କଳ ପ୍ରସଙ୍ଗ (ଗୋପବନ୍ଧୁ ବିଶେଷାଙ୍କ)-ଅକ୍ଟୋବର, ୧୯୭୬
୩. ପଣ୍ଡିତ ଗୋପବନ୍ଧୁ ଦାସ - ଡକ୍ଟର ଅର୍ଚ୍ଚନା ନାୟକ
୪. ଧର୍ମପଦ - ଉତ୍କଳମଣି ଗୋପବନ୍ଧୁ ଦାସ

# ଡାହାଣୀ ବିଶ୍ୱାସ : ସାମାଜିକ ଓ ସାଂସ୍କୃତିକ ସମ୍ପ୍ରେକ୍ଷଣ

ଡ. ଦିଗମ୍ବର ଗିରି

ପ୍ରାଚୀନ କାଳରୁ ଡାହାଣୀ ବିଶ୍ୱାସ ପଛରେ ଭୟ, ଭ୍ରମ, ଉତ୍ସୁକତା ଓ ବିବାଦର ଧାରା ରହିଆସିଅଛି। ଏହା କେବଳ ଅଲୌକିକ ଆଚରଣ କିମ୍ବା ମନ୍ତ୍ର, ତନ୍ତ୍ର ସହିତ ଏକ ସାଂସ୍କୃତିକ ଧାରଣାରେ ପରିଣତ ହୋଇ ଆସିଛି। ଗ୍ରାମୀଣ ଓ ଆଦିବାସୀ ସମାଜରେ ଏହି ବିଶ୍ୱାସ ବର୍ତ୍ତମାନ ପର୍ଯ୍ୟନ୍ତ ରହିଆସିଅଛି।

ଡାହାଣୀ ସଂପର୍କରେ ଦେଶ ବିଦେଶରେ ବହୁ ଗବେଷକ ଓ ଆଲୋଚକ ବିଭିନ୍ନ ପୃଷ୍ଠଭୂମିରେ ଆଲୋଚନା କରିଛନ୍ତି। ଡାହାଣୀ ବିଶ୍ୱାସ ବାସ୍ତବରେ ଆତଙ୍କ, ସାଂସ୍କୃତିକ କଳ୍ପନାର ପ୍ରତିବିମ୍ବ। ପ୍ରାଚୀନ ପୁରାଣ, ଧର୍ମ ଆଖିରେ ତଥା ଲୋକ ପ୍ରଥା ଅନୁସାରେ ଏହି ବିଶ୍ୱାସ ଜନଚେତନାରେ ଜୀଇଁ ରହିଥାଏ। ମନ୍ତ୍ର, ତନ୍ତ୍ର, ଗୁଣିଆ, ଓଝା, ପୂଜାପାଠ ଦ୍ୱାରା ପୁଣି ଶକ୍ତିଶାଳୀ ହୋଇଉଠେ। ଆଦିବାସୀ ଓ ଗ୍ରାମୀଣ ଅଞ୍ଚଳରେ 'ଡାହାଣୀ' ଅଭିଯୋଗ' ପଛରେ ପ୍ରାୟତଃ ଉପରୋକ୍ତ ବିଷୟ ଗୁଡ଼ିକ ନିହିତ ଥାଇପାରେ। ଡାହାଣୀ ବିଶ୍ୱାସ ପୁରାଣ, ଧର୍ମ, ସାମାଜିକ ବିଶ୍ୱାସ, ଲୋକ ବିଶ୍ୱାସ ଓ ମନ୍ତ୍ର-ତନ୍ତ୍ରର ସମ୍ମିଶ୍ରଣ ବୋଲି କୁହାଯାଇପାରେ।

ନାରୀ ମନୋବିଜ୍ଞାନୀମାନେ ଡାହାଣୀ ବିଶ୍ୱାସକୁ ମୁଖ୍ୟତଃ ସାମାଜିକ ଏବଂ ମାନସିକ ପ୍ରଭାବର ପରିଣାମ ବୋଲି କହିଥାନ୍ତି। ପୁରୁଷ ପ୍ରଧାନ ସମାଜରେ ଯେତେବେଳେ ନାରୀମାନଙ୍କୁ ସୀମିତ ସ୍ଥାନ ଦିଆଯାଇଥାଏ। ସ୍ଥଳ ବିଶେଷରେ ନାରୀ ସାମାଜିକ ବା ସାଧାରଣ ନିୟମ ଭଙ୍ଗ କରନ୍ତି କିମ୍ବା ଅସାଧାରଣ କ୍ରିୟା କରନ୍ତି, ସେମାନଙ୍କୁ 'ଡାହାଣୀ' ବୋଲି ଚିହ୍ନିତ କରାଯିବ। ପଛରେ ଭୟ ଏବଂ ଅସ୍ୱଷ୍ଟ ପ୍ରତିକ୍ରିୟା ଭାବ ଲୁଚି ରହିଥାଏ। ଯଦି ଗୋଷ୍ଠୀ ବା ସମୁଦାୟରେ କିଛି ଅସାଧାରଣ ବା ଦୁର୍ଭାଗ୍ୟ ଜନିତ ଘଟଣା ଯଥା ରୋଗ, ଫସଲ ନଷ୍ଟ, ଶିଶୁର କ୍ରନ୍ଦନ, ଦୁର୍ବଳତା ଇତ୍ୟାଦି ତେବେ ଡାହାଣୀଙ୍କ ପ୍ରଭାବ ବୋଲି ବିଶ୍ୱାସ କରାଯାଇ ଦାୟୀ କରାଯାଏ। ମନୋବିଜ୍ଞାନ ଦୃଷ୍ଟିରେ ଏହାକୁ ସାମାଜିକ ପ୍ରତିକ୍ରିୟା ଭାବରେ ବ୍ୟାଖ୍ୟା କରାଯାଇଥାଏ। ନାରୀ ମାନସିକତା ସଂପର୍କରେ ଯେଉଁମାନେ ଅଧିକ ଗବେଷଣା କରିଛନ୍ତି ତାଙ୍କ ମତରେ ନାରୀମାନେ ସାଧାରଣ ମତରୁ ବା ଅଧିକ ସ୍ୱାଧୀନ ମନୋଭାବ, ଶକ୍ତିଶାଳୀ ଚରିତ୍ର ଏବଂ ନିଜ ନିର୍ଣ୍ଣୟରେ ଦୃଢ଼ ରହିଥାନ୍ତି। ସାମାଜିକ ଶିକ୍ଷା ଏବଂ ସମାଜ ନିୟମରେ ସମ୍ମିଳନ ପୁରୁଷ ସାମ୍ରାଜ୍ୟବାଦୀ ଦୃଷ୍ଟିରେ ହୁଏତ ଏକ ଅସାମାଜିକ, ଅନ୍ୟାୟ ପ୍ରଥା ଭାବରେ ସ୍ୱୀକୃତ ହୋଇଥାଇପାରେ। ଡାହାଣୀ ବିଶ୍ୱାସ ହୁଏତ ମାନସିକ ଭୟ କେବଳ ନୁହେଁ, ବରଂ ସାମାଜିକ ନିୟମ, ସ୍ତ୍ରୀ-ପୁରୁଷ ସମ୍ବନ୍ଧ, ଶକ୍ତିବଣ୍ଟନ ଏବଂ ସ୍ୱାଧୀନତା ମାଧ୍ୟମରେ ଗଠିତ। କୁହାଯାଇପାରେ ଏହା ଭୟ ଏବଂ ସାମାଜିକ ନିୟମ, ସ୍ୱାଧୀନତା ଏବଂ ଶକ୍ତିର ଅପଚୟ। ଡାହାଣୀ ସଂପର୍କରେ ଧାରଣା କିପରି ଲୋକ ମନରେ ଉତ୍ପନ୍ନ ହୋଇଥାଏ। ଏ ସଂପର୍କରେ କୁହାଯାଇପାରିବ (କ) ଅଜଣା ପ୍ରତି ଭୟ (ଖ) ଲୋକ ଚିକିତ୍ସା ପଦ୍ଧତି (ଗ) ଧର୍ମ ଓ ପୁରାଣ (ଘ) ସାମାଜିକ ନିୟନ୍ତ୍ରଣ (ଙ) ଲୋକ କଥା ଓ ପାରମ୍ପରିକ ପୂଜା ପାର୍ବଣ ପ୍ରଚଳନ।

ପ୍ରାଚୀନ କାଳରେ ବିଭିନ୍ନ ରୋଗ, ମୃତ୍ୟୁ, ପ୍ରାକୃତିକ ପରିବର୍ତ୍ତନ ଯଥା ବର୍ଷା ନହେବା, ଫସଲ ନଷ୍ଟ ଭଳି କାରଣ ଗୁଡ଼ିକ ସଠିକ ଭାବେ କେହି ବୁଝିପାରୁନଥିଲେ। ଫଳରେ ଏକ ଅଦୃଶ୍ୟଶକ୍ତି କିମ୍ବା ଅନ୍ୟକୁ ଦୋଷାରୋପ କିମ୍ବା କେହି ଏଥିପାଇଁ ଦାୟୀ ବୋଲି ବିଶ୍ୱାସ କରିଆସୁଥିଲେ। ଏହିଭଳି ଭୟରୁ ବିଶେଷ ଶକ୍ତିଧାରୀ ବ୍ୟକ୍ତିର ଧାରଣା ହୁଏତ ମନରେ ସୃଷ୍ଟି ହୋଇଥିବ। କେତେକ ଗ୍ରାମୀଣ ତଥା ଆଦିବାସୀ ସମାଜରେ ଲୋକ ଚିକିତ୍ସା ପଦ୍ଧତିରେ ଝାଡ଼ଫୁଙ୍କା, ବିଭିନ୍ନ ଔଷଧୀୟ ବୃକ୍ଷର ଚେର, ପତ୍ରକୁ ଡେଉଁରିଆ କରି ପିନ୍ଧିବା, ମନ୍ତ୍ର, ତନ୍ତ୍ର, ପଶୁପକ୍ଷୀ ବଳି ଦେଇ ପୂଜା କରିବା, ଗୁଣିଆ ଓଝାଙ୍କ ପରାମର୍ଶ ଓ ଚିକିତ୍ସା ଉପରେ ଭରସା ବିଶ୍ୱାସ ରଖୁଥିଲେ। ସାଧାରଣ ଲୋକ ରୋଗ ସଂପର୍କରେ ସଠିକ ଜ୍ଞାନ ଓ କାରଣ ବୁଝିପାରିବା ଭଳି ସଚେତନତା ନଥିଲା। ପ୍ରାଚୀନ ପୁରାଣ, ଧର୍ମରେ ଶକ୍ତିକୁ ଶୁଭ ଓ ଅଶୁଭ ଦୁଇଟି ଅର୍ଥରେ ଗ୍ରହଣ କରାଯାଉଥିଲା। ମନ୍ତ୍ର ଓ ତନ୍ତ୍ର କିମ୍ବା ଧର୍ମ ଅନୁମୋଦିତ ପୂଜାପାଠ ବ୍ୟତୀତ ଆଉ ଯାହା କରାଯାଉଥିଲା ତାହା ଶୁଭ କିମ୍ବା ଅଶୁଭ ଭାବରେ ହୁଏତ ଗ୍ରହଣ କରାହେଉଥିଲା। ପ୍ରାଚୀନ ପୁରାଣ ଶାସ୍ତ୍ରରେ ଯେପରି ଦେବତା ଶୁଭସୂଚକ

ଓ ଅସୁର ଅଶୁଭ ବା ଅନିଷ୍ଟ କାରକ, ଠିକ୍ ସେହିପରି ଭୂତ, ପ୍ରେତ, ଡାହାଣୀ, ଚିରୁଗୁଣୀ, ଦୁଷ୍ଟ ଆତ୍ମା ଶକ୍ତି କିମ୍ବା ଯମ-ଶକ୍ତି ସହିତ ସଂପର୍କିତ। ମନୋବିଜ୍ଞାନୀ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ଯେତେବେଳେ କୌଣସି ଦୁର୍ଭାଗ୍ୟ କିମ୍ବା ଅଘଟଣ ଘଟୁଥିଲା ସାଧାରଣ ଲୋକମାନେ ଏହି ଘଟଣା ପଛର କାରଣ ପାଇଁ 'ଦୋଷୀ'ଙ୍କୁ ହୁଏତ ଖୋଜିଥିବେ। ଏହି ଦୁର୍ଭାଗ୍ୟର ବ୍ୟାଖ୍ୟା ସାମାଜିକ ଦୃଷ୍ଟିରେ ସମାଜ ବିଦ୍ରୋହୀ, ବିରୋଧୀ କିମ୍ବା ସାମାଜିକ ନିୟମଭଙ୍ଗ ପାଇଁ ଦୋଷୀ କରାଯାଇ ଦଣ୍ଡିତ କରାଯାଉଥିଲା। ୟୁରୋପର "ଡାହାଣୀ-ଶିକାର" (witch Hunt) ଏହାର ଏକ ଉଦାହରଣ ବୋଲି କୁହାଯାଇପାରେ। ପ୍ରଚଳିତ ପୁରୁଣା ଲୋକକଥା, ଗଳ୍ପ, ପୂଜା ପଦ୍ଧତିରେ ଦୁଷ୍ଟଶକ୍ତିକୁ ଶାନ୍ତି କରାଇବା ତଥା ସମୂହ ଜନ ସମାଜର ମଙ୍ଗଳ, ସୁଖ ଶାନ୍ତି ପାଇଁ ଲୋକ କଳ୍ପନାରେ ଭୟ ପୂଜାପାଠ ଦ୍ୱାରା ହ୍ରାସ ହୋଇଥାଏ କିମ୍ବା ମନ ଦୃଢ଼ ହୋଇଥାଏ ଯେ ଅମଙ୍ଗଳ ଶକ୍ତି ଆମର କିଛି କରିପାରିବ ନାହିଁ କାରଣ ବର୍ଷର ନିର୍ଦ୍ଦିଷ୍ଟ ତିଥି ବା ସମୟରେ ଅଦୃଶ୍ୟ ଦୁଷ୍ଟ ଶକ୍ତିଙ୍କୁ ଶାନ୍ତ କରାଯିବା ପାଇଁ ସାମାଜିକ ଓ ସାଂସ୍କୃତିକ ବ୍ୟବସ୍ଥାର ପ୍ରଚଳନ ମଧ୍ୟ ହୋଇଥାଇପାରେ।

ଡାହାଣୀ ବିଶ୍ୱାସ ଜନଜାତିମାନଙ୍କର ଲୋକ କାହାଣୀ, କିମ୍ବଦନ୍ତୀ, ପୌରାଣିକ କଥା ଓ ଧାର୍ମିକ ଭାବନା ସହ ଜଡ଼ିତ। ବିଭିନ୍ନ ପୂଜା, ସ୍ଥାନୀୟ ଉତ୍ସବ, ଧାର୍ମିକ ପରଂପରାଗତ ବିଶ୍ୱାସ ଜନଜାତିମାନଙ୍କର ସାମାଜିକ-ସାଂସ୍କୃତିକ ପ୍ରବୃତ୍ତି ଭାବରେ ରହି ଆସିଅଛି। ଡାହାଣୀ ବିଶ୍ୱାସ ଏହି ଦୃଷ୍ଟିକୋଣ ଅନୁସାରେ ଏକ ପ୍ରଥା ଅନୁସାରେ ପ୍ରଚଳିତ କହିଲେ ଚଳିବ। ପ୍ରଥାମୂଳକ ଭାବେ ମନ୍ତ୍ର, ତନ୍ତ୍ର ଓ ଉପଚାର କିମ୍ବା କେତେକ ପାରମ୍ପରିକ 'ପରୀକ୍ଷା ଦ୍ୱାରା ନ୍ୟାୟ' ବିଧି ଅବଲମ୍ବନ କରାଯାଇଥାଏ। ଏହା ଯୋଗୁଁ ସାମାଜିକ ପ୍ରଭାବ ଯଥା ଡାହାଣୀ ବୋଲି ଆକ୍ଷେପ କରିବା, ସାମାଜିକ ଚଳଣି ଓ ସମଭାବ ପ୍ରଦର୍ଶନ ନ କରିବା ଭଳି ସାମାଜିକ ଉପେକ୍ଷା, ପାରିବାରିକ ବିଭାଜନ ନିଆଁ ପାଣି ବନ୍ଦ ଭଳି ବିଭିନ୍ନ ହିଂସାତ୍ମକ କାର୍ଯ୍ୟ ସାମାଜିକ ବ୍ୟବସ୍ଥାକୁ ପ୍ରଭାବିତ କରିଥାଏ।

ପୁରୁଷ ପ୍ରଧାନ ସମାଜରେ ନାରୀମାନଙ୍କୁ ସୀମିତ ସ୍ଥାନ ଦିଆଯାଇଥାଏ ତେବେ ଯେଉଁ ନାରୀ ପାରମ୍ପରିକ ସମାଜ ବ୍ୟବସ୍ଥାର ନିୟମ ଭଙ୍ଗ କରନ୍ତି କିମ୍ବା ଅସାଧାରଣ କାର୍ଯ୍ୟକଳାପ ଆଚରଣ ପ୍ରଦର୍ଶନ କରନ୍ତି ଅନ୍ୟମାନଙ୍କ ଆଖିରେ ତାଙ୍କୁ 'ଡାହାଣୀ' ବୋଲି ଚିହ୍ନିତ କରାଯାଇଥାଏ। ଯେତେବେଳେ ଜନଜାତି ଗୋଷ୍ଠୀ ବା ସମୁଦାୟ ଜୀବନରେ କିଛି ଅସାଧାରଣ ଘଟଣା ଘଟେ ଯଥା ରୋଗ, ଫସଲ ନଷ୍ଟ, ପରିବାର ମଧ୍ୟରେ ଅଶାନ୍ତି, ଜମି ବିବାଦ, ଏହି ଭୟ ଏବଂ ଅସ୍ପଷ୍ଟ ପ୍ରତିକ୍ରିୟା ପଛରେ ଡାହାଣୀ ପ୍ରଭାବ ବୋଲି ଦାୟୀ କରାଯାଇଥାଏ। ମନୋବିଜ୍ଞାନ ଅନୁସାରେ ଏହାକୁ ଏକ ସାମାଜିକ ପ୍ରତିକ୍ରିୟା କୁହାଯାଇ ପାରିବ। ପୁରୁଷ ସାମ୍ରାଜ୍ୟବାସୀ ଦୃଷ୍ଟିରେ ଏହା ଏକ ଅସାମାଜିକ, ଅନ୍ୟାୟ ପ୍ରଥା। ଅନ୍ୟ କଥାରେ କହିବାକୁ ଗଲେ ଡାହାଣୀ ବିଶ୍ୱାସ ଏକ ଭ୍ରମ।

ସମ୍ପ୍ରତି ବିଶ୍ୱ ସାହିତ୍ୟରେ ନାରୀ ଓ ଶକ୍ତି ଏକ ଗଭୀର ଓ ଜଟିଳ ଅଂଶ ରୂପେ ଗୃହୀତ ହେଲାଣି। ନାରୀ ସ୍ୱାଧୀନ, ସମ୍ବେଦନଶୀଳ ଓ ଶକ୍ତିଶାଳୀ ରୂପେ ଛିଡ଼ା ହେଲେଣି। ନାରୀ ଚରିତ୍ର, ଅନୁଭୂତି ଓ ପ୍ରତିଷ୍ଠା ଅନ୍ୟମାନଙ୍କ ପାଇଁ ପ୍ରେରଣା ଓ ପ୍ରଗତିର ମାର୍ଗ ରୂପେ ପରିଗଣିତ ହେଲାଣି। ଡାହାଣୀ ପରି ଲୋକ ବିଶ୍ୱାସ ଓ ଅଜଣା ଭୟ ଦ୍ୱାରା ସମାଜ ଓ ପରିବାର ନାରୀ ସ୍ୱାଧୀନତାକୁ ପୀଡ଼ିତ କରି ବସେ, ତାଙ୍କର ଆତ୍ମଶକ୍ତି ଓ ପରିଚୟ ଅସୁରକ୍ଷିତ ଅବସ୍ଥାକୁ ଚାଲିଯାଏ କିମ୍ବା ଭୟ, ଅନ୍ୟାୟ, ମାନିସକ ଚାପ, ନିର୍ଯ୍ୟାତନା ହୁଏ ଏବଂ ନାରୀ ସ୍ୱାଧୀନତା ପ୍ରତିରୋଧ ଶକ୍ତି ବୃଦ୍ଧିପାଏ। 'ଡାହାଣୀ' ବୋଲି ଅଭିଯୋଗ ବା ଆକ୍ଷେପ କରାଗଲେ ଭୟ, ଦୁଃଖ ଆତ୍ମ ସନ୍ତୋଷ ଓ ସମ୍ବେଦନଶୀଳତା ତଥା କାର୍ଯ୍ୟଦକ୍ଷତା ଓ ନେତୃତ୍ୱ ପ୍ରଭାବିତ ହୋଇଥାଏ। ନାରୀ ମନର ଶକ୍ତିଶାଳୀ ଭାବ ଓ ଦୃଢ଼ତା କ୍ଷତିଗ୍ରସ୍ତ ହୁଏ। ଆନ୍ତରିକ ସଂଘର୍ଷ ଓ ସାମାଜିକ ଚାପ ନାରୀମନରେ ସ୍ୱାଧୀନ ଚିନ୍ତନ ଓ ତାଙ୍କ ସୃଜନଶୀଳ ଶକ୍ତି ଉପରେ ଗଭୀର ପ୍ରଭାବ ପକାଇଥାଏ। 'ଡାହାଣୀ' ବିଶ୍ୱାସ ପରିବର୍ତ୍ତେ ବରଂ ନାରୀ ଶକ୍ତିକୁ ସମ୍ମାନ ଓ ସ୍ୱୀକୃତି ମିଳିବା ଦରକାର। କେବଳ ଆଇନରେ ନୁହେଁ ମନୋବିଜ୍ଞାନୀୟ ସଚେତନତା, ଶିକ୍ଷା, ଚିକିତ୍ସା ଓ ସ୍ୱାସ୍ଥ୍ୟ ପ୍ରତି ସଚେତନନା, ନାରୀ ସଶକ୍ତିକରଣ ସମାଜରୁ ଡାହାଣୀ ଭୟ ଦୂରୀକରଣ, ନାରୀ ସୁରକ୍ଷା ଦ୍ୱାରା ସାମାଜିକ ପରିବର୍ତ୍ତନ ଆସିପାରିବ।

ଅଜଣା ବିପଦ ଓ କାରଣ ସହିତ ଡାହାଣୀ ବିଶ୍ୱାସ ଭୟ, ଅନିଶ୍ଚିତତା, ଝଡ଼ା, ଫୁଙ୍କା, ଗୁଣିଆ, ଚାଉଳିଆଙ୍କ କଥା ଅଧିକ ସୁଦୃଢ଼ କରିଥାଏ। ଅନ୍ଧବିଶ୍ୱାସ, ରାଗ-ଦ୍ୱେଷ, ଅନ୍ୟ ପ୍ରତି ଈର୍ଷା ଏଭଳି ଭାବନାରୁ 'ଡାହାଣୀ' ବିଶ୍ୱାସ ଜନ୍ମ ନେଇଥାଏ। ବିଶେଷ କରି ବୃଦ୍ଧା, ଏକାକୀ ମହିଳାମାନଙ୍କୁ ଏଥିପାଇଁ ଅଭିଯୋଗ ଓ ସନ୍ଦେହ କରାଯାଇଥାଏ। କ୍ରମଶଃ ଏହି ଭଳି ବିଶ୍ୱାସ ସମୂହରେ ସନ୍ଦେହ ଓ ତାଙ୍କ ପ୍ରତି ରାଗ, କ୍ରୋଧ, ଘୃଣା ଭାବ ସୃଷ୍ଟି ହୋଇଥାଏ। ଦାରିଦ୍ର୍ୟତା, ଅଶିକ୍ଷା, ବଣ ଜଙ୍ଗଲ ବା ଦୁର୍ଗମ ଅଞ୍ଚଳରେ ଚିକିତ୍ସା ସୁବିଧାର ଅଭାବ ଡାହାଣୀ ବିଶ୍ୱାସକୁ ଶକ୍ତିଶାଳୀ କରିବାରେ ମୁଖ୍ୟ କାରଣ ବୋଲି କୁହାଯାଇପାରିବ। ଅନେକାଂଶରେ ଜମି ଭାଗବଣ୍ଟରା, ସଂପତ୍ତି ପାଇଁ କଳି ଗଣ୍ଡଗୋଳ, ପରିବାର ଅଶାନ୍ତି, ଦାମ୍ପତ୍ୟ ଜୀବନରେ ଅଶାନ୍ତି, ଶିଶୁରୋଗ, ଉନ୍ନତିରେ ବାଧା, କାରବାରରେ କ୍ଷତି, ଫସଲହାନୀ ନିମନ୍ତେ ଡାହାଣୀର ପ୍ରଭାବ ସାମାଜିକ ରୂପେ 'ଦୁର୍ବଳ' ଲୋକଙ୍କ ପାଖରେ ଲକ୍ଷ୍ୟ କରାଯାଏ। ବେଳେ ବେଳେ ମାନସିକ ଚାପ, ମଦ୍ୟପାନ, ପାରିବାରିକ ଦ୍ୱନ୍ଦ୍ୱ 'ଡାହାଣୀ' ପ୍ରତି ଅମାନୁଷିକ ଅତ୍ୟାଚାରକୁ ଉତ୍ତେଜିତ କରିଥାଏ। ସାମାଜିକ ନିରାପତ୍ତା ଓ ଡାହାଣୀ ଆଧାରିତ ହିଂସା ଅପରାଧକୁ ନିୟନ୍ତ୍ରଣ ପାଇଁ ଓଡ଼ିଶା ପ୍ରିଭେନ୍‌ସନ୍ ଅଫ ୱିଚ୍ ହଣ୍ଟିଙ୍ଗ ଏକ୍ଟ ୨୦୧୩ (Odisha Prevention of which hunting Act, 2013) ବ୍ୟତୀତ ଅଧିକ ସଚେତନତା ପାଇଁ National Human Right Commission - Awareness and Protection Programmes. ବିଭିନ୍ନ NGO, ଆଶାକର୍ମୀ, ବିଜ୍ଞାନୀୟ ଦୃଷ୍ଟିକୋଣ, ନାରୀ ସଶକ୍ତିକରଣ, ସ୍ୱୟଂ ସହାୟକ ଗୋଷ୍ଠୀ, ଆର୍ଥିକ ସ୍ୱାଧୀନତା ଓ

ସୁରକ୍ଷା ଦିଗରେ କାର୍ଯ୍ୟ କରୁଛନ୍ତି ।

ଡାହାଣୀ ବିଶ୍ୱାସ ପ୍ରାୟତଃ ସ୍ଥାନୀୟ ପାରସ୍ପରିକ ସଂପର୍କ ସହିତ ସଂପୃକ୍ତ । ଏହି ସଂପର୍କକୁ ଦୁଇ ଶାଖାରେ ପ୍ରଭାବିତ କରିଥାଏ ଯଥା ଅବିଶ୍ୱାସ ଓ ବିରୋଧାଭାସ, ଅନ୍ୟଟି ଅନୁଶାସନ ଓ ସାମୁଦାୟିକ ସମନ୍ୱୟ । ଥରେ ଡାହାଣୀ ବିଶ୍ୱାସ ମନରେ ପ୍ରବେଶ କଲେ ସହଯୋଗୀ, ପାରସ୍ପରିକ ସଂପର୍କ, ବିଶ୍ୱାସ ଓ ସାମାଜିକ ଆଦାନ-ପ୍ରଦାନ କ୍ଷତିଗ୍ରସ୍ତ ହୋଇଥାଏ । ଡାହାଣୀ ବିଶ୍ୱାସ ଥିବା ସମାଜରେ ସାଧାରଣ ବିଶ୍ୱାସ (Generalized trust) ହ୍ରାସ ପାଇଥାଏ । ଅନ୍ୟ ପକ୍ଷରେ ଯେଉଁ ସମାଜରେ ଡାହାଣୀ ବିଶ୍ୱାସ ଅଧିକ ଦୃଢ଼ ସେହି ସମାଜରେ ପାରମ୍ପରିକତା, ଅନ୍ଧବିଶ୍ୱାସ, ଭୟ, ଆଶଙ୍କା, ତନ୍ତ୍ର, ମନ୍ତ୍ର, ଗୁଣି ଓଝାଙ୍କ ଆଜ୍ଞାପାଳନ ଓ ସୁରକ୍ଷା ପାଇଁ ଅଧିକ ଗୁରୁତ୍ୱ ରହିଥାଏ । ସୃଜନଶୀଳତା, ବ୍ୟକ୍ତିଗତ ସ୍ୱାଧୀନତା, ବୈଜ୍ଞାନିକ ଦୃଷ୍ଟିକୋଣର ମହତ୍ତ୍ୱ କମ୍ ଥାଏ । ଯେଉଁ ସମାଜ ପାରମ୍ପରିକ ପୂଜା, ଉତ୍ସବ, ଗୁଣି ଗାରେଡ଼ି ଓ ଅଲୌକିକ ଶକ୍ତିର ବିଶ୍ୱାସ କରନ୍ତି ସେହି ସମାଜରେ ଡାହାଣୀ ବିଶ୍ୱାସରେ ଏହା ପ୍ରକାଶ ପାଏ, କାରଣ ଲୋକମାନେ ନିଜ ଗ୍ରାମ କିମ୍ବା ସମୂହର ନାରୀଙ୍କୁ ଅନ୍ୟମାନଙ୍କ ପ୍ରତି କ୍ଷତି କରିବା ଭୟରେ ଡାହାଣୀ ବୋଲି ଚିହ୍ନଟ କରିଥାଇପାରନ୍ତି । ଏହା ଏକ ପ୍ରକାର ସମୁଦାୟ ନିୟନ୍ତ୍ରଣ ଯାହା ନିଜ ଅଞ୍ଚଳ, ଗ୍ରାମ କିମ୍ବା ଗୋଷ୍ଠୀ ସମୂହର ସାମାଜିକ ଶକ୍ତି ବଢ଼ାଇବାରେ ହୁଏତ ସହାୟକ ହୋଇଥାଏ । ଏହା ଦ୍ୱାରା ସାମାଜିକ ଏବଂ ସାଂସ୍କୃତିକ ରୀତି ନୀତି ପ୍ରଭାବିତ ହୋଇଥାଏ । ଡାହାଣୀ ଚିହ୍ନଟ କିମ୍ବା ସମୂହ ପକ୍ଷପାତ (In-group-bias) ଦ୍ୱାରା ନାରୀମାନଙ୍କ ପ୍ରତି ଅନ୍ୟାୟ କିମ୍ବା ଅପମାନ ନୁହେଁ କି ? ସମାଜରେ ଭୟ ବାତାବରଣ ସୃଷ୍ଟି ଓ ଅସମତା, ଅନ୍ୟାୟ ପ୍ରଚ୍ଚର ପ୍ରସାର କରିବାର କାରଣ ମଧ ‌କୁହାଯାଇପାରିବ । ସମୂହ ଓ ଗୋଷ୍ଠୀ ଜୀବନର ସୁରକ୍ଷା ପରିବର୍ତ୍ତେ ଭୟ ଓ ଅନ୍ୟାୟ ଯୋଗୁଁ ସାମାଜିକ ବିଦ୍ୱେଷ, ଅଶାନ୍ତି, ହିଂସା, ଘୃଣା ଜାତ ହୋଇଥାଏ ।

ଜଣଙ୍କର ସଫଳତା ଓ ଆଉ ଜଣଙ୍କର କ୍ଷତି ଏହି ଧାରଣା ଡାହାଣୀ ବିଶ୍ୱାସ ପଛରେ ରହିଥାଏ । ପରିଶ୍ରମ, କଷ୍ଟ କରି ବିକାଶ ପଥରେ ଅଗ୍ରସର ହେବା, ପାଇବାର ଆତ୍ମବିଶ୍ୱାସ ଡାହାଣୀ ବିଶ୍ୱାସ ଦ୍ୱାରା କ୍ଷତିଗ୍ରସ୍ତ ହୋଇଥାଏ । ଏହି ବିଶ୍ୱାସ ଥରେ ମନରେ ପ୍ରକାଶ କଲେ ମନର ଦୃଢ଼ତା କମିଯାଏ, ଦ୍ୱନ୍ଦ୍ୱ, ଆଶଙ୍କା ବୃଦ୍ଧି ପାଇଥାଏ । ସମାଜ ପ୍ରତି ଭରସା, ବିଶ୍ୱାସ ଓ ସହଯୋଗ ମନୋଭାବ ବାଧାପ୍ରାପ୍ତ ହୁଏ । ଦରିଦ୍ର ଓ ଅସମର୍ଥଙ୍କୁ ସହାୟତା, ସହଯୋଗ କରିବା ପରିବର୍ତ୍ତେ ସାମାଜିକ ଅସମତା ବୃଦ୍ଧିପାଏ । ଏହା ଏକ ସାମାଜିକ ଓ ସାଂସ୍କୃତିକ ବିଶ୍ୱାସ, ଯେଉଁଥିରେ ଲୋକ ବିଭିନ୍ନ ଅଦୃଶ୍ୟ ଶକ୍ତି ବା ଅଲୌକିକ ଶକ୍ତିରୁ କ୍ଷତି ହୁଏ ବୋଲି ଭାବନା ମଧ୍ୟରେ ରହନ୍ତି । ଏହା ପ୍ରଥାଗତ ଓ ମହିଳା ବିରୋଧରେ ଏକ ଅନ୍ୟାୟ, ଅବହେଳା, ମହିଳାଙ୍କ ଅଧିକାର, ସମ୍ମାନ ପ୍ରତି ଆଞ୍ଚ ଆଣିଥାଏ । ଡାହାଣୀ ବିଶ୍ୱାସ ଦ୍ୱାରା ସମାଜରେ ସର୍ବାଧିକ ନିର୍ଯ୍ୟାତନାର ଶିକାର ହେଉଛନ୍ତି ମହିଳା, ବିଶେଷତଃ ବିଧବା, ବୃଦ୍ଧା କିମ୍ବା ପୁରୁଷ ମୁଖ୍ୟ ବିହୀନ ପରିବାରର ମହିଳା । ସ୍ୱାଧୀନ ଭାବେ ସ୍ୱର ଉଠାଉଥିବା ମହିଳାଙ୍କୁ ଦବାଇବା ପାଇଁ ଡାହାଣୀର ଅଭିଯୋଗ ପଛରେ ଶିକ୍ଷାର ଅଭାବ, ସାମାଜିକ ସଚେତନତା, ଲିଙ୍ଗ-ନ୍ୟାୟ ଓ ସାମାଜିକ ବିକାଶର ଅଭାବ ବୋଲି କୁହାଯାଇପାରେ । ଦରିଦ୍ର ଓ ବିକାଶହୀନ ସମାଜରେ ଡାହାଣୀ ବିଶ୍ୱାସ ଅଧିକ ରହିବାର ମୁଖ୍ୟକାରଣ ।

ସମ୍ପ୍ରତି ଡାହାଣୀ ପ୍ରଥା ପାଇଁ ସରକାରୀ ସଚେତନତା କାର୍ଯ୍ୟକ୍ରମ, NGO, ସୋସିଆଲ ମିଡିଆ ତଥା ବିଧି-ବ୍ୟବସ୍ଥା ଯଥା, Odisha Prevention of witch hunting Act 2013 ର ପ୍ରଚଳନ ମାଧ୍ୟମରେ ଏ ଦିଗରେ ବିଭିନ୍ନ ପଦକ୍ଷେପମାନ ଗ୍ରହଣ କରାଯାଉଛି । ସଚେତନତା କାର୍ଯ୍ୟକ୍ରମର ପ୍ରଭାବ ଦ୍ୱାରା ସାମାଜିକ ଜୀବନଯାପନ ପ୍ରଣାଳୀରେ ପରିବର୍ତ୍ତନ ପରିଲକ୍ଷିତ ହେଲାଣି । ପ୍ରାଚୀନ ବିଶ୍ୱାସ, ଧର୍ମଧାରଣା ସର୍ବୋପରି ବୈଜ୍ଞାନିକ ବିଚାରଧାରା ପ୍ରତି ଆସ୍ଥା ବିଶ୍ୱାସ ଓ ଜନଜାଗରଣ ସୃଷ୍ଟି ହେବାରେ ଲାଗିଛି ।

ଆଦିବାସୀ ସମାଜରେ ଡାହାଣୀ ବିଶ୍ୱାସ, ଲୋକ ବିଶ୍ୱାସ ଓ ସଂସ୍କୃତିର ଉତ୍ପାଦନ ବୋଲି କୁହାଯାଇପାରେ । ହୁଏତ ଆର୍ଥିକ ଦାରିଦ୍ର୍ୟତା, ସାଂସ୍କୃତିକ ଜଡ଼ତା ଓ ପାରମ୍ପରିକ ପ୍ରଭାବ ଯୋଗୁଁ ଏ ବିଶ୍ୱାସ ସମୂଳେ ଦୂରେଇ ଯାଇ ନାହିଁ ।

ଲୋକ ବିଶ୍ୱାସ ଅନୁଯାୟୀ ଡାହାଣୀ ବିଶ୍ୱାସ ସାଧାରଣତଃ ଅପରାଧ, ଦୁଃଖ କିମ୍ବା ଅନିଷ୍ଟ କାର୍ଯ୍ୟାବଳୀ ସହିତ ସଂଲଗ୍ନ ରହିଥାଏ । କିଛି ସାମାଜିକ ଚରିତ୍ର ମାନଙ୍କ ଅଭିବ୍ୟକ୍ତି, ସ୍ୱଭାବ, ଦୃଷ୍ଟି ପ୍ରତି ସନ୍ଦେହ ସୃଷ୍ଟି ହୋଇଥାଏ । ପରମ୍ପରାଗତ ଖାଦ୍ୟ, ମୁହଁରେ ଅନ୍ୟମାନଙ୍କ ପ୍ରତି ଅନିଷ୍ଟ ଦୃଷ୍ଟି, ଚାଲିଚଳନ, ଆଚରଣର ଗତିବିଧି, ସାମାଜିକ ତଥା ଆଧ୍ୟାତ୍ମିକ ସଂସ୍କୃତିର ପ୍ରଭାବ ଡାହାଣୀ ପରିଚୟ ସୃଷ୍ଟି ବା ଲକ୍ଷଣ ରୂପେ ଲୋକ ବିଶ୍ୱାସକୁ ପ୍ରଭାବିତ କରିଥାଏ । ଫଳରେ ସମାଜରେ ଏକ ପ୍ରକାର ଭୟ ଏବଂ ବିଶ୍ୱାସର ଗଭୀର ଅନ୍ତର୍ଦୃଷ୍ଟିକୁ ଦୃଢ଼ କରିବାରେ ସହାୟକ ହୋଇଥାଏ । ପାରମ୍ପରିକ ବିଶ୍ୱାସ, ଧର୍ମରେ ଅଲୌକିକ ଶକ୍ତି, ଦେବ-ଦେବୀ କିମ୍ବା ଅତିଜାଗତିକ ଶକ୍ତି ସହିତ ଆଚରଣ ଓ ବିଶ୍ୱାସ ଅଲୌକିକ ଶକ୍ତିକୁ ନିୟନ୍ତ୍ରଣ କରିବାର ପ୍ରକିୟାକୁ "ମାୟା" ଶକ୍ତି (Magic) କୁହାଯାଏ । ଏହି ଶକ୍ତିର ସଦୁପଯୋଗ ଶୁଭ ଅର୍ଥରେ ଗୃହୀତ ହୁଏ । କୁ ଉଦ୍ଦେଶ୍ୟ, ଅନିଷ୍ଟକାରୀ ଶକ୍ତି ରୂପେ ଉପଯୋଗ କଲେ 'କଳାଯାଦୁ' (Black Magic) କୁହାଯାଏ । ଏହାକୁ 'ଡାହାଣୀ' ଭୂତ, ପ୍ରେତ, ପ୍ରେତାସୁନୀ, ଚିରଗୁଣୀ, କାଳ ପୁରୁଷ ଆଦି ଦୁଷ୍ଟଶକ୍ତି ମଧ୍ୟରେ 'ଡାହାଣୀ' ସର୍ବାଧିକ କୁଶକ୍ତିଶାଳୀ ଭାବରେ ଲୋକ ବିଶ୍ୱାସ କରିଥାନ୍ତି ।

ଡାହାଣୀ ପ୍ରସଙ୍ଗ ସେକ୍ସପିଅରଙ୍କ ନାଟକରେ, ତାରାଶଙ୍କର ବନ୍ଦୋପାଧ୍ୟାୟଙ୍କ 'ଡାଇନୀ' ନାମକ କାହାଣୀରେ, ଯଶୋବନ୍ତ ଦାସ (ମଧ୍ୟଯୁଗୀୟ କବି)ଙ୍କ ତନ୍ତ୍ରଶିକ୍ଷା, ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କ ପ୍ରସିଦ୍ଧ 'କରଂଜିଆ ଡାଏରୀ' ବିଭିନ୍ନ ଅନୁଭବ ଭିତ୍ତିକ କାହାଣୀ ମଧ୍ୟରେ ରହିଛି । ଅମାବାସ୍ୟା ରାତି, ବଡ଼ କିମ୍ବା ପୁରୁଣା ବୃକ୍ଷ, ଶ୍ମଶାନଘାଟରେ ଡାହାଣୀମାନଙ୍କ ଆତଯାତ ହୁଏ ବୋଲି ଲୋକଙ୍କର ବିଶ୍ୱାସ ରହିଛି ।

ନିଶା ରାତିରେ ବସ୍ତ୍ରହୀନ ହୋଇ ଏମାନେ ବୁଲନ୍ତି, ଅଖାଦ୍ୟ ଖାଆନ୍ତି ଏବଂ ଡାହାଣୀଙ୍କ ଯାତାୟତ ସମୟରେ ମୁହାଁ ମୁହିଁ ସାକ୍ଷାତ ହେଲେ ଗୁରୁତର ରୋଗରେ ପଡ଼ିବା, ରକ୍ତବାନ୍ତି ହୋଇ ମୃତ୍ୟୁ ମୁଖରେ ପଡ଼ିବା, ପାଗଳ ପ୍ରାୟ ହୋଇଯିବା ଅବସ୍ଥା ସୃଷ୍ଟି ହେବା ଭଳି ଅବସ୍ଥା ସୃଷ୍ଟି ହୋଇପାରେ ବୋଲି ଭୟ ଓ ଲୋକ ବିଶ୍ୱାସ ରହିଛି।

ଡାହାଣୀ ପୁରୁଷ ଓ ନାରୀ ଉଭୟ ହୋଇପାରନ୍ତି। ପୁରୁଷମାନେ ଅନ୍ୟ ପୁରୁଷ କିମ୍ବା ନାରୀଙ୍କୁ 'ବଶୀଭୂତ' କରିପାରନ୍ତି। କିନ୍ତୁ ନାରୀମାନେ ସାଧାରଣତଃ ନାରୀଙ୍କୁ 'ଡାହାଣୀ' କରିପାରନ୍ତି। ଡାହାଣୀଙ୍କ ମନ୍ତ୍ର, ତନ୍ତ୍ର, ଶିଖିବାରେ ବୟସର କୌଣସି ସୀମା ନାହିଁ। ଗୁଣି, ଓଝା, ରାଉଳିଆ ଡାହାଣୀମାନଙ୍କ ରୂପାନ୍ତରଣ ମନ୍ତ୍ର (conversion mantra) ଛୋଟ ଓ ସହଜ ବୋଲି ଜନ ମଧ୍ୟରୁ ଶୁଣାଯାଏ। କେହି କେହି କହନ୍ତି ଅଢ଼େଇ ଅକ୍ଷର ଶିଖିଗଲେ ଶିକ୍ଷା ଶେଷ। ପୁଣି ବଶୀକରଣ ଓ ମାରଣ ମନ୍ତ୍ର, ତାରଣ ମନ୍ତ୍ର ମଧ୍ୟ ରହିଛି ବୋଲି ଲୋକେ କହନ୍ତି। ଲୋକ କଥା ଅନୁସାରେ ପ୍ରଚଳନ ଅଛି "ନୂଆ ଡାହାଣୀ ଛୁଆ ଥାଏ।" ନୂତନ କରି ଶିକ୍ଷାଲାଭ କରୁଥିବା ଡାହାଣୀ ପ୍ରତି ଭୟ ଓ ସନ୍ଦେହ ଅଧିକ। ଡାହାଣୀ ଶିକ୍ଷା ସଂପୂର୍ଣ୍ଣ ନ କରିପାରିଲେ କିମ୍ବା ତହିଁରେ ପୂର୍ଣ୍ଣତା ନ ଆସିଲେ ମାନସିକ ଅସ୍ଥିରତା ବା ପାଗଳ ହୋଇଯିବାର ସମ୍ଭାବନା ମଧ୍ୟ ରହିଥାଏ। ତେବେ ଏ ସବୁ ପାରମ୍ପରିକ ଓ ଲୋକ ବିଶ୍ୱାସ। ଡାହାଣୀର କୁଦୃଷ୍ଟିରୁ ମୁକୁଳିବା ପାଇଁ ବା ଉପଚାର ପାଇଁ ଗୁଣିଆ (witch doctor) ଙ୍କ ପରାମର୍ଶ ଓ ପ୍ରଯୋଜନୀୟ ବ୍ୟବସ୍ଥା କରାଯାଏ। ଗୁଣିଆ ମନ୍ତ୍ର, ତନ୍ତ୍ର କରନ୍ତି। ଡାହାଣୀ ଲାଗିଥିବା ରୋଗୀଙ୍କୁ ଝୁଣା, ଧୂପ ଓ ତାଙ୍କ ଚାହିଦା ମୁତାବକ ଦ୍ରବ୍ୟ, ଖାଇବା ପଦାର୍ଥ ପ୍ରଦାନ କରାଯାଇ, ସ୍ୱସ୍ଥାନ ଚାଲିଯିବାକୁ ଓଝା କହିଥାନ୍ତି। ଓଝା ମଧ୍ୟ ଚରମବାଣୀ ଶୁଣାନ୍ତି ଯେ, ସହଜରେ ରୋଗୀର ଘର ଛାଡ଼ି ନ ଗଲେ ଚରମ ପଦକ୍ଷେପ ନିଆଯିବ ଏବଂ ଭୟ ଓ ଧମକ, ଚମକ ଏପରିକି ସ୍ଥଳବିଶେଷରେ ଡାହାଣୀ ଲାଗିଥିବା ରୋଗୀଙ୍କୁ ଡରାଇବା ପାଇଁ ପ୍ରହାର ମଧ୍ୟ କରିଥାନ୍ତି। ଲୋକ ବିଶ୍ୱାସ ରହିଛି ଯେ ପ୍ରହାର ରୋଗୀଙ୍କୁ କାଟେ ନାହିଁ ବରଂ ତା ଶରୀରରେ ସବାର ହୋଇଥିବା ଡାହାଣୀ ଶକ୍ତିକୁ କାଟେ। ଓଝାଙ୍କ ଦ୍ୱାରା ଏହିପରି ଚରମ ଚିକିତ୍ସା ବ୍ୟବସ୍ଥାରେ ଅତିଷ୍ଠ ହୋଇ ରୋଗୀ କଣ୍ଠରେ ଡାହାଣୀ ସେ ଘର ଛାଡ଼ି ଚାଲିଯିବ ବୋଲି କହେ। ସେତେବେଳେ ରୋଗୀର ମୁହଁରେ ଅଲଗାଭାବ ପ୍ରଦର୍ଶନ ହୁଏ ବୋଲି କେହି କେହି କହନ୍ତି। ଡାହାଣୀ ଲାଗିଥିବା ରୋଗୀ କାହାରିକୁ ସିଧା ସଳଖ ଚାହିଁପାରେ ନାହିଁ। ଅସ୍ୱାଭାବିକ କଥାବାର୍ତ୍ତା କରେ। ଏଣେ ତେଣେ ଦୁଷ୍ଟ ମୁଖ ଓ ଦୁଷ୍ଟ ଦୃଷ୍ଟିରେ ଦେଖେ। ଦୁଧିଆଳି ଗାଈ ଡାହାଣୀ ଦୃଷ୍ଟି ପଡ଼ିଲେ ଗାଈର ପହ୍ନାରୁ କ୍ଷୀର ଲୁଚିଯାଏ ବୋଲି କେହି କେହି ବିଶ୍ୱାସ କରନ୍ତି। ଏଭଳି ହେଲେ ବାଛୁରୀ ମଧ୍ୟ ତା' ମାଆ ପହ୍ନାରୁ କ୍ଷୀର ଖାଏ ନାହିଁ। ପିଠା ପ୍ରସ୍ତୁତ ପାଇଁ ଚାଉଳ ଗୁଣ୍ଡ ପ୍ରସ୍ତୁତି ବେଳେ ଯଦି ଦୃଷ୍ଟି ପଡ଼ିଯାଏ, ତା ହେଲେ ପିଠା ତେଲରେ ସିଜେ ନାହିଁ କିମ୍ବା ଫାଟି, ଫାଳ ଫାଳ ହୋଇଯାଏ ବୋଲି ଲୋକ ମନରେ ଏପ୍ରକାର ଭ୍ରମ ଧାରଣା ରହିଥାଏ।

ବିଭିନ୍ନ ପାରମ୍ପରିକ ପର୍ବରେ ତେଣୁ ଏହିଭଳି କୁଦୃଷ୍ଟିରୁ ରକ୍ଷା କରିବା ପାଇଁ ଦୁଷ୍ଟଶକ୍ତିଙ୍କ ପାଇଁ ବିଶେଷ ପୂଜା କରାଯାଇଥାଏ। ଫଳରେ ପରିବାର ତଥା ଗ୍ରାମରେ କୁଦୃଷ୍ଟିର ପ୍ରଭାବ ପଡ଼ିବ ନାହିଁ ବୋଲି ଲୋକ ବିଶ୍ୱାସ ପ୍ରଚଳିତ ରହିଛି। ମକର ସଂକ୍ରାନ୍ତିର ପୂର୍ବଦିନ (ବାଉଣ୍ଡି) ରେ ପାଦ ଓ ବିଭିନ୍ନ ଅଙ୍ଗରେ ତେଲ ଲଗାଇବା ପଛରେ ବିଶ୍ୱାସ ରହିଛି ଯେ, ଏପରି କଲେ କାହାଣୀର କୁଦୃଷ୍ଟି ପଡ଼ିପାରେ ନାହିଁ।

ଦେବୀ ପୂଜା ଆଦିବାସୀ ଧର୍ମର ଏକ ଗୁରୁତ୍ୱପୂର୍ଣ୍ଣ ଧାରାକୁ ଇଙ୍ଗିତ କରେ। ସରକାରୀ ସ୍ତରରେ ମାନ୍ୟତାପ୍ରାପ୍ତ ଓଡ଼ିଶାର ୬୨ ଗୋଟି ବିଭିନ୍ନ ଆଦିବାସୀ ଗୋଷ୍ଠୀର ଲୋକମାନେ ଆବହମାନ କାଳରୁ ରାଜ୍ୟର ତିରିଶ ଗୋଟି ଜିଲ୍ଲାରେ ବସତିସ୍ଥାପନ କରିଆସୁଛନ୍ତି। ସେମାନେ ନିଜ ନିଜର ବିଶ୍ୱାସ ଓ ସାଂସ୍କୃତିକ ଓ ସାମାଜିକ ପରଂପରା ଅନୁସାରେ ପୂଜା କରିଥାନ୍ତି। ପଥର, କାଠ, ଲୁହାଖଣ୍ଡ, ତ୍ରିଶୂଳ, ବର୍ଚ୍ଛା, ଶର, ଛତ୍ର, ବସ୍ତ୍ର, ଟାଙ୍ଗିଆ, ଝରଣା, ପର୍ବତ, ସୂର୍ଯ୍ୟ, ଚନ୍ଦ୍ର, ପୃଥିବୀ, ବୃକ୍ଷ, ଡାଳ ଇତ୍ୟାଦି ଦେବୀଙ୍କ ପ୍ରତୀକ ରୂପେ ପୂଜା କରିବାର ପରମ୍ପରା ଅଦ୍ୟାପି ପ୍ରଚଳିତ। ଦେବୀ ପୂଜାରେ ବଳି ତଥା ଚାଉଳରୁ ତିଆରି 'ହାଣ୍ଡିଆ' କିମ୍ବା ମଦ ଭୋଗ କରିବା ଆଦିବାସୀ ସମାଜରେ ଦେବୀ ପୂଜାର ପରଂପରାକୁ ସୂଚାଏ। କାଳିଶି ଲାଗିବା, କାଳିଶିର ନୃତ୍ୟ, ନିଆଁରେ ଚାଲିବା, ବିଭିନ୍ନ ଅସ୍ତ୍ରଶସ୍ତ୍ର ଉପରେ ବସିବା କିମ୍ବା ଶାରୀରିକ ଯନ୍ତ୍ରଣା ଦେବା, ଦୁଃଖୀର ଗୁହାରି ଶୁଣିବା ପାଇଁ ଉପଚାର ଚିତ୍ତାକର୍ଷକ। ଏହି ଦୃଷ୍ଟିକୋଣରୁ ବିଚାର କଲେ ଓଡ଼ିଶାର ଧର୍ମୀୟ ସଂସ୍କୃତିକୁ ଓ ପରଂପରାକୁ ଉଜ୍ଜୀବତ କରିଥାଏ। ଅମୂର୍ତ୍ତଦେବୀ ପୂଜା ସମସ୍ତଙ୍କ ମଙ୍ଗଳ ବିଧାନ ତଥା ସମନ୍ୱୟର ସେତୁ ପ୍ରତିଷ୍ଠା କରିବା ସହିତ ସହାବସ୍ଥାନର ପୃଷ୍ଠଭୂମିକୁ ସୁଦୃଢ଼ କରିଥାଏ।

ଆଦିବାସୀ ଜନଜାତି ସାନ୍ତାଳମାନଙ୍କ ଶାରନା ଧର୍ମର ମୁଖ୍ୟ ପ୍ରତୀକ ଶର, ଶାଳବୃକ୍ଷ ଓ ଶିଳା। ପ୍ରାକୃତିକ ଶକ୍ତିକୁ ଅଭିମାନୀ ଦେବତା ହିସାବରେ ବିଶ୍ୱାସ କରାଯାଏ। ପ୍ରାୟତଃ ଏହି ବିଶ୍ୱାସ ପ୍ରାକ୍-ବୈଦିକ କାଳର କଥା। ଅଷ୍ଟ୍ରୋ-ଏସୀୟ ଆଦିମ ଅଧିବାସୀଗଣ ପ୍ରକୃତି ସହ ଯେଉଁ ଜୀବନଧାରା ଅବଲମ୍ବନ କରୁଥିଲେ ସେଇ ସାଂସ୍କୃତିକ ପ୍ରବାହ ହୁଏତ ଅଦ୍ୟାବଧି ପ୍ରଚଳିତ ହୋଇଆସୁଅଛି। ପ୍ରାକୃତିକ ଦେବାଳୟ 'ଜାହିରା' ଆଦିମାତା ବା ଧରିତ୍ରୀ ରୂପେ ପୂଜିତ ହୁଅନ୍ତି। ଏହା ବ୍ୟତୀତ 'ମାରାଂବୁରୁ' ଓ ପଞ୍ଚ ତଥା ଷଷ୍ଠ ଦେବଗଣ ଅବସ୍ଥାନ କରିଥାନ୍ତି। ଜାହିରା ସ୍ଥିତ ମହୁଲ ବୃକ୍ଷରେ ଅନ୍ୟ ଦେବୀ ବାସ କରିଥାନ୍ତି। ମାନବ ପ୍ରକୃତି ଉପରେ ସର୍ତ୍ତବିହୀନ ଐଶ୍ୱରିକ ବିଶ୍ୱାସ ଏହିପରି ଚିରନ୍ତନ ଓ ସନାତନ ହୋଇ ରହିଥିବା ଅନୁମେୟ।

ଡାହାଣୀ ସଂପର୍କରେ ଯେଉଁ ଭୟ ଓ ବିଶ୍ୱାସ ରହିଆସିଛି ତାହା ସେହି ଅଞ୍ଚଳର ସ୍ଥାନ, କାଳ, ସଂସ୍କୃତି ନିର୍ଭର ବହୁମୁଖୀ ଧାରଣା। ବିଶେଷ ଭାବେ ଜନଜାତି ଧର୍ମ, ପରଂପରା ସଂସ୍କୃତିରେ ପ୍ରକୃତି, ପିତୃ ମାତୃ ପରଂପରା, ପୂଜା, ପାର୍ବଣ ଏପରିକି ପଶ୍ଚିମ ଦେଶମାନଙ୍କର ନିଓ ପେଗାନିଜିମ୍ (Neo Paganism) ଯାହାକୁ ଆଧୁନିକ ଦୃଷ୍ଟି ଭଙ୍ଗୀରେ

ପ୍ରକୃତି-ଆଧାରିତ ନୂତନ ଧାର୍ମିକ ବା ଆଧୁନିକ ପାରମ୍ପରିକ ଧାରା ହିସାବରେ ଗ୍ରହଣ କରାଯାଉଛି। Neo Paganism ର ସାଧାରଣ ଅର୍ଥ ହେଉଛି ଆଧୁନିକ ବୈଜ୍ଞାନିକ ଦୃଷ୍ଟିରେ ପ୍ରକୃତି, ପରିବେଶ ଓ ସାମାଜିକ ବ୍ୟବସ୍ଥାର ଏକ ନୂତନ ପଦକ୍ଷେପ। ଭୟ, ଭ୍ରମକୁ ବାଦ ଦେଇ ଏକ ନୂତନ ଆଧାତ୍ମିକ ପଥ ଭାବେ ଗ୍ରହଣ କରାଯାଉଛି। ଯେଉଁଥିରେ ଦମନ ଓ ହିଂସାତ୍ମକ ଭାବ ବା କାର୍ଯ୍ୟାବଳୀକୁ ବାଦଦେଇ ସତ୍ୟ ଓ ପ୍ରକୃତି ପୂଜାର ମହାନତାକୁ ଗ୍ରହଣ କରାଯାଉଛି। ଆଜିର ଡିଜିଟାଲ ଯୁଗରେ ସମାଜରୁ କୁସଂସ୍କାର ବନାମ ପରଂପରାର ସକାରାତ୍ମକ ଦିଗକୁ ଅଧିକ ଗୁରୁତ୍ୱ ଦେବା ସହିତ, ଆଧୁନିକ ଶିକ୍ଷା, ସାମାଜିକ ସଂଗଠନ, ସଚେତନତା ଅଭିଯାନ ଫଳରେ ଡାହାଣୀ ବିଶ୍ୱାସରୁ ଜାତ ହିଂସାତ୍ମକ କାର୍ଯ୍ୟାବଳୀ ଧୀରେ ଧୀରେ ହ୍ରାସ ପାଉଛି। ପ୍ରାଚୀନ ପରଂପରା ଓ ଆଧୁନିକତା ମଧ୍ୟରେ ସମନ୍ୱୟ ରଖି ବୈଜ୍ଞାନିକ ମନୋଭାବର ପ୍ରଚାର, ପ୍ରସାର ସହିତ ସଂସ୍କୃତିର ସୁରକ୍ଷା, ନାରୀ ସ୍ୱାଧୀନତା ଓ ସଶକ୍ତିକରଣ ପାଇଁ ସବୁ ପ୍ରକାର ପ୍ରୟାସ କରାଯାଉଛି। ଭୟ, ହିଂସା, ବିଷମତାକୁ ବାଦ ଦେଇ ଏକ ସୁସ୍ଥ ଓ ସୁଦୃଢ଼ ସାମାଜିକ ଜୀବନ ଯାପନ ପଥରେ ଅଗ୍ରସର ହେବା ଆଜିର ସମୟ ପାଇଁ ଏକ ଆହ୍ୱାନ ନୁହେଁ କି ?

ସହାୟକ ଗ୍ରନ୍ଥସୂଚୀ:-
ମିଶ୍ର, ପ୍ରତୀମାରାଣୀ- ଓଡ଼ିଆ ଲୋକ ସାହିତ୍ୟରେ ତନ୍ତ୍ର, ଅନ ଇନ୍ ବକ୍ସ-୨୦୨୪ ସଂ, କେଦାରନାଥ ଗବେଷଣା ପରିଷଦ - ଓଡ଼ିଶାର ତନ୍ତ୍ର ସଂସ୍କୃତି, ଓ : ସା : ଏ - ୨୦୧୭।

ଇଂରାଜୀ:-
The little Book of Witch Craft PDF, Astrid Carves. The modern witch craft, spell book, Anna Riva
witch - Hunting in Odisha - Odisha State Commission for women
(Women have right to live with dignity)

Magazine:-
witch Hunting and Rule of law - Sashiprava Bindhani Odisha Review - December 2016

withch craft - A curse in Disguise for mankind :
A case study of North Odisha
Dr. Jatindra Singhdeb Sachin
(The Researcher's Vol.-IV, Issue-1, March - 2018, International Journal of Research)

କଥା ଓ କାହାଣୀ

# ଭାଗ୍ୟଚକ୍ର

## ମିହିର ରାୟ

ସେଦିନ ଥିଲା ରବିବାର, ସମୟ ଅପରାହ୍ନ ୩ଟା। ସୁକିନ୍ଦା ସ୍ଥିତ ଟିଏମସି ମାଇନିଂ ଲେବର କଲୋନୀରେ ରହୁଥିବା ବିମ୍ବାଧର ବାବୁ ହଠାତ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ ଓ ତାର କିଛି କ୍ଷଣ ପରେ ସେ ଚେତାଶୂନ୍ୟ ହୋଇ ଯାଇଥିଲେ। ଘରେ ତାଙ୍କର ରୋଗୀଣା ସ୍ତ୍ରୀ ଓ ତାଙ୍କର ୩୫ ବର୍ଷୀୟ ଅବିବାହିତ ଝିଅ ବିଜୟିନୀ। ଖବରଟା ମାଇନିଂ କଲୋନୀ ଭିତରେ ବିଦ୍ୟୁତ ବେଗରେ ଖେଳି ଯାଇଥିଲା। କଲୋନୀଟା ବିଶେଷ ବଡ଼ ନୁହେଁ, ମାତ୍ର ୭୫ ଟି ଆଜବେଷ୍ଟସ ଘର। କେବଳ ଲେବର ଶ୍ରେଣୀୟ ଲୋକ ମାନଙ୍କ ପାଇଁ ଉଦ୍ଦିଷ୍ଟ। ତା ଆଗକୁ ୧୦ ଟି ବଙ୍ଗଲୋ ଟାଇପର ଘର ଅଛି, ଯେଉଁଥିରେ ଅଫିସର ଶ୍ରେଣୀର ଲୋକ ରହନ୍ତି। ବିମ୍ବାଧରଙ୍କ ଘରେ ବେଶ କିଛି ପଡ଼ୋଶୀଙ୍କ ଭିଡ଼ ଜମି ଯାଇଥିଲା। ସମସ୍ତେ କହୁଥିଲେ, ତାଙ୍କୁ ତୁରନ୍ତ ବଡ଼ ହସ୍ପିଟାଲକୁ ନେଇଯାଅ। କିନ୍ତୁ, ଏଇ ଅପନ୍ତରା ଜାଗାରୁ ହସ୍ପିଟାଲ ନେବେବା କେମିତି। କଟକ ବଡ଼ ହସ୍ପିଟାଲ ଏଠାରୁ ପ୍ରାୟ ୯୦ କିଲୋମିଟର ଦୂର। ଏଠାକୁ ଆମ୍ବୁଲାନ୍ସ ଆସିବାକୁ ଢେର ସମୟ ଲାଗେ। ଏଠୁ କୌଣସି ଜରୁରୀ କାଳୀନ ପରିସ୍ଥିତିରେ, କୌଣସି ଲୋକକୁ ହସ୍ପିଟାଲ ନେବାକୁ ହେଲେ, କଂପାନୀରୁ ଗାଡ଼ି ବରାଦ କରି ନେବାକୁ ହୁଏ। କିନ୍ତୁ, ଆଜି ରବିବାର ହେତୁ ସେଇଟା ସମ୍ଭବ ନୁହେଁ। ଏଇ ପରିସ୍ଥିତିରେ ସମସ୍ତେ ଖାଲି କଣ କରିବା କଣ କରିବା ବୋଲି ହାଉଳି ଖାଉଥାନ୍ତି, ହେଲେ, କାହା ପାଖରେ ସମସ୍ୟାର ସମାଧାନ ପାଇଁ ଉପାୟ ନଥିଲା। ଏହି ସମୟରେ ବିମ୍ବାଧରଙ୍କ ଘର ସାମ୍ନାରେ ହୋ ହାଲ୍ଲାର ଶବ୍ଦ ଶୁଭିବାରୁ, ସମସ୍ତଙ୍କ ନଜର ସିଆଡ଼େ ଯାଇଥିଲା। ସମସ୍ତେ ଦେଖିଲେ, ବିପ୍ଳବ ମାଇନିଂ କଂପାନୀର ଜେନେରାଲ ମ୍ୟାନେଜରଙ୍କ ଗାଡ଼ିକୁ ରୋକି ତାଙ୍କ ଡ୍ରାଇଭର ସୁରଜ ସଙ୍ଗେ କଣ ଯୁକ୍ତିତର୍କ କରୁଛି। ସୁରଜ ମଧ୍ୟ ସେହି କଲୋନୀରେ ରୁହେ। ବିପ୍ଳବ ତାକୁ ସେହି ଗାଡ଼ିରେ ବିମ୍ବାଧରଙ୍କୁ ହସ୍ପିଟାଲ ନେଇ ଯିବାକୁ କହୁଛି। କିନ୍ତୁ ସୁରଜର କହିବା କଥା ଯେ ଜିଏମଙ୍କ ପରିବାର ଲୋକ ମାର୍କେଟ ଯିବାର ଅଛି, ସେଥିପାଇଁ ସେ ତାକୁ ସାଢ଼େ ୩ଟାରେ ପହଞ୍ଚିବାକୁ କହିଛନ୍ତି। ମୁଁ ସେଠି ଠିକ ସମୟରେ ନପହଞ୍ଚିଲେ, ମୋ ଚାକିରୀ ଚାଲିଯିବ ଆଜ୍ଞା, ତେଣୁ କୌଣସି ଅବସ୍ଥାରେ ମୁଁ ହସ୍ପିଟାଲ ନେଇ ପାରିବିନି, ସୁରଜ ରୋକ ଠୋକ ଶୁଣାଇଦେଇ ଗାଡ଼ି ଆଗକୁ ବଢ଼ାଇ ଥିଲା। ବିପ୍ଳବ ହଠାତ ଉଗ୍ର ହୋଇ ଉଠିଥିଲା। ସେ ଗାଡ଼ି ଭିତରେ ହାତ ପୁରାଇ ଗାଡ଼ିର ଷ୍ଟାର୍ଟ ବନ୍ଦ କରିବା ସଙ୍ଗେ ସଙ୍ଗେ ଚାବିଟିକୁ ବାହାର କରି ଆଣିଥିଲା। ତାପରେ, ଘର ଭିତରକୁ ପଶି ଯାଇ ବିମ୍ବାଧର ବାବୁଙ୍କ ଅଚେତ ଶରୀରକୁ ତାର ଦୁଇହାତରେ ଟେକି ଆଣି ବୋଲେରୋ ଗାଡ଼ିର ପଛ ସିଟରେ ଶୁଆଇ ଦେଇଥିଲା। ତାଙ୍କ ଝିଅ ବିଜୟିନୀକୁ ତାଙ୍କ ମୁଣ୍ଡ ପାଖରେ ବସିବାକୁ ନିର୍ଦ୍ଦେଶ ଦେଇଥିଲା। ମାଇନ୍ସର ପୁରଖା ଶ୍ରମିକ ତଥା ସେଠାକାର ଶ୍ରମିକ ନେତା ବିପ୍ର ଚରଣ ନାୟକ ମଧ୍ୟ ସେଠି ଉପସ୍ଥିତ ଥିଲେ। ବିପ୍ର ଭାଇ, ଗାଡ଼ିରେ ବସନ୍ତୁ, ହସ୍ପିଟାଲରେ ଶୀଘ୍ର ପହଞ୍ଚିବାକୁ ହେବ, ବିପ୍ରଙ୍କ ଉଦ୍ଦେଶ୍ୟରେ ବିପ୍ଳବ କହିଥିଲା। କିଛି ନକହି, ବିପ୍ର ଗାଡ଼ି ଆଗ ସିଟରେ ବସିଥିଲେ। ବିପ୍ର ଓ ବିଜୟିନୀ ଗାଡ଼ିରେ ବସିବା ପରେ ବିପ୍ଳବ ନିଜେ ଡ୍ରାଇଭର ସିଟରେ ବସି ଗାଡ଼ି ଛୁଟାଇ ଦେଇଥିଲା ହସ୍ପିଟାଲ ଆଡ଼କୁ। ଡ୍ରାଇଭର ସୁରଜ ହତବାକ ହୋଇ ଚାହିଁ ରହିଥିଲା ଗାଡ଼ିର ପ୍ରସ୍ଥାନ ପଥକୁ। ନିମିଷକେ, ଗାଡ଼ିଟି ତା ଆଖି ସାମ୍ନାରୁ ଅଦୃଶ୍ୟ ହୋଇ ଯାଇଥିଲା।

ବିପ୍ଳବର ଏହି ଆଚରଣ ଦେଖି ସମସ୍ତେ ସ୍ତବ୍ଧ ହେଇ ଯାଇଥିଲେ। କାରଣ, ସେଠାରେ ଉପସ୍ଥିତ ସମସ୍ତେ ଭଲ ଭାବେ ଜାଣିଥିଲେ, ମାନବିକତାର ଦୃଷ୍ଟିକୋଣରୁ ବିମ୍ବାଧରଙ୍କ ଜୀବନ ବଞ୍ଚାଇବା ପାଇଁ ବିପ୍ଳବର ଏହି ପଦକ୍ଷେପ ହୁଏତ ଯଥାର୍ଥ, କିନ୍ତୁ ମାଇନ୍ସ ଜିଏମଙ୍କ ଗାଡ଼ିକୁ ବିନା ଅନୁମତିରେ ଜୋର ଜବରଦସ୍ତି ଏପରି ନେଇଯିବାଟା ବିପ୍ଳବକୁ ମହଙ୍ଗା ପଡିପାରେ। କିନ୍ତୁ, ବିପ୍ଳବ ସବୁବେଳେ ଏମିତି। ସେ ଯାହା ଠିକ ଭାବେ ସେଇଆ କରେ। ସେ ତା ନିଷ୍ପତ୍ତିରେ ଅଟଳ। କାହା ନିଷ୍ପତ୍ତିକୁ ଅପେକ୍ଷା କରେନା। ପ୍ରାୟ ଦଶ ବର୍ଷ ତଳେ ଏହି ଖଣିରେ ସେ ଜଣେ ଶ୍ରମିକ ଭାବେ ଯୋଗ ଦେଇଥିଲା। ପ୍ରଥମେ ସେ ବ୍ଲାଷ୍ଟିଙ୍ଗ ବିଭାଗରେ ଜଣେ ସହଯୋଗୀ ଭାବରେ ଯୋଗ ଦେଇଥିଲା। ଧୀରେ ଧୀରେ ସେଥିରେ ସେ ବିଶେଷତ୍ୱ ହାସଲ କରି ବ୍ଲାଷ୍ଟର ଭାବରେ କାମ କରୁଛି। ଖଣି ଉତ୍ତୋଳନ କାର୍ଯ୍ୟରେ ବ୍ଲାଷ୍ଟର ମାନଙ୍କର କାର୍ଯ୍ୟ ଗୁରୁତ୍ୱପୂର୍ଣ୍ଣ। ପାହାଡ଼ ଓ ପଥୁରିଆ ଅଞ୍ଚଳକୁ ପ୍ରଥମେ ଡିନାମାଇଟ ଲଗାଇ ବିସ୍ଫୋରଣ କରାଯିବା ପରେ ହିଁ, ଖଣି ଖନନ କାର୍ଯ୍ୟ ଆରମ୍ଭ ହୋଇଥାଏ। ବ୍ଲାଷ୍ଟର ମାନଙ୍କ

କାମ ହେଲା, ଡିନାମାଇଟ ସାହାଯ୍ୟରେ ଏହି ବିସ୍ଫୋରଣ ଘଟାଇବା। ସମୟ ସମୟରେ ଏହା ଅତ୍ୟନ୍ତ ବିପଦ ଶଂକୁଳ ହୋଇଥାଏ, କାରଣ ବିସ୍ଫୋରଣ ଯୋଗୁ ପଥର ଖଣ୍ଡ ମାନ ଦୂରକୁ ଛିଟିକି ପଡ଼ିଥାଏ, ଯାହା ବ୍ଲାଷ୍ଟିଙ୍ଗରେ ନିୟୋଜିତ ଶ୍ରମିକ ମାନଙ୍କ ଉପରେ ପଡ଼ି ତାଙ୍କୁ ମୃତାହତ କରିବାର ସମ୍ଭାବନା ଥାଏ। କିନ୍ତୁ, ଜଣେ ଖଣି ବ୍ଲାଷ୍ଟର ଭାବେ ବିପ୍ଳବର କାମ କରିବା ଶୈଳୀ ଅତ୍ୟନ୍ତ ନିଆରା। ପଥୁରିଆ ଅଞ୍ଚଳରେ ଡିନାମାଇଟ ବିଛାଇବା ପରେ ତାର ଅଗରେ ନିଆଁ ସଂଯୋଗ କରି ବିପ୍ଳବ ଏପରି ଫେରିଆସେ, ସତେ ଯେପରି ସେ କୌଣସି ଏକ ଉଦ୍ୟାନରେ ଭ୍ରମଣ କରୁଛି। ବେଫିକର ସେ, ଆଗେ ଆଗେ ଆସୁଥାଏ ବିପ୍ଳବ ଓ ବିସ୍ଫୋରଣ ତା ପଛେ ପଛେ। ବିପ୍ଳବର ଏଇ ଅନ୍ଦାଜକୁ ଦେଖି ମନେହୁଏ, ବିସ୍ଫୋରକ ଡିନାମାଇଟ ସତେ ଯେମିତି ତାର ବୋଲକରା। କ୍ଷଣିକରେ ଯେ ତା ଜୀବନ ଚାଲି ଯାଇପାରେ, ଏଇ କଥାଟା ହୁଏତ ତା ମନରେ ଆସେନା। କୁହାଯାଇପାରେ, ମୃତ୍ୟୁକୁ ସେ ଭୟ କରେନା ଅଥବା ଜୀବନ ପ୍ରତି ତାର ମୋହ ନାହିଁ। ଯଦିଓ ଖଣିର ଶ୍ରମିକ କଲୋନୀରେ ତାକୁ ଘରଟିଏ ମିଳିଛି, ସେଥିରେ ଅଧିକାଂଶ ସମୟ ତାଲା ପଡ଼ିଥାଏ। ବୟସ ତାକୁ ପ୍ରାୟ ଚାଳିଶ ଏବଂ ସେ ଅବିବାହିତ। ଖଣିରେ କାମ ଶେଷ ହେବା ପରେ, ସନ୍ଧ୍ୟା ସମୟରେ ସବୁ ଶ୍ରମିକ ଫେରି ଆସନ୍ତି ନିଜ ନିଜର ଘରକୁ, ହେଲେ ବିପ୍ଳବ ଚାଲିଯାଏ ନିକଟରେ ଥିବା ଦେଶୀ ମଦ ଭାଟିକୁ। ବିଳମ୍ବିତ ରାତିରେ ନିଜ ବସାକୁ ଫେରି ଶୋଇଯାଏ। ସକାଳୁ ଖଣି କାମରେ ବାହାରି ଯାଏ। ବିପ୍ଳବକୁ କିନ୍ତୁ ମଦ ପିଇ କାହାକୁ ଦୁର୍ବ୍ୟବହାର କରିବା କେହି କେବେ ଦେଖିନି। ସେ ତା ଦୁନିଆରେ ରୁହେ, ଅନ୍ୟମାନଙ୍କ କଥାରେ ମୁଣ୍ଡ ଖେଳାଏନା। କାହାକୁ ଏମିତି ଅସୁବିଧା ବା ଅସହାୟ ଅବସ୍ଥାରେ ଦେଖିଲେ, ନିଜ ଜୀବନକୁ ବାଜି ଲଗାଇ ସାହାଯ୍ୟ କରିବାକୁ ସେ ଆଗେଇ ଆସେ।

ଡ୍ରାଇଭର ସୁରଜ ଯାଇ ଜିଏମ ବିକ୍ରମ ମହାପାତ୍ରଙ୍କୁ ସବୁ କଥା କହିଥିଲା। ସେ ରାଗରେ ରକ୍ତ ଚାଉଳ ଚୋବାଇ ଥିଲେ। ସେ ବିପ୍ଳବର ଏତେ ସାହସ, ଜବରଦସ୍ତି ଚାବି ଛଡେଇ, ଗାଡ଼ି ନେଇ ଚାଲିଗଲା। ତାକୁ ଠିକ ଶାସ୍ତି ଦିଆଯିବ, ଗର ଗର ହେଇ କେତେ କଥା କହିଗଲେ। ସେପଟେ, ପ୍ରାୟ ଦୁଇ ଘଣ୍ଟାର ଡ୍ରାଇଭ ପରେ ବିପ୍ଳବ ବିମ୍ବାଧରଙ୍କୁ ନେଇ ବଡ଼ ଡାକ୍ତରଖାନାରେ ପହଞ୍ଚିଯାଇଥିଲା। ସେଠାରେ ଚିକିତ୍ସା ପରେ ଜଣା ପଡ଼ିଥିଲା ଯେ ବିମ୍ବାଧରଙ୍କ ମାଇଲଡ଼ ହାର୍ଟ ଆଟାକ ହୋଇଛି। ପ୍ରାଥମିକ ଚିକିତ୍ସା ପରେ ତାଙ୍କ ଚେତା ଫେରି ଆସିଥିଲା। ଡାକ୍ତର କହିଥିଲେ, ତାଙ୍କର ଅବସ୍ଥା ସ୍ଥିର ଅଛି, କିନ୍ତୁ ଦୁଇ ତିନି ଦିନ ହସ୍ପିଟାଲରେ ରହିବାକୁ ହେବ। ତା ପରଦିନ ଭୋରୁ ବିପ୍ଳବ ଏକୁଟିଆ ଗାଡ଼ି ଚଳାଇ ଫେରି ଆସିଥିଲା ମାଇନସକୁ ଏବଂ ଗାଡ଼ି ଫେରାଇ ଦେଇଥିଲା ଡ୍ରାଇଭର ସୁରଜ ପାଖରେ। ଜିଏମଙ୍କ ଉଦ୍ଦେଶ୍ୟରେ ତାର ଓ ବିପ୍ର ନାୟକଙ୍କ ତିନି ଦିନର ଛୁଟି ଦରଖାସ୍ତ ସୁରଜ ହାତରେ ଧରାଇ ଦେଇ, ଫେରି ଯାଇଥିଲା କଟକ ବଡ଼ ଡାକ୍ତରଖାନାକୁ। ବିପ୍ଳବ ଓ ବିପ୍ର ଦୁଇ ଜଣ ଯାକ ବିମ୍ବାଧରଙ୍କୁ ଜଗି ରହିଥିଲେ ହସ୍ପିଟାଲରେ। ଯଦିଓ ବିପ୍ର ବାବୁଙ୍କର ଏତେଦିନ ରହିବାକୁ ଇଚ୍ଛା ନଥିଲା, ବିପ୍ଳବକୁ ଏଠି ଏକୁଟିଆ ଛାଡ଼ି ଗଲେ ଶ୍ରମିକ ଭାଇମାନେ କଣ ଭାବିବେ ଭାବି ଜଗି ରହିଥିଲେ। ବିଜୟିନୀ ତା ବାପାଙ୍କ ମୁଣ୍ଡ ପାଖରେ ବସି ନିଜ ଘରକଥା ଭାବୁଥିଲା। ବାପାଙ୍କ ସାଙ୍ଗରେ ସେ ଚାଲି ଆସିଛି ସିଆଡ଼େ ରୋଗୀଣା ମା ଘରେ ଏକୁଟିଆ। ଦିନରେ ତାର ତିନିଥର ଔଷଧ ଖାଇବା ଦରକାର। ପଡ଼ୋଶୀ ଲଳିତା ମାଉସୀଙ୍କୁ କହି ଆସିଥିଲା ମା'ଙ୍କ କଥା ବୁଝିବା ପାଇଁ। ଭାରି ଭଲ ଲୋକ ସିଏ। ମାଙ୍କ ଠାରୁ ଚାରି ପାଞ୍ଚ ବର୍ଷ ସାନ ହେବେ। ମାଙ୍କୁ ନିଜ ଭଉଣୀ ଭଳି ଭଲ ପାଆନ୍ତି। ସେ ଓ ତା ବାପା ଘରେ ନଥିଲା ବେଳେ, ସେ ହିଁ ମାର ଯତ୍ନ ନେଉଥିଲେ। ବିମ୍ବାଧରଙ୍କ ତିନି ଝିଅ, ବିଜୟିନୀ ବଡ଼। ସାନ ଦୁଇ ଝିଅଙ୍କ ବାହାଘର ହୋଇ ସାରିଥିଲା। ଅନ୍ୟ ଦୁଇ ଭଉଣୀଙ୍କ ଅପେକ୍ଷା ସେ ଭଲ ପାଠ ପଢୁଥିଲା। ସେ ମ୍ୟାଥମେଟିକ୍ସରେ ଏମଏସସି କଲା ପରେ ସ୍ଥାନୀୟ କଲେଜରେ ଆଡ଼ ଅଧ୍ୟାପିକା ଭାବେ କାର୍ଯ୍ୟ କରୁଥିଲା। ତା ଛଡ଼ା, ତାଙ୍କ କଲୋନୀର କିଛି ପିଲାଙ୍କୁ ଟିଉସନ ମଧ୍ୟ କରୁଥିଲା। ବିମ୍ବାଧରଙ୍କ ସ୍ୱଳ୍ପ ବେତନରେ ପରିବାର ଚଳାଇ ତିନି ଝିଅଙ୍କ ବାହାଘର କରିବା ସମ୍ଭବ ନଥିଲା। ତା ଛଡ଼ା ତାଙ୍କ ପତ୍ନୀ ବହୁ ଦିନୁ ବିଭିନ୍ନ ରୋଗରେ ଆକ୍ରାନ୍ତ ଥିଲେ। ତାଙ୍କ ଔଷଧ ଖର୍ଚ୍ଚ ବାବଦକୁ ମାସିକ ପ୍ରାୟ ଟଙ୍କା ତିନି ହଜାର ଖର୍ଚ୍ଚ ହଉଥିଲା। ବିଜୟିନୀ ବିମ୍ବାଧରଙ୍କ ବଡ଼ ଝିଅ ହିସାବରେ ଘରର ସମସ୍ତ ଦାୟିତ୍ୱ ନିଜ ମୁଣ୍ଡ ଉପରକୁ ନେଇଥିଲା। ସେଥିପାଇଁ, ସେ ନିଜେ ବିବାହ ନକରି, ନିଜର ଦୁଇ ସାନ ଭଉଣୀଙ୍କ ବାହାଘର କରାଇ ଥିଲା। ବିଜୟିନୀ ତାର ବାପାଙ୍କ ବେଡ଼ ପାଖରେ ବସି ତାଙ୍କ ଘର ସ୍ଥିତି କଥା ସବୁ ଭାବୁଥିଲା। ମା'ଙ୍କ ଦେହ ଖରାପ ତାଙ୍କ ପରିବାର ପାଇଁ ନିତି ଦିନିଆ ଘଟଣା ହୋଇଥିବା ବେଳେ ବର୍ତ୍ତମାନ ବାପାଙ୍କ ଦେହ ଖରାପ ହେବା ତାଙ୍କ ପରିବାର ପାଇଁ ବୋଝ ଉପରେ ନଳିତା ବିଡ଼ା ସ୍ୱଦୃଶ୍ୟ। ତା ଛଡ଼ା ବିମ୍ବାଧରଙ୍କ ଚାକିରୀ ଆଉ ମାତ୍ର ପାଞ୍ଚ ମାସ। ତା ପରେ ଘରର ସମସ୍ତ ଦାୟିତ୍ୱ ତା କାନ୍ଧ ଉପରେ। ବିଜୟିନୀ ଏମିତି ସବୁ ଭାବି ଚାଲିଥିବା ବେଳେ ବିପ୍ଳବ ଗୋଟିଏ ପୁଡ଼ିଆ ଆଣି ବେଡ଼ ସାଇଡ଼ରେ ଥିବା ଟେବୁଲ ଉପର ରଖିଲା। ଖାଇବା ରହିଲା, ଖାଇନେବେ, ଆମେ ବାହାରେ ଅଛୁ, କଣ ଦରକାର ହେଲେ କହିବେ, ଏତିକି କହି ବିପ୍ଳବ ବାହାରକୁ ଚାଲି ଯାଇଥିଲା।

ବିପ୍ଳବ ପ୍ରସ୍ଥାନ ପଥକୁ ଚାହିଁ ରହିଥିଲା ବିଜୟିନୀ ମନେ ମନେ ଭାବୁଥିଲା, ବିଚିତ୍ର ଏ ମଣିଷଟା ବିପ୍ଳବ। ତାଙ୍କ ଘର ଠାରୁ ମାତ୍ର ଗୋଟିଏ ଘର ଛାଡ଼ି ବିପ୍ଳବର ଘର। କିନ୍ତୁ, ତାକୁ କଦବା କୋଚିତ ଦେଖିଥିବ ସେ। ବାପାଙ୍କ ଠାରୁ ଯାହା ଶୁଣିଛି, ସେ କୁଆଡେ କାମରୁ ଫେରି ଅଧିକାଂଶ ସମୟ ମଦ ଭାଟିରେ ବିତାଏ। ମଦୁଆଙ୍କ ପ୍ରତି ଭାରି ଘୃଣା ବିଜୟିନୀର। ସେଥିପାଇଁ, ତାର ଭାରି ଖରାପ ଧାରଣା, ଏଇ ଲୋକଟି ପ୍ରତି। ସେମାନେ ହସ୍ପିଟାଲକୁ ଆସିବା ଦୁଇ ଦିନ ହେଇ ଗଲାଣି, କିନ୍ତୁ କାହିଁ ତା ଭିତରେ କିଛି ଖରାପ ଗୁଣତ ସେ ଦେଖି ପାରୁନି। ବରଂ, ସେ ଯେଉଁ ପରିସ୍ଥିତିରେ ବାପାଙ୍କୁ ହସ୍ପିଟାଲ ନେଇ ଆସିଲା, କେବଳ ତାରି ସାହାସିକତା ଯୋଗୁଁ ହିଁ ବାପାଙ୍କ ଜୀବନଟା ବଞ୍ଚିଗଲା। ବାସ୍ତବରେ, ତାଙ୍କ ପରିବାର ପାଇଁ ସତେ ଯେମିତି ସେ ଏକ ଦେବଦୂତ ସାଜି ହଠାତ ତାଙ୍କ ସାମ୍ନାରେ ଆବିର୍ଭାବ ହୋଇଥିଲା। ମଦୁଆ ହେଲେ କଣ ହେଲା, ଲୋକଟିର ଗୋଟିଏ

ହୃଦୟ ଅଛି । ତାଙ୍କ କଲୋନୀରେ କେତେ ଲୋକ ଥିଲେ, କିନ୍ତୁ, କେବଳ ବିପ୍ଳବ ସାହସିକତାର ସହ ତାଙ୍କୁ ସାହାଯ୍ୟ କରିବାକୁ ଆଗେଇ ଆସିଲା । ଆଜିର ଏଇ ସ୍ୱାର୍ଥପର ଦୁନିଆରେ ନିଜର ରକ୍ତ ସଂପର୍କୀୟମାନେ ଦରକାର ସମୟରେ ଦୁରେଇ ରହୁଥିବା ବେଳେ, ବିପ୍ଳବର ଏଇ ସାହାଯ୍ୟ ପାଇଁ, ତାଙ୍କ ପରିବାର ତା ପାଖରେ ସବର୍ଦା ଋଣି ରହିବ । ଏଇ ଦୁଇଦିନ ଭିତରେ ଅନେକ ଥର ଭାବିଛି, ବିପ୍ଳବକୁ ଧନ୍ୟବାଦ ଜଣାଇବ । କିନ୍ତୁ, ସେ କେବେ ତା ସାମ୍ନାରେ ରହିଲେ ସିନା କହିବ । କେବଳ ଦରକାର ବେଳେ ଦୁଇ ପଦ କହିଦେଇ ବାହାରେ ଛିଡ଼ା ହୋଇ ରହୁଛି । ବିଜୟିନୀ ମନ ଭିତରେ ବିପ୍ଳବ ପ୍ରତି ଥିବା ଖରାପ ଭାବନା ପରିବର୍ତ୍ତନ ହୋଇ ତା ପ୍ରତି ସମ୍ମାନ ଭାବ ସୃଷ୍ଟି ହଉଥିଲା । ତିନିଦିନ ହସ୍ପିଟାଲରେ ରହିବା ପରେ, ବିମ୍ବାଧରଙ୍କୁ ଡାକ୍ତର ହସ୍ପିଟାଲରୁ ଛୁଟି କରି ଦେଇଥିଲେ ଓ ତାପରେ ସେମାନେ ସମସ୍ତେ ଲେବର କଲୋନୀକୁ ଫେରି ଆସିଥିଲେ ।

ବିପ୍ଳବ ତାର ଡ୍ୟୁଟି ଜଏନ କରିବାକୁ ଗଲାବେଳକୁ, ମାଇନ୍ସର ଜିଏମ ବିକ୍ରମ ବାବୁ ତାକୁ ତାଙ୍କ ଅନୁମତି ବିନା ଜୋର ଜବରଦସ୍ତ କଂପାନୀ ଗାଡ଼ି ନେଇଥିବା ପାଇଁ ତାକୁ କାରଣ ଦର୍ଶାଅ ନୋଟିସ ଦେଇଥିଲେ । ବିପ୍ଳବ ତାଙ୍କୁ କହିଥିଲା, ସେ ଏପରି କରିନଥିଲେ ହୁଏତ ବିମ୍ବାଧର ବାବୁଙ୍କ ଜୀବନ ଚାଲି ଯାଇଥାନ୍ତା । ବିକ୍ରମ ବାବୁ ତା ଉତ୍ତରରେ ସନ୍ତୁଷ୍ଟ ନହୋଇ ତାକୁ ସାତଦିନ ପାଇଁ ସସପେଣ୍ଡ କରି ଦେଇଥିଲେ । ବିପ୍ଳବ ସସପେଣ୍ଡ ଅର୍ଡରକୁ ଗ୍ରହଣ କରି ନେଇଥିଲା । କର୍ମଚାରୀ ମହଲରେ କିନ୍ତୁ ବିପ୍ଳବ ପ୍ରତି ସମ୍ମାନ ଭାବ ବୃଦ୍ଧି ପାଇଥିଲା । ବିପ୍ଳବର ସସପେଣ୍ଡ ଖବର ଶୁଣି ବିଜୟିନୀକୁ ଭାରି ଖରାପ ଲାଗିଥିଲା । ତାଙ୍କୁ ସାହାଯ୍ୟ କରିବାକୁ ଯାଇ ବିପ୍ଳବ ବିଚରା ସସପେଣ୍ଡ ହେବାକୁ ପଡ଼ିଲା । ମନଟା ତାର ଖାଲି ଗୋଳେଇ ଘାଣ୍ଟି ହୋଇଥିଲା । ମନେ ମନେ ଭାବିଥିଲା, ତାର ଏଇ ଦୁଃଖ ସମୟରେ, ସେ ତାକୁ ସମବେଦନା ଜଣାଇବ । ନିଜ ଘର ବାହାରକୁ ଆସି ସେ ଦେଖିଥିଲା, ବିପ୍ଳବର ଘର କବାଟରେ ତାଲା ପଡ଼ିନି । ଅନୁମାନ କରିଥିଲା, ବିପ୍ଳବ ବୋଧହୁଏ ଘରେ ଅଛି । ଭାବିଲା, ଆମର ତ ରୋଷେଇ ସରି ଗଲାଣି । ବିପ୍ଳବ ପାଇଁ ଖାଇବା ନେଇଯିବ, ସେ ତ ଘରେ ରୋଷେଇ ବାସ କରେନି, କଣ ଦିଟା ପାଖ ଚାଳିଆ ହୋଟେଲରେ ଖାଇ ଦିଏ । ଏମିତି ଭାବିବା ପରେ, ଗୋଟିଏ ଥାଳିରେ ତାଙ୍କ ଘରେ ତିଆରି ହୋଇଥିବା ଖାଇବା ବାଢ଼ି ସେ ଯାଇ ବିପ୍ଳବ ଘରେ ପହଞ୍ଚି ଥିଲା । ତା କବାଟ ଖଟ ଖଟ କରିବାର କିଛି କ୍ଷଣ ପରେ ବିପ୍ଳବ ଆଖି ମଳି ମଳି କବାଟ ଖୋଲିଥିଲା ଆଉ ସାମ୍ନାରେ ବିଜୟିନୀକୁ ଦେଖି ଆଶ୍ଚର୍ଯ୍ୟ ହୋଇ ଯାଇଥିଲା । ଭିତରକୁ ଚାଲିଯାଇ ଗଞ୍ଜିଟା ପିନ୍ଧି ପକାଇଥିଲା । ତାପରେ ଫେରି ଆସି ପଚାରିଥିଲା,

– ଆପଣ...... ହଠାତ, କଣ ବିମ୍ବାଧର ବାବୁଙ୍କ ଦେହ ପୁଣି କିଛି ବିଗିଡ଼ି ଗଲା କି ? ବିପ୍ଳବ ପଚାରିଲା ।

– ଆରେ ନା ନା, ବାପା ଠିକ ଅଛନ୍ତି । ମୁଁ ଆପଣଙ୍କ ପାଇଁ ଖାଇବା ନେଇ ଆସିଥିଲି, ବିଜୟିନୀ କହିଲା ।

– ଆରେ, ତାର କଣ ଆବଶ୍ୟକତା ଥିଲା ? ଆପଣ କାହିଁକି ମୋ ପାଇଁ ଏତେ କଷ୍ଟ କରୁଥିଲେ, ବିପ୍ଳବ କହିଲା ।

– କଷ୍ଟ ଆଉ କଣ ଯେ ? ଆପଣ ଏତେ କଷ୍ଟ କରି ଆମକୁ ଯେଉଁ ସାହାଯ୍ୟ କଲେ, ଏ ଜନ୍ମରେ ଆମେ ଆପଣଙ୍କ ଋଣ ସୁଝି ପାରିବୁନି । ତାପରେ, ଆପଣଙ୍କ ସାତ ଦିନ ସସପେଣ୍ଡ କରା ହେଇଥିବା କଥାଟା ଶୁଣି ମୋତେ ବହୁତ କଷ୍ଟ ଲାଗିଲା, ବିଜୟିନୀ କହିଲା ।

– ଆପଣ ଏଇ କଥାରେ ମନ କଷ୍ଟ କରନ୍ତୁ ନାହିଁ । ମୋତେ ଏଗୁଡ଼ାକ କିଛି ଫରକ ପଡ଼େନି । ସାତ ଦିନ ପାଇଁ ସସପେଣ୍ଡ ହେଇଛି, ଚାକିରୀ ତ ଯାଇନି । ଆଉ ଚାକିରୀ ଗଲେବି ମୋତେ କିଛି ଫରକ ପଡ଼ି ନଥାନ୍ତା । ଆମେ ହେଲୁ ଖଟିଖିଆ ଲୋକ, ଯେଉଁଠି ଖଟିବୁ, ସେଇଠି ଖାଇବୁ । ବିପ୍ଳବ କହିଲା ।

– ହଉ ଠିକ ଅଛି । ଦୟାକରି ଥାଳିଟା ମୋ ହାତରୁ ନିଅନ୍ତୁ, ବିଜୟିନୀ କହିଲା ।

– ଓ ! ସରି ସରି । ବିପ୍ଳବ ଥାଳିଟା ବିଜୟିନୀ ହାତରୁ ନେଉ ନେଉ କହିଲା ।

– ମୁଁ ପରେ ଆସି ଥାଳିଟା ନେଇଯିବି । ଆପଣଙ୍କ ପାଇଁ ରାତି ଖାଦ୍ୟ ମୁଁ ପଠାଇ ଦେବି, ବିଜୟିନୀ କହିଲା ।

– ଆରେ ନା ନା, ଆପଣ ମୋ ପାଇଁ ଜମା ବ୍ୟସ୍ତ ହବା ଦରକାର ନାହିଁ । ମୁଁ ତ ବାବାଜୀ ଲୋକ । ନନା ଚାଳିଆ ହୋଟେଲର ପରମାନେଣ୍ଟ କଷ୍ଟମର, ବିପ୍ଳବ କହିଲା ।

– ଆପଣ ଲାଜ କରୁଛନ୍ତି ବୋଧେ । ଆପଣ ତ ଏବେ ସାତ ଦିନ ଯାଏ ଡିଉଟି ଯିବେ ନାହିଁ, ତେଣୁ ଦିନ ବେଳା ଘରେ ରହିବେ । ଏଇ ସାତ ଦିନ ପର୍ଯ୍ୟନ୍ତ ଦିନବେଳାରେ ଆମ ଘରୁ ମୁଁ ଖାଇବା ପଠାଇ ଦେବି । ମତେ ଭଲ ଲାଗିବ । ଆପଣ ମନା କରିବେ ନାହିଁ, ବିଜୟିନୀ ତାକୁ ବାଧ କଲା ପରି କହିଲା ।

– ମୋ ମତରେ ଯାର ବିଲକୁଲ ଆବଶ୍ୟକତା ନାହିଁ । କିନ୍ତୁ, ଆପଣ ଏତେ ବାଧ କରୁଛନ୍ତି ତ ମୁଁ ଆଉ କଣ କହିବି ? ବିପ୍ଳବ କହିଲା ।

– ବିଜୟିନୀ ବିପ୍ଳବ ଘରୁ ଫେରି ଆସିବା ପରେ, ବିପ୍ଳବ ଟିକେ ହାଲୁକା ଅନୁଭବ କରିଥିଲା । ତା ଘରେ ବିଜୟିନୀର ଉପସ୍ଥିତି ତାକୁ ଖୁବ ଅଡୁଆ ଲାଗୁଥିଲା । ମନେ ମନେ ଭାବୁଥିଲା, ଯା ଭିତରେ ସେ ଗୋଟିଏ ଅସାମାଜିକ ପ୍ରାଣୀ ପାଲଟି ଯାଇଛି ବୋଧହୁଏ । କେଜାଣି କାହିଁକି, କିଏ ତା ଘରକୁ ଆସିଲେ କିମ୍ବା ତା ସାଙ୍ଗରେ ଆତ୍ମୀୟତା ଦେଖାଇଲେ, ତାକୁ ଭାରି ଅଡୁଆ ଲାଗେ । ବିଜୟିନୀ କହିଗଲା, ସାତ ଦିନ ଯାଏ ଖାଇବା ଦେଇଯିବ । ତା ମାନେ, ଆହୁରି ସାତଦିନ ପର୍ଯ୍ୟନ୍ତ, ଏ ଅଡୁଆକୁ ସହିବାକୁ ପଡ଼ିବ । ସେପଟେ, ବିଜୟିନୀ ମନ ଭିତରେ ବିପ୍ଳବ ପ୍ରତି ଜିଜ୍ଞାସା ଭାବ ସୃଷ୍ଟି ହେଉଥିଲା । ଲୋକଟିର କଥାବାର୍ତ୍ତା ଓ ବ୍ୟବହାର ତ ଖୁବ ମାର୍ଜିତ । କାହିଁକି ତାର ଏଇ ବିଶୃଙ୍ଖଳିତ ଜୀବନ ? ପ୍ରାୟ ଦଶ ବର୍ଷ ହେଲାଣି ତାଙ୍କ ପାଖ ଘରେ ରହୁଛି । କେବେ ତା ପାଖକୁ ତାର ପରିବାର ଲୋକ ଆସିବା, ସେମାନେ କେବେ ଦେଖି ନାହାନ୍ତି । ତାର କଣ ପରିବାର ଲୋକ କେହି ନାହାନ୍ତି, ସେ କଣ ଏ ଦୁନିଆରେ ଏକୁଟିଆ ? ବୋଧହୁଏ, ତାର ଏଇ ଏକୁଟିଆ ପଣ ତାକୁ ଏମିତି ବିଶୃଙ୍ଖଳିତ କରି ଦେଇଛି । ସେ ଯାହାହେଉ, ତାଙ୍କ ବିପଦ ସମୟରେ ସେ ଯେପରି ଦେବଦୂତ ସାଜି ଛିଡ଼ା ହେଲା, ତା ଋଣ ସେ କେବେ ସୁଝି ପାରିବ ନାହିଁ, ବିଜୟିନୀ ମନେ ମନେ ଭାବୁଥିଲା ।

ଦିନବେଳା ଖାଇବା ପହଞ୍ଚାଇବା ବେଳେ ବିଜୟିନୀ ଦୁଇ ଚାରି ପଦ କଥା ମାଧ୍ୟମରେ ଚେଷ୍ଟା କରେ ବିପ୍ଳବ ସହ ଟିକେ ଆତ୍ମୀୟତା ସୃଷ୍ଟି କରିବାକୁ । କିନ୍ତୁ, ବିପ୍ଳବ ତାର ଉତ୍ତର କେବଳ ହୁଁ ହାଁ ରେ ସାରି ଦେଉଥିଲା । ବିପ୍ଳବ ବିଷୟରେ ବିଜୟିନୀର ଅଧିକା ଜାଣିବାର ଇଚ୍ଛା ଇଚ୍ଛାରେ ହିଁ ରହି ଯାଉଥିଲା । ସାତଦିନ ପରେ ବିପ୍ଳବ ତା ଡ୍ୟୁଟିରେ ଯୋଗ ଦେଇଥିଲା ଏବଂ ବିଜୟିନୀ ମଧ୍ୟ ତା କାମରେ ବ୍ୟସ୍ତ ହୋଇ ଯାଇଥିଲା । ଦୁହିଙ୍କ ଭିତରେ ବେଶୀ ଭେଟ ହେଉ ନଥିଲା । ହେଲେ କୌଣସି ପର୍ବ ପର୍ବାଣୀ ଆସିଲେ, ତାଙ୍କ ଘର ତିଆରି ପିଠା ପଣା ବିଜୟିନୀ ଟିଫିନରେ ଭର୍ତ୍ତି କରି ବିପ୍ଳବକୁ ଦେଇ ଆସୁଥିଲା । ବିପ୍ଳବ ଜାଣିଥିଲା, ସେ ମନା କଲେ ବିଜୟିନୀ ମାନିବନି, ତେଣୁ ସେ ଯାହା ଆଣିଲେ ତାକୁ ରଖି ନେଉଥିଲା ।

ଯା ଭିତରେ ତିନି ମାସ ବିତିଯାଇଥିଲା । ହଠାତ ଦିନେ ତାଙ୍କ ମାଇନ୍ସରେ ଗୋଟିଏ ବଡ଼ ଧରଣର ଦୁର୍ଘଟଣା ଘଟିଗଲା । ମାଇନ୍ସରେ ବର୍ଷ ବର୍ଷ ଧରି ଜମା ହେଇ ପାହାଡ଼ ସ୍ୱଦୃଶ୍ୟ ଗଦା ହେଇଥିବା ଲୁହା ପଥର ଗୁଣ୍ଡର ବିଦେଶକୁ ରପ୍ତାନି ପାଇଁ କଂପାନୀକୁ ଅର୍ଡର ମିଳିଲା । ସେଇ ଲୁହାପଥର ଗୁଣ୍ଡକୁ ପାରାଦୀପକୁ ପଠାଇ ସେଠାରୁ ଜାହାଜ ମାଧ୍ୟମରେ ବିଦେଶକୁ ରପ୍ତାନି ହେବ । ଏହାର ଲୋଡିଙ୍ଗ କାମରେ ମାଇନ୍ସର କିଛି ଶ୍ରମିକଙ୍କୁ ଲଗା ଯାଇଥିଲା । ଏହି ଲୋଡିଙ୍ଗ କାମ ଚାଲିଥିଲା ବେଳେ, ହଠାତ ଏହି ଲୁହାପଥର ଗୁଣ୍ଡ ପାହାଡ଼ର ଏକ ଅଂଶ ଉପରୁ ତଳକୁ ଖସି ଆସି ତଳେ ଲୋଡିଙ୍ଗ କାମରେ ବ୍ୟସ୍ତ ଥିବା ଶ୍ରମିକମାନଙ୍କ ଉପରେ ପଡ଼ିବାରୁ, ଚାରି ଶ୍ରମିକ ଏହି ଲୁହାପଥର ଗୁଣ୍ଡ ତଳେ ଚାପି ହୋଇ ପ୍ରାଣ ହରାଇଲେ ଓ ଆଉ ପ୍ରାୟ ଦଶଜଣ ଶ୍ରମିକ ଗୁରୁତର ଆହତ ହୋଇଥିଲେ । ଗୁରୁତର ଶ୍ରମିକମାନଙ୍କୁ କଟକ ବଡ଼ ଡାକ୍ତରଖାନାକୁ ପଠା ଯାଇଥିଲା । ପ୍ରାୟ ଦୁଇଦିନ କାଳ ପରିଶ୍ରମ ପରେ ଚାରି ଜଣଙ୍କ ଶବ ଲୁହାପଥର ଗୁଣ୍ଡ ତଳୁ ବାହାର କରା ଯାଇଥିଲା । ଏହି ଘଟଣା ଶ୍ରମିକ ମହଲରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଥିଲା । ସେମାନେ ପ୍ରତ୍ୟେକ ମୃତକଙ୍କ ପରିବାରକୁ ୨୦ ଲକ୍ଷ ଟଙ୍କା ଓ ପରିବାରର ଜଣେ ସଦସ୍ୟକୁ ଚାକିରୀ ଦାବି କରି, ଖଣି ସମ୍ମୁଖରେ କାମ ବନ୍ଦ ଡାକରା ଦେଇ ଆନ୍ଦୋଳନ ଆରମ୍ଭ କରିଥିଲେ । ତା ପରଦିନ ଖଣି ପରିଚାଳନା ଅଧିକାରୀ ରୋକ ଠୋକ ଶୁଣାଇ ଦେଇଥିଲେ, ପ୍ରତ୍ୟେକ ମୃତକଙ୍କ ପରିବାରଙ୍କୁ ୫ଲକ୍ଷ ଟଙ୍କାରୁ ଗୋଟିଏ ଟଙ୍କାବି ଅଧିକ ଦେବେ ନାହିଁ । ଶ୍ରମିକମାନେ ଖଣି ଅଧିକାରୀଙ୍କ ଉତ୍ତରରେ ଅସନ୍ତୁଷ୍ଟ ହୋଇ ତାଙ୍କ ଦାବି ପୂରଣ ପାଇଁ ନିକଟସ୍ଥ ଜାତୀୟ ରାଜପଥକୁ ଅବରୋଧ କଲେ, ଯାହା ଯୋଗୁ ଜାତୀୟ ରାଜପଥର ଦୁଇ ପାର୍ଶ୍ୱରେ ଶହ ଶହ ଗାଡ଼ି ଜମି ରହିଥିଲା । ସ୍ଥାନୀୟ ପ୍ରଶାସନିକ ଅଧିକାରୀମାନେ ଆନ୍ଦୋଳନକାରୀ ମାନଙ୍କୁ ବୁଝା ସୁଝା କରି ରାସ୍ତା ରୋକୋକୁ ହଟାଇବାକୁ ଚେଷ୍ଟା କଲେ, କିନ୍ତୁ, ଶ୍ରମିକମାନେ ନିଜ ଜିଦିରେ ଅଟଳ ରହିଥିଲେ । ଜାତୀୟ ରାଜପଥରେ ସୃଷ୍ଟି ହୋଇଥିବା ଅଚଳାବସ୍ଥାକୁ ଦୂର କରିବା ପାଇଁ ଜିଲ୍ଲାପାଳ ସୁବ୍ରତ ଆଚାର୍ଯ୍ୟ ଓ ଏସପି ଦୀପକ କୁମାର ଘଟଣା ସ୍ଥଳରେ ପହଞ୍ଚିଥିଲେ । ପ୍ରଥମେ ସେମାନେ ଆନ୍ଦୋଳନକାରୀଙ୍କ ଦାବି ଶୁଣିଲା ପରେ ସେମାନଙ୍କ ଉପସ୍ଥିତିରେ ଖଣି ଅଧିକାରୀଙ୍କ ସହ ଆଲୋଚନା କରିବା ପାଇଁ ଗୋଟିଏ ପାଞ୍ଚ ଜଣିଆ ଶ୍ରମିକ ପ୍ରତିନିଧି ଦଳକୁ ନିକଟସ୍ଥ ଡାକ ବଙ୍ଗଳାକୁ ଡାକିଥିଲେ । ଶ୍ରମିକ ନେତା ବିପ୍ର ଚରଣ ନାୟକ ପାଞ୍ଚ ଜଣିଆ ପ୍ରତିନିଧି ଦଳରେ ବିପ୍ଳବକୁ ରଖିଥିଲେ । ଜିଲ୍ଲାପାଳ ଓ ଏସପିଙ୍କ ଉପସ୍ଥିତିରେ ଖଣି ଅଧିକାରୀ ଓ ଶ୍ରମିକ ପ୍ରତିନିଧି ଦଳଙ୍କ ଭିତରେ ଆଲୋଚନା ହୋଇଥିଲା । ଶ୍ରମିକ ପ୍ରତିନିଧି ଦଳ ଓ ଖଣି ଅଧିକାରୀଙ୍କ ମଧ୍ୟରେ ବେଶ କିଛି ସମୟ ପାଇଁ କଥା କଟା କଟି ଚାଲିଥିଲା । ଜିଲ୍ଲାପାଳ ଓ ଏସପି ଖଣି ଅଧିକାରୀଙ୍କୁ ଶ୍ରମିକ ମାନଙ୍କ ଦାବିକୁ ମାନିବାକୁ ଅନୁରୋଧ କରିଥିଲେ । ସେ କିନ୍ତୁ ପ୍ରତ୍ୟେକ ମୃତକଙ୍କ ପରିବାରକୁ ୭ ଲକ୍ଷ ଟଙ୍କାରୁ ଅଧିକା ଦେଇ ପାରିବେ ନାହିଁ ବୋଲି ପ୍ରକାଶ କଲେ । ଜିଲାପାଳ ଓ ଏସପି ଏଥିରେ ସନ୍ତୁଷ୍ଟ ନ ହେବାରୁ, ଖଣି ଅଧିକାରୀ ପ୍ରତ୍ୟେକ ପରିବାରଙ୍କୁ ୧୦ଲକ୍ଷ ଟଙ୍କା ଦେବାକୁ ରାଜି ହେଲେ । କିନ୍ତୁ ଶ୍ରମିକ ପ୍ରତିନିଧି ଦଳ ତାଙ୍କ ନିଷ୍ପତ୍ତିରେ ଅଟଳ ରହିଥିଲେ । ଏମିତି ଯୁକ୍ତି ତର୍କ ଲାଗି ରହିବାରୁ ଏସପି ଦୀପକ କୁମାର ଶ୍ରମିକ ପ୍ରତନିଧିଙ୍କ ଜିଦଖୋର ମନୋଭାବ ପ୍ରତି ଅସନ୍ତୋଷ ବ୍ୟକ୍ତ କରିଥିଲେ । ବହୁ ସମୟ ଧରି ସମସ୍ୟାର ସମାଧାନ ନହେବାରୁ, ସେ ହଠାତ ରାଗିଯାଇ ଇଂରାଜୀରେ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ କହିଥିଲେ,

It is meaningless to discuss with these illiterate people. I think, they don't deserve a patient hearing. Give me order, I will ensure that the road blockade is vacated within five minute.

ଏସପି ଙ୍କ କଥା ଶୁଣି ଶ୍ରମିକ ପ୍ରତିନିଧି ଦଳ ମୁହଁ ଚାହାଁ ଚାହିଁ ହୋଇଥିଲେ । ସେମାନେ ଏସପିଙ୍କ କଥାର ଅର୍ଥ ବୁଝିନପାରିଲେ ବି ଏତିକି ବୁଝିଲେ ଯେ ଏସପି ତାଙ୍କ ଉପରେ ବିରକ୍ତ ହେଉଛନ୍ତି । କଣ କରିବେ ବୋଲି ଟିକେ ଦ୍ୱନ୍ଦରେ ପଡ଼ି ଯାଇଥିଲେ । ଏତିକିବେଳେ ବିପ୍ଳବ ହଠାତ ଛିଡ଼ା ହୋଇ କହିଥିଲା ।

Just because, we are illiterate people, you have no time for us. But, don't forget that we the illiterate people, with our blood and sweat, are contributing to national exchequer. We are not the one, who are looting the nation. Please remember that you are public servant and we are public.

ବିପ୍ଳବର କଥା ଶୁଣି ଜିଲ୍ଲାପାଳ ଓ ଏସପିଙ୍କ ସମେତ ସେଠାରେ ଉପସ୍ଥିତ ସମସ୍ତେ ଆଶ୍ଚର୍ଯ୍ୟ ଚକିତ ହୋଇ ଯାଇଥିଲେ । ବିପ୍ଳବର କଥା ଶୁଣି ଏସପି ଦୀପକ କୁମାର ରାଗରେ ଲାଲ ପଡ଼ି ଯାଇଥିଲେ, କିନ୍ତୁ ଜିଲ୍ଲାପାଳ ସୁବ୍ରତ ଆଚାର୍ଯ୍ୟ ତାଙ୍କୁ ସମ୍ଭାଳି ନେଇଥିଲେ । ପର ମୁହୂର୍ତ୍ତରେ ଏସପି ମଧ୍ୟ ବୁଝିପାରିଥିଲେ ଯେ, ତାଙ୍କର ଶ୍ରମିକ ପ୍ରତିନିଧି ଦଳଙ୍କୁ ଅଶିକ୍ଷିତ ବୋଲି ସମ୍ବୋଧନ କରିବାର ନଥିଲା । ବୈଠକର ବାତାବରଣ ଟିକେ ଶାନ୍ତ ହେବା ପରେ ଜିଲ୍ଲାପାଳ ସୁବ୍ରତ ଆଚାର୍ଯ୍ୟ ଖଣି ଅଧିକାରୀଙ୍କୁ କହିଥିଲେ, ଶ୍ରମିକ ମାନେ ଦାବି ଯୁକ୍ତି ଯୁକ୍ତ । ଚାରୋଟି ମୂଲ୍ୟବାନ ଜୀବନ

ଯାଇଛି, ଆମେ ତାଙ୍କୁ ଫେରାଇ ଆଣି ପାରିବା ନାହିଁ। ତେଣୁ ଆପଣ ପ୍ରତ୍ୟେକ ମୃତକ ପରିବାରକୁ ଅତିକମରେ ୧୫ ଲକ୍ଷ ଟଙ୍କା ଦିଅନ୍ତୁ। ମୋର ବିଶ୍ୱାସ, ମୋ କଥାରେ ଶ୍ରମିକ ଭାଇମାନେ ରାଜି ହେବେ। ଜିଲ୍ଲାପାଳଙ୍କ କଥା ଶୁଣି ଉଭୟ ପକ୍ଷ ରାଜି ହୋଇ ଯାଇଥିଲେ। ରାସ୍ତାରୋକୋ ହଟିଥିଲା। ଶ୍ରମିକମାନେ ଖୁସି ମନରେ ତାଙ୍କ କଲୋନୀକୁ ଫେରି ଯାଇଥିଲେ। ଶ୍ରମିକ ମହଲରେ ବିପ୍ଳବ ଏସପିଙ୍କୁ ଇଂରାଜୀ ଭାଷାରେ ଦେଇଥିବା ଉତ୍ତର ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ହୋଇଥିଲା। କାହିଁ, ସେମାନେ ତ ବିପ୍ଳବକୁ ଇଂରାଜୀ କହିବା ଆଗରୁ କେବେ ଶୁଣି ନଥିଲେ। ବିପ୍ଳବ କଣ ଉଚ୍ଚ ଶିକ୍ଷିତ? ତେବେ ସେ ଯାହା ହେଉ, ବିପ୍ଳବ ହଉଛି, ଆଜିର ସଫଳତାର ମୁଖ୍ୟ ନାୟକ। ବିପ୍ଳବକୁ ନେଇ ସବୁଆଡ଼େ ଚର୍ଚ୍ଚା।

ଶ୍ରମିକମାନେ ତାଙ୍କ କଲୋନୀକୁ ସନ୍ଧ୍ୟା ୬ଟା ସୁଦ୍ଧା ଫେରି ଆସିଥିଲେ। ତିନିଦିନ ଧରି ଆନ୍ଦୋଳନ ଚାଲିଥିଲା। ଗାଧୁଆ ପାଧୁଆ ହୋଇ ନଥିଲା। ବିପ୍ଳବ ତା ଘରେ ପହଞ୍ଚି ଗାଧୁଆ ପାଧୁଆ କରି ବାହାରିଲା ତାର ପ୍ରିୟ ସ୍ଥାନ ମଦ ଭାଟିକୁ। ଭାବିଲା, ଜଲଦି ଫେରି ଶୋଇଯିବ। ସକାଳୁ ଡ୍ୟୁଟିକୁ ଯିବାକୁ ହେବ। ଘର କବାଟରେ ତାଲା ପକାଇ ସେ ବାହାରିଲା ବେଳକୁ ଦେଖିଲା, ପୋଲିସ ଗାଡ଼ିଟା ଆସି ତା ଘର ସାମ୍ନାରେ ରହିଲା। ସେ ଗାଡ଼ିରୁ ଜଣେ ପୋଲିସ ଅଧିକାରୀ ଓହ୍ଲାଇ ଆସି ତାକୁ ପଚାରିଲେ, ଏଇଟା ବିପ୍ଳବ ବାବୁଙ୍କ ଘର। ହଁ, ମୁଁ ବିପ୍ଳବ, ମୋତେ କଣ ପାଇଁ ଖୋଜୁଛନ୍ତି। ମୋ ନାଁ ରଞ୍ଜନ ପଟନାୟକ, ମୁଁ ଏଠାକାର ଥାନା ଅଧିକାରୀ। ଆପଣଙ୍କୁ ଆମ ଏସପି ସାହେବ ଡକାଇଛନ୍ତି। ମୋତେ ନିର୍ଦ୍ଦେଶ ଅଛି, ଆପଣଙ୍କୁ ମୋ ସାଙ୍ଗରେ ନେଇଯିବା ପାଇଁ, ପୋଲିସ ଅଧିକାରୀ ଜଣଙ୍କ କହିଲେ। କଣ ବର୍ତ୍ତମାନ ଯିବାକୁ ହେବ, ବିପ୍ଳବ ପଚାରିଲା। ହଁ ଆଜ୍ଞା, ଖାସ ସେଥିପାଇଁ ମୋତେ ପଠାଇଛନ୍ତି, ଅଧିକାରୀ ଜଣଙ୍କ କହିଲେ। ତେବେ ଠିକ ଅଛି, ଚାଲନ୍ତୁ, ଏତିକି କହି ବିପ୍ଳବ ପୋଲିସ ଗାଡ଼ିରେ ବସିଲା। ଏତିକି ବେଳେ ବିଜୟିନୀ ବିପ୍ଳବ ଘର ଆଡ଼କୁ ଆସୁଥିଲା। ସେ ବିପ୍ଳବର କାରନାମା ବିଷୟରେ ଶ୍ରମିକ ମହଲରେ ଚାଲିଥିବା ଚର୍ଚ୍ଚା ତା ବାପାଙ୍କ ଠାରୁ ଶୁଣିଥିଲା। ପୋଲିସ ଗାଡ଼ିରେ ବସି ବିପ୍ଳବ ଯାଉଥିବା ସେ ଦେଖିପାରିଲା। କିଛି ପଚାରିବା ପୂର୍ବରୁ ଗାଡ଼ିଟି ତାଙ୍କ ଘର ଅତିକ୍ରମ କରି ଯାଇଥିଲା। ତା ମନରେ ଟିକେ ଶଂକା ପଶିଲା।

ଥାନା ଅଧିକାରୀଙ୍କ ସଙ୍ଗେ ଯାଇ ବିପ୍ଳବ ଏସପି ଦୀପକ କୁମାରଙ୍କ ପାଖରେ ପହଞ୍ଚିଥିଲା। ଦୀପକ କୁମାର ଦୁଇ ଜଣଙ୍କୁ ଦେଖିଲା ପରେ, ରଞ୍ଜନ ପଟନାୟକଙ୍କ ଉଦ୍ଦେଶ୍ୟରେ କହିଲେ, ଆପଣ ଏବେ ଆସିପାରନ୍ତି ଓ ବିପ୍ଳବ ଉଦ୍ଦେଶ୍ୟରେ କହିଲେ, ବସନ୍ତୁ। ବିପ୍ଳବ ତାଙ୍କ ସାମ୍ନା ଚେୟାରରେ ବସିବା ପରେ ଦୀପକ କୁମାର ପଚାରିଥିଲେ,

– ବିପ୍ଳବ ବାବୁ ଆପଣଙ୍କ ପୁରା ନାଁଟା କଣ?

– ମୋ ନାଁ ବିପ୍ଳବ ଦାସ।

– ଆପଣ କେଉଁ ଜିଲ୍ଲାର ମୂଳ ବାସିନ୍ଦା, ଦୀପକ କୁମାର ପଚାରିଲେ।

– ବିପ୍ଳବ ମନରେ ସନ୍ଦେହ ସୃଷ୍ଟି ହେଲା। ତାକୁ ତାର ବ୍ୟକ୍ତିଗତ କଥା ଗୁଡ଼ାକ କାହିଁକି ପଚାରୁଛନ୍ତି? ତଥାପି ଉତ୍ତର ଦେଲା ପୁରୀ ଜିଲ୍ଲା ଡେଲାଙ୍ଗ ବ୍ଲକରେ ଆଜ୍ଞା।

– ଆପଣଙ୍କ ସ୍କୁଲିଂ ଓ କଲେଜ ଇତ୍ୟାଦି କଉଠି ହେଇଥିଲା?

– ଏସପିଙ୍କ ପ୍ରଶ୍ନ ଶୁଣି ବିପ୍ଳବ ମନେ ମନେ ଚିନ୍ତା କଲା, କୌଣସି ଉତ୍ତର ଦେବା ପୂର୍ବରୁ ସେ ଜାଣିବା ଉଚିତ, ତାକୁ କଣ ପାଇଁ ଏ ସବୁ କଥା ପଚାରୁଛନ୍ତି। ସେ କହିଲା, କ୍ଷମା କରିବେ ଆଜ୍ଞା, ମୋତେ ଆପଣଙ୍କ ଅଫିସକୁ ଡକାଇ ଏତେ ସବୁ ପ୍ରଶ୍ନ କଣ ପାଇଁ ପଚାରୁଛନ୍ତି, ମୋର ଅପରାଧ କଣ?

– ବିପ୍ଳବର ଉତ୍ତର ଶୁଣି ଏସପି କହିଲେ, ନା ନା ସେମିତି କିଛି ନୁହେଁ, କିନ୍ତୁ ଆମେ ଜଣେ ଲୋକର ସନ୍ଧାନରେ ଅଛୁ, ଯାହାର ସାମଞ୍ଜସ୍ୟ ଆପଣଙ୍କ ସହିତ ରହିଛି। ସେଥିପାଇଁ ଏଇ ପ୍ରଶ୍ନ।

– ମୁଁ ଜାଣି ପାରେକି, ସେ ଲୋକଟା କିଏ। କଣ ପାଇଁ ଆପଣ ତାକୁ ଖୋଜୁଛନ୍ତି? ବିପ୍ଳବ ପାଲଟା ପ୍ରଶ୍ନ କରିଥିଲା।

ଏସପି ଦୀପକ କୁମାର ବିପ୍ଳବର ପ୍ରଶ୍ନ ଶୁଣି ଟିକେ ନିରବ ରହିବା ପରେ କହିଥିଲେ, ଆପଣ ମୋ ପ୍ରଶ୍ନକୁ ଅନ୍ୟଥା ନିଅନ୍ତୁ ନାହିଁ। ଯେଉଁ ବ୍ୟକ୍ତିଙ୍କ ସନ୍ଧାନରେ ଆମେ ଅଛୁ, ସେ କୌଣସି ଅପରାଧୀ ନୁହଁନ୍ତି ବରଂ ଜଣେ ପ୍ରତିଭାବାନ ବ୍ୟକ୍ତି।

– ତଥାପି, ସେ ବ୍ୟକ୍ତିଙ୍କର ଗୋଟିଏ ନାମ ତ ଥିବ, ବିପ୍ଳବ କହିଲା।

– ନିଶ୍ଚିତ ଭାବେ ଅଛି। ଏତିକି କହି ଦୀପକ କୁମାର ଫୋନରେ କୌଣସି ଏକ ନମ୍ବର ଲଗାଇଲେ। ସେପଟୁ ହେଲୋ ଶୁଣାଗଲା ପରେ ସେ କହିଲେ, ଆପଣ ଏବେ କଉଠି ଅଛନ୍ତି। ଅଫିସରେ ତ। ଆପଣଙ୍କ ଅତିଥି ମୋ ସାମ୍ନାରେ ବସିଛନ୍ତି। ଆପଣ ଏଠିକି ଆସିବେ ନା ଆମେ ଆପଣଙ୍କ ପାଖକୁ ଯିବୁ। ଆପଣ ଆସିବେ, ହଉ ଆସନ୍ତୁ। ଦୀପକ କୁମାର ଫୋନ ରଖି ଦେଇଥିଲେ। ତା ପରେ ବେଲ ମାରି ତାଙ୍କ ପରିଚାରକକୁ ଡାକିଲେ। ସେ ଆସିବାରୁ ତିନି କପ ଚା ଆଣିବା ପାଇଁ ଅର୍ଡର ଦେଲେ।

ତା ପରେ ବିପ୍ଳବ ସହ ଆଉ କଥା ନହୋଇ ତାଙ୍କ ଟେବୁଲରେ ଗଦା ହେଇଥିବା ଫାଇଲ ଗୁଡ଼ିକୁ ଗୋଟିଏ ପରେ ଗୋଟିଏ ତର୍ଜମା କରିବାକୁ ଲାଗିଲେ। ବିପ୍ଳବ ମନରେ ଏକ ଅହେତୁକ ଉତ୍କଣ୍ଠା। କାହା ସଙ୍ଗେ କଥା ହେଲେ, କାହାକୁ ଏଠିକି ଆସିବା ପାଇଁ କହିଲେ? ଏମିତି ଭାବି ଚାଲିଥିବା ବେଳେ ଏସପିଙ୍କ ରୁମ ଭିତରକୁ କବାଟ ଖୋଲି ଜଣେ ଭଦ୍ରବ୍ୟକ୍ତି ପଶି ଆସିଥିଲେ। ବିପ୍ଳବ ଦେଖିଲା, ଆରେ ଏତ ଜିଲ୍ଲାପାଳ ସୁବ୍ରତ ଆଚାର୍ଯ୍ୟ। ସେ ଗୋଟିଏ ଚେୟାର ଟାଣି ନେଇ ବସୁ ବସୁ କହିଲେ,

ବିପ୍ଳବ ବାବୁ କେମିତି ଅଛନ୍ତି?

– ଠିକ ଠାକ ଆଜ୍ଞା, ବିପ୍ଳବ କହିଲା।

ଏସପିଙ୍କ ଉଦ୍ଦେଶ୍ୟରେ କହିଥିଲେ, ବିପ୍ଳବ ବାବୁଙ୍କୁ ଚା କଫି କିଛି ପିଆଇଲେଣି ନା ନାହିଁ?

– ଚା' ଅର୍ଡର କରିଛି, ସେ ନେଇ ଆସୁଥିବ, ଦୀପକ କୁମାର ଉତ୍ତର ଦେଲେ। ଏତିକିବେଳେ, ପରିଚାରକ ଚା ନେଇ ପ୍ରବେଶ କରିଥିଲା ଏବଂ ତିନିଜଣ ଯାକ ଚା ପିଇଥିଲେ।

ଚା' ପିଉ ପିଉ ଜିଲ୍ଲାପାଳ ସୁବ୍ରତ ଆଚାର୍ଯ୍ୟ ବିପ୍ଳବ ଉଦ୍ଦେଶ୍ୟରେ କହିଲେ, ଆପଣଙ୍କୁ ଲାଗୁନି ମୋତେ ଆଗରୁ କେଉଁଠି ଦେଖିଛନ୍ତି ବୋଲି?

– ଜିଲ୍ଲାପାଳଙ୍କ କଥା ଶୁଣି ବିପ୍ଳବ ଆଶ୍ଚର୍ଯ୍ୟ ହୋଇ ତାଙ୍କ ମୁହଁ

ଆଡ଼େ ଅନାଇ କହିଲା, କାହିଁ ନା ତ।

– ମୁଁ କିନ୍ତୁ ଆପଣଙ୍କୁ ଠିକ ଚିହ୍ନି ପାରୁଛି। ଯଦିଓ ଆପଣଙ୍କ ଚେହେରା ପୂର୍ବ ଅପେକ୍ଷା ଯଥେଷ୍ଟ ମଳିନ ପଡ଼ି ଯାଇଛି, ଆପଣ ମୋ ସ୍ମୃତିପଟରେ ଏବେବି ସତେଜ ଅଛନ୍ତି, ସୁବ୍ରତ ଆଚାର୍ଯ୍ୟ କହିଥିଲେ।

– ଆପଣ କଣ କହୁଛନ୍ତି, ମୁଁ କିଛି ବୁଝିପାରୁନି। ବୋଧହୁଏ, ଆପଣଙ୍କର କିଛି ଭୁଲ ହଉଛି, ବିପ୍ଳବ କହିଲା।

– ନା ନା, ମୋର କିଛି ଭୁଲ ହେଉ ନାହିଁ। ଦଶ ବର୍ଷ ତଳର କଥା ହେଲେବି ମୋର କାଲି ପରି ସବୁ ମନେଅଛି। ବାଣୀ ବିହାରରୁ ପୋଷ୍ଟ ଗ୍ରାଜୁଏସନ ସାରି ଆମେ କିଛି ସାଙ୍ଗ ଦିଲ୍ଲୀ ଯାଇଥିଲୁ, ଆଇ.ଏ.ଏସ ପରୀକ୍ଷାର କୋଚିଂ ନେବା ପାଇଁ। ମୁଖାର୍ଜି ନଗରର କୋଚିଂ ସେଣ୍ଟରରେ ଆପଣଙ୍କ ସହ ମୋର ଓ ମୋର ଅନ୍ୟ ସାଙ୍ଗ ମାନଙ୍କର ପ୍ରଥମେ ଭେଟ ହେଇଥିଲା। ଆପଣ ସେତେବେଳେ ଆଇ.ଏ.ଏସ ପରୀକ୍ଷାର ପ୍ରିଲିମ କ୍ୱାଲିଫାଏ କରି ମେନ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥାନ୍ତି। ଆମେ ସବୁ ଓଡ଼ିଶାରୁ ଆସିଛୁ ଜାଣି ଆପଣ ଖୁସି ବ୍ୟକ୍ତ କରିବା ସହ ଆଇ.ଏ.ଏସ ପରୀକ୍ଷାର ପ୍ରସ୍ତୁତି ବିଷୟରେ ଆମକୁ ବହୁ ଉପାଦେୟ ଉପଦେଶ ଦେଇଥିଲେ। ଆପଣଙ୍କ ଉଜ୍ଜଳ ବ୍ୟକ୍ତିତ୍ୱ ଓ ଉପାଦେୟ ଉପଦେଶ ଆମ ମାନଙ୍କୁ ଅଭିଭୂତ କରିଥିଲା। ଆପଣ ନିଜେ ଆଇ.ଏ.ଏସ ପରୀକ୍ଷା ଦେଉଥିଲେ ହେଁ, ଆପଣ ନୂଆ ବ୍ୟାଚ ଛାତ୍ରମାନଙ୍କୁ ରିଜନିଙ୍ଗ ଓ ଇଂରାଜୀ ପଢ଼ାଉଥିଲେ। ମୁଁ ମୋର ସାଙ୍ଗ ମାନେ ଆପଣଙ୍କ ଛାତ୍ର ଥିଲୁ। ସେତେବେଳେ କୋଚିଂ ସେଣ୍ଟରରେ ଆପଣଙ୍କ ନା ସବୁବେଳେ ଚର୍ଚ୍ଚାରେ ଥିଲା। ଆପଣ ଦିଲ୍ଲୀ ବିଶ୍ୱବିଦ୍ୟାଳୟରୁ ସୋସିଓଲୋଜିରେ ଗୋଲଡ ମେଡାଲ ପାଇବା ପରେ ସିଭିଲ ସର୍ଭିସ ପାଇଁ ପ୍ରସ୍ତୁତ ହେଉଥିଲେ। ସମସ୍ତଙ୍କ ମୁହଁରେ ଆପଣଙ୍କ ବିଷୟରେ ଚର୍ଚ୍ଚା, କଣନା, ଏ ବର୍ଷ ଆପଣ ନିଶ୍ଚେ ଆଇ.ଏ.ଏସ ପାଇବେ। ସବୁଆଡେ ଆପଣଙ୍କ ନାଁ ର ଚର୍ଚ୍ଚା ଶୁଣି ଆମେ ଓଡ଼ିଆ ପିଲାମାନେ ଗର୍ବ ଅନୁଭବ କରୁଥିଲୁ ଏବଂ ଆପଣ ଆମର ରୋଲ ମଡେଲ ହେଇ ଯାଇଥିଲେ। କିନ୍ତୁ, ଆଇ.ଏ.ଏସର ମେନ ପରୀକ୍ଷାର ରେଜଲ୍ଟ ବାହାରିବାର କିଛିଦିନ ପୂର୍ବରୁ ଆପଣ ହଠାତ କେଉଁଆଡ଼େ ଅନ୍ତର୍ଧ୍ୟାନ ହୋଇ ଯାଇଥିଲେ। ଆଇ.ଏ.ଏସ ପରୀକ୍ଷାର ମେନ ରେଜଲ୍ଟରେ ଆପଣ କୃତକାର୍ଯ୍ୟ ହେଇଥିଲେ, କିନ୍ତୁ, ଆପଣଙ୍କୁ ଆଉ ଦେଖିବାକୁ ମିଳି ନଥିଲା। ଆପଣଙ୍କର ଏମିତି ଅକସ୍ମାତ ଅର୍ନ୍ତଧ୍ୟାନ ଆମ ସାଙ୍ଗ ମାନଙ୍କୁ ଭାରି ବାଧିଥିଲା। ମୁଁ ତାର ପାଞ୍ଚ ବର୍ଷ ପରେ ଆଇ.ଏ.ଏସ ପାଇଲି। ମୋର ପାଞ୍ଚ ବର୍ଷ ରହଣି ସମୟରେ ମଝିରେ ମଝିରେ ସିଭିଲ ସର୍ଭିସ ପରୀକ୍ଷାର୍ଥୀଙ୍କ ମଧ୍ୟରେ ଆପଣଙ୍କ ପ୍ରତିଭା ବିଷୟରେ ଆଲୋଚନା ହଉଥିଲା। ଆପଣଙ୍କୁ ଶ୍ରମିକ ପ୍ରତିନିଧିଙ୍କ ଭିତରେ ଦେଖି, ମୁଁ ପ୍ରଥମେ ଆପଣଙ୍କୁ ଚିହ୍ନି ପାରି ନଥିଲି। କିନ୍ତୁ, ହଠାତ ଆପଣଙ୍କୁ ଅନର୍ଗଳ ଇଂରାଜୀରେ କହିବାର ଦେଖି, ମୋର ମନେ ପଡ଼ିଯାଇଥିଲା, ଆମ କ୍ଲାସ ନେଲାବେଳେ ଆପଣଙ୍କ ଅନର୍ଗଳ ଇଂରାଜୀରେ ବକ୍ତବ୍ୟ। ଆମେ ମିଟିଙ୍ଗରୁ ଫେରିବା ବାଟରେ ମୁଁ ଏସପିଙ୍କୁ ଆପଣଙ୍କ ଟ୍ୟାଲେଣ୍ଟ ବିଷୟରେ କହୁଥିଲି। ଆପଣ ନିଜକୁ ଯେତେ ଲୁଚାଇବାକୁ ଚାହିଁଲେବି ଆପଣଙ୍କ ପ୍ରତିଭା ଆପଣଙ୍କୁ ଲୁଚିବାକୁ ଦେବ ନାହିଁ। ଆଉ ଆପଣ ଭାବୁଛନ୍ତି, ଆପଣ ନିଜ ନାଁ ଟା ଚେଞ୍ଜ କରିଦେଲେ ମୁଁ ଆପଣଙ୍କୁ ଚିହ୍ନି ପାରିବି ନାହିଁ।

ଜିଲ୍ଲାପାଳ ସୁବ୍ରତ ଆଚାର୍ଯ୍ୟ ଭାବ ବିହ୍ୱଳ ହୋଇ କହି ଚାଲିଥିଲେ। ତାଙ୍କ କଥା ଶେଷ ହେଲା ବେଳକୁ ସେ ଦେଖିଲେ, ବିପ୍ଳବ ମୁଣ୍ଡ ତଳକୁ କରି ଚୁପ ଚାପ ତାଙ୍କ କଥା ଶୁଣି ଚାଲିଛି। କୌଣସି ପ୍ରତିକ୍ରିୟା ଦେଇ ନଥିଲା। ସେ ବୋଧହୁଏ ତାର ଜୀବନ ବହିର ଏଇ ପୁରୁଣା ପୃଷ୍ଠା ଗୁଡ଼ାକ ଓଲଟାଇବାକୁ ଚାହୁଁ ନଥିଲା। ବିପ୍ଳବକୁ ନିରବ ଦେଖି, ସୁବ୍ରତ ଆଚାର୍ଯ୍ୟ ପୁଣି ଆରମ୍ଭ କଲେ, ମୁଁ ଜାଣେନା କେଉଁ ଅଜ୍ଞାତ କାରଣ ବଶତଃ ଆପଣ ନିଜକୁ ଅଜ୍ଞାତବାସରେ ରଖି ନିଜ ଉପରେ ନିଜେ ଅତ୍ୟାଚାର କରି ଚାଲିଛନ୍ତି। କିନ୍ତୁ, କାହିଁକି ? ଆପଣ ହୁଏତ କହି ପାରନ୍ତି ଯେ ଆପଣଙ୍କ ବ୍ୟକ୍ତିଗତ ଜୀବନରେ ଦଖଲ ଦେବାର ଅଧିକାର ମୋର ନାହିଁ। କିନ୍ତୁ, ଆପଣଙ୍କର ଜଣେ ଶୁଭ ଚିନ୍ତକ ହିସାବରେ ମୁଁ କହିବାକୁ ଚାହେଁ, ଆପଣଙ୍କୁ ଆଜି ଏ ରହସ୍ୟ ଉନ୍ମୋଚନ କରିବାକୁ ପଡ଼ିବ।

ବିପ୍ଳବ ତଥାପି ନିରବ। କାଠ ପରି ବସି ରହିଥିଲା। ବିପ୍ଳବକୁ ନିରବ ରହିବା ଦେଖି ବ୍ୟସ୍ତ ହୋଇ ଉଠିଥିଲେ ସୁବ୍ରତ ଆଚାର୍ଯ୍ୟ। ଆପଣଙ୍କ ନୀରବତା ଦୟାକରି ଭଙ୍ଗ କରନ୍ତୁ ଶୁଭ୍ରଜିତ ଭାଇ। ହଁ ମୋର ଠିକ ମନେ ଅଛି, ଆପଣଙ୍କୁ ଆମେ ଓଡ଼ିଆ ପିଲାମାନେ ଏଇ ନାଁରେ ସମ୍ବୋଧନ କରୁଥିଲୁ। ଆପଣଙ୍କ ପୁରା ନାଁ ଥିଲା ଶୁଭ୍ରଜିତ ମହାପାତ୍ର।

ସୁବ୍ରତଙ୍କ ଉତ୍କଣ୍ଠାପୂର୍ଣ କଥା ଶୁଣି, ବିପ୍ଳବର ନୀରବତା ଭଙ୍ଗ ହୋଇଥିଲା। ଆଖିରେ ତାର ଆଖିଏ ଲୁହ ଜକେଇ ଆସିଥିଲା। ନିଜ ରୁମାଲ ସାହାଯ୍ୟରେ ଲୁହକୁ ପୋଛି ଦେଇଥିଲା। କହିଥିଲା, ମୋ ବିଷୟରେ ଏତେକଥା ସବୁ ଆପଣ ସ୍ମୃତିରେ ସାଇତି ରଖିଛନ୍ତି ଜାଣି ଆଶ୍ଚର୍ଯ୍ୟ ହେଲି, ହୃଦବୋଧବି ହେଲା ଯେ ନିଶ୍ଚୟ ଆପଣ ମୋର ଜଣେ ଶୁଭଚିନ୍ତକ। ମୋର ଅତୀତ ଜୀବନର ଯେଉଁ କଥା ସବୁକୁ ମୁଁ ଚିରକାଳ ପାଇଁ କବର ଦେଇଥିଲି, ତାକୁ ପୁଣି ଖୋଳି ବାହାର କରିବାକୁ ଆପଣ ମୋତେ କହୁଛନ୍ତି। ମୁଁ କେବେବି ମୋ ଜୀବନର ହିସାବ ନିକାଶ କରିନି। ତେଣୁକରି କହି ପାରିବିନି, ମୋର ଭାଗ୍ୟଚକ୍ର ବା ପ୍ରେମରେ ବିଫଳତା ମୋ ଜୀବନର ଗତିପଥକୁ ବଦଳାଇ ଦେଇଥିଲା। ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ ପଢୁଥିଲା ବେଳେ ମୋର ଜଣେ ସହପାଠୀ ମାଧୁରୀ ସଂଗେ ମୋର ପ୍ରେମ ହୋଇ ଯାଇଥିଲା। ଆମେ ଦୁହେଁ ଜୀବନ ମୃତ୍ୟୁରେ ଏକ ହୋଇ ରହିବାର ଶପଥ ନେଇଥିଲୁ। ସବୁ ପ୍ରେମୀ ଯୁଗଳଙ୍କ ପରି ଆମେ ଦୁହେଁବି ବହୁତ ରଙ୍ଗୀନ ସ୍ୱପ୍ନ ଦେଖିଥିଲୁ। ପ୍ରାୟ ତିନିବର୍ଷ କାଳ ତିଷ୍ଠିଥିବା ଏହି ସଂପର୍କରେ ଆମେ ପ୍ରତିଟି ଦିନ ସ୍ମରଣୀୟ ଥିଲା। ମୋ ଜୀବନର ଲକ୍ଷ୍ୟ ଥିଲା ସିଭିଲ ସର୍ଭିସ। ମୋର ପ୍ରଥମ ଆଟେମ୍ପଟ୍‌ରେ ମୁଁ ମେନ ପରୀକ୍ଷାରେ କ୍ୱାଲିଫାଏ କରି ପାରିନଥିଲି। ତା ପର ବର୍ଷ ମୁଁ ପୁରା ପ୍ରସ୍ତୁତିରେ ଲାଗିଥିଲି। ମୋର ସଫଳତା ପାଇଁ ମାଧୁରୀ ମୋତେ ସବୁବେଳେ ମୋଟିଭେଟ କରୁଥିଲା। ପ୍ରିଲିମ ପରୀକ୍ଷା ପରେ, ମାଧୁରୀ ନିଷ୍ପତ୍ତି ନେଇଥିଲା ଯେ ମେନ ପରୀକ୍ଷା ନସରିବା ଯାଏ, ଆମେ ଦୁହେଁ ଜଣେ ଅନ୍ୟ ଜଣଙ୍କ ସହିତ ଭେଟ ହେବା ନାହିଁ। ଏପରିକି ଫୋନରେ ବି କଥା ହେବାନି। ଏଇ ନିଷ୍ପତ୍ତି ଆମ ଦୁହିଁଙ୍କ ପାଇଁ ଅଗ୍ନି ପରୀକ୍ଷା ସ୍ୱଦୃଶ୍ୟ ଥିଲା। କୁହାଯାଏ,

ବଡ଼ ସଫଳତା ହାସଲ କରିବା ପାଇଁ ହେଲେ ଘୋର ତପସ୍ୟା କରିବାକୁ ହୁଏ। ମାଧୁରୀଠୁ ଦୂରତ୍ୱ ରଖିବା ମୋ ପାଇଁ ତପସ୍ୟା ଠାରୁ କିଛି କମ ନଥିଲା। ସିଭିଲ ସର୍ଭିସର ମେନ ପରୀକ୍ଷାରେ ମୁଁ ଭଲ କରିଥିଲି। ପରୀକ୍ଷା ହଲରୁ ବାହାରିବା ବେଳକୁ ମୋର ବିଶ୍ୱାସ ହୋଇଥିଲା, ଏଥର ନିଶ୍ଚେ ମୁଁ କ୍ୱାଲିଫାଏ କରିବି। ମନ ମୋର ଖୁସିରେ ବିଭୋର ହେଉଥିଲା। ମନେ ମନେ ଭାବିଥିଲି, ତପସ୍ୟା ମୋର ସଫଳ ହୋଇଛି। ଆଉ କାଳ ବିଳମ୍ବ ନକରି, ମୁଁ ମାଧୁରୀକୁ ଯୋଗାଯୋଗ କରିବା ପାଇଁ ଚେଷ୍ଟା କରିଥିଲି, କିନ୍ତୁ ତାର ଫୋନ ବନ୍ଦ ଥିଲା। ମୁଁ ତାଙ୍କ ଘରେ ଯାଇ ପହଁଞ୍ଚିଥିଲି। ତାଙ୍କ ଘରେ ଆମ ସଂପର୍କକୁ ସ୍ୱୀକୃତି ମିଳିସାରିଥିଲା। ସେଠି ପହଁଞ୍ଚି ମୁଁ ଯାହା ଶୁଣିଲି, ମୋର ହୋସ ଉଡ଼ିଗଲା। ମୋର ମେନ ପରୀକ୍ଷାର ଦଶ ଦିନ ପୂର୍ବରୁ ମାଧୁରୀ ଏକ ସଡ଼କ ଦୁର୍ଘଟଣାର ଶିକାର ହୋଇଥିଲା। ଗୁରୁତ୍ୱର ଅବସ୍ଥାରେ ତାକୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। କିନ୍ତୁ, ହସ୍ପିଟାଲରେ ପ୍ରାୟ ଦୁଇଦିନ ମୃତ୍ୟୁ ସହ ସଂଗ୍ରାମ କରିବା ପରେ, ସେ ସବୁଦିନ ପାଇଁ ଏ ଦୁନିଆରୁ ବିଦାୟ ନେଇଥିଲା। ମୃତ୍ୟୁ ପୂର୍ବରୁ ସେ ତାର ବାପାଙ୍କୁ କହିଯାଇଥିଲା, ମୋର ମେନ ପରୀକ୍ଷା ନସରିବା ଯାଏଁ, ମୁଁ ଯେମିତି ତାର ଦୁର୍ଘଟଣା ଖବର ନପାଏ। ଏଇ ଖବର ଶୁଣିବା ପରେ ମୋତେ ମୋ ପାଦ ତଳୁ ମାଟି ଖସିଗଲା ପରି ଲାଗିଥିଲା। ମୋ ଜୀବନରେ ଯେମିତି ଅନ୍ଧକାର ଘୋଟି ଆସିଥିଲା। ମୁଁ ମୋ ନିଜ ଉପରୁ ନିୟନ୍ତ୍ରଣ ହରାଇଥିଲି। ମୋର ମାନସିକ ସମସ୍ୟା ଦେଖା ଦେଇଥିଲା। ମୋର ପରିବାର ସଦସ୍ୟମାନେ, ମୋର ମାନସିକ ଚିକିତ୍ସା ପାଇଁ ଏକ ମେଣ୍ଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ତିନିମାସର ଚିକିତ୍ସା ପରେ, ମୁଁ ଟିକେ ସୁସ୍ଥ ହେଇଥିଲି। କିନ୍ତୁ, ମାଧୁରୀର ସ୍ମୃତି ମୋତେ ମୋର ପୂର୍ବ ସ୍ଥିତିକୁ ଫେରିବାକୁ ଦେଇ ନଥିଲା। ଦିନେ ମୁଁ ହସ୍ପିଟାଲରୁ ଲୁଚି ବାହାରି ଆସିଥିଲି। ଜାଣି ନଥିଲି କୁଆଡ଼େ ଯାଉଛି। ମୁଁ ଖୋଜୁଥିଲି ଏକ ଆଶ୍ରୟ ସ୍ଥଳ, ଭିଡ଼ ଭାଡ଼ ଓ କୋଳାହଳ ଠାରୁ ଦୂରରେ। ଆସି ପହଁଞ୍ଚି ଯାଇଥିଲି ଏଇ ଖଣିରେ। ସେହି ଦିନଠୁ ଖଣିର ବିସ୍ଫୋରଣ ଶବ୍ଦ ଭିତରେ ମୋର ଅନ୍ତରର ଯନ୍ତ୍ରଣାର ସ୍ୱରକୁ ଚାପି ରଖିବା ପାଇଁ ମୋର ଚେଷ୍ଟା କରି ଚାଲିଛି।

ଜିଲ୍ଲାପାଳ ସୁବ୍ରତ ଆଚାର୍ଯ୍ୟ ଓ ଏସପି ଦୀପକ କୁମାର ମନ୍ତ୍ରମୁଗ୍ଧ ହେଇ ଶୁଣି ଚାଲିଥିଲେ ଶୁଭ୍ରଜିତ ଜୀବନର କରୁଣ କାହାଣୀ। କେମିତି ପ୍ରତିଭାବନ ଶୁଭ୍ରଜିତରୁ ସେ ପାଲଟି ଯାଇଥିଲା ଖଣିର ଗୋଟିଏ ସାଧାରଣ ଶ୍ରମିକ ବିପ୍ଳବ।

– ଆପଣଙ୍କ ଜୀବନର ଦୁଃଖଭରା କାହାଣୀ ନିଶ୍ଚିତରେ ହୃଦୟ ବିଦାରକ। କିନ୍ତୁ, ମୋର ଦୁଃଖ ଏତିକି ଯେ, ଆପଣଙ୍କ ଭଳି ଜଣେ ପ୍ରତିଭାବାନ ବ୍ୟକ୍ତିଙ୍କ ପ୍ରତିଭାର ସଦୁପଯୋଗ ହୋଇ ପାରିଲା ନାହିଁ। କିନ୍ତୁ, ଏବେବି ସମୟ ଅଛି ଶୁଭ୍ରଜିତ ଭାଇ। ମୋତେ ଲାଗୁଛି, ଆପଣଙ୍କ ପାଇଁ ହୁଏତ କିଛି ଗୋଟାଏ ବଡ଼ ଦାୟିତ୍ୱ ଅପେକ୍ଷା କରି ରହିଛି, ସୁବ୍ରତ ଆଚାର୍ଯ୍ୟ କହିଥିଲେ।

– ଏବେ ଆଉ ମୁଁ କଣ କରି ପାରିବି ? ତା ଛଡ଼ା ମୁଁ ମୋ କାମରେ ଖୁସି ଅଛି, ମୋତେ ବେଶି କିଛି ଦରକାର ନାହିଁ, ଶୁଭ୍ରଜିତ କହିଲା।

ଆପଣଙ୍କର ଦରକାର ନଥାଇପାରେ। କିନ୍ତୁ, ଏ ଦେଶକୁ ଏ ଜାତିକୁ ଆପଣଙ୍କ ଦରକାର ଅଛି। ମୋର ପୁରା ବିଶ୍ୱାସ ଅଛି, ଆପଣ ଏବେବି ବିସ୍ମୟ ସୃଷ୍ଟି କରି ପାରିବେ। ମୁଁ ଜଣେ ଭଗବାନ ବିଶ୍ୱାସୀ ଲୋକ। ମୋର ବିଶ୍ୱାସ, ଆପଣଙ୍କ ସହିତ ମୋର ଏଇ ଅକସ୍ମାତ ଭେଟ ଭଗବାନଙ୍କ ବରାଦ। ମାତ୍ର ଦୁଇ ଦିନ ତଳେ ମୋର ଜଣେ ଘନିଷ୍ଠ ବନ୍ଧୁ, ଯିଏ କି ଏକ ଅଷ୍ଟ୍ରେଲିଆର ଏକ ଏନଜିଓର ଭାରତ ଶାଖାର ମୁଖ୍ୟ ଅଛନ୍ତି, ମୋତେ ଜଣାଇଥିଲେ ଯେ ସେମାନେ ଭୁବନେଶ୍ୱର ଠାରେ ତାଙ୍କର ଗୋଟିଏ ଆଞ୍ଚଳିକ ଶାଖା ଖୋଲିବାକୁ ଯାଉଛନ୍ତି। ଓଡ଼ିଶା, ଝାଡ଼ଖଣ୍ଡ ଓ ଛତିଶଗଡ଼ ରାଜ୍ୟରେ ଥିବା ବିଭିନ୍ନ ଖଣି ଗୁଡ଼ିକରେ କାର୍ଯ୍ୟରତ ଥିବା ଶ୍ରମିକ ମାନଙ୍କର ସମସ୍ୟାର ସମାଧାନ ଓ ତାଙ୍କ ଜୀବନର ମାନ ବୃଦ୍ଧି ପାଇଁ କାର୍ଯ୍ୟ କରିବ ତାଙ୍କର ଏଇ ଆଞ୍ଚଳିକ ଶାଖା। ମୋର ବନ୍ଧୁ ମୋତେ ଅନୁରୋଧ କରିଛନ୍ତି, ତାଙ୍କର ଏଇ ଆଞ୍ଚଳିକ ଶାଖାର ମୁଖ୍ୟ ଅଧିକାରୀ ଭାବେ କାମ କରିବା ପାଇଁ ଜଣେ ଯୋଗ୍ୟ ବ୍ୟକ୍ତିଙ୍କ ନାଁ ସୁପାରିଶ କରିବା ପାଇଁ। ମୋ ହିସାବରେ, ଆପଣ ହିଁ ଏଇ କାମ ପାଇଁ ଯୋଗ୍ୟ ବ୍ୟକ୍ତି। ଆପଣ ଏଥିପାଇଁ ସହମତି ଦେଲେ ମୁଁ କାଲି ମୋର ସେଇ ବନ୍ଧୁଙ୍କ ସହ ଆପଣଙ୍କର କଥାବାର୍ତ୍ତା କରାଇ ଦେବି।

– ଶୁଭ୍ରଜିତ ଏଇ ପ୍ରସ୍ତାବ ପ୍ରତି ବିଶେଷ ଆଗ୍ରହ ପ୍ରକାଶ କରି ନଥିଲେ। କହିଥିଲେ, ମୋତେ ମୋ ବର୍ତ୍ତମାନ ଜୀବନରେ ବଞ୍ଚିବାକୁ ଛାଡ଼ି ଦିଅନ୍ତୁ। ମୁଁ ବିପ୍ଳବରୁ ପୁଣି ଥରେ ଶୁଭ୍ରଜିତ ହେବାକୁ ଚାହେଁନା।

– ସୁବ୍ରତ ଆଚାର୍ଯ୍ୟ କିନ୍ତୁ ଥିଲେ ନଛୋଡ଼ବନ୍ଧା। କହିଥିଲେ, ଆପଣଙ୍କୁ ମୋ କଥାରେ ରାଜି ହେବାକୁ ପଡ଼ିବ। ମୁଁ ଆପଣଙ୍କୁ ଏମିତି ଛାଡ଼ି ପାରିବିନି। ନିଜ ସ୍ୱାର୍ଥପାଇଁ ନୁହେଁ ବରଂ ସମାଜର ସ୍ୱାର୍ଥ ଦୃଷ୍ଟିରୁ ଆପଣଙ୍କୁ ଏଇ ଗୁରୁଦାୟିତ୍ୱ ବହନ କରିବାକୁ ପଡ଼ିବ।

ପ୍ରଥମେ ନାହିଁ ନାହିଁ କହୁଥିଲେ ମଧ୍ୟ, ସୁବ୍ରତ ଆଚାର୍ଯ୍ୟଙ୍କର ଆନ୍ତରିକତା ଓ ତାଙ୍କ ପ୍ରତି ଥିବା ଭଲପାଇବା ଓ ସମ୍ମାନକୁ ଦେଖି, ଶୁଭ୍ରଜିତ ତାଙ୍କ ପ୍ରସ୍ତାବରେ ରାଜି ହୋଇ ଯାଇଥିଲେ। ସେତେବେଳକୁ ରାତି ପ୍ରାୟ ୯ଟା ବାଜି ଯାଇଥିବାରୁ ଶୁଭ୍ରଜିତଙ୍କୁ ତାଙ୍କ ଅତିଥି ଭବନରେ ରଖାଇଥିଲେ। ତା ପରଦିନ ସୁବ୍ରତଙ୍କ ଉପସ୍ଥିତିରେ ତାଙ୍କ ବନ୍ଧୁଙ୍କ ସହ ସ୍କାଇପି ମାଧ୍ୟମରେ ଶୁଭ୍ରଜିତଙ୍କର କଥାବାର୍ତ୍ତା କରାଇଥିଲେ। ଶୁଭ୍ରଜିତଙ୍କୁ ସେହି ସଂସ୍ଥାର ଆଞ୍ଚଳିକ ମୁଖ୍ୟ ଭାବେ ନିଯୁକ୍ତି ମିଳିଥିଲା। ନିଷ୍ପତ୍ତି ହୋଇଥିଲା, ଏକ ସପ୍ତାହ ଭିତରେ ସେ ଭୁବନେଶ୍ୱରରେ ଜଏନ କରିବେ।

ଜିଲ୍ଲାପାଳଙ୍କ ଗାଡ଼ିରେ ବିପ୍ଳବ ଫେରଥିଲା ତାର ମାଇନ୍ସ ଘରକୁ। ଘରେ ପହଞ୍ଚିଲା ପରେ କିଛି ସମୟ ପାଇଁ ଭାବବିହ୍ୱଳ ହୋଇ ପଡ଼ିଥିଲା। ବିଗତ ଦଶ ବର୍ଷର ଏଠି ରହଣି ଭିତରେ, ସେ ବିତାଇଥିବା ସ୍ମରଣୀୟ ମୁହୂର୍ତ୍ତ ଗୁଡ଼ିକ ଗୋଟି ଗୋଟି ହୋଇ ମନେ ପଡ଼ିଯାଉଥିଲା। ନଥିଲା ଏଠି ଚାକଚକ୍ୟ, ନଥିଲା ଏଠି ସହରରେ ଥିବା ସୁବିଧା ସବୁ, କିନ୍ତୁ, ଏଠାକାର, ଜଙ୍ଗଲ, ପାଣି, ପବନ, ଗୋଡ଼ି, ମାଟି, ସେତେ ଯେମିତି ତାର ନିଜର ହୋଇ ଯାଇଥିଲେ। ଆଉ ଦୁଇଦିନ ପରେ ତାକୁ ଫେରି ଯିବାକୁ ପଡ଼ିବ, ପୁଣି ସେଇ ମିଛ ଚାକଚକ୍ୟ ଭିତରକୁ, ସହରର ସେଇ କୋଳାହଳମୟ ପରିବେଶ ଭିତରକୁ। କିନ୍ତୁ, ନୂତନ କାର୍ଯ୍ୟରେ ଯୋଗ ଦେବବୋଲି ସ୍ୱୀକୃତି ପ୍ରଦାନ କରିଛି ଯେତେବେଳେ, ତାକୁ ଯିବାକୁ ହିଁ ହେବ। ଖଣି

ଅଫିସକୁ ଯାଇ ନିଜ କାମରୁ ଇସ୍ତଫା ପ୍ରଦାନ କରିଥିଲା ବିପ୍ଳବ। ଛୋଟିଆ ଖଣି କଲୋନୀ ଭିତରେ, ତାର ଇସ୍ତଫା ଖବରଟା ସଙ୍ଗେ ସଙ୍ଗେ ପ୍ରଚାର ହୋଇ ଯାଇଥିଲା। ତାପରେ ତା ଘରେ ଭିଡ଼ ଜମିଥିଲା। ତାର ଶ୍ରମିକ ସାଥୀମାନେ ତାକୁ ଭେଟିବାକୁ ଆସିଥିଲେ। ବିପ୍ଳବ ଯେ ଜଣେ ଉଚ୍ଚ ଶିକ୍ଷିତ ପିଲା ଓ କୌଣସି ଏକ କାରଣ ବସତ ସେ ନିଜ ନାମ ପରିବର୍ତ୍ତନ କରି ଏଠି ରହୁଥିଲା ବୋଲି ସେମାନେ ଜାଣିବାକୁ ପାଇଥିଲେ। ସେ ମଝିରେ ମଝିରେ ଏଠିକି ଆସିବେ ବୋଲି ସମସ୍ତଙ୍କୁ କହିଥିଲା। ଶ୍ରମିକ ଭାଇମାନଙ୍କ ତାଙ୍କ ପ୍ରତି ସ୍ନେହ ଶ୍ରଦ୍ଧା ଓ ଆନ୍ତରିକତା ଦେଖି ସେ ଭାବୁଥିଲା, ଏଇ ସବୁ ଅନୁଭବକୁ ତାଙ୍କ ନୂଆ ଜୀବନରେ, ସେ ମିସ କରିବ। ବିପ୍ଳବ ଖଣିରୁ ଇସ୍ତଫା ଦେଇ ସବୁଦିନ ପାଇଁ ଏଠୁ ଚାଲି ଯାଉଥିବା ଖବର ବିଜୟିନୀ ନିଜ କଲେଜରୁ ଫେରିବା ପରେ ଜାଣିବାକୁ ପାଇଥିଲା। ନିଜକୁ ରୋକି ପାରି ନଥିଲା। ଦୌଡ଼ିଯାଇଥିଲା ବିପ୍ଳବର ଘରକୁ। ସେତେବେଳେ ନିଜର କିଛି ପ୍ୟାଣ୍ଟ ସାର୍ଟ ବ୍ୟାଗରେ ପ୍ୟାକ୍ କରୁଥିଲା ବିପ୍ଳବ। ବିଜୟିନୀକୁ ଦେଖି ସେ ସ୍ୱାଗତ କରିଥିଲା।

– ଆପଣ କଣ ସବୁଦିନ ପାଇଁ ଏଠୁ ଛାଡ଼ି ଚାଲିଯାଉଛନ୍ତି ? ବିଜୟିନୀ ପଚାରିଥିଲା।

– ମୁଁ ଆପଣଙ୍କ ଘରକୁ ଯାଇଥାନ୍ତି, ଏଇ କଥାଟା କହିବାକୁ, ବିପ୍ଳବ କହିଲା।

– ହଠାତ ଏପରି ନିଷ୍ପତ୍ତି ନେଲେ ଯେ, କଣ ଅନ୍ୟ କେଉଁଠି ଜଏନ କରିବେ ନା କଣ, ବିଜୟିନୀ କହିଲା।

– ହଁ, ମୁଁ ଗୋଟିଏ ଏନଜିଓରେ ଜଏନ କରିବି, ବିପ୍ଳବ କହିଲା।

– କେବେ ଯିବେ ? ବିଜୟିନୀ ପଚାରିଲା।

– କାଲି ଦ୍ୱିପହର ବେଳେ ଯିବି, ବିପ୍ଳବ ଉତ୍ତର ଦେଲା।

– ତାହେଲେ, କାଲି ଦ୍ୱିପହରେ ଆମ ଘରେ ଖାଇକି ଯିବେ, ବିଜୟିନୀ କହିଲା।

– ନା ନା ଆପଣ ହଇରାଣ ହେବା ଦରକାର ନାହିଁ, ବିପ୍ଳବ ଉତ୍ତର ଦେଲା।

– ଜାଣନ୍ତୁ, ଏଇଟା ଶେଷ ଥର ପାଇଁ ମୁଁ ହଇରାଣ ହେବି, ମୋତେ ଭଲ ଲାଗିବ, ଆପଣ ମନା କରନ୍ତୁ ନାହିଁ, ବିଜୟିନୀ କହିଲା।

ବିଜୟିନୀର ଆତ୍ମୀୟତା ଭରା ନିମନ୍ତ୍ରଣକୁ ସ୍ୱୀକାର କରି ନେଇ ଥିଲା ବିପ୍ଳବ। ନିମନ୍ତ୍ରଣ ରକ୍ଷାକରି, ତା ପରଦିନ ବିଜୟିନୀ ଘରେ ବିପ୍ଳବ ପହଞ୍ଚିଥିଲା। ବିଜୟିନୀ ତାର ଅତିଥି ଚର୍ଚ୍ଚାରେ ଲାଗି ପଡ଼ିଥିଲା। ଅଳ୍ପ ସମୟର କଥାବାର୍ତ୍ତା ଭିତରେ, ବିପ୍ଳବ ତା ଭାଗ୍ୟଚକ୍ର କିପରି ତାକୁ ଶୁଭ୍ରଜିତରୁ ବିପ୍ଳବ ଓ ଏବେ ପୁଣି ବିପ୍ଳବରୁ ଶୁଭ୍ରଜିତ କରାଇଥିଲା।, ତାର ସଂକ୍ଷିପ୍ତ କାହାଣୀ ବିଜୟିନୀ ଆଗରେ ବର୍ଣ୍ଣନା କରିଥିଲା।

– ମୋର ପ୍ରକୃତ ନାଁ ଶୁଭ୍ରଜିତ ମହାପାତ୍ର, କିନ୍ତୁ, ତମମାନଙ୍କ ପାଇଁ ମୁଁ ସବୁବେଳେ ବିପ୍ଳବ ହିଁ ରହିବି। ଯେଉଁ ନୂଆ କାମରେ ମୁଁ ଯୋଗ ଦେଉଛି, ମୋତେ ଏଇ ଖଣି ଖଦାନକୁ ମଝିରେ ମଝିରେ ଆସିବାକୁ ହେବ। ତେଣୁ ପୁଣି ଦେଖା ହେବ। ମୁଁ ଏବେ ଆସୁଛି, ବିପ୍ଳବ କହିଥିଲା।

– କଣ କହି ବିପ୍ଳବକୁ ବିଦାୟ ଦେବ, କିଛି ସ୍ଥିର କରିପାରୁନଥିଲା। ଆଖିରେ ତା'ର ଲୁହ ଜକେଇ ଆସିଥିଲା। ନିଜ ଲୁଗା କାନିରେ ଲୁହକୁ ପୋଛି ଦେଇଥିଲା। କୋହ ଭରା କଣ୍ଠରେ କହିଥିଲା, ଜୀବନରେ ଆଉଥରେ ଭେଟ ହେବ କି ନାହିଁ ଜାଣେନା। ତେଣୁ, ମୋର ଗୋଟିଏ ଶେଷ ଅନୁରୋଧ ରଖିବ ? ବିଜୟିନୀ ପ୍ରଶ୍ନ କରିଥିଲା।

– କଣ ଅନୁରୋଧ, କୁହ, ବିପ୍ଳବ କହିଥିଲା।

– ଜୀବନରେ ବହୁ ଘାତ ପ୍ରତିଘାତ ପରେ, ଭଗବାନଙ୍କ ଆଶୀର୍ବାଦରୁ ତମେ ଗୋଟିଏ ନୂଆ ଜୀବନ ପାଇଛ। ମୋର ଗୋଟିଏ ଅନୁରୋଧ, ସେଇ ବିଷ ପାଣି ଗୁଡ଼ାକ ଆଉ କେବେ ମୁହଁରେ ଦେବନି। ବିଜୟିନୀ କହିଥିଲା।

– ବିପ୍ଳବ ହୁଏତ ଆଶା କରି ନଥିଲା ଯେ, ବିଜୟିନୀ ତାକୁ ଏମିତି ଗୋଟାଏ ଅନୁରୋଧ କରି ବସିବ। ସେ ପୁଣି ଏକ ଭାବ ବିହ୍ୱଳ ମୁହୂର୍ତ୍ତରେ। ମନେ ରହିଲା। ତମ ଅନୁରୋଧ ରକ୍ଷା କରିବାକୁ ଚେଷ୍ଟା କରିବି, ବିପ୍ଳବ କହିଥିଲା।

ବାହାରେ ଜିଲ୍ଲାପାଳ ସୁବ୍ରତ ଆଚାର୍ଯ୍ୟ ପଠାଇଥିବା ଗାଡ଼ିଟି ବିପ୍ଳବ ପାଇଁ ଅପେକ୍ଷା କରୁଥିଲା। ବିଜୟିନୀ ଘରୁ ବାହାରି, ବିପ୍ଳବ ଗାଡ଼ିରେ ବସିଥିଲା। ଡ୍ରାଇଭର ଗାଡ଼ି ଷ୍ଟାର୍ଟ କରି ଆଗକୁ ବଢ଼ାଇ ଥିଲା। ବିପ୍ଳବ କାର ଭିତରୁ ହାତ ହଲାଇ ବିଜୟିନୀ ଠାରୁ ବିଦାୟ ନେଇଥିଲା। ବିଜୟିନୀ ଚାହିଁ ରହିଥିଲା ତାର ପ୍ରସ୍ଥାନ ପଥକୁ। ଆଖିରେ ତାର ଆଖିଏ ଲୁହ। ମାତ୍ର ତିନି ମାସର ସଂପର୍କ। କେଜାଣି କାହିଁକି ଏତେ ଆତ୍ମୀୟତା.........।

*ଏମ୪/୩୨, ଆଚାର୍ଯ୍ୟ ବିହାର, ଭୁବନେଶ୍ୱର*
*ଦୂରଭାଷ: ୯୪୩୭୨୪୪୪୦୪*

# ଅଦମ୍ୟ ଲାଳସା

ଡକ୍ଟର କଳ୍ପଲତା ଦାସ

ପ୍ରଣତିଙ୍କ ତୁଣ୍ଡକୁ ଦୁଇଦିନ ହେଲାଣି ଖାଦ୍ୟ କଣିକାଟିଏ ଯାଇନାହିଁ । ମାଟି ପିଣ୍ଡୁଳାଟିଏ ପରି ଗୋଟିଏ ସ୍ଥାନରେ ବସିଛନ୍ତି । ଘର କାନ୍ଥରେ ଟଙ୍ଗା ହୋଇଥିବା ଜଗନ୍ନାଥଙ୍କ ଫଟୋକୁ ଚାହିଁ ରହିଛନ୍ତି ଏକଲୟରେ । ସମୟ ସମୟରେ ଆଖିପତାର ସୀମାଲଙ୍ଘନ କରି ଲୁହଧାର ବହି ଆସୁଛି ଗଣ୍ଡଦେଶକୁ । ମୁହଁଟି କେବଳ ଝାଉଁଳି ପଡ଼ିନାହିଁ । ଶୂନ୍ୟ ଚାହାଣୀ, ନାସିକାରୁ ବାହାରି ଆସୁଥିବା ଦୀର୍ଘଶ୍ୱାସକୁ ଶୁଣିଲେ ଯେ କେହି ଅନୁମାନ କରିପାରିବ ତାଙ୍କର ହୃଦୟ କନ୍ଦରରେ କି ଭଳି ଆଘାତ ଲାଗିଛି । ଦୁଃଖ, ଶୋକ, ଗ୍ଲାନିରେ ଭରପୁର ମୁଖମଣ୍ଡଳଟି ନିହାତି ଦୟନୀୟ ଦିଶୁଛି । ସନ୍ତାନର ଯଶ, ସମ୍ମାନ, ପ୍ରତିପତ୍ତିରେ ମା'ର ଛାତି ଯେପରି କୁଣ୍ଢେମୋଟ ହୁଏ ତା'ର ନିନ୍ଦା, ଅପଯଶ, ଅପକୀର୍ତ୍ତିରେ ତା'ର ମୁଣ୍ଡ ସେତିକି ତଳକୁ ହୋଇଯାଏ । ପ୍ରଣତି ସ୍ୱପ୍ନରେ ସୁଦ୍ଧା ଭାବି ନଥିଲେ ଯେ ପିଲାଟି ଦିନରୁ ପ୍ରାଚୁର୍ଯ୍ୟ ସହିତ ସମସ୍ତ ନୀତି, ନିୟମ, ସଂସ୍କାର ଭିତରେ ବଢ଼ାଇ ଆଣିଥିବା ତାଙ୍କର ଏକମାତ୍ର ସନ୍ତାନ କୁଳନନ୍ଦନ ହୃଦୟର ଟୁକରା ବିଦ୍ୟାଧର ଦିନେ ତାଙ୍କ ହୃଦୟକୁ ବିଦୀର୍ଣ୍ଣ କରିଦେବ । କେବଳ ପାଠ ନୁହେଁ, ଚାଲି, ଚଳନ, ବ୍ୟବହାର କେଉଁଥିରେ କେହି ବିଦ୍ୟାଧରକୁ ବାରି ପାରୁନଥିଲେ । ସମସ୍ତେ କହନ୍ତି ଚେହେରା ସହିତ ବିଦ୍ୟାବୁଦ୍ଧିର ସମନ୍ୱୟ କମ୍ ଦେଖିବାକୁ ମିଳେ । ସେଥିପାଇଁ ପ୍ରଣତି ଏବଂ ପ୍ରକାଶଙ୍କୁ ସମସ୍ତେ ଭାଗ୍ୟବାନ କହନ୍ତି । ସନ୍ତାନର ପ୍ରଶଂସା ଶୁଣିଲେ ସବୁ ବାପା ମା'ଙ୍କର ଛାତି କୁଣ୍ଢେମୋଟ ହୋଇଯାଏ, ପ୍ରକାଶ ଏବଂ ପ୍ରଣତି ବିଦ୍ୟାଧର ଭଳି ପୁତ୍ରର ବାପା – ମା' ହୋଇଥିବାରୁ ନିଜକୁ ଖୁବ୍ ଭାଗ୍ୟଶାଳୀ ମନେ କରନ୍ତି ।

ପ୍ରକାଶ ବାବୁଙ୍କର କ୍ରସର, ସ-ମିଲ୍, ଟ୍ରାନ୍ସପୋର୍ଟ । ବ୍ୟବସାୟ କହିବାକୁ ଗଲେ ବିଦ୍ୟାଧର ପିଲାଟି ଦିନରୁ ସୁନା ଚାମଚରେ କ୍ଷୀର ପିଉଥିଲା । ସହରର ପ୍ରତିଷ୍ଠିତ ଦାମୀ ସ୍କୁଲରୁ ପାଠପଢ଼ା ଆରମ୍ଭ କରି ଦଶମ ଶ୍ରେଣୀରେ ସାରା ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଥିଲା । ତାହାପରେ ଦିଲ୍ଲୀ ୟୁନିଭରସିଟିରେ କଲେଜ ପାଠପଢ଼ା ଆରମ୍ଭ କରିଥିଲା, ବେଶ୍ କୃତିତ୍ୱର ସହିତ ଡିଷ୍ଟିଂସନ ସହିତ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେଲାପରେ ପିଜିରେ ନାମ ଲେଖାଇ କମ୍ପିଟେଟିଭ୍ ପରୀକ୍ଷା ପାଇଁ ନିଜକୁ ପ୍ରସ୍ତୁତ କରିଥିଲା । ଏମ୍.ଏ.ପରୀକ୍ଷା ପରେ ସର୍ବଭାରତୀୟ ପରୀକ୍ଷାରେ ପ୍ରିଲିମିନାରୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ମୁଖ୍ୟ ପରୀକ୍ଷା ପାଇଁ ପଢ଼ାପଢ଼ିରେ ଲାଗି ପଡ଼ିଲା । ନିଜର ଅକ୍ଲାନ୍ତ ପରିଶ୍ରମ ଏବଂ ଅଧ୍ୟବସାୟ ଯୋଗୁ ମୁଖ୍ୟ ପରୀକ୍ଷାରେ କୃତକାର୍ଯ୍ୟ ହୋଇ ସାକ୍ଷାତକାର ଏବଂ ମୌଖିକ ପରୀକ୍ଷା ପାଇଁ ନିଜକୁ ଭଲ ଭାବେ ପ୍ରସ୍ତୁତ କଲା । ଭଗବାନଙ୍କର କରୁଣା, ବାପା, ମା' ଏବଂ ଗୁରୁଜନମାନଙ୍କର ଆଶୀର୍ବାଦ ଯୋଗୁ ପ୍ରଥମ ଥରରେ ହିଁ ବିଦ୍ୟାଧର ଭାରତୀୟ ବନସେବା ଅଧିକାରୀ ଭାବେ ନିଜକୁ ଯୋଗ୍ୟ ବିବେଚିତ କରିପାରିଲା । ଟ୍ରେନିଂ ପରେ ବନସେବା ଅଧିକାରୀ ଭାବରେ ଶିମିଳିପାଳ ଡିଭିଜନରେ ଜଏନ୍ କଲା ।

ଚାକିରିରେ ଜଏନ୍ କଲାପରେ ବିଦ୍ୟାଧରର ବିଭାଘର ପାଇଁ ବହୁତ ଭଲ ଭଲ ଯାଗାରୁ ପ୍ରସ୍ତାବମାନ ଆସିବାକୁ ଲାଗିଲା । ଶିମିଳିପାଳରେ ବିଦ୍ୟାଧରକୁ ବେଶ୍ ବଡ ସରକାରୀ ଘର ମିଳିଥିଲା । ପିଅନ, ବନରକ୍ଷୀ, ଡ୍ରାଇଭର ଇତ୍ୟାଦି ଚତୁର୍ଥ ଶ୍ରେଣୀ କର୍ମଚାରୀମାନେ ସେବା କରିବା ପାଇଁ ସର୍ବଦା ଆଗଭର ଥିଲେ । କିନ୍ତୁ ପ୍ରଣତିଙ୍କର ମନ ବୁଝୁ ନଥିଲା । ପିଲାଟି ଦିନରୁ ନିହାତି ଅଲିଅଳରେ ବଢ଼ାଇ ଆଣିଥିବା ପୁଅର ଭଲଭାବେ ଦେଖାଶୁଣା କରିବା ପାଇଁ ତଥା ଏକାଟିଆ ନୀରସ ଜୀବନକୁ ସରସ କରିବା ପାଇଁ ବିଦ୍ୟାଧରର ବିବାହ କାର୍ଯ୍ୟ ସମ୍ପନ୍ନ କରିବାର ସିଦ୍ଧାନ୍ତ ନେଇ ପାତ୍ରୀ ଅନ୍ୱେଷଣରେ ଲାଗିପଡ଼ିଲେ ପ୍ରଣତି । ଯେଉଁ ସବୁ ପ୍ରସ୍ତାବ ଆସୁଥିଲା ସେଥିରୁ ଅଧିକାଂଶ ପ୍ରକାଶ ବାବୁ ଏବଂ ପ୍ରଣତିଙ୍କ ଦ୍ୱାରା କାଟଖାଇ ଯାଉଥିଲା । କେଉଁ ଝିଅର ରଙ୍ଗ କଳା ତ କିଏ ଉଚ୍ଚତାରେ ବିଦ୍ୟାଧରଠାରୁ ଯଥେଷ୍ଟ କମ୍ । କାହାର ଚାଲିଚଳନ, ବ୍ୟବହାର ବହୁତ ଭଲତ ଶିକ୍ଷାଗତ ଯୋଗ୍ୟତା କମ୍ । କାହାର ପାଠ ଏବଂ ଚେହେରା ଠିକ୍ ଠାକ୍ ଥିବା ସମୟରେ ଝିଅଟି ଅତ୍ୟନ୍ତ ଅହଂକାରୀ ବୋଲି ଜଣାପଡ଼ିଲା । ଯାହା ହେଉ ଶେଷରେ ଇଂଜିନିୟର ସତ୍ୟବ୍ରତ ବାବୁଙ୍କ ଝିଅ ଏଲିନା ସହିତ ବିଦ୍ୟାଧରର ମାଙ୍ଗଳିକ କର୍ମ ସମ୍ପନ୍ନ ହେଲା । ଏମ୍.ଏ. ପାଶ୍ କରିଥିବା ଗୋଟିଏ ଚାଉଳରେ ଗଢ଼ା ଶୁଭ୍ରାଙ୍ଗୀ ଏଲିନା ବଧୂ ବେଶରେ ପ୍ରକାଶ ବାବୁଙ୍କ ଗୃହରେ ପାଦ ଥାପିଲା । ବିଦ୍ୟାଧର ବିଭାଘର ନିମନ୍ତେ ପନ୍ଦରଦିନ ଛୁଟି ନେଇ ଆସିଥିଲା । ତେଣୁ ଷୋଳ ମଙ୍ଗଳାପରେ ସେ କର୍ମକ୍ଷେତ୍ର ଶିମିଳିପାଳକୁ ଯିବାକୁ ବାହାରିଲା । ପ୍ରଣତି ପୂର୍ବରୁ ସମସ୍ତ ପ୍ରସ୍ତୁତି କରି ରଖିଥିଲେ । ବିଦ୍ୟାଧର ସହିତ ଏଲିନାକୁ ଶିମିଳିପାଳ ପଠାଇଦେଲେ । ପ୍ରଥମେ ପ୍ରଣତି ପୁଅ ବୋହୂଙ୍କ ସଙ୍ଗରେ

ଯାଇ ଶିମିଳିପାଳରେ ଆଠଦିନ ରହି ବୋହୂ ଚଳିବା ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରିଦେଇ ଆସିଲେ। ମଝିରେ ମଝିରେ ପ୍ରକାଶବାବୁ ଓ ପ୍ରଣତି ଯାଇ ପୁଅ ବୋହୂଙ୍କ ପାଖରେ କିଛି ଦିନ ରହି ଆସନ୍ତି। ଭୁବନେଶ୍ୱରରେ କୌଣସି ସରକାରୀ କାର୍ଯ୍ୟ ପଡ଼ିଲେ ବିଦ୍ୟାଧର ଏଲିନାକୁ ସଙ୍ଗରେ ଧରି ଆସେ। ବାପା - ମା'ଙ୍କ ସହିତ ଦିନେ ଦୁଇଦିନ କଟାଇ ପୁଣି ଶିମିଳିପାଳ ଫେରିଯାଏ।

ଥରେ ପ୍ରଣତି ଶିମିଳିପାଳ ଯାଇଥିବା ସମୟରେ ଦେଖିଲେ ବିଦ୍ୟାଧରର ଡ୍ରଇଂ ରୁମ୍‌ରେ ଶାଗୁଆନ କାଠର ବେଶ୍ ଦାମୀ ସୋଫାସେଟ୍ ପଡ଼ିଛି। ପ୍ରଣତି ଏଲିନାକୁ ପଚାରିଥିଲେ - "ପୁରୁଣା ଶାଗୁଆନ କାଠର ଏତେ ସୁନ୍ଦର ଡିଜାଇନ୍‌ର ସୋଫାସେଟ୍, ସେଣ୍ଟର୍ ଟେବୁଲ୍, କର୍ଣ୍ଣର ଟେବୁଲ, ସବୁ ମିଶି ନିଶ୍ଚୟ ଦୁଇଲକ୍ଷ ପାଖାପାଖି ହୋଇଥିବ। ଏଲିନା ସଙ୍ଗେ ସଙ୍ଗେ ଉତ୍ତର ଦେଇଥିଲା - ନାହିଁ ମା ! ବିଦ୍ୟାଧର ଏହି ସୋଫାସେଟ ନିଜେ କିଣିନାହାନ୍ତି। ବାରିପଦାର ଜଣେ କଣ୍ଟ୍ରାକ୍ଟର ଉପହାର ହିସାବରେ ଏହାକୁ ଦେଇଛନ୍ତି। ପ୍ରଣତି ପ୍ରଶ୍ନ କରିଥିଲେ - ବିଦ୍ୟାଧର ସହିତ ତାଙ୍କର ବନ୍ଧୁତା ହେଲା କିପରି ? ଭବିଷ୍ୟତର କୌଣସି ଫାଇଦା ପାଇଁ ସୋଫାରୂପକ ଜାଲ ବିଛାଇ ନାହାନ୍ତି ତ ? ଉତ୍ତର ଦେଲା ଭଳି କୌଣସି ତଥ୍ୟ ଏଲିନା ପାଖରେ ନଥିଲା। ପ୍ରଣତି ବୁଝାଇଥିଲେ - ଦେଖ ମା ! ଶାଗୁଆନ କାଠ ପାଇଁ କାଠ ମାଫିଆଙ୍କର ଲୋଲୁପ ଦୃଷ୍ଟି ସବୁବେଳେ ଶିମିଳିପାଳ ଜଙ୍ଗଲ ଉପରେ ପଡ଼ିଥାଏ। କେରାଣ୍ଡି ପକାଇ ବାଳିଆ ମାରିବା ଲୋକଙ୍କ ପାଖରୁ ସବୁବେଳେ ଦୂରେଇ ରହିବା ଉଚିତ। ଆଉଥରେ ଏଲିନାର କାନରେ ହୀରାର କାନଫୁଲ ଦେଖି ଏହି କାନଫୁଲ କେବେ କିଣିଲା ବୋଲି ପଚାରିବାରୁ ଏଲିନା ଉତ୍ତରରେ କହିଥିଲା ବିଦ୍ୟାଧରଙ୍କର ଜଣେ ବନ୍ଧୁ ଏଲିନାର ଜନ୍ମଦିନରେ ଉପହାର ଦେଇଛନ୍ତି। ସେଦିନ ମଧ୍ୟ ଉପହାର ରୂପକ ଜାଲରେ ଛନ୍ଦି ନହେବା ନିମନ୍ତେ ପ୍ରଣତି ଉପଦେଶ ଦେଇଥିଲେ।

ବିଦ୍ୟାଧର ମୂଳ ଲକ୍ଷ୍ୟ ଥିଲା ଆଇଏଏସ. ପରୀକ୍ଷାରେ କୃତକାର୍ଯ୍ୟ ହେବା। ସେଥିପାଇଁ ସେ ଦ୍ୱିତୀୟଥର ସିଭିଲି ସର୍ଭିସ୍ ପରୀକ୍ଷାଦେବା ପାଇଁ ନିଜକୁ ଭଲ ଭାବେ ପ୍ରସ୍ତୁତ କଲା। ପ୍ରିଲିମିନାରୀ ଏବଂ ମୁଖ୍ୟ ପରୀକ୍ଷାରେ କୃତକାର୍ଯ୍ୟ ହେଲାପରେ ମୌଖିକ ପରୀକ୍ଷା ପାଇଁ ରାତି ଦିନ ଏକ କରି ଲାଗି ପଡ଼ିଲା। ଭଗବାନ ଡାକ ଶୁଣିଲେ। ଦ୍ୱିତୀୟ ଥରରେ ଆଇ.ଏ.ଏସ. ପାଇ ସେ ମସୌରୀ ଗଲା ଟ୍ରେନିଂ ପାଇଁ। ସେ ଯେହେତୁ ଓଡ଼ିଆ କ୍ୟାଡରର ଆଇ.ଏ.ଏସ୍। ତା'ର ପ୍ରଥମ ପୋଷ୍ଟିଂ କଳାହାଣ୍ଡି ଜିଲ୍ଲାର ଜୁନାଗଡରେ ହେଲା। ସବ୍‌କଲେକ୍ଟର ଭାବରେ ଜୁନାଗଡରେ ଜଏନ କରିବା ପୂର୍ବରୁ ବିଦ୍ୟାଧର ଘରକୁ ଆସିଥିଲା। ଛୁଆଟି ଦିନରୁ ଆଇ.ଏ.ଏସ୍ ହେବାର ସ୍ୱପ୍ନ ଦେଖିଥିବା ବିଦ୍ୟାଧରର ସ୍ୱପ୍ନ ସାକାର ହେବାପରେ ବିଦ୍ୟାଧରର ଖୁସି କୂଳ ଲଂଘନ କରିଗଲା। କିନ୍ତୁ ସେହି ଖୁସିରେ ବନ୍ୟାରେ ବନ୍ଧ ବାନ୍ଧିଲା ଭଳି କେତେକ ଉପଦେଶ ଦେବାକୁ ଭୁଲି ନଥିଲେ ପ୍ରଣତି, ପ୍ରଥମେ ସେ କହିଥିଲେ - "ଏତେ କମ୍ ବୟସରେ କଠିନ ପରିଶ୍ରମ କରି ତୁ ତୋ ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରିଛୁ। ମାତ୍ର ଆଇ.ଏ.ଏସ୍ ପଦର ମର୍ଯ୍ୟାଦା, ଗୁରୁତ୍ୱ ଏବଂ ଯାହାଙ୍କର ସେବା ପାଇଁ ତତେ ଏ ପଦ ମିଳିଛି ତା'ର ଅମର୍ଯ୍ୟାଦା କିରବୁ ନାହିଁ। ସାଧାରଣ ଜନତାଙ୍କ ସେବା ପାଇଁ ତତେ ଏ ପଦ ମିଳିଛି। ଏ ଆସନରେ କଳଙ୍କର ଛାପ ଲାଗିବାକୁ ଦେବୁ ନାହିଁ।" କିଛି ଉତ୍ତର ନଦେଲେ ମଧ୍ୟ ବିଦ୍ୟାଧର ଏବଂ ଏଲିନା ପ୍ରଣତିଙ୍କ କଥାର ଗୁରୁତ୍ୱ ଠିକ୍ ଭାବେ ବୁଝିପାରିଥିଲେ। ସେମାନେ ଜାଣିଥିଲେ ଶିମିଳିପାଳରେ ଉପହାର ହିସାବରେ ବିଦ୍ୟାଧର ଯେଉଁ ଦାମୀ ଜନିଷ ଗ୍ରହଣ କରୁଥିଲା ଏବଂ ତା'ର ପ୍ରତିବଦଳରେ ଉପହାର ଦାତାଙ୍କୁ ଅନୁଗୃହୀତ କରିବାକୁ ପଡୁଥିଲା। ସେସବୁଠାରୁ ଦୂରେଇ ରହିବାକୁ ଉଭୟ ପ୍ରକାଶ ଏବଂ ପ୍ରଣତି ବିଦ୍ୟାଧରକୁ ଏକ ପ୍ରକାର ବାଧ୍ୟ କରୁଥିଲେ।

ବିଦ୍ୟାଧର ଜୁନାଗଡରେ ଜଏନ୍ କଲା। ପ୍ରଥମ ଦିନ ଅଫିସର ସମସ୍ତ କର୍ମଚାରୀଙ୍କ ସହିତ ଜୁନାଗଡ ସବ୍‌ଡିଭିଜନର ଅଧିକାଂଶ ବିଡିଓ, ତହସିଲଦାର ଏବଂ ଅନ୍ୟ କେତେକ ମର୍କଚାରୀ ପୁଷ୍ପଗୁଛ ସହିତ ତାକୁ ସମ୍ବର୍ଦ୍ଧିତ କଲେ। ରହିବାପାଇଁ ବିଦ୍ୟାଧରକୁ ସୁଦୃଶ୍ୟ ବଙ୍ଗଳା ମିଳିଥିଲା। ବ୍ରିଟିଶ ଅମଳର ପୁରୁଣାବଙ୍ଗଳାକୁ ଲାଗି ଏକ ସୁଦୃଶ୍ୟ ବଙ୍ଗଳା। ଚାକର, ଡ୍ରାଇଭର, ପିଅନ, ମାଳି ପରିବେଷ୍ଟିତ ବଙ୍ଗଳା। ରେସିଡେନ୍ସିଆଲ ଅଫିସ, ବଙ୍ଗଳା ଆଗରେ ବିରାଟ ଫୁଲ ବଗିଚା। ଫୁଲ ବଗିଚାତ ନୁହେଁ - ଛୋଟିଆ ପାର୍କଟିଏ କହିଲେ ଭୁଲ ହେବ ନାହିଁ। ଏଲିନା ଅଳ୍ପଦିନ ଭିତରେ ଘରକୁଟିକୁ ସଜାଇଲା। ଗୃହ ଉପକରଣର ଅଭାବ ନଥିଲା, ସେ ସବୁକୁ ଯଥାସ୍ଥାନରେ ସଜାଇ ରଖିବା ପାଇଁ ପିଅନ ଚାକରଙ୍କର ଅଭାବ ମଧ୍ୟ ନଥିଲା। ପାଖ, ପଡିଶା, ଅଫିସର କୌଣସି କର୍ମଚାରୀଙ୍କର ପତ୍ନୀ, ମା' କିମ୍ବା ପରିବାରର କେହି ଆସିଲେ ଏଲିନାର ଗୃହ ସଜାଇବା ପ୍ରଣାଳୀର ଭୂରି ଭୂରି ପ୍ରଶଂସା କରନ୍ତି। ସେଠାକାର ଲେଡିଜ୍ କ୍ଲବର ଜଣେ ମେମ୍ବର ହେବାକୁ ଏଲିନାକୁ ଅଧିକ ବିଳମ୍ବ ଲାଗିଲା ନାହିଁ। ମହିଳା ସମିତି, ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନର କର୍ମକର୍ତ୍ତା ଏଲିନାକୁ ନିଜ ସଂଗଠନରେ ସାମିଲ କରିବା ପାଇଁ ଆଗେଇ ଆସିଲେ। ସାମାଜିକ କ୍ଷେତ୍ରରେ ଏଲିନାର ପ୍ରତିଷ୍ଠା ଯେପରି ବଢ଼ିଲା, ପାରିବାରିକ କ୍ଷେତ୍ରରେ ମଧ୍ୟ ପ୍ରତ୍ୟେକ ଉତ୍ସବ - ଅନୁଷ୍ଠାନରେ ଏଲିନାର ଉପସ୍ଥିତି ସମସ୍ତେ କାମନା କଲେ। ବାପଘର ତରଫରୁ ହେଉ କିମ୍ବା ଶାଶୁ ଘର ସମ୍ବନ୍ଧୀୟ ହେଉ, ପ୍ରତ୍ୟେକ ବିବାହ, ବ୍ରତ, ଶୁଦ୍ଧଘର, ଜନ୍ମଦିନ ଇତ୍ୟାଦିରେ ଏଲିନା ଉପସ୍ଥିତ ରହି ଦାମୀ ଉପହାର ଦେବାରେ ହେଳା କରୁନଥିଲେ। ଏହା ମଧ୍ୟରେ ବିଦ୍ୟାଧର ଏଲିନାଙ୍କ ପ୍ରଥମ ପୁତ୍ର ସନ୍ତାନ ସଂସାରକୁ ଆସିଲା। ତା'ର ଏକୋଇଶିଆ ଦିନ ବିରାଟ ଏକ ପାର୍ଟିର ଆୟୋଜନ କରିଥିଲା ବିଦ୍ୟାଧର। ଖାଇବା, ପିଇବା, ସାଜସଜା, ଅତିଥି ଚର୍ଚ୍ଚା ଏପରି ହୋଇଥିଲା ଯେ ସମସ୍ତେ କହିଲେ ବଡ଼ ବଡ଼ ବିଭାଘରରେ ମଧ୍ୟ ଏପରି ଆୟୋଜନ ହୋଇନଥିବ।

କିଛିଦିନ ପରେ ଦିନେ ହଠାତ୍ ବିଦ୍ୟାଧର ଓ ଏଲିନା ଭୁବନେଶ୍ୱରରେ ପହଞ୍ଚିଲେ। ଏଲିନା ନାମରେ ଭୁବନେଶ୍ୱରରେ ଗୋଟିଏ ଥ୍ରୀ ବେଡରୁମ୍ ଫ୍ଲାଟ ବୁକ୍ କରାଗଲା। ଅବଶ୍ୟ ବହୁତ ଦିନ ପରେ ପ୍ରକାଶ ଏବଂ ପ୍ରଣତିଙ୍କ କାନକୁ ଏକଥା ଆସିଥିଲା। ଯେହେତୁ ସେମାନଙ୍କ ଅଗୋଚରରେ ଏକଥା ହୋଇଥିଲା, ଏହି ବିଷୟରେ ବିଦ୍ୟାଧର କିମ୍ବା ଏଲିନା ସହିତ କୌଣସି ଚର୍ଚ୍ଚା କରିବା ପାଇଁ ପ୍ରକାଶ ଏବଂ ପ୍ରଣତି ଉଚିତ ମଣି ନଥିଲେ। ପ୍ରଣତି ପ୍ରକାଶଙ୍କୁ କହିଥିଲେ ପୁଅର ପ୍ରଗତିରେ ମୋର ଖୁସି ହେବାକଥା। ପୁଅର ଉତ୍ତରୋତ୍ତର ଉନ୍ନତି କାମନା କରିବା କଥା କିନ୍ତୁ ମୋ ମନ ଗୋଳେଇ ଘାଣ୍ଟି ହେଉଛି। ଲାଗୁଛି ଯେମିତି ଆଗକୁ କିଛି ଅଘଟଣ ଘଟିବାକୁ ଯାଉଛି। ପ୍ରକାଶ ଆଶ୍ୱାସନା ଦେଇଥିଲେ - "ନିଜ ମନକୁ ତମେ ଶାନ୍ତ ରଖ,

ଭଗବାନଙ୍କୁ ଡାକ ବିଦ୍ୟାଧରକୁ ସଦ୍‌ବୁଦ୍ଧି ଦିଅନ୍ତୁ।

କିନ୍ତୁ ଯିଏ ବୁଦ୍ଧିମାନ ହୋଇ ମଧ୍ୟ ନିଜର ବୁଦ୍ଧିକୁ ଅସତ୍ ମାର୍ଗରେ ପରିଚାଳିତ କରିବ, ଅନୀତି, ନିୟମ ବିରୁଦ୍ଧ କର୍ମକୁ ଆପଣେଇବ ତାକୁ ସ୍ୱୟଂ ଈଶ୍ୱର କ୍ଷମା ଦେବେ ନାହିଁ। ଏକଥା ସମସ୍ତେ ଜାଣନ୍ତି। ବିଦ୍ୟାଧରର ଅଫିସ କାର୍ଯ୍ୟ, ଗସ୍ତ କାର୍ଯ୍ୟ, ସଭାସମିତିରେ ଉପସ୍ଥିତ ସବୁ ଠିକ୍ ଠାକ ଚାଲିଥିଲା, ଏଲିନା ତା'ର କିଟି ପାର୍ଟି, ଲେଡିଜ କ୍ଲବ, ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଏପରି ବ୍ୟସ୍ତ ରହୁଥିଲେ ଯେ ତା' ପାଖରେ ଘର ପରିବାର କଥା ବୁଝିବାକୁ ସମୟର ଅଭାବ ଥିଲା। କେବଳ ଯେ ବିଦ୍ୟାଧର ଏବଂ ଏଲିନା ଜମି ବା ଫ୍ଲାଟ କିଣୁଥିଲେ ତାହା ନୁହେଁ, ସେମାନଙ୍କର ବ୍ୟାଙ୍କ ଆକାଉଣ୍ଟସର କଳେବର ବୃଦ୍ଧି ହେବା ସଙ୍ଗେ ସଙ୍ଗେ ବିଭିନ୍ନ ପଲିସିରେ ବେଶ୍ ମୋଟା ଅଙ୍କର ଟଙ୍କା ବିନିଯୋଗ କରୁଥିଲେ। ବ୍ୟାଙ୍କ ଲକରରେ ଯେତିକି ସ୍ୱର୍ଣ୍ଣ ଅଳଙ୍କାର ରହୁଥିଲା ଘରେ ଥିବା ଗଡରେଜ ଆଲମାରୀ ଲକରରେ ତାହାଠାରୁ କିଛି କମ୍ ଅଳଙ୍କାର ରହୁନଥିଲା। କେବଳ ଯେ ସୁନା, ରୂପା ଅଳଙ୍କାର କିମ୍ବା ଶାଢ଼ୀ, ପୋଷାକ ଇତ୍ୟାଦିର ସଂଖ୍ୟା ବଢ଼ିବାରେ ଲାଗିଥିଲା ତାହା ନୁହେଁ ଜୋତା, ଚପଲଠାରୁ ଆରମ୍ଭ କରି ସନ୍‌ଗ୍ଲାସ ହାତବନ୍ଧା ଘଡ଼ି ପର୍ଯ୍ୟନ୍ତ ସବୁଠାରୁ ଦାମିକା ଜିନିଷ ସେମାନଙ୍କ ପାଖରେ ଥିଲା।

ଜୁନାଗଡ଼ରେ ଲୋକ ପ୍ରତିନିଧିଙ୍କ ସହିତ ବିଦ୍ୟାଧରର ସୁସମ୍ପର୍କ ଥିଲା। ନୂଆ ବର୍ଷ, ଦଶହରା, ଦୀପାବଳୀ ଆଦି ଦିନ ମାନଙ୍କରେ ବେଶ୍ ଦାମୀ ଉପହାର ଦେବାକୁ ଭୁଲୁ ନଥିଲା। ଥରେ ଉକ୍ତ ନେତା ବିଦ୍ୟାଧରକୁ ସେଠାକାର ସାଧାରଣ ଜନତାଙ୍କର ଅସନ୍ତୋଷର ଆଭାସ ଦେଇଥିଲେ। କିନ୍ତୁ ବାପା ମା'ଙ୍କର ଉପଦେଶ ହେଉ କିମ୍ବା ବନ୍ଧୁବାନ୍ଧବଙ୍କର ପରାମର୍ଶ ହେଉ, ବିଦ୍ୟାଧର ଉପରେ ଏହାର କୌଣସି ପ୍ରଭାବ ନଥିଲା। କିନ୍ତୁ ସବୁବେଳେ ଦିନ ସମାନ ଯାଏ ନାହିଁ। ଜନୈକ କଣ୍ଟ୍ରାକ୍ଟରଙ୍କର ବିଲ୍ ପାସ କରାଇବା ପାଇଁ ବିଦ୍ୟାଧର ତାଙ୍କଠାରୁ ପଚାଶ ହଜାର ଟଙ୍କା ଡିମାଣ୍ଡ କରିଥିଲା। ଉକ୍ତ ଭଦ୍ରଲୋକ ଦୁଇଟି କିସ୍ତିରେ ଟଙ୍କା ଦେବା ପାଇଁ ଚୁକ୍ତି କରିଥିଲେ। ପ୍ରଥମ କିସ୍ତିର ତିରିଶି ହଜାର ଟଙ୍କା ଆଣି ବିଦ୍ୟାଧରର କ୍ୱାର୍ଟର୍‌ରେ ଦେବା ପୂର୍ବରୁ ସେହି ଭଦ୍ରଲୋକ ଭିଜିଲାନ୍ସରେ ରିପୋର୍ଟ କରି ଦେଇଥିଲେ। ନିର୍ଦ୍ଦିଷ୍ଟ ଦିନରେ ଓ ନିର୍ଦ୍ଦିଷ୍ଟ ସମୟରେ ବିଦ୍ୟାଧର କଣ୍ଟ୍ରାକ୍ଟରଙ୍କଠାରୁ ଟଙ୍କା ଗ୍ରହଣ କରୁଥିବା ସମୟରେ ପୂର୍ବରୁ ଜଗି ରହିଥିବା ଭିଜିଲାନ୍ସ ବିଭାଗର କର୍ମଚାରୀ ବିଦ୍ୟାଧରକୁ କାବୁ କରି ନେଇଥିଲେ। ବିଦ୍ୟାଧର ନିଜ ତରଫରୁ ଯେତେ ସଫେଇ ଦେଲେ ମଧ୍ୟ ସେମାନେ ଏଥିପ୍ରତି କର୍ଣ୍ଣପାତ କରିନଥିଲେ। ଏକ ସମୟରେ ବିଦ୍ୟାଧରର ସରକାରୀ ଘର ତା'ର ଶ୍ୱଶୁରଙ୍କ ଘର ଏବଂ ପ୍ରକାଶ ବାବୁଙ୍କ ବାସଭବନ ଉପରେ ଭିଜିଲାନ୍ସ ଚଢ଼ାଉ କଲା। ଏଲିନା ହଡବଡ଼େଇ ଯାଇ ପାଞ୍ଚ ଶହ ଟଙ୍କା ଭର୍ତ୍ତି ହୋଇଥିବା ଦୁଇଟି ବଡ଼ ବଡ଼ ସୁଟ୍‌କେଶ୍ ଡ୍ରାଇଭର ମାଧ୍ୟମରେ ଅନ୍ୟ ସ୍ଥାନରେ ରଖିବାର ବ୍ୟବସ୍ଥା କରିଥିଲା। ମାତ୍ର ଡ୍ରାଇଭର ଯେତେ ସନ୍ତର୍ପଣରେ ଗଲେ ମଧ୍ୟ ବିଦ୍ୟାଧରର ସରକାରୀ ବାସଭବନକୁ ଚାରିପଟୁ ଘେରି ରହିଥିବା ପୋଲିସ ନଜରକୁ ଏଡାଇ ପାରିଲା ନାହିଁ। ବିଦ୍ୟାଧରର ବାସଭବନରୁ ନଗଦ ତିରିଶ ଲକ୍ଷ ଟଙ୍କା, ଚାରିଶହ ଗ୍ରାମ ଓଜନର ସ୍ୱର୍ଣ୍ଣ ଅଳଙ୍କାର, ଦଶଲକ୍ଷ ଟଙ୍କାର ଜୀବନ ବୀମା ପଲିସିର କାଗଜପତ୍ର, ତିରିଶ ଲକ୍ଷ ଟଙ୍କାର ସ୍ଥାୟୀ ଜମାର କାଗଜପତ୍ର, ଏବଂ କୋଟିଏ ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର ଘରର ଆସବାବ ପତ୍ରର ସନ୍ଧାନ ମିଳିଲା। ଭିଜିଲାନ୍ସ ବିଭାଗର କର୍ମଚାରୀମାନଙ୍କୁ ମିଳିଥିବା ଟଙ୍କା ଗଣିବାକୁ ଟଙ୍କା ଗଣା ମେସିନର ସାହାଯ୍ୟ ନେବାକୁ ପଡ଼ିଲା। ଦୁଇଟି ବ୍ୟାଙ୍କର ଲକର୍‌ର ଚାବି ସେମାନଙ୍କର ହସ୍ତଗତ ହେଲା। ଆଇ.ଏ.ଏସରେ ଜଏନ କରିବାର ମାତ୍ର ଚାରି ପାଞ୍ଚ ବର୍ଷ ମଧ୍ୟରେ ଏପରି ବିପୁଳ ସମ୍ପତ୍ତିର ମାଲିକ ହେବା ବିଦ୍ୟାଧର ପାଇଁ ସିନା ସାମାନ୍ୟ କଥା ଥିଲା କିନ୍ତୁ ତଦନ୍ତକାରୀ ଅଫିସରମାନଙ୍କୁ ଆଶ୍ଚର୍ଯ୍ୟଚକିତ କରି ଦେଇଥିଲା। ଖବରଟା ବିଦ୍ୟୁତ ବେଗରେ ବ୍ୟାପିଗଲା। ବିଦ୍ୟାଧରର ସରକାରୀ ବାସଭବନ ସମ୍ମୁଖରେ ପତ୍ରକାର ଏବଂ ଗଣମାଧ୍ୟମ ପ୍ରତିନିଧିମାନଙ୍କର ଭିଡ ଜମିଗଲା। ଭିଜିଲାନ୍ସ ଅଫିସରଙ୍କ ଗହଣରେ ବିଦ୍ୟାଧରକୁ ପୋଲିସ ଷ୍ଟେସନ ଯିବାକୁ ପଡ଼ିଲା। ସାମ୍ବାଦିକମାନଙ୍କର ପ୍ରଶ୍ନର ଉତ୍ତରରେ ତଦନ୍ତକାରୀ ଅଫିସର କେବଳ ଏତିକି କହିଲେ - "ନଗଦ ତିରିଶ ଲକ୍ଷ ଟଙ୍କା ସହିତ ଚାରିଶହ ଗ୍ରାମର ସ୍ୱର୍ଣ୍ଣ ଅଳଙ୍କାର, ବିଭିନ୍ନ ବ୍ୟାଙ୍କ୍‌ରେ ଡିପୋଜିଟ ଥିବା ଟଙ୍କା ଏବଂ ବିଭିନ୍ନ ପଲିସି, ଭୁବନେଶ୍ୱରରେ ତିନୋଟି ଫ୍ଲାଟ୍ ସହିତ ତିନି ବେଡ ରୁମ୍ ବିଶିଷ୍ଟ ଫ୍ଲାଟ୍‌ର କାଗଜପତ୍ର ସହିତ ବିଭିନ୍ନ ବ୍ୟାଙ୍କର ଲକର୍‌ର ଚାବି ସେମାନଙ୍କର ହସ୍ତଗତ ହୋଇଛି। ସେସବୁ ଖୋଲା ହେଲା ପରେ ପ୍ରକୃତ ସମ୍ପତ୍ତିର ମୂଲ୍ୟାୟନ କରିହେବ।"

ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ପରେ ବିଦ୍ୟାଧରକୁ ଆରେଷ୍ଟ କରାଗଲା। ଲାଗ୍ ଲାଗ୍ ଦୁଇଦିନ ଛୁଟି ଥିବାରୁ ବିଦ୍ୟାଧରକୁ ବେଲ୍ ମିଳିପାରିଲା ନାହିଁ। ତେଣୁ ତିନିଦିନ ବିଚାର ବିଭାଗୀୟ ହାଜତରେ ରହିବାକୁ ପଡ଼ିଲା। ଚତୁର୍ଥଦିନ କୋର୍ଟକୁ ଚାଲାଣ କରାଗଲା। ମାତ୍ର ତଳ କୋର୍ଟରେ ଜାମିନ ନାମଞ୍ଜୁର ହେଲା ପରେ ବିଦ୍ୟାଧରକୁ ଜେଲ୍ ହାଜତକୁ ପଠାଇ ଦିଆଗଲା।

ଏଲିନା ପ୍ରଣତି ଏବଂ ପ୍ରକାଶ ବାବୁଙ୍କ ପାଖରେ ପହଞ୍ଚିଲା। କାନ୍ଦି କାନ୍ଦି ଗଡ଼ିଗଲା ପ୍ରକାଶ ବାବୁଙ୍କ ପାଦତଳେ। "ବାପା! ଭଲ ଓକିଲ ଦେଇ ଉପରକୋର୍ଟରୁ ବିଦ୍ୟାଧରଙ୍କର ଜାମିନ ମଞ୍ଜୁର କରାନ୍ତୁ।" ପ୍ରକାଶ ବାବୁ ଶୂନ୍ୟ ଦୃଷ୍ଟିରେ ଉପରକୁ ଅନାଇ ରହିଥିଲେ। ସତେଯେପରି ସେ ପଥର ହୋଇଯାଇଛନ୍ତି। ପ୍ରଣତି ଗଣମାଧ୍ୟମରୁ ଏ ଖବର ଦେଖି ନିର୍ବାକ ହୋଇ ଯାଇଥିଲେ। ଆଖିରୁ ତାଙ୍କର ଗଡ଼ି ଚାଲିଥିଲା ଗଙ୍ଗା ଯମୁନାର ଉଜାଣି ଧାରା। ଏଲିନା ଯେତେବେଳେ ପ୍ରଣତିଙ୍କୁ ବିଦ୍ୟାଧରର ଜାମିନ କଥା ପୁଣି ଥରେ କହିଲା ଏଲିନା କହିଲେ - "ମୁଁ ଜାଣିଛି ଯେତେ ଭଲ ଓକିଲ ଦେଲେ ମଧ୍ୟ ବିଦ୍ୟାଧରକୁ ଜାମିନ ମିଳିବ ନାହିଁ। ଏହାକୁ ଅପରାଧ କୁହା ଯିବ ନାହିଁ। ଏହା ଅକ୍ଷମଣୀୟ ଅପରାଧ।

*ସାବିତ୍ରୀ ନିବାସ, ବି: ୧୫୦୬/୧, ସେକ୍ଟର-୬*
*ମର୍କତ ନଗର, କଟକ, ୭୫୩୦୧୪*

# ଅପାଙ୍‌କ୍ତେୟ

**ସରୋଜ ସାହୁ**

ଦେଶ ଜୟ କରିବା ପାଇଁ ବୋମା ଫିଙ୍ଗି ଜୀବନ ନିଆଯାଇପାରେ କିନ୍ତୁ ଦେଶଜ ମାନଙ୍କର ଜୟ ପାଇଁ ଦରକାର ମାନବ ଜୀବନର ମୂଲ୍ୟବୋଧ ସଂପର୍କରେ ବ୍ୟାପକ ବିଶ୍ଳେଷଣ । ଡଃ. ଏକ୍ସ କିନ୍ତୁ ଏହାର ବ୍ୟତିକ୍ରମ । ସିଏ ଅନେକ ସ୍ୱପ୍ନ ଦେଖନ୍ତି । ଅଥଚ, ଭବିଷ୍ୟତର ସ୍ୱପ୍ନ ? ଜମାଟ ବାନ୍ଧିଥିବା ଅନ୍ଧାରର ଧୂମିଳ ସୀମାନ୍ତରେ କ୍ଷୀଣ ଏକ ଆଲୋକ । ସେଇ ଆଲୋକ ସଂନ୍ଧାନରେ ସିଏ । ଯେଉଁ ଆଲୋକ ପାଖରେ ପହଞ୍ଚିବା ପାଇଁ ଲୋଡ଼ା ସାହାସ ।

ସେ ଥିଲା ଏକ ଫୁରୁସତ୍ ସମୟ । ଇସ୍ରାଏଲ୍‌ର ବିସ୍ତୃତ ରାଜପଥ କଡ଼ରେ ଏକ ସୁଶୋଭିତ ହୋଟେଲ୍ । ଦୁଇ ବଂଧୁ ଗପୁଥିଲେ ଓଡ଼ିଶା କଥା ଏବଂ ଇସ୍ରାଏଲ୍‌ର ହିବ୍ରୁ ଭାଷା ବିଷୟରେ, ଡଃ. ଏକ୍ସ ରହୁଥିବା ହୋଟେଲ୍‌ର ପଛ ଭାଗରେ । ଦୁଇ ବଂଧୁ ଏକତ୍ର ହେଲେ ଯାହା ହୁଏ ଠିକ୍ ତାହାହିଁ ହେଉଥିଲା । ସେମାନେ ଉପଭୋଗ କରୁଥିଲେ ପରିବେଶକୁ ଏବଂ ହାତରେ ଥିବା ଗ୍ଲାସ୍‌ର ରଂଗିନ ପେଗ୍‌କୁ । ହୋଟେଲ୍‌ର ପଛଭାଗରେ ବିସ୍ତିର୍ଣ୍ଣ ଜଳରାଶି । ଦିଗ୍‌ବଳୟକୁ ସାମ୍‌ନା କରି ଉପବିଷ୍ଟ ଦୁହେଁ । ହାତରେ ନିର୍ବିକାର ଭାବେ ଜଳି ଜଳି ଧୂଆଁ ହୋଇଯାଉଥିବା ସିଗାରେଟ୍ । ଦାମୀ ହ୍ୱିସ୍କି ସହିତ ମିଶି ଆଇସ୍ କ୍ୟୁବ୍ ଗୁଡ଼ିକର କଠିନତ୍ୱ ଅବଲୁଣ୍ଠିତ ହେଉଥିଲା । ସମସ୍ତ ପାନୀୟ ଏକକାର ହୋଇଯାଉଥିଲେ ପାକସ୍ଥଳୀ ଭିତରେ । ଫୁସ୍‌ଫୁସ୍ ଭିତରୁ ପୁଳାଏ ସିଗାରେଟ୍ ଧୂଆଁ ନିର୍ଗତ ହୋଇ ଅନାୟାସରେ ଭାସିଯାଉଥିଲା ପବନ ସ୍ରୋତର ଅକ୍ତିଆରରେ ସ୍ରୋତର ଦିଗରେ ।

ମି.ବୁଗି ସାମାନ୍ୟ ହସି କହିଲେ – "ଡଃ. ଏକ୍ସ, ଆପଣ ଜାଣନ୍ତି ! ମୁଁ ଯାଇଥିଲି ଆପଣଙ୍କ ରାଜ୍ୟକୁ ।

ଡଃ ଏକ୍ସ – ସତରେ !

– ହଁ କୋରାପୁଟ୍‌ର ଏକ ନିପଟ ରୁରାଲ୍ ଏରିଆକୁ । ଚମତ୍କାର ସେଠିକାର ଅଧିବାସୀ । ମୋତେ ଘେରିଗଲେ, ସତେ ଯେପରି ମୁଁ ଗୋଟାଏ ବିଚିତ୍ର ଜୀବ । ଆଜି ପର୍ଯ୍ୟନ୍ତ ସେମାନେ ମୋ ପରି ଜୀବଟିଏ ବୋଧହୁଏ ଆଗରୁ କେବେ ଦେଖିନଥିଲେ ଏବଂ ମନ ଭରି ମୋତେ ଦେଖୁଥିଲେ । ସେଦିନର ଅନୁଭୂତି ନିଶ୍ଚୟ ମନେରହିବ ସବୁଦିନ ପାଇଁ ।"

ସେତେବେଳେ ମି. ବୁଗିଙ୍କର ଖଣ୍ଟି ଓଡ଼ିଆ ଅନ୍ତତଃ ପରିସ୍ଥିତିକୁ ସାମ୍ନା କରିବାରେ ବିଶେଷ ଅସୁବିଧା ହେଲାନି । ଯେଉଁ କେତେ ଦିନ ରହିଲେ, ଓଡ଼ିଶାର ଗରିବ ଲୋକଙ୍କ ବିଷୟରେ ତଥ୍ୟ ସଂଗ୍ରହ କରୁଥିଲେ । ପେଟରେ ଓଦାକନା ପଖାଇ ଖୁସି ରହିବାର କଳା ସେମାନଙ୍କୁ ବେଶ୍ ଜଣାଥିଲା । ଅବଶ୍ୟ ଏଥି ନିମନ୍ତେ ଇସ୍ରାଏଲ୍ ସରକାର ତାଙ୍କୁ ପଠାଇଥିଲେ ।

ସେମାନଙ୍କର ପାନୀୟ, ତୃତୀୟ ପର୍ଯ୍ୟାୟ ସରିଗଲାଣି । ଡଃ. ଏକ୍ସଙ୍କ ପାଇଁ ଆହୁରି ଅଧିକ ଖର୍ଚ୍ଚ କରିବା ପାଇଁ ସିଏ ବ୍ୟାକୁଳ ଥିଲେ । ଅବଶ୍ୟ ଯା' ପଛରେ ରହିଛି ତାଙ୍କ ନିଜର ଏକ ଛୋଟିଆ ସ୍ୱାର୍ଥ ।

ଡଃ. ଏକ୍ସ ମଧ୍ୟ ଗରିବ ମାନଙ୍କ ଉପରେ କରିଛନ୍ତି ଅନେକ ଗବେଷଣା । ତାଙ୍କ ଗବେଷଣା ଉପରେ ଆଖି ପକେଇଛନ୍ତି ମି. ବୁଗି । ଡଃ. ଏକ୍ସ ଆଉ ଅଧିକ ପାନୀୟ ଚାହିଁଲେନି । ନିଶା ଚଢୁଥିଲା । ଉତ୍ତେଜିତ ମସ୍ତିଷ୍କ ଧୀରେ ଧୀରେ କ୍ଳାନ୍ତ ହେବାକୁ ଲାଗିଲା । ମି. ବୁଗି ବାହାରିଲେ ଚାଲିଯିବାକୁ ନିଜ କିବୁଜ୍‌କୁ ।

ପରଦିନ ସକାଳ ଥିଲା ଏକ ଅଳସୁଆ ସକାଳ । ରାତ୍ରୀର ପ୍ରଚୁର ପାନୀୟର ନିଶା ଭାଙ୍ଗିନି ଏପଟେ ମୋବାଇଲ୍ ବାଜି ଉଠିଲା । ଡଃ. ଏକ୍ସ ଆଖି ମଳି ମଳି ଦେଖିଲେ ମି. ବୁଗି ଫୋନ୍ କରିଛନ୍ତି ।

ଡଃ. ଏକ୍ସ ପଚାରିଲେ – ଏନି ଥିଙ୍ଗ୍ ଅର୍ଜେଣ୍ଟ, ମି. ବୁଗି !

– ସରି ଡଃ. ଏକ୍ସ, ଡିଷ୍ଟର୍ବ୍ ୟୁ ସୋ ୟାର୍ଲି ।

– ନୋ ଇସ୍ୟୁ । ଟେଲ୍ ମି ।

– ତୁମର ଯଦି ସମୟ ଥାଏ ତେବେ ଆମେ ଦିନିକିଆ ଟୁର୍‌ରେ ଦୂର ଏକ ଗାଁ'କୁ ଯା'ନ୍ତେ !

ମି. ବୁଗିଙ୍କର ନିମନ୍ତ୍ରଣକୁ ଏଡ଼ି ପାରିଲେ ନାହିଁ, ଆହୁରି ମଧ୍ୟ ଏକାକି ବୋର୍ ହେବା ଅପେକ୍ଷା ନୂତନ ଏକ ଗାଁକୁ ଯାଇ ଇସ୍ରାଏଲ୍‌ର ମାନଚିତ୍ର ବିଷୟରେ ଜାଣିଲେ କ୍ଷତି କ'ଣ ? ଉତ୍ତର ଦେଲେ – ଆନାହ୍‌ନୁ ?

(ଅର୍ଥାତ୍ ଆମେ ଦୁହେଁ ଯିବାକି ?)

-ସିଓର୍ ଆନାହ୍‌ନୁ ।

- ଖୁସିର କଥା, ଯିବା ।

- ତୁମ ହାତରେ ଅଧାଘଣ୍ଟା ସମୟ, ଜଲ୍‌ଦି ପ୍ରସ୍ତୁତ ହୁଅ ମୁଁ ପହଞ୍ଚୁଛି ।

ମି. ବୁଗି, ସମୟାନୁବର୍ତ୍ତି । ଠିକ୍ ସମୟରେ ପହଞ୍ଚିଲେ । ଡଃ. ଏକ୍କ ମଧ୍ୟ ପ୍ରସ୍ତୁତ । ଦୁହେଁ କାର୍‌ରେ ବସିଲେ । କାର୍ ଛୁଟିଚାଲିଲା ବେନ୍ ଗୁରିଅନ୍ ଏୟାରପୋର୍ଟ ଅଭିମୁଖେ । ଚପର ପ୍ରସ୍ତୁତ । ଦୁହେଁ ଚପର୍‌ରେ ଫ୍ଲାଇଂ କଲେ । ଦୁହିଁଙ୍କ ମୁଣ୍ଡରେ ହେଡ୍‌ଫୋନ୍ । ମି. ବୁଗି କହିଲେ - ଆଜି ଆପଣଙ୍କୁ ଆମ ଦେଶର ସବୁଠାରୁ ଦୁଃସ୍ଥ ଲୋକ ରହୁଥିବା ଅନଗ୍ରସର ଜାଗାକୁ ଆପଣଙ୍କୁ ନେଇଯିବି ।

- "ଓଃ, ରିଅଲ୍ଲି !"

- "ଆମେ ସେହି ଗାଁର କିଛି ଉନ୍ନତି କରିପାରିବା, ଡଃ. ଏକ୍କ ?"

- "ଚିନ୍ତା କରିବା, ଭିଜିଟ୍ ସରୁ ।"

ଦେଶ ମାତୃକାର ସେବା ପାଇଁ କର୍ତ୍ତବ୍ୟର ଚେତାବନୀ ନୁହେଁ ବରଂ ନିଜ କ୍ୟାରିଅର୍‌କୁ ଉଁଚା କରିବା ପାଇଁ, ସିଏ ଚାହୁଁଥିଲେ ଡଃ. ଏକ୍କଙ୍କର ସହଯୋଗ । କୁହାଯାଇପାରେ, ସବୁ ପ୍ରକାର ସ୍ନେହ, ପ୍ରେମ ଢାଳିବା ପଛରେ ନିଃସନ୍ଦେହ ତାଙ୍କର ସମ୍ୟକ ସ୍ୱାର୍ଥ ନିହିତ ଥିଲା । ଡଃ. ଏକ୍କଙ୍କ ଜ୍ଞାନର କୁହୁକ ପେଡ଼ିରୁ କେଇ ଫର୍ଦ୍ଦ ନିଜ କାମରେ ଲଗାଇବାର ବାସନାରେ ଦୂର ଚିନ୍ତା କରୁଥିଲେ ମି. ବୁଗି । କହିବା ବାହୁଲ୍ୟ କାହାଠାରୁ କିପରି କାମ ଆଦାୟ କରାଯାଇପାରେ ସେ ସୂକ୍ଷ୍ମକଳା ତାଙ୍କୁ ବେଶ୍ ଭଲଭାବରେ ଜଣା । ସିଏ ଇସ୍ରାଏଲ୍‌ର ଜଣେ ବଡ଼ ହାକିମ ।

ମି. ବୁଗି ଜାଣନ୍ତି ଏପରି ସ୍ଥାନ ପରିଭ୍ରମଣ ନିମନ୍ତେ ଡଃ. ଏକ୍କ କଦାପି ଅନାଗ୍ରହ ପ୍ରକାଶ କରିବାର କିଞ୍ଚିତ୍ ବି କାରଣ ନାହିଁ । ତଥା କଥିତ ଇସ୍ରାଏଲ୍‌ର ଆଭ୍ୟନ୍ତର ଏକ ଗାଁ ଅଭିମୁଖେ ଯାତ୍ରା ପାଇଁ ଚପର ଉପରେ ଥିବା ଉପରମୁହାଁ ପଙ୍ଖାର ଲମ୍ବା ବ୍ଲେଡ୍ ସବୁ ଘୁରିବାକୁ ଆରମ୍ଭ କଲା । ଉତ୍ପନ୍ନ ହେଉଥିଲା ଏକ ଗୁରୁ ଗମ୍ଭୀର ଶବ୍ଦ । କାନ ତାଢା ହୋଇଯାଉଥିଲା । ମି. ବୁଗି ଡୋର୍ ପାଖରେ ଥିବା କ୍ଷୁଦ୍ର ବାତାୟନ ପଥର ସଟର୍‌ଟିକୁ ବାମ ହାତ ବଢାଇ ବନ୍ଦ କରିଦେଲେ । ଶବ୍ଦର ଡେସିବେଲ୍ କମିଗଲା । ସବୁ ଠିକ୍‌ଠାକ୍ । ଉପରକୁ ଉଠିଲା ଚପର । ଡଃ. ଏକ୍କଙ୍କ ମନରେ ଉତ୍କଣ୍ଠା । ଏହା ଥିଲା ତାଙ୍କର ପ୍ରଥମ ଚପର ଯାତ୍ରା ଯଦିଓ ପୂର୍ବରୁ ଉଡ଼ାଜାହାଜରେ ଅନେକ ଥର ଯାତ୍ରା କରିଛନ୍ତି ।

ଚପରରୁ ବାହାରର କମନୀୟ ଦୃଶ୍ୟ ଉପଭୋଗ କରୁଥିଲେ ଡଃ. ଏକ୍କ । ଚପର୍ ସହିତ ତା'ର କ୍ଷୁଦ୍ର ଛାଇ ସମାନ୍ତରାଳ ହୋଇ ପୃଥିବୀର ଚଟାଣରେ ଗତି କରୁଥିଲା । ବିରାଟ ଅଟ୍ଟାଳିକା ଗୁଡ଼ିକ କ୍ଷୁଦ୍ର ହୋଇ ଆସିଲା । କିଛି ସମୟ ସମୁଦ୍ର ଭିତରେ ଚକ୍କର କାଟି ଆଗେଇ ଚାଲିଲା ଚପର । ଆଗରେ ଦେଖାଯାଉଥିଲା ବିସ୍ତୀର୍ଣ୍ଣ ମରୁଭୂମୀ । ମରୁଭୂମୀ ମଝିରେ ଠାଏ ଠାଏ ନିର୍ମାଣ ହୋଇଥିବା ଛୋଟ ଛୋଟ ସହର । ଚାରିଆଡ଼େ ବାଲି । କିଛି ବାଟ ଆଗେଇଯିବା ପରେ ଦେଖାଗଲା ପଥୁରିଆ ପାହାଡ଼ । ଆକାଶରେ ଉଡୁଥିବା ଆକାଶ ଜାନରୁ ନିଃଶ୍ରୁତ ଶବ୍ଦକୁ ପ୍ରତିହତ କରି କଥା ହେବାପାଇଁ ଦୁହେଁ ପୁଣିଥରେ ମୁଣ୍ଡରେ ଗଳେଇଲେ ହେଡ୍ ଫୋନ୍ । ଚପର ଉଡ଼ି ଚାଲିଛି । ଶାନ୍ତିପୂର୍ଣ୍ଣ ଉଡ଼ାଣରେ ଅକସ୍ମାତ୍ ସଂକଟର ସୂତ୍ରପାତ ହେଲା । ପାଇଲଟ୍ ପାଇଲେ ଘୁର୍ଣ୍ଣିଝଡ଼ର ପୂର୍ବାଭାଷ । ଦକ୍ଷିଣ ଦିଗରୁ ମାଡ଼ି ଆସୁଛି ଏକ ଘୁର୍ଣ୍ଣିଝଡ଼ । ଆଗକୁ ଯିବା ବିପଦ । ମନରେ ସୃଷ୍ଟିହେଲା ଆତଙ୍କ ।

ଏମର୍ଜେନ୍ସି ଲ୍ୟାଣ୍ଡିଂ ପାଇଁ ଦରକାର ଉପଯୁକ୍ତ ସ୍ଥାନ । ଚତୁର୍ଦ୍ଦିଗରେ ସଂପୂର୍ଣ୍ଣ ପଥୁରିଆ ପାହାଡ ମାନ । ଆଉ ଆଗକୁ ନଯାଇ ଅଲଗା ଡିରେକ୍ସନ୍‌ରେ ହେଲିକପ୍ଟରକୁ ଉଡ଼ାଣ କରିବାକୁ ପଡ଼ିବ । ବୋଝ ଉପରେ ଲଳିତା ବିଡ଼ା, ସେପଟେ ଏୟାର ଟ୍ରାଫିକ୍ ସହିତ କନେକ୍ସନ କଟିଗଲା । ରୁଟ୍ ଚେଞ୍ଜ କଲେ ବିପଦ । ଯଦି ସେହି ରୁଟ୍‌ରେ ଅନ୍ୟ କୌଣସି ଚପର ଆସୁଥିବ ଏୟାର କ୍ରାସ୍ ହେବାର ସମ୍ଭାବନା ଅଛି । ପାଇଲଟ୍ ଉପାୟଶୂନ୍ୟ । ତଥାପି ହେଲିକପ୍ଟରର ଡିରେକ୍ସନ ଚେଞ୍ଜ କଲେ । ଅଣ୍ଡାଳିବାକୁ ଲାଗିଲେ ଏକ ସୁରକ୍ଷିତ ସ୍ଥାନ ଏମର୍ଜେନ୍ସି ଲ୍ୟାଣ୍ଡିଂ ପାଇଁ । ଯାହାବି ହେଉ ଜାଗା ଦେଖି ଲ୍ୟାଣ୍ଡିଂ କରିବାକୁ ହେବ ।

ଯଦିଓ ନିଜ ଦିଗ ପରିବର୍ତ୍ତନ କରି କିଛି ବାଟ ଚାଲିଆସିଲାଣି । ପବନର ଦ୍ରୁତ-ବେଗରେ ନିୟନ୍ତ୍ରଣ ହରାଉଥାଏ ଚପର । ଏପରି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ସୁଅ ମୁହଁର ପତର ପରି ଆଗରେ ଦେଖାଗଲା ଏକ କ୍ଷୁଦ୍ର ସମତଳ ଜାଗା । ତା' ଉପରେ ଏକ ରାଉଣ୍ଡ ଚକ୍କର କାଟି ଲ୍ୟାଣ୍ଡିଂ ସ୍ଥାନଟିକୁ ପରଖିନେଲେ ପାଇଲଟ୍ । ଖୁସିର କଥା, ହେଲିକପ୍ଟର୍‌ର ସୁଖଦ ଅବତରଣ ହେଲା । ଏପରି ଏକ ସଂକଟ ମୁହୂର୍ତ୍ତରେ ମଧ୍ୟ ମି. ବୁଗି ନିଦ୍ରାଭିଭୂତ ହୋଇପାରନ୍ତି । ଗତ ରାତିର ନିଶା ହୁଏତ ତାର ପରାକ୍ରମ ଦେଖାଉଥିଲା । ତାଙ୍କର ନିଦ୍ରାଭଙ୍ଗ କରେଇବାକୁ ପଡ଼ିଲା, ଡଃ ଏକ୍କ ଡାକିଲେ, "ମି. ବୁଗି.. ମି. ବୁଗି.. ।"

ସୃଷ୍ଟିହେଲା ଏକ କୃତ୍ରିମ ଧୂଳି ଝଡ଼ । ହେଲିକପ୍ଟର୍ ପଙ୍ଖାର ଗତି କମ୍ ହେବା ସହିତ ଧୂଳି ଝଡ଼ର ଅବସାନ ଘଟିଲା । ବିନା କ୍ଷତିରେ ଅବତରଣ କରିଛନ୍ତି । ସମସ୍ତେ ଖୁସ୍ । ପରନ୍ତୁ ଏ ପ୍ରକାର ଏକ ନିଛାଟିଆ ଜାଗାରେ ! କେଉଁ ପଟକୁ ଯିବେ ? ଚାରିଆଡ଼େ ଖାଲି ବାଲି ବାଲି ଆଉ ବାଲି । ଏ ସ୍ଥାନର ମଧ୍ୟ ଏକ ସ୍ୱତନ୍ତ୍ରତା ଅଛି ।

ଯାହା ହେଲେ ମଧ୍ୟ ଏ ସ୍ଥାନରୁ ବହିର୍ଗତ ହେବାକୁ ହେବ । ପାଇଲଟ୍ ବୁଦ୍ଧି ଦେଲେ - "ଆପଣମାନେ ଦକ୍ଷିଣ-ପୂର୍ବ ଦିଗକୁ ଯାଆନ୍ତୁ । ଆପଣଙ୍କୁ କିଛି ସହଯୋଗ ମିଳିଯାଇପାରେ ।"

ମି. ବୁଗି ପଚାରିଲେ - ଆପଣ ଯିବେନି କି ?

- ନା, ବରଂ ମୁଁ ଏ.ଟି.ସି. ସହିତ କଣ୍ଟାକ୍ଟ କରି ଚପର ନେଇ ଆପଣଙ୍କୁ ଆପଣଙ୍କ ଗନ୍ତବ୍ୟ ସ୍ଥଳରୁ ନେଇଆସିବି ।

ମି. ବୁଗିଙ୍କ ହାତ ଚାଲିଗଲା ସିଗାରେଟ୍ ପ୍ୟାକେଟ ପାଖକୁ । ହୁଏତ ଏହି ସମୟରେ ସିଗାରେଟ୍‌ର ଆବଶ୍ୟକତା ତିନିହେଁ ଅନୁଭବ କରୁଥିଲେ । ମି. ବୁଗିଙ୍କର ଫୁର୍ତ୍ତି ବଢିଗଲା ।

ଏଥର ମି. ବୁଗି ଏବଂ ଡଃ ଏକ୍ସ ଚାଲିଲେ । ଅନେକ ବାଟ ଚାଲିବା ପରେ କ୍ଳାନ୍ତ ହୋଇପଡ଼ିଲେ । ମନେକରୁଥିଲେ ଆଉ ଆଗକୁ ଯିବା ସମ୍ଭବ ନୁହେଁ । ତଥାପି ଟାଣିଟୁଣି ହୋଇ ଚାଲିଲେ ଦୃଷ୍ଟିପଥାରୁଢ଼ ପଥପ୍ରାନ୍ତ ଏକ ବିସ୍ତିର୍ଣ୍ଣ ପଥର ନିକଟକୁ । କ୍ଳାନ୍ତ ପାଦଦ୍ୱୟ ଆଗକୁ ଲମ୍ୱାଇ ଦୁହେଁ ଥକ୍କା ମାରି ବସିପଡ଼ିଲେ ବିଶ୍ରାମ ମୁଦ୍ରାରେ । ମି. ବୁଗିଙ୍କର ସଯତ୍ନେ ପରିହିତ ପ୍ୟାଣ୍ଟ କୋର୍ଟ ସଂରକ୍ଷିତ ହୋଇ ରହିପାରିନି ବୋଲି ଅସହାୟ ହୋଇପଡ଼ି କୋର୍ଟକୁ ଝାଡ଼ି ପକେଇଲେ । ଦିଗ୍‌ବଳୟର ସୂର୍ଯ୍ୟୋଦୟ ଉପରେ ଦୃଷ୍ଟି ପଡ଼ିବା ପରି ପଛପଟୁ ଉଠି ଆସୁଥିବା ଏକ କାର୍ ଉପରେ ସେମାନଙ୍କ ଦୃଷ୍ଟି ନିବଦ୍ଧ ହେଲା । ଜନଶୂନ୍ୟ ଏପରି ଏକ ଜାଗାରେ କାର୍‌ଟିକୁ ଦେଖି ସେମାନଙ୍କୁ ଲାଗିଲା, ସତେ ଯେପରି ଈଶ୍ୱର ପଠାଇଛନ୍ତି । ହାତ ଦେଖାଇ ଅଟକାଇଲେ । ସରକାରୀ ହାକିମ ହିସାବରେ ମି. ବୁଗି ନିଜର ପରିଚୟ ଦେଲେ । ଲିଫ୍ଟ ଦେବାପାଇଁ ଦୁହିଁଙ୍କ ସବିଶେଷ ଚେଷ୍ଟା ବିଫଳ ହେଲାନି । ବାହାରିଲେ ଗନ୍ତବ୍ୟସ୍ଥଳକୁ ।

ଗାଡ଼ିର ଘୁର୍ଣ୍ଣାୟମାନ ଚାରୋଟିଯାକ ଚକ ମାଡ଼ି ଚାଲିଛନ୍ତି ଲକ୍ଷ୍ୟାଭିମୁଖେ । ପଶ୍ଚିମାକାଶରେ ସୂର୍ଯ୍ୟଙ୍କର ତେଜ କମିବାକୁ ଲାଗିଲାଣି । ରାସ୍ତାର ଦୁଇ ପାର୍ଶ୍ୱରେ ନାଲି ଧୂଳିଆ ପଡ଼ିଆ ଭୂଇଁ, ପରେ ପରେ ଅନ୍ତତଃ ଦଶ ଫୁଟ୍ ଗଭୀର ଶୁଷ୍କ ଠାକରା ନଦୀ ଶଯ୍ୟା, ଅଙ୍କାବଙ୍କା ରେଖାଟିଏ ହୋଇ ସମାନ୍ତରାଳ ଭାବେ ଲମ୍ୱିଯାଇଛି ରାସ୍ତାର ଡାହାଣ ପାର୍ଶ୍ୱରେ । ନଦୀର ମଧ୍ୟସ୍ଥଳୀରେ ନଡ଼ିଆଟିଏ ଭଙ୍ଗାଯାଇପାରେ । ଗାଡ଼ି ମୋଡ଼ ନେଲା ବାମ ପାର୍ଶ୍ୱ ପାହାଡ଼ି ରାସ୍ତାକୁ । କୁନ୍ଥେଇ କୁନ୍ଥେଇ ପାହାଡ଼ି ରାସ୍ତା ଅତିକ୍ରମ କରୁଥିଲା । ପରସ୍ତ ପରସ୍ତ ଧୂଳି ଉଡୁଥିଲା । ଉଡୁଥିବା ଧୂଳି ଲାଖିବାକୁ ଗଛଟେ ନାହିଁ, ଆଶ୍ରାହୀନ ଧୂଳିକଣା ସବୁ ମୁହଁମାଡ଼ି ପଡୁଥିଲେ ମା' ମାଟି ଉପରେ ।

ପାଇଲଟ୍ ଫୋନ୍ କଲେ । ଯାହାବି ହେଉ ହେଲିକପ୍‌ଟର ପହଞ୍ଚିଯାଇଛି ଏକଥା ଜାଣିବା ପରେ ମି. ବୁଗି ଏବଂ ଡଃ. ଏକ୍ସଙ୍କ ମୁଖ ମଣ୍ଡଳରୁ ଅବଶିଷ୍ଟ ଗ୍ଲାନି ଲୁପ୍ତ ହେବାକୁ ଲାଗିଲା । ଚପର ଅବସ୍ଥିତି ଜାଣିବା ପାଇଁ ଏବଂ ପାଇଲଟ୍‌ଙ୍କୁ ଆଣିବା ପାଇଁ ଦୂରକୁ ଦୃଷ୍ଟି ନିକ୍ଷେପ କରୁଥିଲେ । ଏ ଦୁହେଁ ଦେଖିବା ପୂର୍ବରୁ ଗାଡ଼ି ଛୁଟି ଚାଲିଥିଲା ଦୂରରେ ଥିବା ଚପର ଆଡ଼କୁ ।

ପହଞ୍ଚିଲେ ନିପଟ ଗାଁ', ରାସ୍ତା ଚକାଚକ୍ । ମି. ବୁଗି କାର୍ ଗ୍ଲାସ୍ ତଳକୁ କରି ବାହାରକୁ ଚାହିଁଲେ । କେଇଜଣ ହୀନସ୍ୱାସ୍ଥ୍ୟ, ଅପାଠୁଆ ପିଲା ନିର୍ବୋଧ, ଅପଲକ ନୟନରେ ଚାହିଁଥିଲେ, ଯେପରି ଏମାନେ ଅନ୍ୟ କେଉଁ ଗ୍ରହରୁ ଅବତରଣ କରିଛନ୍ତି । ଇସ୍ରାଏଲ୍ ପରି ଉନ୍ନତ ଦେଶରେ ଏପରି ନାଗରିକ ପ୍ରଥମ କରି ଦେଖୁଥିଲେ ।

ମି. ବୁଗିଙ୍କର ମନେ ପଡ଼ିଗଲା ସେଦିନର କଥା । କୋରାପୁଟ୍‌ର ସେଇ ଦୁଃସ୍ଥ ଲୋକମାନଙ୍କ କଥା । ଭାବୁଥିଲେ ସେମାନେ ଏବଂ ଏମାନଙ୍କ ଭିତରେ ପ୍ରଭେଦ କେତେ ?

ଅଗତ୍ୟା କାର୍ ଏମାନଙ୍କୁ ଛାଡ଼ିଦେଇ ପ୍ରତ୍ୟାବର୍ତ୍ତନ କଲା ।

ଦ୍ରୁତ ଧାବନବଶତଃ ଖରଶ୍ୱାସ ତ୍ୟାଗକାରୀ ଲୋକଟିଏ ଆସି ଉପସ୍ଥିତ ହେଲା । ଦେହରେ ଜିଉ ଡ୍ରେସ୍ । ଶରୀରରେ ରୁକ୍ଷତା ବାରି ହୋଇପଡୁଥାଏ । ଇସ୍ରାଏଲ୍ ପରି ଉନ୍ନତ ରାଷ୍ଟ୍ରରେ ଗରୀବର ଚିହ୍ନକୁ ସେମାନେ ଆବିଷ୍କାର କରୁଥିଲେ । ହିବ୍ରୁ ଭାଷାରେ ନରମ ଗଳାରେ ମି. ବୁଗିଙ୍କ ସହିତ କଥା ହେଲା ଆଗନ୍ତୁକ । କଥାସାରି ଅନ୍ୟ ଜଣଙ୍କ ନିକଟକୁ ଇସାରା କରି କରି ତା' ନିକଟରେ ପହଞ୍ଚିଲା ।

ବାୟୁମଣ୍ଡଳରେ ଲୋକଟାର ଯେଉଁ କଥାସବୁ ଭାସି ଆସି ଡଃ. ଏକ୍ସଙ୍କର କର୍ଣ୍ଣପଟଳରେ ଲୀନ ହୋଇଯାଉଥିଲା, ସେ ଶବ୍ଦ ସବୁ ଅସ୍ପଷ୍ଟ । ଏବେ ସମସ୍ତଙ୍କ ନଜର ସେଇପଟକୁ । ତର ତର ହୋଇ ମାଡ଼ି ଆସିଲା ସେହି ଅଚିହ୍ନା ବ୍ୟକ୍ତି । ହାତରେ ତିନୋଟି କୁକୁଡ଼ା ।

ଏମାନଙ୍କ ମୁଣ୍ଡ ଉପରେ ଗୋଟେ ଗୋଟେ କରି କୁକୁଡ଼ା ତିନିଥର ଲେଖାଏଁ ବୁଲାଇ କୁକୁଡ଼ା ଗୁଡ଼ିକୁ ଦାନ କରିଦେଲେ । ଲୋକଟିର ଉଦ୍ଭଟ ପ୍ରଗଳ୍ଭତାରେ ଡଃ.ଏକ୍ସ ଆଶ୍ଚର୍ଯ୍ୟ ହେଲେ । ମି. ବୁଗି ବୁଝାଇଦେଲେ ଯେ ଏହା ଜିଉ ମାନଙ୍କର ଏକ ପରମ୍ପରା । ସେମାନଙ୍କ ଭାଷାରେ, "ଆମ ମାନଙ୍କ ଭିତରେ ଥିବା ମନ୍ଦ ଆତ୍ମାର ପ୍ରଭାବ କୁକୁଡ଼ାଙ୍କ ନିକଟକୁ ଚାଲିଗଲା ।"

କଥାଟା ଆରମ୍ଭ କଲେ ମି. ବୁଗି ଅଥଚ ବୁଗିଙ୍କ କଥାକୁ କର୍ଣ୍ଣପାତ କରିପାରୁନଥିଲେ ଡଃ. ଏକ୍ସ । ଡଃ. ଏକ୍ସଙ୍କୁ ଶୁଭୁଥିଲା ପ୍ରତିଧ୍ୱନୀ ହୃଦୟର ଶୂନ୍ୟ କୋଣରୁ – "ଗରୀବ ଲୋକଙ୍କ ଉନ୍ନତି ତୁମେ ଚାହଁ ପରା ! ଏମାନେ ମଧ ରକ୍ତ, ମାଂସ ଗଢା ତୁମପରି ଜଣେ ଜଣେ ମଣିଷ । ତୁମେ ଏମାନଙ୍କ ବିଷୟରେ ଚିନ୍ତା କର, ତୁମ ସନ୍ଦର୍ଭରେ ସ୍ଥାନ ଦିଅ, ଏମାନଙ୍କୁ ସ୍ପର୍ଶ କର, ସେମାନଙ୍କର ପରିବର୍ତ୍ତନ ହେବ । ସେମାନଙ୍କ ରଂଗହୀନ ଜୀବନରେ ଭରିଦେବ ଇନ୍ଦ୍ରଧନୁର ସାତ ରଂଗ । ସେମାନେ ହସିଲେ ପୃଥିବୀ ହସିବ । ସମାଜ ଚାହେଁ, ଈଶ୍ୱର ଚାହାନ୍ତି ଏମାନଙ୍କର ଉନ୍ନତି । କିଛି କର, ଏମାନଙ୍କୁ ମୁଖ୍ୟ ସ୍ରୋତରେ ସାମିଲ୍ କରିବାକୁ ।"

ଅସ୍ପଷ୍ଟ ଶବ୍ଦରେ ତାଙ୍କ ପାଟିରୁ ବାହାରିଆସିଲା – "ବହୁତ ଭଲ କଥା ଟିଏ ।"

ସେମାନେ ପ୍ରତି ଘର ବୁଲି ଦେଖିଲେ । ଗାଁ'କୁ ସଂପୂର୍ଣ୍ଣ ପଢିବାକୁ ଲାଗିଲେ । ଲୋକମାନଙ୍କୁ ପଢିବାକୁ ଲାଗିଲେ । ଗାଁ'ରେ ଅଛି ବା କ'ଣ ? ଚାରିଆଡ଼ ବାଲି, ପଥୁରିଆ ପାହାଡ଼ରେ ଭର୍ତ୍ତି ଏକ ମରୁଭୂମୀ । ଚାଷବାସର ଆଶା କ୍ଷୀଣ । ଚାଷ ପାଇଁ ସମସ୍ତ ଗବେଷଣା ଏଠି ହାର୍ ମାନିଛି । ଚାକିରି ନାହିଁ । ଅଭାବର ଅନେକ ନାହିଁ ନାହିଁ ଭିତରେ ବଞ୍ଚୁଥିବା ଏହି ଅପାଠୁଆ ମଣିଷ ମାନେ କେତେ ଆପଣାର !

ମେଳାପି ଲୋକମାନଙ୍କ ସହିତ ବଢିଯାଏ ଆତ୍ମୀୟତା । ଏଇ ଅଳ୍ପ ସମୟ ଭିତରେ ସମସ୍ତେ ହୋଇଗଲେ ଆପଣାର । କହିବାକୁ ଗଲେ ସେମାନଙ୍କ ସ୍ନେହ ମମତାରେ ବାନ୍ଧି ହୋଇଗଲେ ଡଃ. ଏକ୍ସ ।

ଚାଲିଲେ ଗାଁ ମୁଣ୍ଡକୁ । ଗାଁ ଶେଷରେ ରହିଥାଏ କବରସ୍ଥାନ, ସୁନ୍ଦର ଏବଂ ବ୍ୟବସ୍ଥିତ । ନିଜ ସଂସ୍କୃତି ଏବଂ ପରମ୍ପରା ବିଷୟରେ ଅନେକ

ସୁନ୍ଦର ସୁନ୍ଦର କଥା କହୁଥା'ନ୍ତି । ଦୁଇ ବଂଧୁ ମିଶି ଅନେକ ଚିନ୍ତା କଲେ । ଫେରି ଆସିଲେ ସଭିଏଁ ।

ଡଃ. ଏକ୍ସ କହିଲେ – "ଓ୍ୱାନ୍ ଥିଙ୍ଗ୍, ଏମାନେ ଜିଉ ପରମ୍ପରାକୁ ନିଷ୍ଠାର ସହ ସାଇତି ରଖିଛନ୍ତି ଯେତେବେଳ ଦେଶରେ ପ୍ରକୃତ ଜିଉ ପରମ୍ପରାର ଅବକ୍ଷୟ ହେବାକୁ ବସିଛି ।"

– "ୟୁ ଆର୍ ଆବସଲ୍ୟୁଟ୍‌ଲି କରେକ୍ଟ ଡଃ. ଏକ୍ସ ।" ଅଧିବାସୀମାନଙ୍କ ସହିତ ଅନେକ କଥା ହେଲେ । ବୁଝୁଥିଲେ ସେମାନଙ୍କ ଆର୍ଥିକ ମାନଦଣ୍ଡ ଏବଂ ଜିଉ ପରମ୍ପରା ବିଷୟରେ ।

ଡଃ ଏକ୍ସ ଅନ୍ତର୍ମୁଖୀ ହେଲେ । ପବନର ତୀବ୍ର ବେଗ ଏଠାରେ ନାହିଁ । କେବଳ ଅନୁଭବ କରାଯାଇପାରେ, ମାତ୍ର ସିଏ ଅନୁଭବ କରିପାରୁନାହାନ୍ତି । ସିଏ ଆଉ ତାଙ୍କ ଭିତରେ ନାହାନ୍ତି । ସତରେ ଗବେଷଣା କରୁଥିବା ଲୋକମାନେ ଗୋଟିଏ ଗୋଟିଏ ପାଗଳ । ଅନ୍ତର୍ମୁଖୀ ମନର ଡାକରାରେ ପୁଣି ଫେରି ଚାଲିଲେ କବରସ୍ଥାନ ଆଡ଼କୁ । ତନ୍ଦ୍ରାଛନ୍ନ ମୁହୂର୍ତ୍ତ । କଳ୍ପନାରେ ପଢୁଥିଲେ ଦୁର୍ବୋଧ ଚରିତ୍ର ମାନଙ୍କୁ । ସତେଯେପରି ଏଠିକାର ଅଧିବାସୀ ମାନଙ୍କର ପବିତ୍ରତାର ଲାଙ୍ଗୁଡ଼ରେ ଗୁଡ଼େଇ ହୋଇଯାଇଛନ୍ତି । କେତେ ଦରଦୀ ଏଇ ମଣିଷମାନେ ? ଅଚିହ୍ନା ଆଗନ୍ତୁକ ମାନଙ୍କ ପ୍ରତି କେତେ ସମ୍ବେଦନଶୀଳ ? ଏପରି ମମତା, ସ୍ନେହୀ, ଦାୟିତ୍ୱବାନ ସଚେତନ ମଣିଷ ଆଜିର ସ୍ୱାର୍ଥାନ୍ଧ ବିଶ୍ୱରେ କ୍ୱଚିତ ଦେଖାଯାଏ ।

ଫିନ୍ ଫିନ୍ ରୋଡ଼, ପାର୍କ ସବୁ ଥାଇ ମଧ୍ୟ ଏମାନେ କାଙ୍ଗାଳ । ସାମାନ୍ୟ ଦୁବ କଅଁଳୁନଥିବା ଭୁଗୋଳରେ ଅଭିଶପ୍ତ ଜୀବନ ଜିଉଁଥିବା ଦରଦୀ ମଣିଷମାନେ । ଆର୍ଥିକ ଅନଗ୍ରସର ଲୋକମାନଙ୍କ ପାଇଁ ତାଙ୍କର ଗବେଷଣା । ସନ୍ଦର୍ଭରେ ସ୍ଥାନୀତ କରିବାର ସଂକଳ୍ପ ନେଲେ । କିଛି ସମୟର ଆତ୍ମୀୟତାରେ କ୍ଷତାକ୍ତ ହେଉଥିଲେ ଡଃ. ଏକ୍ସ । ଏତେ ସୁନ୍ଦର ଚିନ୍ତାଧାରର ମଣିଷ ମାନେ ଯଦି ଜୀବନର ମୁଖ୍ୟସ୍ରୋତରେ ସାମିଲ କରାଯିବ ନିଶ୍ଚୟ ଦେଶର ଉନ୍ନତି । ତାଙ୍କ ଅଜାଣତରେ ପହଞ୍ଚିଯାଇଥିଲେ କବରସ୍ଥାନରେ । ଜିଉ ସଂସ୍କୃତି ଓ ପରମ୍ପରାକୁ ପାଇ ପାଇ ପାଳନ କରୁଛନ୍ତି ଏମାନେ । ତନ୍ନ ତନ୍ନ କରି ଦେଖିବାକୁ ଲାଗିଲେ କବରସ୍ଥାନର ପ୍ରତିଟି ପିଲାରକୁ ।

ବାସ୍, ସାଷ୍ଟମ ହେଲେ । ଡଃ ଏକ୍ସ ଦେଖୁଥିଲେ ସେହି ହୀନ-ସ୍ୱାସ୍ଥ୍ୟ, ଅପାଠୁଆ ମଣିଷ ମାନଙ୍କ ଭିତରେ ଜିୟୁ ପ୍ରଫେସର୍ ହେବାର କ୍ଷମତା । ଏମାନଙ୍କୁ ଜିୟୁ ପ୍ରଫେସର୍ ରୂପେ ନିଯୁକ୍ତି ଦିଆଯାଇ ପାରେ ।

ପ୍ରତ୍ୟାବର୍ତ୍ତନ କଲେ । ଯଦିଓ ମି. ବୁଗିଙ୍କ ସହିତ ସେମାନଙ୍କ ଉନ୍ନତି ପାଇଁ ବହୁମୁଖୀ ଆଲୋଚନା କଲେ, କିଛି ନିଷ୍କର୍ସ ବାହାରିଲା ନାହିଁ । କାହିଁକି ? କହିହେବନି, ମି. ବୁଗି ସେମାନଙ୍କୁ ପ୍ରଫେସର୍ କରିବାର ଚିନ୍ତାଧାରାକୁ ଆଦୌ ହଜମ କରିପାରୁନଥିଲେ । ସେଦିନ ସେମାନେ ଫେରିଆସିଲେ ।

ଟେବୁଲ୍ ଲ୍ୟାମ୍ପ ତଳେ ଲେଖୁଥା'ନ୍ତି ପି.ଏଚ.ଡି ସନ୍ଦର୍ଭ । ସମୟ କମ୍ ଦୁଇଦିନ ଭିତରେ ଦେବାକୁ ହେବ । ଟେବୁଲ୍ ଲାଇଟ୍‌ର ଉଜ୍ଜ୍ୱଳତା ଭିତରେ ଦେଖାଗଲା ଅସ୍ତଗାମୀ ସୂର୍ଯ୍ୟ ପରି ସେଦିନର ଅନୁଜ୍ଜ୍ୱଳ ଜିଉ ମଣିଷ ମାନେ । ଏମାନଙ୍କୁ ମୁଖ୍ୟ ସ୍ରୋତରେ ସାମିଲ୍ କରିବାକୁ ହେଲେ, ଜିଉ ସଂସ୍କୃତି ଓ ପରମ୍ପରା ବିଷୟରେ ପ୍ରଫେସର୍ ଭାବେ ନିଯୁକ୍ତି ଦିଆଯିବା ଦରକାର । ଏମାନେ ଜିଉ ସଂସ୍କୃତି ବିଷୟରେ ବହୁତ କିଛି ଜ୍ଞାନ ପ୍ରଦାନ କରିପାରିବେ । ଯେଉଁ ଦେଶର ସଂସ୍କୃତି ଏବଂ ପରମ୍ପରା ଯେତେ ଉନ୍ନତ ସେହି ଦେଶ ସେତେ ଉନ୍ନତ ।

ଦ୍ୱିତୀୟ ଦିନ..., ପାହାଚ ପରେ ପାହାଚ ଆରୋହଣ କରି ପହଞ୍ଚିଲେ ବିଶ୍ୱ ବିଦ୍ୟାଳୟର ଏକ ପ୍ରକୋଷ୍ଠ ଭିତରେ, ଯେଉଁଠାରେ ସିଏ ସ୍ୱଲିଖିତ ସନ୍ଦର୍ଭଟିକୁ ଜମା କଲେ ।

ଛାତି ଭିତରେ ଛାତିଏ ଶୂନ୍ୟତା । ନିଜର ସନ୍ଦର୍ଭକୁ ନେଇ ଅନେକ ସନ୍ଦେହ । ତାଙ୍କର କିଛି ଭୁଲ୍ ହୋଇଯାଇନାହିଁ ତ ! କିଛି ବି ଚିରସ୍ଥାୟୀ ନୁହେଁ ।

ପ୍ରତ୍ୟାବର୍ତ୍ତନ ସହ ପରିବର୍ତ୍ତିତ ସମୟ । ଘୂର୍ଣ୍ଣୟମାନ ସମୟ ଚକ୍ରରେ ବିଲୁପ୍ତ ହୋଇଗଲା ଅସ୍ଥାୟୀ ଶୂନ୍ୟତା ।

...ଅନେକ ବର୍ଷ ପରେ...

ସିଏ ଆଜି ଆସିଛନ୍ତି ଇସ୍ରାଏଲ୍ ।

ତାଙ୍କ ସାମ୍ନାରେ ଏକ ଆକର୍ଷଣୀୟ ଲଣ୍ଡା କାନ୍ଥ । କାନ୍ଥ ଉପରେ ସୁବର୍ଣ୍ଣ ଧାତୁରେ ଲିପିବଦ୍ଧ କିଛି ନାଁ । କାନ୍ଥର ଗୋଟିଏ ପାର୍ଶ୍ୱରେ ହିବ୍ରୁ ଭାଷାରେ ଏବଂ ଅନ୍ୟ ପଟେ ଇଂରାଜି ଭାଷାରେ । ଏକାଗ୍ର ଚିତ୍ତରେ ପଢୁଥିଲେ, ଖୋଜୁଥିଲେ । ଅବିଳମ୍ବେ ନିଜ ନାଁ ଟିକୁ ଆବିଷ୍କାର କଲେ । ଅତୀତର କ୍ଷୁଦ୍ର ସ୍ମୃତି ଟିକକ କୋମଳ କମଳ ପାଖୁଡ଼ାରେ ସାଇତା ସ୍ୱର୍ଣ୍ଣାକ୍ଷରରେ ଦେଖି ତାଙ୍କ ନୟନରୁ ବହିଆସିଲା ଦି'ଧାର ଅଶ୍ରୁ, ଖୁସିର ଏବଂ ଆବେଗର । ଆବେଗ ଚରିଗଲା ହୃଦୟ ଭିତରକୁ ।

ଡଃ. ଏକ୍ସ ଭୁଲିଯାଇଥିଲେ ଯେ ତାଙ୍କ ଛାତି ଭିତରେ ଅଛି ଚମତ୍କାର ହୃଦୟଟିଏ । ସିଏ ମୂର୍ତ୍ତିଟିଏ ପରି ଛିଡ଼ା ହୋଇଛନ୍ତି ଅଥଚ ଏକ ହାତୁଡ଼ାର ପ୍ରହାରରେ ହୃଦୟ ଖାଲି ପଡୁଛି ଏବଂ ଉଠୁଛି । ଏବେ ହୃଦୟର ଅସ୍ତିତ୍ୱ ଠିକ୍ ଅନୁଭବ କରିପାରୁଛନ୍ତି । ଚାରିପଟକୁ ନଜର ବୁଲେଇଲେ । ଅସଂଖ୍ୟ ଅଜ୍ଞାତ ଲୋକ । ତାଙ୍କ ଆଖି ଦୁଇଟି ଖୋଜି ଚାଲିଲା । ଆହୁରି ନିରେଖି ନିରେଖି ଦୃଷ୍ଟି ନିକ୍ଷେପ କରିବାକୁ ଲାଗିଲା । ନାଃ, ଏମାନେ ନୁହଁନ୍ତି । ସିଏ ଖୋଜୁଥିଲେ ଅସଂଖ୍ୟ ଅଜ୍ଞାତ ଲୋକମାନଙ୍କ ଭିତରେ ହଜିଯାଇଥିବା ଇପ୍‌ସିତ ବ୍ୟକ୍ତିକୁ । ଯେଉଁ ଲୋକର ଛାତି ତଳର ହୃଦୟ ସଂଲଗ୍ନ ହେଉଥିଲା, ଏବଂ ସିଏ ଆକର୍ଷିତ ହେଉଥିଲେ ।

ଏବେ ଅନୁଭବ କରୁଛନ୍ତି ତାଙ୍କ ହୃଦୟ ଭିତରେ ଅନ୍ୟ କିଛି ନୁହେଁ ବରଂ ଅଛି ଏକ ଚୁମ୍ବକୀୟ ଶକ୍ତି ଯାହାର ରହିଛି ଆକର୍ଷଣ ଶକ୍ତି । ଅନ୍ୟ କାହାର ଆକର୍ଷଣରେ ହୃଦୟ ଥରି ଉଠିପାରେ, ଢାଇଁ ଢାଇଁ ଶବ୍ଦ ହୋଇପାରେ ଅବା ହୃଦୟ ଉଠେ ଆଉ ପଡ଼େ । ଏ କଥାର ସତମିଛକୁ ଠିକ୍ ରୂପେ ମାପି ପାରୁନଥିବା ତରାଜୁ ଧରି ପୃଥିବୀର ସେହି ସମାନ

ସ୍ଥାନରେ ଛିଡ଼ା ହୋଇ ଖୋଜୁଥିଲେ ତଥାକଥିତ ଆକୃଷ୍ଟ କରୁଥିବା ନିର୍ଦ୍ଦିଷ୍ଟ ହୃଦୟଧାରୀକୁ । ଡାକ ଛାଡ଼ିଲେ - "ମି. ବୁଗି....., ମି. ବୁଗି..... !"

ହୁଏତ ଭୁଲିଯାଇଛନ୍ତି ଯେ ଫ୍ଲାଇଟ୍‌ରେ ବେଶ୍ ଦୀର୍ଘ ପଥ ଅତିକ୍ରମ କରି ସିଏ ପହଞ୍ଚିଛନ୍ତି ବିଦେଶରେ । ଇସ୍ରାଏଲ୍‌ରେ । ତାଙ୍କ ପକେଟ୍‌ରେ ମୋବାଇଲ୍ ଅଛି । ବର୍ତ୍ତମାନ ପରିସ୍ଥିତିରେ ମି. ବୁଗିଙ୍କ ପାଖକୁ ଫୋନ୍ କରିବା ଏକାନ୍ତ ଜରୁରୀ । ସିଏ ତାଙ୍କପାଇଁ ଏକ ଅଲୌକିକ ସତ୍ତା ଅଥଚ ସେବେଠାରୁ ଆଉ କେବେ ମି. ବୁଗିଙ୍କ ସହିତ ସଂପର୍କ ସମ୍ଭବ ହୋଇନାହିଁ ।

ତଥାପି.. ନିରେଖି ଦେଖୁଥିଲେ ସ୍ୱର୍ଣ୍ଣାକ୍ଷରରେ ଲିଖିତ ତାଙ୍କ ନାଁ । କାନ୍ଥ ପାଖରୁ କୋଳାହଳ କମିଗଲାଣି । ଅନତିଦୂରରୁ ଭାସିଆସୁଥିଲା ମାଇକ୍‌ର ଶବ୍ଦ । ଡଃ. ଏକ୍ସଙ୍କୁ ନିମନ୍ତ୍ରଣ କରାଯାଉଥିଲା । ତରତର ହୋଇ ଚାଲିଲେ ଡାଏସ୍ ଆଡ଼କୁ । ଅନ୍ୟ ଅତିଥି ମାନଙ୍କ ସହିତ ଡାଏସ୍ ଉପରେ ଉପସ୍ଥିତ ଥିଲେ ତଥାକଥିତ ଜିଉ ପ୍ରଫେସର୍ ମାନେ ।

ଏମାନଙ୍କୁ ଦେଖିବା ପରେ ମି. ଏକ୍ସ ବିଶ୍ୱାସ କରିପାରୁନଥିଲେ ଯେ ସେଦିନର ସେଇ ଦୀନ ପ୍ରାନ୍ତୀୟ ମଣିଷମାନେ ଆଜି ଜଣେ ଜଣେ ପ୍ରଫେସର୍ । ଆଶ୍ଚର୍ଯ୍ୟ ! ନିଜ ମୁଖ ମଣ୍ଡଳ ସଂପ୍ରସାରିତ ହୋଇଆସୁଥିଲା ଛୋଟିଆ ଏକ ହସର ପ୍ରତୀକ ହୋଇ ।

ନିଜ ସନ୍ଦର୍ଭ ପାଇଁ ପୁରସ୍କୃତ ହେଲେ । କିଏ ଖୁସି ହେଉ ବା ନହେଉ, ଜିଉ ପ୍ରଫେସର୍‌ମାନେ  ଡଃ. ଏକ୍ସଙ୍କୁ ଘେରିଗଲେ ।

ଇଶ୍ୱରଙ୍କ ଉପସ୍ଥିତିରେ ଭକ୍ତ ହୋଇଯାଏ ଜାଗତିକ ଶୂନ୍ୟ । ବଢିଯାଏ ବାବଦୁକତା । ବ୍ରହ୍ମାନନ୍ଦ ଅନୁଭବରେ ଦ୍ରବିଭୂତ ହେବା ପରି ତଥାକଥିତ ଜିୟୁ ପ୍ରଫେସର୍ ମାନଙ୍କ ଅବସ୍ଥା ।

ଯାହାର ଜ୍ଞାନ ସ୍ପର୍ଶରେ ସେମାନଙ୍କର ଜୀବନ-ପୁଷ୍ପରୁ ଅପୂର୍ବ ସୁଗନ୍ଧିର ବ୍ୟାପ୍ତି, ସେହି ମଣିଷଟି, ନା... ନା... ସିଏ ସାଧାରଣ ମଣିଷ ନୁହନ୍ତି, ସିଏ ଇଶ୍ୱର ପ୍ରେରିତ ଦେବଦୂତ । ନିକଟରେ ଡଃ ଏକ୍ସଙ୍କୁ ପାଇ ପ୍ରଫେସର୍ ମାନେ ଗଦ୍‌ଗଦ୍ ହୋଇଗଲେ । ସୃଷ୍ଟିହେଲା ଏକ ଅପୂର୍ବ ପରିସ୍ଥିତି । ଅଧୀର ଆଗ୍ରହର କ୍ରନ୍ଦନକୁ ଜବରଦସ୍ତ ଲୁଚାଇବାକୁ ଚେଷ୍ଟାକରି ବିଫଳ ହେଉଥିଲେ । ଅଟକି ରହି ନପାରି ବହି ଯାଉଥିଲା ଅଶ୍ରୁ ମାଧ୍ୟମରେ ମି. ଏକ୍ସଙ୍କ ପ୍ରତି କୃତଜ୍ଞତା ।

ଏକଦା ଇସ୍ରାଏଲ୍‌ର ସବୁଠାରୁ ଦୀନ, ପ୍ରାନ୍ତୀୟ, ପଛୁଆ, ଅପାଠୁଆ ଗାଁ'କୁ ସ୍ଥାନ ଦେଲେ ନିଜ ସନ୍ଦର୍ଭରେ । ଦେଖେଇଦେଲେ ସେମାନଙ୍କର ସମାଧାନର ପଥ, ମାତ୍ର ଅସ୍ୱାଭାବିକ ଭାବେ ନିଜର ପ୍ରିୟ ବଂଧୁ ମି. ବୁଗିଙ୍କୁ ଛାଡ଼ି ଚାଲିଗଲେ ଯେ ତା' ପରଠାରୁ ନାଁ ସିଏ କେବେ ସେହି ଜାଗାକୁ ଯାଇଥିଲେ, ନା ସେ ବିଷୟରେ ଆଉ ଚିନ୍ତା କରିଥିଲେ !

ଆହୁରି ମଧ୍ୟ, ନିଃସନ୍ଦେହ ସନ୍ଦର୍ଭର ସେହି ଅଧ୍ୟାୟଟିର ବିଶେଷତ୍ୱ ଥିଲା ମାତ୍ର ତାହା ଏତେ ଗୁରୁତ୍ୱପୂର୍ଣ୍ଣ ସେକଥାକୁ ଜମା ଭାବିନଥିଲେ । ଯେଉଁ ସନ୍ଦର୍ଭ ହୁଏତ ଏକ ବଂଧୁତ୍ୱର ସନ୍ଧି ବିଚ୍ଛେଦ କରିପକାଇଲା । ସିଏ ଆଜି ପର୍ଯ୍ୟନ୍ତ ଥିଲେ ନିପଟ ବୁଦ୍ଧୁ ଏବେ ସିଏ ବୁଝିପାରୁଛନ୍ତି ହୃଦୟର କେବଳ ଆକର୍ଷଣ ଶକ୍ତି ନୁହେଁ, ବିକର୍ଷଣ ଶକ୍ତି ମଧ୍ୟ ଥାଏ । ଏକଥା ସବୁଦିନ ପାଇଁ ମନେ ରହିବ ।

ସେପଟୁ ଆସିଲେ ଜିଉ ପ୍ରଫେସର୍, ଡଃ. ଏକ୍ସଙ୍କ ମୁଣ୍ଡ ଉପରେ କେଇଟା ଇସ୍ରାଏଲୀ ଶେକେଲ୍ ତିନିଥର ବୁଲାଇଲେ । ମୁହଁ ଉପରକୁ କରି ଡଃ. ଏକ୍ସ ଦେଖୁଥିଲେ ଶେକେଲ୍ ଗୁଡ଼ା ରୂପାନ୍ତରୀତ ହୋଇଯାଉଛନ୍ତି କୁକୁଡ଼ାକୁ । ଅଦ୍ଭୁତ ! ଅଲୌକିକ ! ସେଦିନପରି ଆଜି ମଧ୍ୟ ସବୁ ଫର୍ ଫର୍ ହୋଇ ଉଡ଼ି ଉଡ଼ି ଘୁରୁଥିଲେ ମୁଣ୍ଡ ଉପରେ । ସୃଷ୍ଟିହେଉଥିଲା ଏକ ଭଉଁରି । ଏକ କାଳ୍ପନିକ ରାସ୍ତା ଦେଇ ତାଙ୍କ ଦେହରୁ ସୈତାନୀ ଶକ୍ତି ଉଷ୍ମ ବାମ୍ପ ହୋଇ ପ୍ରବେଶ କରୁଥିଲା ଭଉଁରି ଭିତରକୁ ।

*ପ୍ଲଟ୍ ନଂ-୬୧୭, ଲେନ୍ ନଂ-୧୦, ଏରୋଡ୍ରମ୍ ଏରିଆ,*
*ଭୁବନେଶ୍ୱର-୭୫୧୦୨୦*
*ଦୂରଭାଷ: ୯୭୭୭୦୩୪୯୬୭*

# ସେଇ ସ୍ୱାଭିମାନୀ ସ୍ତ୍ରୀଲୋକଟି

ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ

ଅନେକ ଦିନ ହେଲା କୁନ୍ତଳାକୁ ଦେଖିନାହିଁ ମୁଁ। ଅଫିସରୁ ଫେରିବା ବାଟରେ ତା ସହିତ ଦେଖା ହୋଇ ଯାଉଥିଲା ପ୍ରତିଦିନ। ସେତେବେଳେ ସେ କାମ କରୁଥିବା ହୋଟେଲରୁ ତରତର ହୋଇ ଫେରି ଆସୁଥାଏ ତା ବସାକୁ। ଭିନ୍ନକ୍ଷମ ସେ। ପୋଲିଓ ଆକ୍ରାନ୍ତ। ନିଜ ଶରୀରକୁ ଏକପ୍ରକାରେ ଟାଣି ଓଟାରି ବହୁକଷ୍ଟରେ ଗୁରୁଣ୍ଡି ଗୁରୁଣ୍ଡି ଚାଲୁଥାଏ ସେ। ବୟସର ଅପରାହ୍ନରେ ଉପନୀତା। ତଥାପି ଥକି ଯାଇନି କେବେଦିନେ। ରୋକି ଯାଇନି ତାର ଜୀବନ ଯାତ୍ରା। ଜୀବନ ସଂଗ୍ରାମରେ ଏକାକିନୀ ସିପାହି ସେ। ସମସ୍ତ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ କେବେହେଲେ ହାର ମାନିବା ଶିଖିନାହିଁ ସେ। ଏକା ଏକା ଲଢ଼ି ଆସିଛି ଏତେଦିନ ହେଲା। ଆପଣାର ଭଗ୍ନସ୍ୱାସ୍ଥ୍ୟ ବିକଳାଙ୍ଗ ଶରୀର ଖଣ୍ଡିକ ବ୍ୟତୀତ ତାର ସମ୍ବଳ ବୋଲି କିଛିନାହିଁ ଏଇ ଦୁନିଆଁରେ। କିନ୍ତୁ ତାର ଏଇ ଶାରୀରିକ ଅକ୍ଷମତାକୁ ପାଥେୟ କରି ସାହାଯ୍ୟ ଆଶାରେ କାହା ପାଖରେ ହାତ ପାତିନି କେବେଦିନେ। ଗୋଡ଼ହାତ ଚଳୁଥିବା ଯାଏ ଖଟି ଖାଇବାକୁ ପସନ୍ଦ କରେ ସେ। ସୁଖରେ ହେଉ କି ଦୁଃଖରେ ହେଉ, ବଂଚିବାକୁ ଭଲପାଏ ସେ ସ୍ୱାଭିମାନର ସହ।

କେବେ କେମିତି ମୁଁ ପଚାରୁଥିଲି "କଣ ମାଉସୀ! କେମିତି ଅଛ ?" ପ୍ରତ୍ୟୁତ୍ତରେ କିଛିହେଲେ କହେ ନାହିଁ କୁନ୍ତଳା। ସାମାନ୍ୟ ମଉଳା ହସଟିଏ ହସିଦେଇ ନିରଳସ ଭାବେ ଆଗେଇ ଚାଲିଯାଏ ତା ଯାତ୍ରାପଥରେ। ମୁଁ ମଧ ଫେରିଆସେ ମୋ ବସାକୁ।

ଏଇ କିଛିଦିନ ହେଲା କାହିଁକି ଯେ ଦେଖା ଯାଉନି କୁନ୍ତଳା, ତା ନିତିଦିନିଆ ସମୟରେ, ପରିଚିତ ବାଟରେ ? 'କଣ କିଛି ଅସୁବିଧା ହୋଇଥିବ ? ରୋଗ ବାଧିକାରେ ପଡ଼ିଥିବ କି କଣ ? ସେଥିପାଇଁ ଆସୁନାହିଁ ବୋଧହୁଏ।' ନିଜକୁ ନିଜେ ବୁଝେଇବା ପାଇଁ ମନକୁ ମନ କହିଲି ମୁଁ। ଲୋକଙ୍କ ପାଖରୁ ଦିନେ ଶୁଣିଥିଲି 'ତାର ଆପଣାର ବୋଲି କେହି ଜଣେ ମଣିଷ ନାହାନ୍ତି ଏଇ ବିଶାଳ ଦୁନିଆଁରେ। ତେବେ ତାର ଭଲମନ୍ଦ ବୁଝୁଛି କିଏ ? କେମିତି ଚଳୁଥିବ ଭିନ୍ନକ୍ଷମ ନିରାଶ୍ରୟା ବୃଦ୍ଧା ଜଣକ ? କିଏ ବୁଝୁଥିବ ତାର ସ୍ୱାସ୍ଥ୍ୟକଥା ?' ଏମିତି ଅନେକ କଥା ନେଇ ଗୋଳେଇ ଘାଣ୍ଟି ହେଉଥିଲା ମୋ ମନ। ବୃଦ୍ଧା କୁନ୍ତଳା ପାଇଁ ମୋ ମନରେ କାହିଁକି ଏତେ ଯନ୍ତ୍ରଣା ? ସିଏ ତ ମୋର ଆପଣାର କେହି ନୁହେଁ ? ତା ସହିତ ମୋର ରକ୍ତଗତ ସଂପର୍କ ମଧ କିଛିନାହିଁ। ମୋ ଜାତି, ବଂଶ କି ବନ୍ଧୁ ସଂପର୍କୀୟ ମଧରୁ ବି କେହି ନୁହେଁ ସେ। ତଥାପି ମୋ ହୃଦୟରେ କାହିଁକି ଏତେ ବ୍ୟାକୁଳତା ତାର ଭଲମନ୍ଦ ଜାଣିବା ପାଇଁ ? ଏକଥା ବୁଝି ପାରୁନଥିଲି ମୁଁ।

ବୃଦ୍ଧା କୁନ୍ତଳାର ଜୀବନ ସଂଗ୍ରାମ ବୋଧହୁଏ ପ୍ରେରଣା ଯୋଗାଉଥିଲା ମୋତେ। ଭଲ ଲାଗୁଥିଲା ତାର ସାଲିସ୍ ବିହିନ ସ୍ୱାଭିମାନୀ ଜୀବନ ଦର୍ଶନ। ମୋ ଅଜ୍ଞାତସାରରେ ସିଏ ମୋର ଆଦର୍ଶରେ ପରିଣତ ହୋଇ ସାରିଥିଲା କେବେଠୁ। ଜୀବନର ସବୁତକ ହଳାହଳକୁ ଭିନ୍ନକ୍ଷମ କୁନ୍ତଳା ପାନ କଲା ପରି ପିଇ ଯାଉଥିଲି ମୁଁ ମୋ ଜୀବନର ସବୁତକ ଦୁଃଖ, କଷ୍ଟ ଆଉ ଆତ୍ମଗ୍ଲାନିକୁ। ଚାଲିବାର ଅନ୍ୟନାମ ହିଁ ଜୀବନ। ଏତିକି କଥା ମୁଁ ଅବଶ୍ୟ ଶିଖିଯାଇଥିଲି ଭିନ୍ନକ୍ଷମ କୁନ୍ତଳା ପାଖରୁ। ଏଇ ଈଶ୍ୱର ଦତ୍ତ ଜୀବନକୁ ବଂଚେଇ ରଖିବା ପାଇଁ ସଂଘର୍ଷର ଅନ୍ତନାହିଁ। ଯେତେ ଦୁଃଖ କି ଦୁର୍ଦ୍ଦିନ ଆସୁ ପଛେ ଜୀବନ ଯୁଦ୍ଧରେ ହାର୍ ମାନିନେବା କାହିଁକି ? ଆପଣାର ଆତ୍ମାଭିମାନକୁ ଛାଡ଼ି ବଂଚିବାର ମାନେ ହିଁ କିଛିନାହିଁ। ଅନ୍ୟର ଦୟାରେ ଜୀବନ ଜିଇଁବା ଅପେକ୍ଷା ମୃତ୍ୟୁ ଶ୍ରେୟସ୍କର।

ସେଦିନ ଥିଲା କୌଣସି ଏକ ଛୁଟିଦିନ। ଅଫିସ୍ ଯାଇନଥିଲି ମୁଁ। ବ୍ୟାଙ୍କର ବାକିଆ କାମସାରି ଘରକୁ ଫେରୁଥିଲି ଠିକ୍ ମଧ୍ୟାହ୍ନ ବେଳଟାରେ। ହଠାତ୍ ମୋର ସାକ୍ଷାତ ହୋଇଗଲା କୁନ୍ତଳା ସହିତ ତା ଘରଠୁ ଅଳ୍ପଦୂରରେ। "କଣ ମାଉସୀ! କେମିତି ଅଛ ? ଦେହପା ଠିକ୍ ଅଛି ତ ? ଏତେଦିନ ହେଲା ଆଉ ତୁମର ଦେଖା ମିଳୁନି ଯେ ? କଣ କିଛି ଅସୁବିଧା ହୋଇଥିଲା ? କାମ କରିବାକୁ ଆଉ ହୋଟେଲକୁ ଯାଉନ ନା କଣ ?" ଉତ୍ସୁକତାରେ ଏକା ସାଥିରେ ଏମିତି ଅନେକ ପ୍ରଶ୍ନ ପଚାରି ଚାଲିଥିଲି ମୁଁ।

କୁନ୍ତଳା ହସିଲା ଗୋଟେ ଶୁଖିଲା ହସ। ସେଇ ହସରୁ ବାରିହୋଇ ପଡୁଥିଲା ତାର ଅସହାୟତା। ପୂର୍ବର ସେଇ ଆତ୍ମସନ୍ତୋଷ ଆଉ ଦୃଢ଼ ମନୋବଳ ଦେଖା ଯାଉନଥିଲା ତା ମୁଖମଣ୍ଡଳରେ। ଏତିକି କଥାରେ ଛଳଛଳ ହୋଇ ଆସୁଥିଲା ତାର କୋଟରାଗତ ଆଖି ଯୋଡ଼ିକ। ଏଇନେ କି ଆଉ କିଛି ସମୟ ପରେ ମାଡ଼ି ଆସିବ କି ଝଡ଼ିବର୍ଷା ? ବୃଦ୍ଧା କୁନ୍ତଳାର ଏଇ ଅସହାୟ ଅବସ୍ଥା ଦେଖି ଆହୁରି ବିଚଳିତ ହୋଇ ପଡ଼ିଲି ମୁଁ। "କଣ ହେଲା କି ମାଉସୀ ? କଣ କିଛି ବିଶେଷ ଅସୁବିଧା ହୋଇଛି ତୁମର ?" ବିକଳ ଭାବେ ପ୍ରଶ୍ନକଲି ମୁଁ। ଆପଣାର ଛିଣ୍ଡା ମସିଆ ପଣତ କାନିରେ ମୁହଁ ପୋଛିବା ଆଳରେ ସଜଳ ଆଖିଯୋଡ଼ିକୁ ପୋଛି ପକେଇଲା। ତା ଆଖିରୁ ଝରି ଆସୁଥିବା ସେଇ ଅସହାୟତାର ଲୁହକୁ କେହି ଦେଖୁ, ଏକଥା ବୋଧହୁଏ ଚାହୁଁ ନଥିଲା ସେ। କିଛି ସମୟ ଚୁପ୍‌ରହି ସେ କହିଲା "ସେମିତି କିଛି ନାଇଁ ବାପା! ଦେହପା ସବୁ ଠିକ୍‌ଅଛି ଯେ...।"

"ହେଲେ ଏଇ କିଛି ଦିନ ହେଲା ମୋ ଅଫିସ୍ ଫେରନ୍ତା ବାଟରେ ତୁମର ତ ଆଉ ଦେଖା ମିଳୁନି? ଦେହ ଯଦି ଭଲ ଅଛି, ତେବେ କାମ କରିବାକୁ ଆଉ ଯାଉନ କାହିଁକି ?" ମୁଁ ପଚାରିଲି ।

"କାମ କରିବାକୁ ଆଉ ଯାଉନି ବାପା । କାମକୁ ଆସିବା ପାଇଁ ମୋତେ ମନା କରିଦେଲା ହୋଟେଲ ମାଲିକ । ମୁଁ କୁଆଡ଼େ ବୁଢ଼ୀ ହୋଇ ଗଲିଣି । କାମକୁ ଆଉ ପାରୁନି ।" ସମସ୍ତ ବାଧା ବନ୍ଧନ ଏଡ଼ି ଆଖିରୁ ବୋହି ଆସୁଥିବା ଲୁହକୁ ପୋଛୁ ପୋଛୁ ସେ କହିଲା "ଅନେକ ବର୍ଷ ହେଲା ସେଇଠି କାମ କରୁଥିଲି । ମୁଁ ମୋର ମଜୁରୀ ପାଇଁ ବି କେବେ କିଛି କହିନାହିଁ ହୋଟେଲ ମାଲିକକୁ । ପ୍ରତିଦିନ ମଧ୍ୟାହ୍ନ ଭୋଜନରେ ଖାଇବାକୁ ଗଣ୍ଡେ ମିଳୁଥିଲା । ପିନ୍ଧିବାକୁ ମିଳୁଥିଲା ବର୍ଷକୁ ଦୁଇ ତିନି ଖଣ୍ଡ ଶାଢ଼ି । ଆଉ ମୁଣ୍ଡ ଗୁଞ୍ଜିବାକୁ ତ ମୋ କୁଡ଼ିଆ ଖଣ୍ଡକ ଅଛି ଏଇ କେନାଲ କୂଳରେ । ମୋ ମାଲିକକୁ ତେବେ କାହିଁକି ନିନ୍ଦା କରିବି ବାପା ! ରୋଗ ବଇରାଗକୁ ଔଷଧପତ୍ର ଖର୍ଚ୍ଚ ବି କରୁଥିଲା ସେ । ସେତିକିରେ ମୁଁ ସନ୍ତୁଷ୍ଟ । ମୋତେ ଆଉ କଣ ବା ଅଧିକ ଲୋଡ଼ା ଯେ କାହାକୁ କିଛି କହିବି ? ମୋ ଆଗକୁ କି ପଛକୁ ଆଉ କିଏ ଅଛି ଯେ ଟଙ୍କା ପାଇଁ ଟାଣିହେବି ମୁଁ? ମୋ ପାରିଶ୍ରମିକ ବାବଦକୁ ମୋତେ ଟଙ୍କା ପଇସା କିଛି ମିଳୁ କି ନମିଳୁ, ସେଥିରେ ମୋର ଯାଏ ଆସେ ନାହିଁ । ସେଇଠି କାମରେ ମାତିଥିଲେ ଭୁଲି ତ ପାରୁଥିଲି ମୋ ଅତିତ ଜୀବନକୁ, ପଛରେ ଛାଡ଼ି ଆସିଥିବା ଦୁଃଖ ଯନ୍ତ୍ରଣା ସବୁକୁ । ଆଗାମୀ କାଲିର ଚିନ୍ତା ତ କିଛି ନଥିଲା । ଏବେ ମଧ ନାହିଁ । ଖାଲି କୌଣସି ପ୍ରକାରେ ଜୀବନ ଜିଇଁବା କଥା ଯାହା ।" ଗୋଟିଏ ଦୀର୍ଘଶ୍ୱାସ ଛାଡ଼ି କହିଲା ସେ ।

ସଜଳ ନୟନରେ ମୁଁ ଚାହିଁ ରହିଥିଲି ତାର ନିସ୍ତେଜ ମୁହଁକୁ । ସେ ପୁଣି କହିବା ଆରମ୍ଭ କଲା "ଖଟୁଥିଲି ଯେ ଖଟୁଥିଲି । ସମୟ ଜଣାପଡୁ ନଥିଲା ମୋତେ । ହଠାତ୍ କାମ ବନ୍ଦ ହୋଇଗଲା ପରେ ମନ ଟିକେ ଦୁଃଖି ହୋଇଗଲା ପୁଅ । ଏଇ କେଇଦିନ ହେଲା ଘରେ ପଡ଼ି ରହିଥିଲି ଏକା ଏକା । ବୁଢ଼ୀଲୋକ, ସେଥିରେ ପୁଣି ଦୁର୍ବଳ ଶରୀର । ଆହା ସାହା କେହି ନାହିଁ । କାମ ବନ୍ଦ ହୋଇଗଲା ପରେ କାହିଁକି ଯେ ଖୁବ୍ ନିରାଶ ଲାଗୁଛି ମୋତେ । ଚାରିଦିଗ ଅନ୍ଧାର ଦେଖାଯାଉଛି । ଖାଇବା, ପିଇବାକୁ ବି ମନ ଲାଗୁନାହିଁ । ଆଗକୁ କଣ କରିବି ? କେମିତି ଚଳିବି ? ଭାବିଭାବି ଆଖିରେ ନିଦ ନାହିଁ କି ପେଟରେ ଭୋଖନାହିଁ । ବିଛଣାରେ ପଡ଼ିପଡ଼ି ଏମିତି ସକାଳ ପାହୁଛି । ଚାଲି ଆସୁଛି ରାତି । ପୁଣି ଆସୁଛି ସକାଳ । କିନ୍ତୁ କିଛିହେଲେ ଥଳକୂଳ ମିଳୁନାହିଁ ମୋତେ । ଆଜି ଆମ ପଡ଼ାର ପିଲାମାନେ ମୋ ବସାକୁ ଆସିଥିଲେ । କେତେ ବୁଝେଇଲେ ସେମାନେ । 'ଏମିତି ଏକା ଏକା ପଡ଼ି ରହିଲେ ବାତ ହୋଇଯିବ । ତୋ ପ୍ରତି ଭଗବାନ ତ ଯାହା ଅନ୍ୟାୟ କରିଛନ୍ତି, କରିଛନ୍ତି । ତା ଉପରେ ତୁ ନିଜେ ନିଜ ପ୍ରତି ଏତେ ଅନ୍ୟାୟ କରୁଛୁ କାହିଁକି ? ତୋ ଆପଦ ବିପଦକୁ ଆମେ ଅଛୁ । ଚିନ୍ତା କରିବା ଛାଡ଼ି ଦେହକୁ ଟିକେ କାମରେ ଲଗା । ବାହାରେ ଟିକେ ଚଳ ପ୍ରଚଳ ହେଉଥା ।' ଏମିତି କେତେ କଣ ଆଶ୍ୱସନା ଭରା କଥା କହିଲେ ସେମାନେ । କେବଳ ସେଇଥି ପାଇଁ ଆଜି ଟିକେ ପଦାକୁ ଆସିଛି ପୁଅ । ଏଇଠି ବସି ଏଇ ବାଟରେ ଯିବା ଆସିବା ଲୋକଙ୍କୁ ଦେଖୁଛି ଯାହା ।"

କୁନ୍ତଳାର ଏଇ ଦୁଃଖଦ କାହାଣୀ ମୋତେ ଖୁବ୍‌କଷ୍ଟ ଦେଲା । ଝର ଝର ଝରି ଆସୁଥିଲା ଲୁହ । ବାଷ୍ପରୁଦ୍ଧ ହୋଇ ଆସୁଥିଲା କଣ୍ଠ । ଥର ଥର କଣ୍ଠରେ ପଚାରିଲି "ଏବେ କେମିତି ଚଳିବ ମାଉସୀ ? ଯେମିତି ବି ହେଉ ନିଜ ପାଇଁ ଆହାର ମୁଠେ ତ ଯୋଗାଡ଼ କରିବାକୁ ପଡ଼ିବ ?"

ଆଖିରୁ ବହି ଆସୁଥିବା ଅମାନିଆ ଲୁହକୁ ପୋଛୁପୋଛୁ ସେ କହିଲା "କଣ ଆଉ କରିବି ବାପା ? ସରକାର ଭିନ୍ନକ୍ଷମ ପେନ୍‌ସନ୍ ଦେଉଛନ୍ତି ତିନିଶହ ଟଙ୍କା । ତା ସହିତ ରାସନ୍ କାର୍ଡରେ ପାଂଚ କିଲୋ ଚାଉଳ ବି ପାଉଛି । ଆଜିକାର ମହଙ୍ଗା ଯୁଗରେ ଭଲରେ ଚଳିବା ପାଇଁ ସେତକ ଅବଶ୍ୟ ନିଅଣ୍ଟ । ତଥାପି ସେତିକିରେ ଚଳିଯିବି କୌଣସି ପ୍ରକାରେ । ଆଉ ଅଧିକ କିଛି ଅସୁବିଧା ପଡ଼ିଲେ କଣ ଅବା କରିବି ? ଅଭାବେ ସ୍ୱଭାବ ନଷ୍ଟ । ସେତେବେଳେ ହୁଏତ ସାହାଯ୍ୟ ପାଇଁ କାହା ପାଖରେ ହାତ ପାତିବାକୁ ବାଧହେବି ମୁଁ । ଅସୁବିଧାରେ ପଡ଼ି ଭିକ ମାଗିବାରେ ଲାଜ କଣ ପୁଅ ? ଚୋରିକଲେ ସିନା ଲାଜ ଲାଗିବ ? ତା ଛଡ଼ା ମୋ ପରି ଜଣେ ଅସହାୟା ବୃଦ୍ଧାର ଅବା ଗତି କଣ ? ଈଶ୍ୱରଙ୍କ ଯାହା ଇଚ୍ଛା, ତାହା ହିଁ ହେବ । ଯେତେଦିନ ଏଇ ପିଣ୍ଡରେ ପ୍ରାଣ ଅଛି, କୌଣସି ପ୍ରକାରେ ବଂଚିବାକୁ ତ ପଡ଼ିବ ।"

ସଜଳ ନୟନରେ ଚାହିଁ ରହିଥିଲି ମୁଁ ସ୍ୱାଭିମାନର ମୂର୍ତ୍ତିମନ୍ତ ପ୍ରତୀକ ସେଇ ବୃଦ୍ଧା କୁନ୍ତଳାକୁ, ଯିଏ ଆପଣା ଭିତରେ ଭାଙ୍ଗି ପଡୁଥିଲା ତାସ୍‌ପତାର ଘର ପରି । ତା ହାତକୁ ଟଙ୍କା କେଇଟା ବଢ଼େଇ ଦେଉ ଦେଉ କହିଲି "ଏତକ ରଖିଥାଅ ମାଉସୀ ! ଦରକାର ବେଳେ କାମକୁ ଆସିବ ।" ମନା କରୁଥିଲା ସେ । କିନ୍ତୁ ଜୋର୍‌କରି ତା ହାତରେ ସେତକ ଗୁଞ୍ଜିଦେଇ ମୋ ବସାକୁ ଚାଲି ଆସିଥିଲି ମୁଁ । ସେଦିନ ମୋତେ ଖୁବ୍‌କଷ୍ଟ ଦେଇଥିଲା ବୃଦ୍ଧା କୁନ୍ତଳାର ସେଇ ଶେଷ କେଇପଦ କଥା । ମାନସୀକ ଯନ୍ତ୍ରଣାରେ ଛଟପଟ ହେଉଥିଲି ମୁଁ ଅନେକ ଦିନ ପର୍ଯ୍ୟନ୍ତ । ଆହା ସତରେ କେଡ଼େ ଅସହାୟ ଏଇ ମଣିଷ ? ଏତକ ଭାବିଲା କ୍ଷଣି ଏବେ ମଧ ଛିନ୍ନଭିନ୍ନ ହୋଇ ଯାଉଛି ମୋର ସବୁତକ ମନୋବଳ ।

ଅନେକ ଦିନ ପରେ ଆଜି କୁନ୍ତଳାର ଘର ପାଖଦେଇ ଯାଉଥିଲି କୌଣସି ଏକ କାମରେ । ତାର ସେଇ ଛୋଟକୁଡ଼ିଆଟି ଆଉ ସେଇଠି ନାହିଁ । କେବେଠୁ ଧରାଶାୟୀ ହୋଇ ପଡ଼ିଛି ଉନ୍ନତିର ବୁଲ୍‌ଡୋଜର୍ ମାଡ଼ରେ । ପାଖ ଲୋକଙ୍କୁ ପଚାରି ବୁଝିଲି । କେବେଠୁ ଇହଲୀଳା ସମ୍ବରଣ କଲାଣି କୁନ୍ତଳା । ତା ଶବ ଉଠେଇବାକୁ ବି ଆଗେଇ ଆସିଲେ ନାହିଁ କେହି ଜଣେହେଲେ ଭଦ୍ରଲୋକ । ତେଣୁ ରିକ୍ସାଟ୍ରଲିରେ ବୋହିନେଇ ଶବସତ୍କାର କରିଥିଲେ ମେହନ୍ତେରମାନେ । "ଆହା ବିଚାରୀ କୁନ୍ତଳା ! ! ଶେଷରେ ଏଇୟା ହିଁ ଲେଖା ହୋଇଥିଲା ସେଇ ସ୍ୱାଭିମାନୀ ବୃଦ୍ଧାଟିର କପାଳରେ ? ଯାହାର କେହି ନାହିଁ, ତା ପାଇଁ ଈଶ୍ୱର ଅଛନ୍ତି । ଏଇ ଆପ୍ତବାଣୀ ତାହାହେଲେ ଭୁଲ ପ୍ରମାଣିତ ହେଲା କୁନ୍ତଳାର କ୍ଷେତ୍ରରେ ! !" ଏତିକି ଭାବିଲା ବେଳକୁ ଚଉଦିଗ ଅନ୍ଧାର ଜଣା ପଡୁଥିଲା ମୋତେ । ଆଖି ଆଗରେ ମୋର ଜୁଳୁଜୁଳିଆ ପୋକ ଉଡ଼ିବାକୁ ଲାଗିଥିଲେ ଦଳ ଦଳ ହୋଇ । ମୁଁ ବୁଝି ପାରୁନଥିଲି ସ୍ୱାଭିମାନର ସହ ବଂଚିବାକୁ ଚାହୁଁଥିବା ମଣିଷଟିଏ ପାଇଁ କାହିଁକି ଏମିତି ନିର୍ଦ୍ଦୟ ହୁଅନ୍ତି ଈଶ୍ୱର ? ?

*ଭାରତୀ କୁଟୀର, ଡୁଙ୍ଗୁରିପାଲି–୭୬୭୦୨୩, ସୁବର୍ଣ୍ଣପୁର*
*ଦୂରଭାଷ: ୮୨୪୯୮୦୭୨୬୭*

# ସ୍ୱୀକାରୋକ୍ତି

ବୀରେଶ୍ୱର ମହାନ୍ତି

ଅହର୍ନିଶ ଅନର୍ଗଳ ଗପି ଚାଲୁଥିବା ପୂରବୀ କାହିଁକି ଯେ ଅକସ୍ମାତ୍ ନିରବୀ ଗଲେ, ସେ କଥା ସମସ୍ତଙ୍କ ଅନୁମାନ ବାହାରେ । ଏପରିକି ତାଙ୍କ ସ୍ୱାମୀ ଏବଂ ଏକମାତ୍ର ପୁତ୍ର ମଧ୍ୟ କିଛି ସୁରାକ ପାଇ ପାରିନାହାନ୍ତି । ସେ ଯେ କେବଳ ନିରବୀ ଯାଇଛନ୍ତି ସେ କଥା ନୁହେଁ, ବରଂ ଏକପ୍ରକାର ଶଯ୍ୟାଶାୟୀ ଅବସ୍ଥାକୁ ଆସିଯାଇଛନ୍ତି । ସଦାସର୍ବଦା ଚଳଚଞ୍ଚଳ, ପ୍ରଗଳ୍‌ଭା ବ୍ୟକ୍ତିତ୍ୱଟି ଏବେ ପ୍ରାୟ ମୁଦ୍ରିତ ଚକ୍ଷୁ ଅବସ୍ଥାରେ ଦିନର ଅଧିକାଂଶ ସମୟ ଶଯ୍ୟାରେ ନିଶ୍ଚୁପ୍ ହୋଇ ପଡ଼ି ରହୁଛନ୍ତି । ଖାଦ୍ୟରେ ଆଗ୍ରହ ଅଛି ନା ବାର୍ତ୍ତାଳାପରେ । ଔଷଧ ଖୁଆଇ ଦେଲେ ଖାଉଛନ୍ତି ଯାହା । କିଏ ଆସିଲେ, ଗଲେ କିଛି ପ୍ରତିକ୍ରିୟା ନାହିଁ । ଓଠରୁ ହସ ଲିଭିଯାଇଛି କହିଲେ କିଛି ଅତ୍ୟୁକ୍ତି ହେବନାହିଁ । ମନପ୍ରାଣକୁ ନିସ୍ପୃହତା ଯେମିତି ସମ୍ପୂର୍ଣ୍ଣ ଭାବରେ କବଳିତ କରିସାରିଛି ।

ଏମିତି ସେ କେବେ ବି ନ ଥିଲେ । କପ୍ ପରେ କପ୍ ଚା ପାନ କରୁକରୁ ଗୁଣୁଗୁଣେଇ ଗୀତ ଗାଇବା ଭିତରେ କେତେବେଳେ ସମୟ ଅତିବାହିତ ହୋଇଯାଏ, ସେ ଦିଗକୁ ତାଙ୍କର ଧ୍ୟାନ ନ ଥାଏ । ସାମ୍ନାରେ ଲୋକଟିଏ ପାଇଗଲେ କଥା ସରିଲା । ଥାକଥାକ ହୋଇ ଗପ ପେଡ଼ିର ଅସରନ୍ତି ଗପ ସବୁ ମୁକ୍ତି ପାଇବା ଆଶାରେ ଅଣନିଃଶ୍ୱାସୀ ହୋଇ ବାହାରକୁ ବାହାରି ଆସନ୍ତି । ଖାଲି ଚା କାହିଁକି, ଜର୍ଦାର ମହମହ ବାସରେ ଆଖପାଖ କମ୍ପୁଥିବା ବିଡ଼ାବିଡ଼ା ପାନ ମଧ୍ୟ ହଜମ କରିବାରେ ସେ ବେଶ୍ ମାହିର୍ । ତେବେ ସାମ୍ପ୍ରତିକ ପରିସ୍ଥିତିରେ ଚା, ପାନ, ଗପସପ ପ୍ରତି ପୂର୍ବର ସେ ଦୁର୍ବଳତା ଆଉ ନାହିଁ । ଯେକୌଣସି ପ୍ରଶ୍ନର ଉତ୍ତର କେବଳ ହଁ, ନାଁ ରେ ସୀମିତ । ଗୀତ ଗାଇବା ଏବେ ସାତ ସପନ ।

ପୂରବୀଙ୍କ ସ୍ୱାମୀ ବିଶ୍ୱକଲ୍ୟାଣ ସହରର ଜଣେ ପ୍ରତିଷ୍ଠିତ ଶିଳ୍ପପତି ତଥା ବ୍ୟବସାୟୀ । ବ୍ୟବସାୟ ସାଙ୍ଗକୁ ସଂଗୀତରେ ମଧ୍ୟ ବେଶ୍ ରୁଚି ରଖନ୍ତି ସେ । ବିବାହ ପୂର୍ବରୁ ଯୌବନର ପ୍ରାରମ୍ଭରେ ଏକ କାର୍ଯ୍ୟକ୍ରମରେ ପୂରବୀ ସଂଗୀତ ପରିବେଷଣ କରୁଥିବା ସମୟରେ ପ୍ରଥମେ ତାଙ୍କୁ ଦେଖିବାର ସୁଯୋଗ ପାଆନ୍ତି । ପ୍ରଥମ ଦେଖାରେ ହିଁ ସେ ଆକର୍ଷିତ ହୋଇଯାଇଥିଲେ ତାଙ୍କ ପ୍ରତି । ସେଇ ସୁଶ୍ରୀ, ତନ୍ୱୀ, ବରବର୍ଣ୍ଣିନୀ କିଶୋରୀର ସୁଲଳିତ କଣ୍ଠସ୍ୱର ସାଙ୍ଗକୁ ଗୀତ ପରିବେଷଣର ଶୈଳୀ ତାଙ୍କ ମନରେ ନିଆରା ରୋମାଞ୍ଚ ଭରିଦେଇଥିଲା । ସେତେବେଳକୁ ପୂରବୀଙ୍କୁ ଜଣେ ଗାୟିକା ହିସାବରେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମରେ ନିୟମିତ ଅବଧିରେ ନିମନ୍ତ୍ରଣ ମିଳିବା ଆରମ୍ଭ ହୋଇଯାଇଥାଏ । ସେଇ ସୁଯୋଗରେ ବିଶ୍ୱକଲ୍ୟାଣ ପୂରବୀଙ୍କର ସମସ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ତାଙ୍କର ସଂଗୀତ ପରିବେଷଣକୁ ଉପଭୋଗ କରିଚାଲୁଥିଲେ । କ୍ରମେ ବିଶ୍ୱକଲ୍ୟାଣଙ୍କ ଆଗ୍ରହ ଗୀତ ଶୁଣିବା ଅପେକ୍ଷା ପୂରବୀଙ୍କର ଭସାଭସା ଆଖି, ସୌନ୍ଦର୍ଯ୍ୟଭରା ମୁଖମଣ୍ଡଳରେ କେନ୍ଦ୍ରିତ ହେବାକୁ ଲାଗିଲା । କୌଣସି ପ୍ରକାରେ ତାଙ୍କର ପାଖଲଗା ହେବା ପାଇଁ ଇଚ୍ଛାଟିଏ ମନ ମଧ୍ୟରେ ଅଙ୍କୁରିତ ହେଲା । ପ୍ରତିଷ୍ଠିତ ବ୍ୟବସାୟୀ, ପୁଣି ଧନଜନରେ କିଛି ଅଭାବ ନାହିଁ । ତାଙ୍କର ସମସ୍ତ ଶକ୍ତି ସାମର୍ଥ୍ୟ ବିନିଯୋଗ କରି ପୂରବୀଙ୍କର ସାନିଧ୍ୟ ଲାଭ ପାଇଁ ଉଦ୍ୟମ କରିଚାଲିଲେ । ମଝିରେମଝିରେ ସୁଯୋଗ ଉଣ୍ଡି ତାଙ୍କ ସହ ପଦେ ଦି' ପଦ କଥା ପାଇଁ ବ୍ୟାକୁଳ ହେଉଥିଲେ ମଧ୍ୟ ଅନ୍ୟପକ୍ଷରୁ ସେପରି କୌଣସି ଆଗ୍ରହ ପ୍ରକାଶ ପାଏନା ।

ହତାଶ ବିଶ୍ୱକଲ୍ୟାଣ ଏବେ ବିଷାଦଗ୍ରସ୍ତ । ଦିବାନିଶି ପୂରବୀଙ୍କ ଭାବନାରେ ନିମଜ୍ଜିତ ହୋଇ ରହୁଛନ୍ତି । କୌଣସି ପ୍ରକାରେ ସେ ତାଙ୍କ ମନ ଜିଣିବାକୁ ଚାହାନ୍ତି । ଦୈବାତ୍‌କୁ ଏକ ସୁଯୋଗ ଜୁଟିଗଲା । ହୁଏତ ତାହା ହିଁ ଥିଲା ବିଧିର ବିଧାନ । ବ୍ୟବସାୟୀ ସଂଘର ବାର୍ଷିକ କାର୍ଯ୍ୟକ୍ରମରେ ପୂରବୀଙ୍କୁ ସଂଗୀତ ପରିବେଷଣ ପାଇଁ ନିମନ୍ତ୍ରଣ କରାଯାଇଥାଏ । ସଂଘର କର୍ମକର୍ତ୍ତା ଭାବରେ ବିଶ୍ୱକଲ୍ୟାଣ ତାଙ୍କ ସହ ବାର୍ତ୍ତାଳାପର ସୁଯୋଗକୁ ହାତଛଡ଼ା କରିନଥିଲେ । ସେଦିନ ସନ୍ଧ୍ୟାରେ ଔପଚାରିକ ଭାବରେ ଦୁହିଁଙ୍କ ମଧ୍ୟରେ ସାମାନ୍ୟ ମାତ୍ର ଆଳାପ ଆଲୋଚନା ବ୍ୟତୀତ କଥା ଆଉ ଆଗକୁ ବଢ଼ି ପାରି ନ ଥିଲେ ମଧ୍ୟ ବିଶ୍ୱକଲ୍ୟାଣ ପୂରବୀଙ୍କୁ ତାଙ୍କର ସୁଲଳିତ କଣ୍ଠସ୍ୱର ପାଇଁ ପ୍ରଶଂସାରେ ପୋତି ପକେଇଥିଲେ । ଗାୟିକା ଜଣକ ବେଶ୍ ଆମୋଦିତ ଅନୁଭବ କରିଥିଲେ ମଧ୍ୟ ଅଚାନକ ଏତେ ଅଧିକ

ପ୍ରଶଂସା ତାଙ୍କୁ ବିସ୍ମିତ କରିଥିଲା ।

ପୂରବୀଙ୍କୁ ନିକଟରୁ ଭେଟିବା ପରେ ବିଶ୍ୱକଲ୍ୟାଣଙ୍କ ମନ ଆଉ ନିଜ ଆୟତ୍ତରେ ନଥିଲା । ସେ ଏବେ କେବଳ ପୂରବୀମନସ୍କ । ଇତିମଧ୍ୟରେ ବିଭିନ୍ନ ଆଳରେ ସେ ତାଙ୍କୁ କେତେଥର ଭେଟିଥିଲେ ମଧ୍ୟ ନିଜ ମନକଥା ବ୍ୟକ୍ତ କରିବାକୁ ସାହସ ସଂଗ୍ରହ କରିପାରିନାହାନ୍ତି ।

ସେଦିନ ଥାଏ ଏକ ଶୀତ ଭିଜା ନିଥର ନିରବ ସଂଧ୍ୟା । ନିର୍ମଳ ଆକାଶର ଜ୍ୟୋତ୍ସ୍ନାପ୍ଲାବିତ ଚୂଲ୍‌ବୁଲି ଜହ୍ନ ବିଶ୍ୱକଲ୍ୟାଣଙ୍କ ମନରେ ସ୍ୱପ୍ନର ମଞ୍ଜି ବୁଣିବାକୁ ଆରମ୍ଭ କରିଦେଇଥିଲା । ଆଉ ଧୈର୍ଯ୍ୟ ଧରିବା ତାଙ୍କ ପକ୍ଷେ ସମ୍ଭବ ନ ଥିଲା । ପ୍ରେମ ଜୁଡୁବୁଡୁ ମନ ନେଇ ଏକାନ୍ତରେ ନିଷ୍କ୍ରାନ୍ତ ହୋଇଗଲେ ପୂରବୀଙ୍କ ବାସଗୃହ ଅଭିମୁଖେ । ସେ ଜାଣନ୍ତି, ପୂରବୀଙ୍କ ଆର୍ଥିକ ଅବସ୍ଥା ସେତେ ସ୍ୱଚ୍ଛଳ ନୁହଁ । ସଂଗୀତ କାର୍ଯ୍ୟକ୍ରମରୁ ଯାହା କିଛି ରୋଜଗାର ହୁଏ, ସେଥିରୁ ଅର୍ଦ୍ଧାଧିକ ଅର୍ଥ ବାପାଙ୍କୁ ପ୍ରେରଣ କରିବାକୁ ପଡ଼େ । ସ୍ୱାଭାବିକ୍ ଭାବରେ ଏକ ଛୋଟ ଘର ଭଡ଼ା ନେଇ ଏକୁଟିଆ ରହୁଥିଲେ ପୂରବୀ ।

ହଠାତ୍ ବିନା ଖବରରେ ବିଶ୍ୱକଲ୍ୟାଣଙ୍କୁ ଦେଖି ଆଶ୍ଚର୍ଯ୍ୟ ହୋଇଥିଲେ ସେ । ତେବେ ସାମାନ୍ୟ କିଛି ବାର୍ତ୍ତାଳାପ ପରେ ସୌଜନ୍ୟତା ଦୃଷ୍ଟିରୁ ପଚାରିଲେ - "ଏ ଶୀତୁଆ ସଂଧ୍ୟାରେ ହଠାତ୍ କେମିତି ?" ମନକଥା ଆରମ୍ଭ କରିବାକୁ ସୁଯୋଗ ଉଣ୍ଡୁଥିଲେ ବିଶ୍ୱକଲ୍ୟାଣ । ବିନା ଗୌରଚନ୍ଦ୍ରିକାରେ କହିପକେଇଲେ- " ମୁଁ ଆପଣଙ୍କ ପ୍ରେମରେ ପଡ଼ିଯାଇଛି ପୂରବୀ । ଆପଣଙ୍କୁ ଦେଖିବା ଦିନଠୁ ମୋ ଆଖିରୁ ନିଦ ଯେମିତି ହଜିଯାଇଛି । ମୁଁ ମୋ ତରଫରୁ ବିବାହ ପ୍ରସ୍ତାବ ନେଇ ଆସିଛି ।"

ବିଶିଷ୍ଟ ଶିଳ୍ପପତି ବିଶ୍ୱକଲ୍ୟାଣ ପୁରୁଷପଣିଆ ଅଭିମାନରେ ଭାବିଥିଲେ ପୂରବୀ ତାଙ୍କର ପ୍ରସ୍ତାବକୁ କେବେହେଲେ ନଜରଅନ୍ଦାଜ କରିପାରିବେନି । ଆଉ କିଛି ନ ହେଲେ ବି ସେ ସହରରେ ଜଣେ ନାମକରା ଶିଳ୍ପପତି ନା ! ମାତ୍ର ପୂରବୀ ଏପରି ଅପ୍ରତ୍ୟାଶିତ ବ୍ୟବହାରରେ କେବଳ ଯେ ସ୍ତବ୍ଧ ହୋଇଥିଲେ ସେ କଥା ନୁହେଁ ,ଭୀଷଣ କ୍ଷୁବ୍ଧ ହୋଇଥିଲେ ମଧ୍ୟ । ମନେମନେ ଭାବୁଥିଲେ, କେଡ଼େ ଅଭଦ୍ର ଲୋକଟା । କଥା ନାହିଁ ବାର୍ତ୍ତା ନାହିଁ, ନିଜ ବାହାଘର ପ୍ରସ୍ତାବ ନେଇ ନିଜେ ହାଜର । ଝିଅମାନଙ୍କୁ ଏମାନେ ମାଟିଗୋଡ଼ି ବୋଲି ବିଚାର କରନ୍ତି ନା କ'ଣ ? ତଥାପି ନିଜକୁ ସଂଜତ କରି କ'ଣ କେମିତି ଉତ୍ତର ଫେରେଇବ ଭାବୁଭାବୁ ସ୍ୱତଃ ତାଙ୍କ ମୁହଁରୁ ବାହାରିପଡ଼ିଲା- 'ଏ ପ୍ରସ୍ତାବରେ ମୁଁ ରାଜି ନୁହେଁ । ଆପଣ ଆସିପାରନ୍ତି ।"

ମୁହଁରୁ କଥା ନ ସରଣୁ ତତ୍‌କ୍ଷଣାତ୍ ଠିଆ ହୋଇ ପଡ଼ିଥିଲେ ପୂରବୀ । ଅଗତ୍ୟା ନିରୂପାୟ ହୋଇ ଭଗ୍ନ ମନୋରଥରେ ସେଦିନ ବିଶ୍ୱକଲ୍ୟାଣ ଫେରି ଆସିଥିଲେ ସିନା, ତାଙ୍କର ସ୍ୱାଭିମାନ ଯଥେଷ୍ଟ ଆଘାତ ପାଇଥିଲା । ଜଣେ ପ୍ରତିଷ୍ଠିତ ବିତ୍ତଶାଳୀ ବ୍ୟବସାୟୀର ବିବାହ ପ୍ରସ୍ତାବକୁ ପୂରବୀ ପରି ଆର୍ଥିକ ଦୃଷ୍ଟିରୁ ସ୍ୱଚ୍ଛଳ ନ ଥିବା ଝିଅ ଯେ ଏତେ ଖାମଖିଆଲି ଭାବରେ ପ୍ରତ୍ୟାଖ୍ୟାନ କରି ଦେଇ ପାରେ, ସେ କଥାକୁ ସେ ହଜମ କରିପାରୁ ନ ଥିଲେ । ତାଙ୍କର ପୁରୁଷପଣିଆ ଏତେ ସହଜରେ ପରାଜୟ ସ୍ୱୀକାର କରିବାକୁ ପ୍ରସ୍ତୁତ ନ ଥିଲା । ପୂରବୀଙ୍କୁ କେମିତି ମନେଇବେ ସେ କଥା ଭାବୁଭାବୁ ସମସ୍ୟା ସମାଧାନର ସୂତ୍ରଟିଏ ନିଜ ମା'ଙ୍କଠୁ ପାଇଗଲେ ସେ । ମା'ଙ୍କର କେଉଁ ଦୂର ସମ୍ପର୍କୀୟ ବଂଧୁ ପୂରବୀର ବାପାଙ୍କ ସହ ପରିଚୟ ଥିବାର ଖବର ପାଇବାପରେ ପୁଣି ଅଣ୍ଟା ଭିଡ଼ିଲେ ବିଶ୍ୱକଲ୍ୟାଣ । ପ୍ରେମ ପାଇଁ ନିଜର ସ୍ୱାଭିମାନକୁ ଜଳାଞ୍ଜଳି ଦେବେ ପଛେ ଆଉ ଥରେ ସେ ନିଜ ତରଫରୁ ପ୍ରୟାସ କରିବେ । ମନରେ ନିଷ୍ଠା ଓ ଭରସା ରଖି ଉଦ୍ୟମ କଲେ ହାତରେ ସଫଳତା ଲାଗେ ନିଶ୍ଚୟ । ଏଥର ପ୍ରଚେଷ୍ଟାରେ ସଫଳ ହେଲେ ବିଶ୍ୱକଲ୍ୟାଣ । ବିବାହ ପ୍ରସ୍ତାବରେ ପୂରବୀ ରାଜି, ମାତ୍ର ଏକ ସର୍ତ୍ତରେ । ରୋକ୍‌ଠୋକ୍ ଶୁଣେଇ ଦେଇଥିଲା ସେ – "ମୋ କଳାକାର ଜୀବନରେ ଆପଣ କେବେ ପ୍ରତିବନ୍ଧକ ହେବେ ନାହିଁ କିମ୍ବା କାର୍ଯ୍ୟକ୍ରମ ପାଇଁ ବାହାରେ ରାତ୍ର ଯାପନର ଆବଶ୍ୟକତା ପଡ଼ିଲେ କେବେ ବିରୋଧ କରିବେ ନାହିଁ ।"

ବିଶ୍ୱକଲ୍ୟାଣ ଭାବିଥିଲେ ହୁଏତ କିଛି ଅଭାବିତ ସର୍ତ୍ତ ରଖିବେ ପୂରବୀ । ମାତ୍ର ଏ ତ ଏକ ଚିରାଚରିତ ସର୍ତ୍ତ । ଏଥିରେ ଅରାଜି ହେବାର କାରଣ କିଛି ନ ଥାଇପାରେ । ମନେ ପଡ଼ିଗଲା ହସ୍ତିନାପୁର ନରେଶ ଶାନ୍ତନୁଙ୍କ କଥା । ସେତ ପୁଣି ଗଙ୍ଗାଙ୍କୁ ବିବାହ କରିବା ପାଇଁ ତାଙ୍କୁ କୌଣସି ପ୍ରଶ୍ନ ନ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ହୋଇଥିଲେ । ଗୋଟିକ ପରେ ଗୋଟିଏ ଶିଶୁପୁତ୍ରଙ୍କୁ ସ୍ତ୍ରୀ ତାଙ୍କର ଗଙ୍ଗାଜଳରେ ବିସର୍ଜନ କରିବା ପରେ ସୁଦ୍ଧା ଶାନ୍ତନୁ ସେ କଥାର ବିରୋଧ କରି ନ ଥିଲେ କିମ୍ବା ପ୍ରଶ୍ନଟିଏ ମଧ୍ୟ ପଚାରିନଥିଲେ । ସେ ତୁଳନାରେ ପୂରବୀଙ୍କ ସର୍ତ୍ତ ତ ବହୁତ କୋମଳ ।

ପୂରବୀଙ୍କ ସର୍ତ୍ତରେ ତୁରନ୍ତ ରାଜି ହୋଇଯାଇଥିଲେ ବିଶ୍ୱକଲ୍ୟାଣ । ବିବାହ ପରେ ଦାମ୍ପତ୍ୟ ଜୀବନର ସୁଗନ୍ଧରେ ଦୁହେଁ ବିଭୋର । ସମୟ ସ୍ରୋତରେ ଅତିକ୍ରାନ୍ତ ହୋଇ ଚାଲିଥିଲା ଦୁହିଁଙ୍କର ସାଂସାରିକ ଜୀବନ । ସମୟ ତୀରରେ ଚାଲୁଚାଲୁ ବିଶ୍ୱକଲ୍ୟାଣଙ୍କ ବ୍ୟବସାୟ ବହୁଗୁଣରେ ବୃଦ୍ଧି ପାଇ ସାରିଥାଏ । ବ୍ୟବସାୟ ସଂକ୍ରାନ୍ତରେ ବ୍ୟସ୍ତ ରହୁଥିବାରୁ ସ୍ୱାଭାବିକ୍ ଭାବରେ ତାଙ୍କର ଘରକୁ ଫେରିବାରେ ବିଳମ୍ବ ହୁଏ । ପୂରବୀ ମଧ୍ୟ ସଂଗୀତ ଦୁନିଆରେ ବ୍ୟସ୍ତ ଥାଇ ବିଳମ୍ବିତ ରାତ୍ରରେ ଘରକୁ ଫେରିବା କିମ୍ବା କେବେ କେମିତି ରାତିରେ ଘରକୁ ନ ଫେରିପାରିବା ଏବେ ଏକ ସାଧାରଣ ଘଟଣା । କାର୍ଯ୍ୟରେ ବ୍ୟସ୍ତ ଥାଇ କେହି କେବେ ଅନ୍ୟର କାର୍ଯ୍ୟରେ ହସ୍ତକ୍ଷେପ କରି ନାହାନ୍ତି କି ଅଯଥା ପ୍ରଶ୍ନବାଣରେ ଜର୍ଜରିତ କରିନାହାନ୍ତି । ଏକମାତ୍ର ପୁତ୍ର ଶିକ୍ଷା ସମାପ୍ତି ପରେ ବିଦେଶୀ ଝିଅଟିଏ ବିବାହ କରି ଆମେରିକାର ଏକ ବହୁଦେଶୀୟ କମ୍ପାନୀରେ ଅବସ୍ଥାପିତ । ବ୍ୟବସାୟରେ ତା'ର ରୁଚି କମ୍ ।

ବୟସର ଅପରାହ୍ନରେ ପାଦ ଥାପିବା ସହ ପୂରବୀଙ୍କର ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗଦାନ ଆସ୍ତେଆସ୍ତେ ଭଟ୍ଟା ପଡ଼ି ଆସେ । ତାଙ୍କ ସ୍ଥାନରେ ନବାଗତମାନେ ଆସ୍ଥାନ ଜମେଇ ସାରିଲେଣି । ଏବେ ତାଙ୍କ ହାତରେ ବଳକା ସମୟ ଯଥେଷ୍ଟ ଅଧିକ ହେବା ଯୋଗୁଁ ଘରେ ଅଧିକ ସମୟ କଟେ । ମାତ୍ର ବିଶ୍ୱକଲ୍ୟାଣଙ୍କ ବ୍ୟବସାୟିକ ଜୀବନ କ୍ରମେ ବ୍ୟସ୍ତବହୁଳ ହୋଇ ଚାଲେ । ତା'ରି ମଧ୍ୟରେ ସମୟ ପାଇଲେ ସେ ସ୍ତ୍ରୀଙ୍କୁ ସମୟ

ନିଶ୍ଚୟ ଦିଅନ୍ତି । ତାଙ୍କର ସ୍ୱପ୍ନର ସଂସାରର ମଝିଖୁଣ୍ଟ ସେ । ବେଳେବେଳେ ପଛକୁ ଫେରିଯାଆନ୍ତି ବିଶ୍ୱକଲ୍ୟାଣ । ପୂରବୀଙ୍କୁ ତାଙ୍କ ପ୍ରେମ ନିବେଦନ କଥା ମନେ ପକେଇ ଭାବପ୍ରବଣ ହୋଇ ପଡ଼ନ୍ତି । ଯଦି ତାଙ୍କ ପ୍ରସ୍ତାବରେ ସେ ସହମତ ହୋଇ ନ ଥାନ୍ତେ, ଆଜି କ'ଣ ହୋଇଥାନ୍ତା ତାଙ୍କ ଅବସ୍ଥା । ସୁସ୍ଥ ମନ ଓ ଶରୀର ନେଇ ସେ ବ୍ୟବସାୟ ସମ୍ଭାଳି ପାରିଥାନ୍ତେ ତ ? ଆଉ ଆଗକୁ ଭାବି ପାରନ୍ତିନି । ବରଂ ସୁଖମୟ ଦାମ୍ପତ୍ୟ ଜୀବନ ପାଇଁ ଆଶିର୍ବାଦ ଭିକ୍ଷା କରି ଭଗବାନଙ୍କୁ କୋଟି ଦଣ୍ଡବତ ହୁଅନ୍ତି ।

ଏବେ ବୟସର ଉତ୍ତରକାଳରେ ବିଶ୍ୱକଲ୍ୟାଣ ଲକ୍ଷ୍ୟ କରନ୍ତି, ପୂରବୀ ଆଉ ପୂର୍ବବତ୍ ଚଳଚଞ୍ଚଳ ନାହାନ୍ତି । ଖାଦ୍ୟ ପେୟରେ ଆଗ୍ରହ କମିକମି ଆସୁଛି । ବାହାରକୁ ଯିବା ପରିବର୍ତ୍ତେ ଘରେ ନିଜକୁ ଆବଦ୍ଧ କରି ରଖୁଛନ୍ତି । ଅନେକ ସମୟରେ ଅନ୍ୟମନସ୍କ ହୋଇ କ'ଣ ସବୁ ଭାବି ଚାଲୁଛନ୍ତି । ଗୀତ ଗାଇବା କିମ୍ବା ସଂଗୀତ କାର୍ଯ୍ୟକ୍ରମରେ ଯୋଗଦେବା ଏବେ ସମ୍ପୂର୍ଣ୍ଣ ବନ୍ଦ । ବିବ୍ରତ ବିଶ୍ୱକଲ୍ୟାଣ ଚିକିତ୍ସାର ସମସ୍ତ ପ୍ରକାର ସୁବନ୍ଦୋବସ୍ତ କରିଥିଲେ ମଧ୍ୟ ପରିସ୍ଥିତିର କିଛି ଉନ୍ନତି ପରିଲକ୍ଷିତ ହୁଏନା । ବରଂ ଅବସ୍ଥାର ଅବନତି ଘଟି ଚାଲେ । ବ୍ୟସ୍ତବହୁଳ ଜୀବନରୁ ସମୟ ବାହାର କରି ସ୍ତ୍ରୀଙ୍କୁ ଅଧିକ ସମୟ ଦେବାପାଇଁ ଡାକ୍ତର ପରାମର୍ଶ ଦିଅନ୍ତି । ବିଶ୍ୱକଲ୍ୟାଣ ବି କିଛି କାର୍ପଣ୍ୟ କରନ୍ତିନି । ଯଥାସମ୍ଭବ ପ୍ରୟାସ କରି ସମୟ ଦିଅନ୍ତି ପୂରବୀଙ୍କୁ । ସାହାଯ୍ୟ ପାଇଁ ସେବିକା ଥିଲେ ମଧ୍ୟ ଘରେ ଥିବା ସମୟରେ ସେ ବ୍ୟକ୍ତିଗତ ଭାବରେ ସ୍ତ୍ରୀଙ୍କର ଦାୟିତ୍ୱ ବହନ କରନ୍ତି । ସେଥିରେ ତାଙ୍କର ଅଫୁରନ୍ତ ଆନନ୍ଦ । ସେ ଯେ ତାଙ୍କୁ ନିଜ ଜୀବନଠୁ ଅଧିକ ଭଲ ପାଆନ୍ତି । ଫୁଲ ପରି ସ୍ନେହ ଆଦର କରନ୍ତି । ସାମାନ୍ୟ ଅଯତ୍ନରେ ଯେବେ କୋମଳ ଫୁଲ ପାଖୁଡ଼ା ବିକ୍ଷିପ୍ତ ହୋଇଯାଏ, ସେ ସହ୍ୟ କରି ପାରିବେ ତ ! ତାଙ୍କ ପାଇଁ ସେ ଅତୀତ, ବର୍ତ୍ତମାନ, ଭବିଷ୍ୟତ ସବୁ କିଛି । ତାଙ୍କୁ ନେଇ ହିଁ ତାଙ୍କର ସୁନାର ସଂସାର । ତାଙ୍କରି ପ୍ରେମର ସୁଗନ୍ଧରେ ସେ ଆଜି ବି ବିମୋହିତ ।

ବିଶ୍ୱକଲ୍ୟାଣ ଘରେ ଥିଲାବେଳେ ପୂରବୀଙ୍କର ପଲଙ୍କ ପାଖରେ ଚେୟାରଟେ ପକେଇ ବସି ରହି ଅପଲକ ନୟନରେ ଅନେଇ ରହନ୍ତି ତାଙ୍କୁ । ଭଲମନ୍ଦ କଥା କହି ତାଙ୍କ ମନ ବହଲେଇବାକୁ ଚେଷ୍ଟିତ ହୁଅନ୍ତି । ପ୍ରତିକ୍ରିୟାରେ ଅସହାୟ କରୁଣ ଚାହାଣୀରେ ପୂରବୀ କେବଳ ଅନେଇ ରହନ୍ତି ତାଙ୍କ ସ୍ୱାମୀଙ୍କୁ । ସତେ ଯେମିତି କିଛି ବେଦନା ତାଙ୍କ ଅନ୍ତରକୁ ଦଳିମକ୍ଟି ପକଉଛି । ହୁଏତ ସେ ବେଦନାକୁ ବ୍ୟକ୍ତ କରିବାକୁ ତାଙ୍କର ସାମର୍ଥ୍ୟ ନାହିଁ । ବ୍ୟଥାରେ ଲତପତ ହୋଇ କିଛି ବୁଝିପାରନ୍ତିନି ବିଶ୍ୱକଲ୍ୟାଣ । ଅନେକ ଥର ଭରସା କରି କାରଣ ପଚାରିଛନ୍ତି ପୂରବୀଙ୍କୁ । କେବଳ ଫିକା ହସଟିଏ ଛଡ଼ା କିଛି ଉତ୍ତର ପାଇପାରିନାହାନ୍ତି ।

ଦିନକୁ ଦିନ ପୂରବୀଙ୍କର ଅବସ୍ଥା ଆହୁରି ଶୋଚନୀୟ ହୋଇପଡ଼େ । ବ୍ୟସ୍ତ ବିବ୍ରତ ହୋଇ ମନେମନେ ବିଶ୍ଳେଷଣ କରନ୍ତି ବିଶ୍ୱକଲ୍ୟାଣ । ସମସ୍ତ ପ୍ରକାର ଚିକିତ୍ସା, ଯତ୍ନ ସତ୍ତ୍ୱେ ତାଙ୍କ ଅବସ୍ଥାରେ ଉନ୍ନତି ନ ହେବାର କାରଣ କ'ଣ ହୋଇପାରେ ? ବୈବାହିକ ଜୀବନକୁ ନେଇ ସେ ଅସୁଖୀ କି ? ଏକ ପ୍ରକାର ଚାପର ବଶବର୍ତ୍ତୀ ହୋଇ ସେ ତାଙ୍କୁ ବିବାହ କରିବାକୁ ମନସ୍ଥ କରିଥିଲେ । ବୋଧହୁଏ ସେଇଥିପାଇଁ ସେ ମାନସିକ ଦ୍ୱନ୍ଦ୍ୱରେ ଘାରି ହୋଇ ଚାଲିଛନ୍ତି କି, ଯାହା ତାଙ୍କୁ ଅସୁସ୍ଥ କରୁଛି । କାଠଗଡ଼ାରେ ଠିଆ କରେଇ ପୂରବୀଙ୍କର ଅବସ୍ଥା ପାଇଁ ସେ ନିଜକୁ ଦାୟୀ କରୁଥିଲେ । ପୁନଶ୍ଚ ଆଉ ଏକ ଭାବନା ତାଙ୍କ ମନକୁ ଆନ୍ଦୋଳିତ କରୁଥିଲା । ଏକମାତ୍ର ପୁତ୍ର ବିଦେଶିନୀଟିଏ ବିବାହ କରି ସୁଦୂର ଆମେରିକାରେ ରହୁଥିବାରୁ ତାକୁ ମନ ଭିତରେ ଝୁରିଝୁରି ଏ ପ୍ରକାର ଶାରୀରିକ ତଥା ମାନସିକ ଦୁରାବସ୍ଥା ହୋଇଥାଇପାରେ କି ! ସମସ୍ତ ପ୍ରକାର ବିଷାଦ, ଯନ୍ତ୍ରଣା, ଶାରୀରିକ ଅସୁସ୍ଥତା ସତ୍ତ୍ୱେ ସ୍ତ୍ରୀ ତାଙ୍କର ପୁଅ ସାଙ୍ଗରେ ହିଁ ପଦେ ଦି' ପଦ ଫୋନ୍‌ରେ କଥାବାର୍ତ୍ତା ପାଇଁ ଆଗ୍ରହ ପ୍ରକାଶ କରନ୍ତି । କଥାବାର୍ତ୍ତା ଛଳରେ ପୁତ୍ର ଅମନ୍ ମା'ଙ୍କର ସ୍ୱାସ୍ଥ୍ୟାବସ୍ଥା ସମ୍ବନ୍ଧରେ ପଚାରି ମନକୁ ପ୍ରଫୁଲ୍ଲ ରଖିବା ପାଇଁ ପରାମର୍ଶ ଦିଏ ।

ପୂରବୀଙ୍କ ପାଇଁ ଏ ସବୁ ପରାମର୍ଶର ମୂଲ୍ୟ କିଛି ନାହିଁ । ପାଣିର ଗାର ସଦୃଶ । କହିଦେଲେ କ'ଣ ସବୁ ସମସ୍ୟାର ନିଷ୍କର୍ଷ ବାହାରିପାରେ ? ବନ ପୋଡ଼ିଗଲେ ସମସ୍ତେ ଜାଣନ୍ତି, ଏବେ ମନ ପୋଡ଼ିଗଲେ କିଏ ଜାଣିବ କେମିତି ? ସବୁ କଥା କ'ଣ ସମସ୍ତଙ୍କ ସମ୍ମୁଖରେ ନିଃସଙ୍କୋଚରେ ବ୍ୟକ୍ତ କରିହୁଏ ! କଥାଟିଏ ମନକୁ ଥରେ ଆକ୍ରାନ୍ତ କରିଗଲେ, ସେଥିରୁ ମୁକୁଳି ପାରିବା କ'ଣ ଏତେ ସହଜ ? ମନକୁ ଯେତେ ବୁଝେଇଲେ ମଧ୍ୟ ପର ମୁହୂର୍ତ୍ତରେ ପୁଣି ସେଇ କଥା ମନ ମଧ୍ୟକୁ ବୁଲେଇ ବଙ୍କେଇ ପଶିଆସେ । ମନକୁ ହାଲୁକା କରିବାର ସମସ୍ତ ଉଦ୍ୟମ ବ୍ୟର୍ଥ ହୁଏ ।

ବିଛଣାରେ ପଡ଼ିପଡ଼ି ପୂରବୀ ଭାବୁଥିଲେ ବିଶ୍ୱକଲ୍ୟାଣଙ୍କ କଥା । ଏବେ ସେ ବି ଉଚ୍ଚ ରକ୍ତଚାପ ରୋଗରେ ପୀଡ଼ିତ । ନିଜ ଶାରୀରିକ ଅସୁସ୍ଥତା ସତ୍ତ୍ୱେ ବିନା ଦ୍ୱିଧାରେ ସ୍ୱାମୀ ତାଙ୍କର ସେବା କରିଚାଲିଛନ୍ତି, ଅଥଚ ମୁହୂର୍ତ୍ତକେ ପାଇଁ କେବେ ବି ବିରକ୍ତି ପ୍ରକାଶ କରିନାହାନ୍ତି । ଆଜିକାଲି ସଂଧ୍ୟା ହେଲେ ବିଶ୍ୱକଲ୍ୟାଣ ନିଶ୍ଚୟ ଘରକୁ ଫେରିଆସନ୍ତି । ବେଶ୍ କିଛି ଦିନ ହେବ ସେ ମନ ଖୋଲି ପଦେ ଦି' ପଦ କଥା ବି ହୋଇନି ତାଙ୍କ ସାଙ୍ଗରେ । ଭାବୁଥିଲା, କେତେ ଦିନ ଆଉ ମନ କଥାକୁ ଚାପି ରଖି ମାନସିକ ଯନ୍ତ୍ରଣା ସହି ଚାଲିଥିବ । ମୁଣ୍ଡରେ ଯେମିତି ମହଣେ ଓଜନର ବୋଝ । ମନକୁ ବୁଝେଇଲା, କେଉଁ ଦିନରୁ ମନରେ ପୁଞ୍ଜିଭୂତ ହୋଇ ଚାପି ରହିଥିବା ବେଦନାକୁ ବିଶ୍ୱକଲ୍ୟାଣଙ୍କ ସମ୍ମୁଖରେ ନିର୍ଭୟରେ ବ୍ୟକ୍ତ କରିବ, ଫଳାଫଳ ଯାହା ହେଉନା କାହିଁକି ! ମନରୁ କ୍ଲେଷ, ବିଷାଦ ଦୂର କରିବା ପାଇଁ ତା' ପାଖରେ ଅନ୍ୟ କିଛି ଉପାୟ ହିଁ ନାହିଁ ।

ସନ୍ଧ୍ୟା ନଇଁ ଆସୁଥିଲା । ଗବାକ୍ଷ ଦେଇ ବାହାରେ ଆଖି ପହଁରେଇ ଆଣିଲେ ପୂରବୀ । ବିହଗମାନେ ନୀଳ ଆକାଶରେ ଦଳଦଳ ହୋଇ ନିଜ ନିଜ ନୀଡ଼କୁ ଏକ ମୁହାଁ ହୋଇ ପ୍ରତ୍ୟାବର୍ତ୍ତନ କରୁଥିଲେ । ସେ ବି ଆତୁରତାର ସହ ଅପେକ୍ଷା କରି ରହିଥିଲେ ବିଶ୍ୱକଲ୍ୟାଣଙ୍କୁ । ଏତେ ଦିନ ପରେ ସେ ନିଷ୍ପତ୍ତି କରିଛନ୍ତି ତା'ଙ୍କ ମନକଥା ସ୍ୱାମୀଙ୍କ ସମ୍ମୁଖରେ ନିଶ୍ଚୟ ପ୍ରକାଶ କରିବେ । ସେଦିନ କିନ୍ତୁ ବିଶ୍ୱକଲ୍ୟାଣଙ୍କର ସନ୍ଧ୍ୟାରେ ଘରକୁ

ଫେରିବା ବିଳମ୍ବ ହେଉଥିଲା । ଗୋଟିଏ ଗୋଟିଏ ମୁହୂର୍ତ୍ତ ଗୋଟିଏ ଗୋଟିଏ ଯୁଗ ପରି ପୂରବୀଙ୍କୁ ପ୍ରତୀୟମାନ ହେଉଥିଲା । ସମୟ ଯେତିକି ଗଡ଼ିଚାଲୁଥିଲା, ସେତିକି ଅସହ୍ୟ ବୋଧ କରୁଥିଲେ ସେ । ପ୍ରତିଟି ବିଳମ୍ବିତ ମୁହୂର୍ତ୍ତ କାଳ ନାଗୁଣୀ ସଦୃଶ ତା'ଙ୍କ ବେକ ଚାରିପଟେ ଛନ୍ଦି ହୋଇଯିବା ପରି ଅନୁଭବ । ଉଦ୍‌ଗ୍ରୀବ ମନ ନେଇ ବିଶ୍ୱକଲ୍ୟାଣଙ୍କୁ ଅପେକ୍ଷା କରିବା ଭିତରେ ଜହ୍ନ ଆକାଶରେ ବେଶ୍ ଉପରକୁ ଉଠିଗଲେଣି । ବର୍ତ୍ତମାନ ଓ ଅତୀତକୁ ନେଇ ଚିନ୍ତାମଗ୍ନ ପୂରବୀଙ୍କ ମନକୁ ପାପ ଛୁଉଁଥିଲା । ଆଜି ଏତେ ବିଳମ୍ବ କାହିଁକି ? ଅଧିକରୁ ଅଧିକ ଅନ୍ୟମନସ୍କ ହୋଇ ପଡୁଥିଲେ ସେ ।

ବିଶ୍ୱକଲ୍ୟାଣଙ୍କ କାର୍ ଆସିବା ଶବ୍ଦରେ ଆଶ୍ୱସ୍ତ ହେଲେ ପୂରବୀ । ଦୁଇ କହଣୀକୁ ଭରା ଦେଇ ବିଛଣାରେ ଉଠି ବସି ଅପେକ୍ଷା କରି ରହିଲେ ସ୍ୱାମୀଙ୍କୁ । ମାତ୍ର ଇୟେ କ'ଣ ! କ୍ଳାନ୍ତ ତଥା ଧିର ପଦକ୍ଷେପରେ ଗାଡ଼ି ଚାଳକ କାନ୍ଧରେ ଭରା ଦେଇ ଘରକୁ ପ୍ରବେଶ କରୁଛନ୍ତି ସେ ।

-"ମ୍ୟାଡ଼ମ୍, ବାବୁଙ୍କ ଦେହ ଭଲ ନାହିଁ । ଡାକ୍ତର ତାଙ୍କୁ ଆଜି ରାତିରେ ସମ୍ପୂର୍ଣ୍ଣ ବିଶ୍ରାମ ନେବା ପାଇଁ ପରାମର୍ଶ ଦେଇଛନ୍ତି ।"

କ୍ଳାନ୍ତ ବିଶ୍ୱକଲ୍ୟାଣ କିଛି କଥାବାର୍ତ୍ତା କରିବା ଅବସ୍ଥାରେ ନ ଥିଲେ । ନାମକୁ ମାତ୍ର ରାତ୍ର ଭୋଜନ ପରେ ବିଶ୍ରାମ ପାଇଁ ବିଛଣାକୁ ଚାଲିଗଲେଣି । ଏ ଅବସ୍ଥାରେ ପୂରବୀ ସ୍ୱାମୀଙ୍କୁ କିଛି କହିବାର ଅବକାଶ ନ ଥିଲା, ବରଂ ତାଙ୍କର ଏ ଶାରୀରିକ ଅସୁସ୍ଥତା ତାଙ୍କୁ ବିଚଳିତ କରୁଥିଲା । ତା' ସାଙ୍ଗକୁ ନିଜ ମନର ବେଦନାକୁ ପ୍ରକାଶ ନ କରିପାରିବାର ଯନ୍ତ୍ରଣା ମଧ୍ୟ ତାଙ୍କୁ ବିବ୍ରତ କରି ଚାଲୁଥିଲା । ମନେମନେ ଭାବୁଥିଲେ, ଏତେ ଦିନ ଧରି ଚାପି ରଖିଥିବା ମନର ବ୍ୟଥା ବେଦନାକୁ ସେ ବିଶ୍ୱକଲ୍ୟାଣଙ୍କ ସମ୍ମୁଖରେ ଠିକ୍ ଭାବରେ ଉପସ୍ଥାପନ କରି ପାରିବେ ତ ! ସାହସ ଅକୁଳାଣ ହେଉଥିଲା । ସ୍ଥିର କଲେ, ମୁହଁରେ ବ୍ୟକ୍ତ କରିବା ଅପେକ୍ଷା ହୁଏତ ଦି' ଧାଡ଼ି କାଗଜରେ ଲେଖିଦେବା ସହଜ ହେବ ।

ଉର୍ଦ୍ଧ୍ୱ ବୟସରେ ଅସୁସ୍ଥତା ଜନିତ କ୍ଳାନ୍ତି ଯୋଗୁଁ ବିଶ୍ୱକଲ୍ୟାଣ ନିଦ୍ରାଭିଭୂତ । ସ୍ୱାମୀଙ୍କ ନିଦ୍ରାରେ ବାଧା ସୃଷ୍ଟି ନ ହେବା ପରି ନିଃଶବ୍ଦ ପଦପାତରେ ଉଠିଯାଇ କାଗଜ-କଲମ ସଂଗ୍ରହ କରିନେଲେ ପୂରବୀ । ଆଜି ପର୍ଯ୍ୟନ୍ତ ସେ ଯାହା କରିପାରିନାହାନ୍ତି, କାଗଜ-କଲମ ମାଧ୍ୟମରେ ତାହା କରିବେ । ଏକାଗ୍ର ଚିତ୍ତରେ ମନରେ ବେଦନାକୁ ଲିପିବଦ୍ଧ କରିବା ପରେ ଅଶ୍ରୁସିକ୍ତ କାଗଜ ଖଣ୍ଡିକୁ ଚଉତାଇ ଡାଇରିରେ ସଯତ୍ନେ ରଖିନେଲେ ।

ପରଦିନ ସକାଳେ ପୂରବୀଙ୍କର ନିଦ୍ରାଭଙ୍ଗ ହେଲା ବେଳକୁ ବିଶ୍ୱକଲ୍ୟାଣ ଶଯ୍ୟା ତ୍ୟାଗ କରିନାହାନ୍ତି । ସମ୍ଭବତଃ ଶାରୀରିକ ଅସୁସ୍ଥତା ତାଙ୍କୁ ଅଧିକ ବିଶ୍ରାମ ନେବା ପାଇଁ ବାଧ୍ୟ କରିଛି । ସ୍ୱାଭାବିକ ଭାବରେ ସେ ତାଙ୍କର ନିଦ୍ରାଭଙ୍ଗ ଚାହୁଁ ନ ଥିଲେ । ନିଦ୍ରାଳସ ଯୋଗୁଁ ସେ ନିଜେ ବି କିଛି ସମୟ ବିଛଣାରେ ପଡ଼ି ରହିଲେ । ବେଶ୍ କିଛି ସମୟ ଗଡ଼ପଡ଼ ହେବା ପରେ ଲକ୍ଷ୍ୟକଲେ, ବିଶ୍ୱକଲ୍ୟାଣ ଆହୁରି ଉଠିନାହାନ୍ତି । ମନରେ ଛନକା ପଶିଲା । ଅଜଣା ଆଶଙ୍କାରେ ତାଙ୍କୁ ହଲେଇ ଦେଲାବେଳକୁ ହାତଟି ପଲଙ୍କ ଧାର ଦେଇ ତଳକୁ ଝୁଲି ପଡ଼ିଲା । ହାତ କଞ୍ଚାପାଣି । ପୂରବୀଙ୍କୁ ଏକାକୀ କରି ଆରପାରିକୁ ଚାଲିଯାଇ ସାରିଥିଲେ ବିଶ୍ୱକଲ୍ୟାଣ । ପାଦ ତଳୁ ମାଟି ଅପସରି ଯାଉଥିଲା । ଆକାଶଟା ଯେମିତି ଛିଡ଼ି ପଡୁଥିଲା ପୂରବୀଙ୍କ ଉପରେ ।

ପୁଅ ଆମେରିକାରୁ ଆସିଲେ ଅନ୍ତ୍ୟେଷ୍ଟି କ୍ରିୟା ଆରମ୍ଭ ହେବ । ସମସ୍ତେ ବିମର୍ଷ ମନରେ ଅପେକ୍ଷାରତ । ଦିନ ସରି ଅନ୍ଧକାର ମାଡ଼ି ଆସୁଛି । ପୂରବୀଙ୍କର ହୃଦୟର କୋଣ ଅନୁକୋଣକୁ ଅନ୍ଧକାର ସାଙ୍ଗକୁ ବିବିକ୍ତତା ଗ୍ରାସ କରି ବସିଛି ।

ପୂରବୀ ଭାବୁଥିଲେ ସେ ଏଡ଼େ ଅଭାଗିନୀ ଯେ, ନିଜ ମନର ବେଦନା ସ୍ୱାମୀଙ୍କୁ ବ୍ୟକ୍ତ କରିବାର ସୁଯୋଗ ବି ପାଇପାରିଲେନି । ସବୁଦିନ ପାଇଁ ଅନ୍ତର୍ଦାହ ଓ ଅନୁତପ୍ତ ମନକୁ ନେଇ ତାଙ୍କୁ ବଞ୍ଚିବାକୁ ହେବ ।

କମ୍ପିତ ହସ୍ତରେ ଚଉତା ହୋଇଥିବା କାଗଜ ଖଣ୍ଡିକୁ ଡାଇରିରୁ ଆଣି ପଢ଼ି ବସିଲେ ।

ପ୍ରିୟତମ ! ତୁମ ସ୍ନେହ ଶ୍ରଦ୍ଧାକୁ ମୁଁ ଯୋଗ୍ୟା ହୋଇ ପାରିଲିନି । ତୁମର କାର୍ଯ୍ୟବ୍ୟସ୍ତତା ମଧ୍ୟରେ କେତେବେଳେ ମୋ ପାଦ ଅବାଟରେ ଖସିଗଲା, ସେକଥା ହୃଦୟଙ୍ଗମ କଲା ବେଳକୁ ଯଥେଷ୍ଟ ବିଳମ୍ବ ହୋଇସାରିଥିଲା । ତୁମ ବିଶ୍ୱାସରେ ମୁଁ ବିଷ ଦେଇଛି ସିନା, ମାତ୍ର ତୁମେ ନୀଳକଣ୍ଠ ପ୍ରାୟ ସେ ବିଷପାନ କରି ତୁମ ପ୍ରତିଶ୍ରୁତି ଅନୁସାରେ ମୋତେ କେବେ ବି କିଛି ପ୍ରଶ୍ନ କରିନ କି ବିରୋଧ ବି କରିନ । ଅନ୍ୟପକ୍ଷରେ କ୍ଷଣ ପ୍ରତିକ୍ଷଣ ସେ ବିଷର ଜ୍ୱାଳାରେ ମୁଁ ଦଗ୍ଧ ହୋଇ ଚାଲିଛି । ହୁଏତ ମୋ ଭୁଲର କ୍ଷମା ନାହିଁ କି ପ୍ରାୟଶ୍ଚିତ ନାହିଁ । ସେଥିପାଇଁ ଏ ସ୍ୱୀକାରୋକ୍ତି । ବାକି ତୁମ ଇଚ୍ଛା । ଭଗବାନଙ୍କ ନିକଟରେ ମୋର ବିନମ୍ର ପ୍ରାର୍ଥନା, ମୋ ପରି ଆଉ କେହି ଯେମିତି ଏ ଭୁଲର ପୁନରାବୃତ୍ତି ନ କରନ୍ତୁ ।

ସ୍ୱୀକାରୋକ୍ତି ଖଣ୍ଡିକୁ ଧରି ଧିର ପଦକ୍ଷେପରେ ଉଠିଲେ ପୂରବୀ । ସ୍ୱାମୀଙ୍କ ପାଦ ଉପରେ କାଗଜ ଖଣ୍ଡକୁ ସ୍ଥାନିତ କରି ପ୍ରଣାମ କଲାବେଳେ ଦି' ଠୋପା ଅଶ୍ରୁ ଝରି ପଡୁଥିଲା ବିଶ୍ୱକଲ୍ୟାଣଙ୍କ ପାଦ ଉପରେ । ପୂରବୀ ଯେ କାହିଁକି ହଠାତ୍ ନିରବୀ ଯାଇଥିଲେ ସେକଥା ଜାଣିବା ପୂର୍ବରୁ ବିଶ୍ୱକଲ୍ୟାଣଙ୍କ ଜୀବନ- ସୂର୍ଯ୍ୟ ଦୂର ଦିଗ୍‌ବଳୟରେ ଅସ୍ତମିତ ହୋଇ ସାରିଥିଲା ।

*ସି- ୧୦୫, ଶୁଭମ୍ ରୟାଲ୍ ଆପାର୍ଟମେଣ୍ଟ, ନାକାଗେଟ୍*
*ଘାଟିକିଆ, ଭୁବନେଶ୍ୱର-୭୫୧୦୨୯*
*ଦୂରଭାଷ: ୯୯୩୮୬୧୫୬୭୧*

# ବାହୁଡ଼ା ବେଳର ଲୁହ

ବିଭୁତି ଭୂଷଣ ତ୍ରିପାଠୀ

ପ୍ରେମ କରିବା ଏକ ପ୍ରାକୃତିକ ଆବେଗ। ଏହା ଯୌବନର ରଙ୍ଗମଞ୍ଚରେ ପ୍ରକାଶ ପାଏ। କିଏ ତାକୁ ଆପଣାଏ ଆଉ କିଏ ଉଦାସ ରହେ। ବୟସ ବଢ଼ିବା ସଙ୍ଗେ ସଙ୍ଗେ ଏହାର ଯବନିକା ପଡ଼ିଯାଏ। ପ୍ରେମ ବିବାହରେ ଏହାର ତୀବ୍ରତା କମିଯାଏ ହେଲେ ବିଚ୍ଛେଦରେ ଏହା ଯନ୍ତ୍ରଣାମୟ ହୋଇଯାଏ। ସମୟ ହିଁ ଏ ସମସ୍ତ ରୂପାନ୍ତରର କାରଣ। ହେଲେ ଏପରି ପୁରୁଷ ଥାଆନ୍ତି, ଯିଏ, କର୍ପୁର ଉଡ଼ିଯାଇଥିବା କନାଟି ପରି, ନିଜର ଅତୀତ ଦିନର ପ୍ରେମର ସ୍ମୃତିକୁ ବଞ୍ଚିବାର ଏକ ସମ୍ବଳ ଭାବେ ମାନି ନେଇଥାନ୍ତି। ଏପରି ପୁରୁଷ ବିରଳ।

ଭୁବନେଶ୍ୱରର କ୍ୟାପିଟାଲ ହସପିଟାଲରେ ଜଣେ ଚିକିତ୍ସାଧୀନ ବନ୍ଧୁଙ୍କୁ ଦେଖିବାକୁ ଯାଉଥିବା ବେଳେ, ହସପିଟାଲ ବାରଣ୍ଡାରେ ସାରନାଥ ବାବୁଙ୍କୁ ଦେଖିଲି। ମଳିନ ମୁହଁରେ ବାରଣ୍ଡାର ଗୋଟେ ଖୁଣ୍ଟିକୁ ଆଉଜି ଛିଡ଼ା ହୋଇଥାନ୍ତି। ବିଗତ ପାଞ୍ଚବର୍ଷ ହେଲା ସାରନାଥ ବାବୁଙ୍କୁ ସକାଳେ ପାର୍କରେ ମିଶେ। ପାର୍କ ପଛରେ ଥିବା ଗୋଟେ ଆପାର୍ଟମେଣ୍ଟରେ ରୁହନ୍ତି। ସାରନାଥ ବାବୁଙ୍କୁ ପ୍ରାୟ ସମସ୍ତେ ପାର୍କରେ ଜାଣନ୍ତି। ମେଳାପୀ ଓ ମିଷ୍ଟଭାସି ବ୍ୟତୀତ ସେ ଏକମାତ୍ର ଅବିବାହିତ ବୃଦ୍ଧ ଆମମାନଙ୍କ ଭିତରେ। ଧଳା ସାର୍ଟ ଓ ପେଣ୍ଟରେ ସେ ପାଣ୍ଡିଚେରୀର ଜଣେ ଆଶ୍ରମବାସୀ ପରି ଲାଗନ୍ତି। ଅଧ୍ୟାପକ ଚାକିରୀରେ ଅବସର ନେଇଥିଲେ, ଏଣୁ ପେନଶନ ଅଧିକ ପାନ୍ତି ଓ ଖର୍ଚ୍ଚ କରନ୍ତି ଅନ୍ୟମାନଙ୍କ ପାଇଁ ଖୁସିରେ। ଶୁଣିଅଛି ସାରନାଥ ବାବୁଙ୍କ ପରିବାର କହିଲେ ତାଙ୍କର ଜଣେ ସାନଭଉଣୀ ଅଛି।

ହସପିଟାଲର ବାରଣ୍ଡାରେ ସାରନାଥ ବାବୁଙ୍କୁ ଦେଖି ବଡ଼ ଉଦବେଗ ମନରେ ଆସିଲା। କାହାପାଇଁ ସେ ଏଠି ମନ ଶୁଖେଇ ଠିଆ ହୋଇଛନ୍ତି।

"ଆଜ୍ଞା ଆପଣଙ୍କ କିଏ ଏଠି ଅସୁସ୍ଥ କି ?" ପଚାରି ଦେଲି।

ସାରନାଥ ବାବୁ ନିରବ। ମୁଁ ବ୍ୟସ୍ତ ଥିଲି। ଉତ୍ତରକୁ ଅପେକ୍ଷା ନକରି ଚାଲିଗଲି।

ଆଉ ସାରନାଥ ବାବୁଙ୍କୁ ପାର୍କ ଆସିବା ଦେଖିଲିନି। ଦୁଇଦିନ ପରେ ପୁଣି କ୍ୟାପିଟାଲ ହସପିଟାଲ ମୋର ଅସୁସ୍ଥ ବନ୍ଧୁଙ୍କୁ ଦେଖିବାକୁ ଯାଇଥିଲି। ପୁଣି ସେଇ ବାରଣ୍ଡାରେ ସାରନାଥ ବାବୁଙ୍କୁ ଦେଖିଲି। ପଚାରିଲେ ଉତ୍ତର ନାହିଁ। ବ୍ୟସ୍ତ ଲାଗିଲା ତାଙ୍କର ଏପରି ବ୍ୟବହାର ପାଇଁ। ମୋର ବନ୍ଧୁଙ୍କୁ ଚିକିତ୍ସା କରୁଥିବା ଡାକ୍ତର ମହାପାତ୍ରଙ୍କୁ କଥାବାର୍ତ୍ତାରେ ରେ ପଚାରିଦେଲି, "ଆଜ୍ଞା ଆପଣ କହିପାରିବେକି ସେ ବାରଣ୍ଡାରେ ଖୁଣ୍ଟିକୁ ଆଉଜି ଠିଆ ହୋଇଥିବା ବୃଦ୍ଧ ଜଣକ କେଉଁ ରୋଗୀକୁ ଦେଖିବାକୁ ଆସୁଛନ୍ତି।"

"ଆପଣ ଜାଣିଛନ୍ତି କି ତାଙ୍କୁ? ବଡ଼ ଆଶ୍ଚର୍ଯ୍ୟ ପ୍ରକାର ଲୋକ ଜଣେ ସେ", ଡାକ୍ତର ମହାପାତ୍ର କହିଲେ।

"ମାନେ"

ଡାକ୍ତର ମହାପାତ୍ର ୱାର୍ଡ଼ର କୋଣ ଆଡ଼କୁ ଅନେଇ କହିଲେ, "ସେଇ ବେଡ଼ ନମ୍ବର ଦଶରେ ଶ୍ରୀମତୀ ଅନୁରାଧା ଦେବୀ ଙ୍କ ବିଷୟ ସବୁବେଳେ ବୁଝୁଥାନ୍ତି ସେ ବାବୁ ଜଣକ। ହେଲେ କେଭେ ସେ ରୋଗୀ ପାଖକୁ ଯିବାର ମୁଁ ଦେଖିନି। ସେ ରୋଗୀ ଲାଗି ଖର୍ଚ୍ଚ କରିବାକୁ ବି ଆଗ୍ରହୀ। ବିଚାରି ହାର୍ଟ ପ୍ରୋବ୍ଲେମ ରେ ଅଛି।"

"ସେ ମାଡାମଙ୍କର କ'ଣ କେହି ନାହାନ୍ତି ?" ମୁଁ ପଚାରିଲି।

"ଆରେ ତାଙ୍କର ସମସ୍ତେ ଅଛନ୍ତି। ତାଙ୍କ ସ୍ୱାମୀ, ପୁଅ ଓ ବୋହୁ ସବୁଦିନ ଆସନ୍ତି। ପଇସାବାଲା ଲୋକ ସେମାନେ।"

ଡାକ୍ତର କହିଲେ। ଟିକିଏ ରହି ଡାକ୍ତର ବାବୁ ଗୋଟେ ପ୍ରହେଳିକାରେ ରହି କହିଲେ, "ବୁଝି ହୁଏନି ସେଇ ବୃଦ୍ଧ ଜଣଙ୍କ ରୋଗୀଣିଟି ପ୍ରତି ଅହେତୁକ ବ୍ୟଗ୍ର ହେଉଥିଲେ ବି କେଭେ ହେଲେ ସେ ଅନୁରାଧା ଦେବୀଙ୍କ ପରିବାର ଲୋକଙ୍କ ସହ କଥା ହୁଅନ୍ତିନି କି ତାଙ୍କ ପାଖକୁ ଭୁଲରେ ବି ଯାଅନ୍ତିନି।"

ବୁଝିପାରିଲିନି ସାରନାଥ ବାବୁଙ୍କ ଏପରି ବ୍ୟବହାରର କାରଣ। ବ୍ୟସ୍ତତା ଭିତରେ ବୁଝିବାକୁ ମୋର ବି ଆଗ୍ରହ ନଥିଲା।

ଚାରିଦିନ ପରେ ସତ୍ୟନଗରରେ ଥିବା ବିଗ ବଜାରରେ କିଛିଟା ଜିନିଷ କିଣୁଛି ସେଇ ଡାକ୍ତର ମହାପାତ୍ର ସେଠାରେ ଦେଖାହେଲେ। ଚିହ୍ନା ହସ ଟିକେ ହସିଦେଲେ। ହଠାତ ମୁଁ ମନେ ପକେଇ ପଚାରିଦେଲି, "ସାର ସେ ଅନୁରାଧା ଦେବୀ କିପରି ଅଛନ୍ତି ?"

ମୁହଁ ଶୁଖେଇଦେଇ ଡାକ୍ତର ମହାପାତ୍ର କହିଲେ, "ବିଚାରି ତିନିଦିନ ତଳେ ଆରପୁରକୁ ଚାଲିଗଲେ। ତାଙ୍କର ଶେଷକୃତ ପାଇଁ ତାଙ୍କ ପରିବାର ପୁରୀ ସ୍ୱର୍ଗଦ୍ୱାରକୁ ନେଇଗଲେ। ତାଙ୍କ ଅବସ୍ଥା ଖରାପ ଥିଲା ବଞ୍ଚିବାର ଆଶା ନଥିଲା।"

ମନଟା ମରିଗଲା। ଫେରିଆସୁଥିଲି ପଛରୁ ଡାକ୍ତର ମହାପାତ୍ର କହିଲେ, "ଟିକେ ଶୁଣନ୍ତୁ। ସେଇ ବୃଦ୍ଧ ଜଣଙ୍କ ଯିଏ ଦୂରରୁ ରୋଗୀଣିକୁ ଦେଖନ୍ତି, ସେ ଶବ ହସ୍ପିଟାଲରୁ ଗଲାପରେ ସେ ରୋଗୀର ବେଡ଼କୁ ଧରି ଅନେକ କାନ୍ଦିଲେ। କିଛି ସମୟ ପରେ ଚାଲିଗଲେ।"

ସାରନାଥଙ୍କ ଏପରି ବ୍ୟବହାର ମନରେ କିପରି ଗୋଟେ ସନ୍ଦେହ ସୃଷ୍ଟି କଲା। ଜୀବିତ ଅବସ୍ଥାରେ ପାଖକୁ ନଯାଇ ମାରିବା ପରେ ବେଡ଼କୁ ଧରି କାନ୍ଦିବାର କାରଣ କ'ଣ ହୋଇପାରେ ? କାରଣଟା ଜାଣିବାକୁ ପ୍ରବଳ ଇଛା ହେଲା। ପରଦିନ ପାର୍କରେ ତାଙ୍କୁ ଦେଖିଲିନି। ଏପରି ସପ୍ତାହେ ସାରନାଥ ବାବୁଙ୍କୁ ଦେଖିବାକୁ ପାଇଲିନି। ବହୁତ ମେଳାପୀ ଲୋକ। କ'ଣ ଅସୁବିଧା ହେଲାକି ? ଏକୁଟିଆ ଲୋକଟି। କିଛି ବନ୍ଧୁଙ୍କୁ ତାଙ୍କ ନଆସିବାର କାରଣ ପଚାରିଲି। କେହି କହିପାରିଲେନି।

ତା'ପରଦିନ ପଚାରି ପଚାରି ସାରନାଥ ବାବୁ ରହୁଥିବା ଆପାର୍ଟମେଣ୍ଟକୁ ଗଲି। ସହଜରେ ଠିକଣା ମିଳିଗଲା। ଲିଫ୍‌ଟରେ ତୃତୀୟ ମହଲାରେ ପହଞ୍ଚି ତାଙ୍କ ଘର କଲିଂ ବେଲ୍ ଚିପିଲି। ଜଣେ ଷାଠିଏ ବୟସର ମହିଳା କବାଟ ଖୋଲିଲେ।

"ସାରନାଥ ବାବୁ ଘରେ ଅଛନ୍ତି କି ?"

"ଭାଇର ଦେହ ଭାରି ଖରାପ। ଡାକ୍ତର ଦେଖୁଛନ୍ତି। ଖବର ପାଇ ଆମେ ଆସିଛୁ।"

ଏଯେ ସାରନାଥ ବାବୁଙ୍କ ଭଉଣୀ ଏହା ମୋର ଜାଣିବାରେ ଅସୁବିଧା ହେଲାନି।

"ଟିକେ ତାଙ୍କ ସହ କଥା ହୋଇଥାନ୍ତି। ସେ ମୋର ଜଣେ ବନ୍ଧୁ" ମୁଁ କହିଲି।

"ଭାଇ କିଛି କହୁନି। ହେଲେ ଆପଣଙ୍କ ସହ କଥା ହେଲେ ଭଲ ହୁଅନ୍ତା। ସେଇ ରୁମରେ ସେ ଶୋଇଛନ୍ତି"

ରୁମର ପରଦା ଆଡ଼େଇ ସାରନାଥଙ୍କ ବେଡ଼ ପାଖକୁ ଗଲି। ଲୋକଟା ପୁରା ଝଡ଼ି କଣ୍ଟଶ ହୋଇଯାଇଛି। ଧଳା ଚାଦରଟା ବେକ ଯାଏ ଘୋଡ଼େଇ ହୋଇ ଉପରକୁ ମୁହଁ କରି ସାରନାଥ ବାବୁ ଶୋଇଥାନ୍ତି। ଘର ଭିତରେ ଅସ୍ୱାଭାବିକ ଭାବରେ ନୀରବତା। ଫେରିଆସୁଥିଲି।

"ଆରେ କେତେବେଳେ ଆସିଲେ"

ବୁଲିପଡ଼ି ଦେଖିଲି ସାରନାଥ ବାବୁ ମୋତେ କହୁଛନ୍ତି।

ପାଖରେ ପଡ଼ିଥିବା ଚୌକିରେ ବସି ପଚାରିଲି, "ଦେହ କିପରି ଅଛି ? ଔଷଧ ଠିକ୍‌ରେ ଖାଇ ଶୀଘ୍ର ସୁସ୍ଥ ହୋଇ ପାର୍କକୁ ଆସନ୍ତୁ। ସମସ୍ତେ ସକାଳେ ଖୋଜୁଛନ୍ତି"

"ଅନୁରାଧା ମୋର ଚାଲିଗଲା। ସବୁ ସରିଗଲା" କ୍ଷୀଣ ସ୍ୱରରେ ସେ କହିଲେ।

"ମାନେ", ମୁଁ ପଚାରିଲି।

"ଆମର ଚାଳିଶି ବର୍ଷର ସଂପର୍କ। ଅନୁରାଧାକୁ ଭଲ ପାଉଥିଲି ଓ ନିଜର କରିବାକୁ ଚାହୁଁଥିଲି ଏପରି ମୁଁ କହିପାରିବିନି କାରଣ ଭଲପାଇବା ନିଜ ସ୍ୱାର୍ଥପରତାର ଲକ୍ଷଣ। ଜଣଙ୍କୁ ଭଲପାଇବାରେ ନିଜର ପ୍ରଭୁତା ଅନୁଭବ ହୁଏ। ପ୍ରଭୁତା ହିଂସା ଆଚରଣ ସହ ସମାନ। ଅନୁରାଧାକୁ ନିଜର କରିବା ମୁଁ କେଉଁ ଚାହିଁନଥିଲି। ଜୀବନସାରା ତାର ଖୁସି ଦେଖି ନିଜେ ଖୁସିରେ ଥିଲି।"

"ଆଉ ସେ କଣ ଆପଣଙ୍କୁ ଚାହୁନଥିଲେ" ମୁଁ ପଚାରିଲି।

"ହଁ ସେ ଅନେକ ଜିଦି କରି ଚାହୁଁ ଥିଲା ମୋତେ। ହେଲେ ମୋର ସେତେବେଳର ଆର୍ଥିକ ଅବସ୍ଥା ଓ ପଢ଼ା ସାରିଥିବା ବେଳେ ବିନା ଚାକିରୀ ସମୟ ମୋତେ ଅନୁରାଧାକୁ ବିବାହ କରିବାକୁ ଅସମର୍ଥ କରିଥିଲା। ଅନୁରାଧା ପାଇଁ ସେତେବେଳେ ବିରେନ ବାବୁ ସବୁ ଦୃଷ୍ଟିରୁ ଯୋଗ୍ୟ ଥିଲେ। ଉଚ୍ଚ ପଦବୀ ଓ ସମ୍ଭ୍ରାନ୍ତ ପରିବାରର ଲୋକ। ଅନୁରାଧାକୁ ନିଜର କରିବା ଅପେକ୍ଷା ତାଙ୍କର ସୁନ୍ଦର ଭବିଷ୍ୟତ ପାଇଁ ସହଯୋଗ କରିବା ମୋର ପାଇଁ ବଡ଼ ଥିଲା। ମୋର ଜୀବନରେ ଅନୁରାଧା ଅନୁପସ୍ଥିତ ହେଲେ କେଉଁ ତାର ଅଭାବରେ ମନ କଷ୍ଟ କରିନଥିଲି। ଦୂର ସମୁଦ୍ରରେ ଏକ ଜାହାଜ କୂଳର ବତୀଘରକୁ ଦେଖି ସମୁଦ୍ରରେ ଭାସିଯିବା ପରି, ଅନୁରାଧାର ସୁଖୀ ଜୀବନକୁ ଦେଖି ମୁଁ ଏକା ଖୁସିହୋଇ ରହିଗଲି। ତାର ଖୁସିରେ ମୋର ଖୁସି ଥିଲା। ସେ ଖୁସିରେ ଅଛି ଏହା ମୋର ବଞ୍ଚିବାର ପ୍ରେରଣା ଥିଲା। ହେଲେ ସେ ହୃଦରୋଗରେ ପୀଡ଼ିତା ହୋଇ ହସ୍ପିଟାଲରେ ପଡ଼ିବା ଓ ମୋତେ ଏକା କରି ଚାଲିଯିବା ପରେ ମୁଁ ନିଃସ୍ୱ ହୋଇଗଲି। ସେ ହିଁ ମୋର ବଞ୍ଚିବାର ଆଧାର ଥିଲା। ତାର ସହ ପଦେ କଥା ପାଇଁ ହସ୍ପିଟାଲର ବାରଣ୍ଡାରେ ଅପେକ୍ଷା କରି କରି ନିରାଶ ହେଲି। ସେ ଚାଲିଗଲା।"

କୋରଡ଼ ଆଖି ଯୋଡ଼ାକରୁ ଠୋପା ଠୋପା ଲୁହ ଗଡ଼ିପଡ଼ିଲା। ସାରନାଥ ବାବୁ ଆଉକିଛି କହିବା ଆଗରୁ ହଠାତ ଜୋରେ ନିଶ୍ୱାସ ନେବା ଆରମ୍ଭ କଲେ। ଅସହ୍ୟ ଯନ୍ତ୍ରଣାରେ ଥରି ନିରବ ହୋଇଗଲେ। କିଛି ସମୟ ପରେ ଡାକ୍ତର ଆସିଲେ। ଅନେକ ସମୟ ଦେଖି ଗୋଟେ ଇଞ୍ଜେକେସନ ଦେଇ କହିଲେ, "ଯେଉଁ ରୋଗୀ ଜୀବନ ସହ ଅସହଯୋଗ କରେ ସେ ବଂଚିବ କିପରି। ସାରନାଥ ବାବୁଙ୍କ ବଞ୍ଚିବାରେ ଆଗ୍ରହ ନାହିଁ ପରି ଲାଗୁଛି। ଅତି ସିରିଏସ ଅବସ୍ଥା। ଦେଖାଯାଉ।"

ଘରକୁ ଫେରିଆସିଲି। ଆସିଲା ବେଳେ ସେଇ ଝରି ପଡୁଥିବା ଲୁହ ଠୋପା ଗୁଡ଼ିକୁମନେ ପକେଇ ଭାବୁଥିଲି ହୋଇପାରେ ଇଏ ସାରନାଥବାବୁଙ୍କ ଅନୁରାଧାର ବାହୁଡ଼ା କାରଣର ଲୁହ କି ନିଜର ବାହୁଡ଼ା ବେଳର ଲୁହ ତାହା ସମୟ କହିବ କ୍ଷତାର ପରଦିନ ଶୁଣିଲି ଘରୁ ଡାକ୍ତରଖାନାକୁ ନେଉଥିବା ବେଳେ ସାରନାଥ ବାବୁ ସଂସାରରୁ ବିଦାୟ ନେଇ ଚାଲିଗଲେ।

ଅନେକ କବିତାରେ ଚାନ୍ଦ, କଇଁ, ଚକୋରୀ ପକ୍ଷୀମାନଙ୍କ ପ୍ରେମ ବିଷୟରେ ପଢ଼ିଥିଲି। ଏଇ ସାରନାଥ ବାବୁଙ୍କ ପ୍ରେମରେ ପ୍ରଥମ ଥର ପାଇଁ ଅନୁଭବ କଲି କାହାଲାଗି ସବୁକିଛି ହାରି ବଞ୍ଚିବାରେ ବି ଆନନ୍ଦ ଅଛି।

*ଭୁବନେଶ୍ୱର*
*ଦୂରଭାଷ: ୯୪୩୭୭୬୪୩୭୦*

# ଚଇତନିଆର ବାହାଘର

ଡ. ନାରାୟଣ ଚନ୍ଦ୍ର ଶତପଥୀ

କୀର୍ତ୍ତନିଆ, ମାନେ କୀର୍ତ୍ତନ ବଡ଼ ବ୍ୟସ୍ତ ହେଉଥିଲା କ'ଣ କରିବ ବିଚରା। ସାଧାରଣ ମଧ୍ୟବିତ୍ତ ଲୋକ। ଋଷ ବ୍ୟତୀତ ଅନ୍ୟ କିଛି ଆୟ ତାର ନାହିଁ। ଘରେ ସେମାନେ ତିନିପ୍ରାଣୀ, ସେ ତା ସ୍ତ୍ରୀ ଆଉ ଗୋଟିଏ ବୋଲି ପୁଅ। ଭଲରେ ନ ହେଲେ ବି ମନ୍ଦରେ ଚଳନ୍ତି ନାହିଁ ସେମାନେ। କୀର୍ତ୍ତନର ଚଳଣି ପାଇଁ ସେ ବ୍ୟସ୍ତ ନୁହଁ। ବ୍ୟସ୍ତ କେବଳ ତା ପୁଅ ଚଇତା, ଡାକ ନାଁ ଚଇତାନିଆ। ୨୮ ବର୍ଷ ହେଲାଣି। ଏପର୍ଯ୍ୟନ୍ତ ତା ପାଇଁ ଗୋଟିଏ ବାହା ପ୍ରସ୍ତାବ ଆସୁନାହିଁ। ତା ସାଙ୍ଗର ଅନେକ ପୁଅ ବାହା ହେଇ ବାପ ବି ବନିସାରିଲେଣି। ଅଥଚ ଟୋକାଟାର କି ରାଶି କି ନକ୍ଷତ୍ର କେଜାଣି ତା ରାଶିରେ ଏପର୍ଯ୍ୟନ୍ତ ବାହା ଯୋଗ ଫିଟୁନାହିଁ। କେତେ ନାହାକଙ୍କୁ ଜାତକ ଦେଖେଇଲାଣି କିନ୍ତୁ କ'ଣ ଯେପର୍ଯ୍ୟନ୍ତ ବାହା ଯୋଗ ଫିଟୁ ବି ନାହିଁ। କେତେ ଲୋକଙ୍କୁ ଏ କଥା ଜଣାଇଲାଣି କିନ୍ତୁ ଫୁସ୍।

ଚଇତନିଆର ଚିନ୍ତା ନାହିଁ। ଖାଲି ବାହା ପାଇଁ ନୁହଁ କୌଣସି କଥା ପାଇଁ ତାର ଚିନ୍ତା ନାହିଁ। ଖାଲି ଫୁଲାଫାଙ୍କିଆ। ଘରେ ଚଉକସ ପଖାଳ କଂସେ ସକାଳୁ ପକେଇ ଦେଇ ଘରୁ ବାହାରି ପଡ଼େ। ତାପରେ କେଉଁଠି ତାସ ଖେଳ, ନଇଲେ କଉଡ଼ି ଖେଳ, ନଚେତ୍ ପଶାଖେଳ ବା କେତେବେଳେ କ୍ରିକେଟ୍ ଖେଳ। ଖରାବେଳ ହେଲେ ଘରକୁ ଆସି ଗରମ ଭାତ ଠେସିଦେଇ ଟିକେ ଶୋଇପଡ଼େ। ନିଦରୁ ଉଠିଲେ ଦେଖାଯିବ ସେ ହୁଏତ କବାଡ଼ି ଖେଳୁଥିବ କିମ୍ବା ବୋହୁ ଚେରି ଖେଳୁଥିବ, ନଇଲେ ଟୋକାଙ୍କ ସାଙ୍ଗରେ ମିଶି ତାଳମାଙ୍କୁଡ଼ି ଖେଳୁଥିବ। ଦେଖିବାକୁ ମନ୍ଦ ନୁହଁ। ଶ୍ୟାମଳ ବର୍ଣ୍ଣ, ଚଉକଷିଆ ମରଦ ପରି ଚେହେରା କିନ୍ତୁ କୌଣସି କାମକୁ ନୁହଁ। ବାପା ମା' ପାଇଁ ସେତ ଏକୋଇର ବଳା ବିଶିକେଷନ। ତେଣୁ ତାକୁ ସବୁଆଡ଼ ମାଫୀ କରୁ ଯାହା କରୁଛି। ଅବଶ୍ୟ ବେଳେବେଳେ ବାପ ସାଙ୍ଗରେ କାମରେ ଲାଗେ। କିନ୍ତୁ କିଛି ସମୟ ପରେ ଛୁ ମନ୍ତର। ବାପ ବି କିଛି କୁହେନା। ବାପ ମା' ଆଖିରେ ସେ ଏବେ ବି ଛୁଆ ଚଇତନିଆ କଷ୍ଟେ ମଷ୍ଟେ ସପ୍ତମ ଶ୍ରେଣୀ ଯାଏ ପଢ଼ିଛି। ତା ପରେ ତା ବହିରେ ଡୋରି ବନ୍ଧା ହୋଇଛି। ବାପ କହେ ହଁ ନ ପଢୁ। ପଢ଼ିକରି କ'ଣ କରିବ ଯେ।

କୀର୍ତ୍ତନିଆ ତାର ଏ ବେପରୁଆ କାର୍ଯ୍ୟ କଳାପ ଦେଖି ସମୟେ ସମୟେ ରାଗିଯାଏ। ପରେ ମନକୁ ବୁଝାଏ। ରାଗି ଲାଭ କ'ଣ ! ସେ କୋଉ ଶୁଣିବ। ବରଂ ବାହାକରିଦେଲେ ହୁଏତ ସୁଧୁରି ଯାଇପାରେ। ବେକରେ ଜୁଆଳି ପଡ଼ିଲେ ଯିବ କୁଆଡ଼େ। ଅମଣିଆ ବଳଦ ବେକରେ ଜୁଆଳି ପକେଇଦେଲେ ସେ ବି ମଣ ହୋଇଯାଏ। ତା ମାଆ ବି ସେଇ କଥା କହେ କାନ୍ଧରେ ଢୋଲ ପଡ଼ିଲେ ନ ବଜେଇ ଯିବ କୁଆଡ଼େ।

ସେଦିନ ଜଣେ ଧୋବଧାଉଳିଆ ଲୋକ ଆସି କୀର୍ତ୍ତନିଆ ଘରେ ପହଞ୍ଚିଲା। ମୁଣ୍ଡରେ ଚିତାଚଇତନ ତଳକୁ ସିନ୍ଦୁର ଟୋପା।

କାନ୍ଧରେ ଗୋଟିଏ ଝୁଲା ବ୍ୟାଗ୍ ଓହଳାଇ ପାଦରେ ହଳେ ସ୍ୟାଣ୍ଡେଲ। ଖୁବ୍ ସୁନ୍ଦର ଚେହେରା। ହସ ହସ ମୁହଁ।

କିର୍ତ୍ତନୀୟା ଆଶ୍ଚର୍ଯ୍ୟରେ ଋହିଁଲା ଭଦ୍ରଲୋକ ପଋରିଲେ "ଆହେ ତୁମେ କ'ଣ ସେଇ କିର୍ତ୍ତନବାବୁ ?"

"ହଁ, କିନ୍ତୁ ଆପଣ କିଏ ?"

"ମୁଁ, ଭଦ୍ରଲୋକ ହସି ହସି କହିଲେ, "ରସାନନ୍ଦ ବୈରିଗଂଜମ। ଘର ଘୁମଟପୁର। ତୁମେ ଜାଣିଥିବ ହେ। ଘୁମଟପୁର କ'ଣ ଜାଣିପାରିଲ।"

"ହଁ, କିନ୍ତୁ ----------"

"ଆହେ ମୁଁ ଜାଣିଛି ତୁମେ କହିବ ମୁଁ ତୁମକୁ କିନ୍ତୁ ଚିହ୍ନେନା। ନାଇଁ ନା କ'ଣ। ଆହେ ବାବୁ ମୁଁ ଯୋଡ଼ାଯୋଡ଼ି ବ୍ୟବସାୟ କରେ। କ'ଣ ବୁଝିଲ ନା ନାହିଁ ହେ।"

"ଯୋଡ଼ା ଯୋଡ଼ି ସେ ପୁଣି କେଉଁ ବେଉସା ?" କିର୍ତ୍ତନିଆ ପଋରିଲା, "ଆରେ ଏଇମ ବରପତ୍ରକୁ ଓସ୍ତପତ୍ରମାନେ ପୁଅକୁ ଝିଅ ଆଉ ଝିଅକୁ ପୁଅ। ମାନେ ବାହାଘର ହେ। ମୁଁ ଖବର ପାଇଲି ତୁମର ଗୋଟେ ଯବାନ ବେଟା ଅଛି ବାହାହେବା ପାଇଁ। ମୁଁ ଭାବିଲି ଆରେ କୀର୍ତ୍ତନ ବାବୁଙ୍କୁ ତ ମୁଁ ଆଗରୁ ଚିହ୍ନିଛି। ଆରେ ବହୁତ ବର୍ଷ ହେଇଗଲାଣି। ମନେ ନଥିବ। ସେଇ ରସାଳପୁର ମେଳାରେ ବା'। ଛାଡ଼ନ୍ତୁ ସେ କଥା। ମୁଁ ତ ପ୍ରଥମେ ତୁମକୁ ଜାଣିପାରିଲି ନାହିଁ। ଏ ମନଟାରେ କେମିତି ଆସିଲା ନାହିଁ କେଜାଣି।" ରସାନନ୍ଦ ବୈରୀଗଞ୍ଜନ ଲମ୍ବା ଭାଷଣ ଦେଲେ।

"କିନ୍ତୁ------"

"ଓଃ ଛାଡ଼ନ୍ତୁ ନା ସେ କଥା। ଭିତରକୁ ଋଲନ୍ତୁନା। କ'ଣ ଏଇ ବାହାରଟାରେ ଗପୁଥିବା ନା --------------।"

"ହଁ, ହଁ, ଆସ ଆସ।" କିର୍ତ୍ତନୀଆ କହିଲା।

ଦୁହେଁ ଭିତର ଘରକୁ ଗଲେ। ଭିତରେ ବିଶେଷ କିଛି ଜିନିଷପତ୍ର ନଥିଲା। ଦୁଇତିନିଟା ପ୍ଲାଷ୍ଟିକ ଚେୟାର ପଡ଼ିଥାଏ। ଗୋଟାଏ କଣରେ କେତେଟା ବସ୍ତାରେ

କ'ଣ ସବୁ ଥାଇ ଥୁଆ ହୋଇଥିଲା। ରସାନନ୍ଦ ବାବୁ ଗୋଟିଏ ଚେୟାରରେ ବସି ପଡ଼ିଲେ।

"ବୁଝିଲେ କିର୍ତ୍ତନ ବାବୁ" ରସାନନ୍ଦ ଆରମ୍ଭ କଲେ "ଆରେ ତୁମେ ବସୁନ କାହିଁକି? ଏମିତି ଠିଆ ଠିଆ କ'ଣ କିଛି କାମହୁଏ।" ସେ ପୁଣି କହିଲେ।

କିର୍ତ୍ତନୀୟା ବସି ପଡ଼ିଲେ ଆବାକାବା ହୋଇ। ଲୋକଟା କ'ଣ ସିଧା ସିଧା ଆସି ବସି ପଡ଼ିଲାଣି। ସେ ତାଙ୍କୁ ବସିବାକୁ କ'ଣ କହିବେ ଓଲଟି ସେ ମତେ ବସିବାକୁ ଅନୁରୋଧ କରୁଛନ୍ତି।

"ହଇ ହେ କୀର୍ତ୍ତନ ବାବୁ ଚଇତନ ବାବୁ ନାହାନ୍ତି ନା କ'ଣ? ନଥାନ୍ତୁ ନଥାନ୍ତୁ ତାଙ୍କ ସହିତ ବା କାମ କ'ଣ? ଆମ ଘରର ମୁଖିଆଙ୍କ ସହ କଥାହେବା ଭଲ। ନା କ'ଣ କହୁଛନ୍ତି।" ସେ ପୁଣି ଗପ ଆରମ୍ଭ କଲେ। "ନାହିଁ ନାହିଁ କଥା କ'ଣ କି ତୁମ ପୁଅମାନେ ଚଇତନ ବାବୁଙ୍କର ବାହା ବୟସ ହେଇଗଲାଣି। କେଉଁଠି ପ୍ରସ୍ତାବ ପଡ଼ିଲାଣି ନା ନାହିଁ।" "ନାହିଁ" କୀର୍ତ୍ତନଙ୍କର ସଂକ୍ଷିପ୍ତ ଉତ୍ତର।

"ଛାଡ଼ ହେ ଆଗରୁ ନ ହେଲା ନାହିଁ। ଆମେ ଶ୍ରୀ ନ କରିବା କାହିଁକି? କ'ଣ ବୁଝିଲେ ନା କୀର୍ତ୍ତନ ବାବୁ।" ରସାନନ୍ଦ କହି ଚାଲିଥିଲେ ଅନର୍ଗଳ ଭାବରେ।

"ଦେଖ, ମୁଁ ଗୋଟେ ଭଲ ପ୍ରସ୍ତାବ ନେଇ ଆସିଛି। ଝିଅଟି ଦେଖିବାକୁ ଟିକେ ଶ୍ୟାମଳ ବର୍ଣ୍ଣ ହେଲେ କ'ଣ ହେବ ଦେଖିବାକୁ ଗୋଟିଏ ଚାଉଳରେ ଗଢ଼ା। ଗୁଣ ବହୁତ ଅବଗୁଣ ବୋଇଲେ କିଛି ନାହିଁ। ବାପଟା ଟିକେ କଞ୍ଜୁସ। ହେଲେ ଆମର କ'ଣ ଯାଏ କୁହନି ଆମେ ଝିଅ ଆଣିବା ନା ତା ବାପକୁ ଆଣିବା? ଆଉ ସେମିତିଆ ଧନୀ ନୁହନ୍ତି କିନ୍ତୁ ଚଳଣି ବହୁତ ଭଲ। କ'ଣ କହୁଛ ପ୍ରସ୍ତାବ ପକେଇବା?" ରସାନନ୍ଦ ବାବୁ ଯୋଗ କଲେ।

"କେଉଁଠିକା ଲୋକ?" କୀର୍ତ୍ତନିଆ ଏତେବେଳେକେ କଥା କହିବାର ସୁଯୋଗ ପାଇଲେ।

"ଆରେ ଏଇମ, ତୁମ ଗାଁ ଠାରୁ ୫/୬ ମାଇଲ ରାସ୍ତା ପଦନପୁର। ପଦନ ପୁରମ! ହଁ ଜାଣି ନଥିବ କାହିଁକି? ପଡ଼ା ପଡ଼ୋଶୀ କହିଲେ ଚଳେ। ଏଇଯିବ ଏଇ ଆସିବ। ରାସ୍ତା ସୁବିଧା। ସବୁ ଯାଇପାରିବ ସାଇକଲ କଥା ଛାଡ଼ ହେ ମଟର ସାଇକଲ, ସ୍କୁଟି, ଅଟୋ କାର୍ ଏ ସବୁ କଥା କ'ଣ କହିବି ଏଇ ଦଶଚକିଆ ଟ୍ରକ ପରା ଆରାମରେ ଚାଲିଯିବ।" ରସାନନ୍ଦ କହି ଚାଲିଲେ। "ହଉ, ହଉ" କୀର୍ତ୍ତନିଆ ବାଧା ଦେଲା। "ଫଟ ଫଟ ଆଣିଛ କି?" "ଧେତ ଫଟ କ'ଣ ହେବ। ଏକାଥରେ କଥାହୋଇ ଚାଲିଯାଇ ଦେଖି ଆସିବା ନା। ମନକୁ ପାଇଲେ ହଁ  ଭରିବା ନ ପାଇଲେ ଚୁପ୍ ହେଇ ବସିଯିବା" ରସାନନ୍ଦ କହିଲେ, ଦିନବାର ଠିକ୍ ତା ପରେ ହେଲା। ଆଉ ରସାନନ୍ଦ ମଧ୍ୟସ୍ଥି, କିର୍ତ୍ତନୀଆ, ଚଇତାନିଆ ଆଉ ଗାଁରୁ ଦୁଇଜଣ ଭଦ୍ରଲୋକ ସାଙ୍ଗହୋଇ ଝିଅ ଘରକୁ ଗଲେ। ଚଇତାନିଆ ମୋଟେ ରାଜି ହେଉ ନଥିଲା। ମଧ୍ୟସ୍ଥ ରସାନନ୍ଦ କହିଲେ, ଚଇତାନିଆ ମୋଟେ ରାଜି ହେଉ ନଥିଲା। ମଧ୍ୟସ୍ଥି ରସାନନ୍ଦ କହିଲେ, "ଏ ଗୋଟାଏ କଥା ନା! ଯିଏ ବାହାହବ ସେ ଯିବନି କେମିତି। ତା ପସନ୍ଦ ଅନୁସାରେ ଝିଅ ବଛା ହେବନା।"

ଝିଅ ଘର କଥା କହିଲେ ନ ସରେ। ଏମାନେ ପହଞ୍ଚିଲା ମାତ୍ରେ ଦେଖିଲେ ଦାଣ୍ଡ ଦୁଆର ଦିଆଯାଇଛି। ବାହାରେ କେହି ଦେଖାନାହାନ୍ତି। ମଧ୍ୟସ୍ଥି ଯାଇ କବାଟ ଠକ ଠକ କଲେ। କିଏ ଜଣେ ଆସି କବାଟ ଖୋଲିଦେଲା ତାକୁ ଦେଖି ଏମାନେ ତଟସ୍ଥ। ୫୦-୫୫ ବର୍ଷର ଲୋକଟିଏ। ପିନ୍ଧିଛି ଛିଟକରା ଲୁଙ୍ଗି ଖଣ୍ଡିଏ ବୋଧହୁଏ ମାସେ ହେଲା ସଫା ହୋଇନି। ଦିହରେ ଖଣ୍ଡେ ଧଳା ଗଞ୍ଜି ସେ ପୁଣି ଚିରା। ଏମାନଙ୍କୁ ଦେଖି ସେ ହାତ ଉଠାଇ ନମସ୍କାର କଲା ଏବଂ ବସିବା ପାଇଁ କହିଲା। କକ୍ଷଟିରେ ୬ଟି ପ୍ଲାଷ୍ଟିକ୍ ଚେୟାର ପଡ଼ିଥିଲା। ତା ଦେହରୁ ୩ଟା ଚୌକି ବେଶ ସଫା ସୁତୁରା ଆଉ ତିକ୍ତଟିର ଅବସ୍ଥା ଏମିତି ଯେ ସେଥିରେ କେହି ବସିବାକୁ ମନ କରିବ ନାହିଁ। କ'ଣ କରିବେ ଏମାନେ ସେଇ ଚେୟାର ଗ୍ରହଣ କଲେ। ତାପରେ ସେଇ ବ୍ୟକ୍ତି ଜଣକ ଭିତରକୁ ଚାଲିଗଲେ।

"ବୁଝିଲ କୀର୍ତ୍ତନ ବାବୁ, ଇୟେ ହେଉଛନ୍ତି ଝିଅର ବାପା।" ମଧ୍ୟସ୍ଥି କହିଲେ, "ଆ", ଚଇତନିଆ ଚମକିପଡ଼ି ହସିବାକୁ ଲାଗିଲା ଯେ ହସ ଯେପରି ଆଉ ବନ୍ଦ ନ ହୁଏ।

"ବଗୁଲାଟିକିରେ?" ମଧ୍ୟସ୍ଥି ପାଟି କଲେ। ଚଇତନିଆ ହସ ବଂଦ ହେଲା।

"ବୁଝିଲ କୀର୍ତ୍ତନ ବାବୁ, ମୁଁ ତୁମକୁ କହିଥିଲି ଲୋକଟା ଟିକେ କଂଜୁସ।" ମଧ୍ୟସ୍ଥି ବୁଝେଇଲେ। ଅନ୍ୟମାନେ ହାଁ କରି ମଧ୍ୟସ୍ଥିଙ୍କ ମୁହଁକୁ ଚାହିଁ ରହିଲେ।

ଭିତରୁ କେହି ଆସୁଥିବାର ଜଣାଗଲା। ବୋଧହୁଏ ଝିଅର ବାପା। ସତକଥା, ଝିଅର ବାପା ହିଁ ଆସି ପହଞ୍ଚିଲେ। ସାଙ୍ଗରେ ଝିଅ ମୁଣ୍ଡ ସରୁ ଓଢ଼ଣିଟି ପକେଇ। ହାତରେ ଗୋଟେ ବଡ଼ ଟ୍ରେରେ ୫ କପ୍ ଚାହା। ଝିଅ ଆସି ଜଣ ଜଣ କରି ସମସ୍ତ ଚା' କପ୍ ଧରେଇ ଦେଲା।

ଆହାଃ, କି ସୁନ୍ଦର ଚା'ରେ। ଦେଖିଲେ ପେଟ ପୁରିଯିବ। ରଙ୍ଗ ଯେପରି କାଦୁଅ ମିଶା ପାଣି। କପ୍ ଗୁଡ଼ାକ ଦେଖିଲେ ହାତରେ ଧରିବାକୁ ଇଚ୍ଛା ହେବନି। ବିଭିନ୍ନ ସାଇଜର କପ୍। କପ୍‌ଗୁଡ଼ାକ ବୋଧେ କେବେ ଧୁଆ ହୋଇନାହିଁ।

"ହେ ଭଗବାନ" ଚଇତନିଆ ପାଟିରୁ ବାହାରି ପଡ଼ିଲା ମଧ୍ୟସ୍ଥି ଚୁପ ରହିବା ପାଇଁ ଇଙ୍ଗିତ କଲା। ଚଇତନିଆ ଚୁପ ହୋଇଗଲା।

ଚଇତନିଆ ଝିଅ ଆଡ଼କୁ ଚାହିଁଲା ଶ୍ୟାମଳ ବର୍ଣ୍ଣ ମଧ୍ୟସ୍ଥି କହିଥିଲା କିନ୍ତୁ ଇୟେତ ମା' କାଳୀ। କାଳୀ ହେଲା ହୁଏତ କଥାଟା ଅଲଗା ହୋଇଥାନ୍ତି। ଗଢ଼ଣ ବେଗଢ଼ଣା। ଏଡ଼େ ଏଡ଼େ ଆଖି ଯେମିତି ଗିଳି ପକେଇବ। ବାହାରେ ୟାକୁ ପୁଣି ମୁଁ ବାହାହେବି। ନାହିଁରେ ବାବା ବରଂ ଅବାଡୁଆ ରହିଯିବ। ସେ କ'ଣ କହିଆସୁଥିଲା କୀର୍ତ୍ତନିଆ ବାରଣ କଲା।

"ଆଜ୍ଞା ଘରେ କ'ଣ ଆଉ କେହି ନାହାନ୍ତି କି?" କୀର୍ତ୍ତନିଆ ପଚାରିଲା।

"ଅଛନ୍ତି, ଅଛନ୍ତି। ଝିଅର ମାଆ ଅଛି। ଜେଜେମା ଅଛି ଭାଇ ଅଛି ଆଉ ଗୋଟେ ଭଉଣୀ ଅଛି। କଥା କ'ଣ ଆମ ପରମ୍ପରା ଅନୁସାରେ ଆଉ କେହି ଝିଅ ଦେଖାବେଳେ ଆସିବେ ନାହିଁ।" ସେଇ ଅତରଛିଆ ଲୋକଟି କହିଲା।

"ହଉ ଆଜ୍ଞା କନ୍ୟା ତ ଦେଖିଲୁ। ପରେ ତୁମକୁ ଖବର ପଠାଇ ଆମ ମତାମତ ଜଣାଇବୁ। ନା' କ'ଣ କହୁଛନ୍ତି ରସାନନ୍ଦ? "କୀର୍ତ୍ତନିଆ ଉଠୁ ଉଠୁ ହେଉ ହେଉ କହିଲା, ଆଉ କେହି କିଛି କହିଲେ ନାହିଁ।"

"ଦେଖିବାକୁ ବାଡିନୀଟା ଶୀଘ୍ର ପଟେଇବେ। ନଚେତ୍ ଝିଅ ଦେଖି ଅନ୍ୟ ଜଣେ ବାହା ହେବା ପ୍ରସ୍ତାବ ଦେଇଛି।" ଅପାରଛାନିଆ ଲୋକଟା କହିଲା।

"ଆଁ" ଚଇତନିଆ ଚମକିଲା। ୟାକୁ ବାହାହବାକୁ ଲୋକ ଅଛନ୍ତି? "ଆଚ୍ଛା, ଆଚ୍ଛା, ଠିକ୍ ଅଛି। ବାଣଟା ଭଲ ମାରିଛନ୍ତି।" ଜଣେ ଭଦ୍ରବ୍ୟକ୍ତି କହିଲେ।

"ମାନେ" ସେଇ ଲୋକଟି ପୁଣି କହିଲା-

"ଛାଡ଼ନ୍ତୁ ସେଥିରୁ କ'ଣ ମିଳିବ। କୀର୍ତ୍ତନ ବାବୁ ତ କହିଲେ ପରେ ଜଣାଇବେ। ଆଉ ଏଥିରେ ଅନ୍ୟଥା କ'ଣ ରହିଲା" ମଧ୍ୟସ୍ଥି କହିଲେ।

"ହଉ ଆଜ୍ଞା ଆମେ ଏବେ ଯାଉଛୁ।" ଠିଆହୋଇ କୀର୍ତ୍ତନିଆ ପୁଣି କହିଲା।

"ହଇହେ ରସାନନ୍ଦ, ସେଠାରୁ ଗଲାପରେ ଏଇଟାକୁ ସାମାନ୍ୟ ଶ୍ୟାମ ରଙ୍ଗୀ କହୁଥିଲ। ତୁମକୁ ଲାଜ ସରମ ନାହିଁ ନା କ'ଣ ? ତ୍ରିପଣ୍ଡ କାଳି। ମୁହଁଟା ବେଢ଼ଙ୍ଗିଆ। ଧନ୍ୟ କହିବ ତୁମକୁ।" କୀର୍ତ୍ତନିଆ ବିଗିଡ଼ିଗଲା।

"ହେଲା, ହେଲା ଆଉ ଗୋଟେ ପ୍ରସ୍ତାବ ବି ମୋ ପାଖରେ ଅଛି। ପହର ଦିନ ଝିଅ ଦେଖିବାକୁ ଯିବା। ଖୁଣିବାକୁ କିଛି ନଥିବ। ଝିଅ ଦେଖିଲେ ବଳେ ଜାଣିଯିବେ ନାହିଁ କି ଏ ରସାନନ୍ଦ କେମିତିଆ। ମଧ୍ୟସ୍ଥି ଆଶ୍ୱାସନା ଦେଲା।"

ସତକୁ ସତ ସେମାନେ ନିର୍ଦ୍ଦିଷ୍ଟ ଦିନ ଯାଇ ଝିଅ ଘରେ ପହଞ୍ଚିଗଲେ। ତାଙ୍କର ଘର ଦେଖି ଏବଂ ତାଙ୍କ ଅଭ୍ୟର୍ଥନାରେ ସେମାନେ ପ୍ରୀତ ହୋଇଗଲେ। ଆରାମରେ ସୋଫା ଉପରେ ବସି କଥାବାର୍ତ୍ତା ହେଲା। ଝିଅକୁ ତାର ସାଥୀ ଜଣେ ନେଇଆସିଲା। ଝିଅ ସରୁ ଓଢ଼ଣା ଦେଇଥାଏ। ପହଞ୍ଚି ସମସ୍ତଙ୍କୁ ନମସ୍କାର କଲା। ମଧ୍ୟସ୍ଥି ତାକୁ ପାଖ ଚେୟାରରେ ବସିବାକୁ କହିଲା। ଝିଅଟି ବସିଲା ପରେ ଏମାନେ ଯାହା କଥାବାର୍ତ୍ତା କରିବାର କଲେ। ଝିଅ ପସନ୍ଦ କି ଅପସନ୍ଦ ପୂର୍ବରୁ ଝିଅ ବାପା ମୁଁ ଅମକ ଦେବି ସମକ ଦେବି, ହାତୀ ଦେବି, ଘୋଡ଼ା ଦେବି ଇତ୍ୟାଦି ଗପିଗଲା। ଆଉ ଏମାନେ ପାଣି ପରି ତା କଥାଗୁଡ଼ାକ ପିଇଗଲେ। କୀର୍ତ୍ତନିଆ ହଁ ମାରିବାକୁ ଯାଉଥିଲା, ଚଇତାନିଆ ଆଗତୁରା କହି ପକେଇଲା ଏଇ ଦୁଇଦିନ ଭିତରେ ଆମେ ଖବର ଦେବୁ। ଏବେ ଆମକୁ ବିଦାୟ ଦିଅନ୍ତୁ। ଝିଅକୁ ଅବଶ୍ୟ କଥା ବାର୍ତ୍ତା ଆରମ୍ଭ ପୂର୍ବରୁ ବିଦାକରି ଦେଇଥିଲେ। ଏମାନେ ପରସ୍ପରକୁ ହାତଯୋଡ଼ି ନମସ୍କାର କରି ବିଦାୟନେଲେ।

"କ'ଣ ଦେଖିଲ ହଁ ମାରିଦେବାକୁ ଯାଉଥିଲ।" ଚଇତନିଆ ତା ବାପ ଉପରେ ବିଗିଡ଼ି ଗଲା।

"କ'ଣ ଭୁଲ୍ କରିବାକୁ ଯାଉଥିଲି ଯେ ତୁ ଖପ୍ପା ହେଉଛୁ।" କୀର୍ତ୍ତନିଆ କହିଲା, "ଝିଅଟା କାଣୀ। ଗୋଟେ ଆଖି ନଷ୍ଟ ହୋଇ ଯାଇଛି।" ଚଇତନିଆ ସେଇ ରାଗ ତମରେ କହିଲା।

"ଆଁ" ମଧ୍ୟସ୍ଥି ଆଉ ଚଇତନିଆକୁ ଛାଡ଼ି ଅନ୍ୟମାନେ ଚମକିଲେ। ପ୍ରସ୍ତାବ ସେଇଠୁ କାଟ ଖାଇଗଲା।

ରସାନନ୍ଦ ମଧ୍ୟସ୍ଥି କିନ୍ତୁ ହଟିଲା ବାଲା ନୁହେଁ। ସେ କୀର୍ତ୍ତନିଆ ଆଉ ଚଇତାନିଆକୁ ଆହୁରି କେତେ ଝିଅଙ୍କୁ ଦେଖେଇଲା। କିନ୍ତୁ ଚଇତାନିଆର ଦୁର୍ଭାଗ୍ୟ ବୋଧହୁଏ। ଯେତେ ଝିଅ ଦେଖିଲେ କିଏ ମୋଟି ତ, କିଏ ଛୋଟି, ଆଉ କୁଜି ତ କିଏ ଦାନ୍ତୁରି।

"ହେ ଭଗବାନ" ଚଇତନିଆ କହିଲା "ହଇହେ ତୁମେ କ'ଣ ଏଇ ପ୍ରକାର ମଧ୍ୟସ୍ଥି କରୁଛ। ଝିଅଟି ଦେଖେଇ ଦେଖେଇ ନାକେଦମ୍ କରି ଦେଲଣି। ହୁଁ।"

ରସାନନ୍ଦ କହିଲା, "ଆରେ ବାବୁ ଆଉ ଗୋଟେ ବଢ଼ିଆ ଝିଅ ଅଛି। ତାକୁ ଦେଖିଲେ ନା ଚଇତାନିଆ ତୋ ଆଖି ଲାଖିଯିବ। ଚାଲ କାଲି ଯିବା।"

ପରଦିନ ବାପ, ପୁଅ ଓ ମଧ୍ୟସ୍ଥି ରସାନନ୍ଦ ଗଲେ। ଗାଁ'ରୁ ଆଉ ଭଦ୍ର ଲୋକ ନେଲେ ନାହିଁକି ଭଣ୍ଡୁର କରିବାକୁ ଚାହିଁଲେ ନାହିଁ।

ଅଭ୍ୟର୍ଥନାରେ କିଛି କମିନଥିଲା। ତିନିଜଣଙ୍କୁ ଖୁବ୍ ଆଦର କଲା ଯେପରି ପୁରୁଣା କୁଣିଆ କୀର୍ତ୍ତନିଆ। ପ୍ରଥମେ ଜଣାଇଦେଲା ଯେ ଆଗ ଝିଅ ଦେଖାଯିବ ପରେ ଅନ୍ୟ କଥା।

କୀର୍ତ୍ତନିଆଙ୍କ କଥା ଅନୁସାରେ ଝିଅକୁ ତା ଭଉଣୀ ନେଇକରି ଆସିଲା ଝିଅଟି ଖଣ୍ଡିଏ ହାଇକୋ ପାଟ ପିନ୍ଧିଥିଲା। ମୁଣ୍ଡରେ ବେଶୀ ଓଢ଼ଣୀ ନଥିଲା କିନ୍ତୁ ଓଢ଼ଣୀ ଝିଅ ସମସ୍ତଙ୍କୁ ପ୍ରଣାମ କଲା ତାପରେ –

ଚଇତନିଆ ଯେମିତି ଉଛୁଳି ପଡ଼ିଲା। ଝିଅ ନୁହେଁ ତ ହୀରା ଖଣ୍ଡେ। ଗୋରା ଚେହେରା। ରଙ୍ଗ ଯେମିତି ଦୁଧ ଅଳତା ମିଶା ଚଳିତ ଗଜଗାମିନୀ। ଚାହାଣୀ ହରିଣୀର ଚାହାଣୀ। ମୁହଁରେ ଲାଜ ଭୟ ମିଶା ସ୍ମିତ ହାସ୍ୟ। ଚଇତନିଆ ତା ବାପାକୁ ଇସାରା କଲା ହିଁ ମାରିବାକୁ। ଏତେ ଦିନକରେ ତା ମନ ପସନ୍ଦର ଝିଅଟିଏ ପାଇଛି।

"ଦେଖନ୍ତୁ ଆଜ୍ଞା ଆମ ତରଫରୁ ଆମର ହଁ। ଏବେ ଝିଅକୁ ଯିବାକୁ ଦିଅନ୍ତୁ। କୀର୍ତ୍ତନିଆ ଗଦଗଦ ହୋଇ କହିଲା। ଝିଅ ଭିତରକୁ ଗଲା। ତାପରେ ବିଭିନ୍ନ କଥାଭିତରେ ଦିଆନିଆ ବାହାଘର କଥା ଇତ୍ୟାଦି ଆନୁସଙ୍ଗିକ କଥାବାର୍ତ୍ତା ହେଲା। କୀର୍ତ୍ତନିଆ ପୁଅ ଘରବାଡ଼ି ଦେଖିବାକୁ ସେମାନଙ୍କୁ କହିଲା। କିନ୍ତୁ ଝିଅ ବାପ ମନାକଲା। କହିଲା ପୁଅକୁ ତ ଦେଖିଲି। ରସାନନ୍ଦ ବାବୁ ଆଉ ସବୁ କଥା ମତେ କହିଛନ୍ତି। ଆମର ଯିବାର ନାହିଁ। ଏ ବାହାଘରରେ ମୋର ସମ୍ମତି। ଜାତକ ମିଳା ବି ଦରକାର ନାହିଁ।"

ବାସ୍ କଥା ଖତମ। ବାହାଘରର ଦିନବାର ଠିକ୍ କରାଗଲା। ମଧ୍ୟସ୍ଥି ହାତରେ ପାଞ୍ଜି। ସେ ବି ଜ୍ୟୋତିଷ ବିଦ୍ୟା ଜାଣନ୍ତି। ସବୁ ଠିକ୍ ଠାକ ହେଲାପରେ ଏମାନେ ଆନନ୍ଦରେ ଫେରିଲେ।

ବାହାଘର ବେଶ୍ ଧୂମ୍‌ଧାମ୍‌ରେ ହେଲା। ବରଯାତ୍ରୀମାନେ ଡିଜେ ଶବ୍ଦରେ ଖୁବ୍ ନାଚିଲେ। ଖାନା ପିନା ବି ଧୂମ୍ ହେଲା। ଆଦର ଅଭ୍ୟର୍ଥନାରେ କୌଣସି ଊଣା ରଖିନଥିଲେ କନ୍ୟାପକ୍ଷ। ବାହାଘର ପରେ ବରକନିଆ ବିଦାୟ ନେଲେ।

ଯାହା ହେଉ ଗୋଟେ ଧନ୍ଦା ସରିଲା। ଉଭୟ ପକ୍ଷ ଖୁସି। ଏମାନେ ଆନନ୍ଦରେ ଘରକୁ ଫେରିଲେ। ବରକନ୍ୟାକୁ ବନ୍ଦେଇ ଘର ଭିତରକୁ ଗଲେ। ନୂଆ ବୋହୁକୁ ଶାଶୁ ଆଦରି ନେଇ ଘର ଭିତରକୁ ନେଲା।

"ଆରେ ଚଇତନିଆ ଶେଷରେ ଏଇୟାକୁ ବାଛିଲୁ।" ଚଇତନିଆ ବୋଉ ଚିତ୍କାର କଲା।

ଚଇତନିଆ ବୋଉ ଡାକ ଶୁଣି ଦଉଡ଼ିଗଲା ସେ ଘର ଭିତରକୁ। ତାପରେ ଚଇତନିଆ ବି ଚିତ୍କାର କଲା। "ବୋଉ ଇୟେ ସେ ନୁହଁ। ମତେ ଠକି ଦେଲେ।" ଚଇତନିଆ ଥମ୍‌କରି ଚଟାଣ ଉପରେ ବସିଗଲା। ଗୋରୀ ସୁନ୍ଦରୀ ଝିଅ ଦେଖି ରାଜି ହୋଇଥିଲା କିନ୍ତୁ–

"ଏ ବୋହୁ ଶ୍ୟାମ ବର୍ଣ୍ଣର। ବେହେଢ଼ା ଦାନ୍ତି। ଗଢ଼ଣ ମନ୍ଦ ନ ହେଲେ ବି ସେତେ ଭଲ ନୁହଁ।"

ଚଇତନିଆ ତା କପାଳରେ ହାତମାରି ନିଜକୁ ନିନ୍ଦୁ ଥିଲା।

*ମୋତି ଆନନ୍ଦ କୁଟୀର,*
*ଗୋପୀନାଥପୁର ଶାସନ, ସିଂହାପୁର, ଧର୍ମଶାଳା,*
*ଯାଜପୁର-୭୫୫୦୦୮*
*ଦୂରଭାଷ: ୭୩୨୭୦୯୨୩୯୬*




# ଆଜି ଏତେ ଦିନ ପରେ

**ଡଃ ମନୋରମା ବିଶ୍ୱାଳ ମହାପାତ୍ର**

ଏଥର କିଛି ବି ନଥିଲା
ଲମ୍ବା ଲମ୍ବା ବାରଣ୍ଡାର ଦଲାଣ
ପବନରେ ଛାତକୁ ଛୁଉଁଥିବା
ନଡ଼ିଆ ଗଛର ବାହୁଙ୍ଗା
କିମ୍ବା ତେନ୍ତୁଳି ଗଛର ପୃଥୁଳ ଗଣ୍ଡି ।
କଞ୍ଚନଗଛ ଭାଙ୍ଗି ପଡୁନଥିଲା ଫୁଲରେ ।

ଘର ଭିତରେ ଆଗ ପରି
ଅଭିଜାତ ଆଲୁଅ ନଥିଲା
କି ନିରାପଦ ଚୁଲୀମୁଣ୍ଡ ବି ନଥିଲା
ମାଟିଲିପା ଚୁଲି ସ୍ଥାନରେ ଥିଲା
କାଲ୍‌ଗ୍ୟାସ୍ ଏବଂ ରେଫ୍ରିଜେରେଟର ।
ସେମାନେ ନିଜର ଉପସ୍ଥିତିକୁ
ପ୍ରତି ମୁହୂର୍ତ୍ତରେ ଜାହିର କରୁଥିଲେ ।
ମୁଁ ବାରମ୍ବାର ଝୁଣ୍ଟୁଥିଲି ଚାଲିଲା ବେଳେ ।
ଘରର ପଛପଟ କାନ୍ଥ ଫଟାଇ
ବରଗଛଟି ଗର୍ବର ସହ ମୁଣ୍ଡ ହଲାଉଥିଲା
ସମସ୍ତଙ୍କ ସାମ୍ନାରେ ।

କ୍ୟାନସର ପରି ତା ଚେର ମାଡ଼ି ଯାଇଥିଲା କାନ୍ଥରେ
ଘରଟିର ପଞ୍ଜରା ଗଣି ହୋଇ ଯାଉଥିଲା
ମୁଁ ଆଜି ଅତିଥି ସେ ଘରେ ।
ଆଉ କେତେ ଘଣ୍ଟା ପରେ
ମୁଁ ବି ଫେରିଯିବି ଅନ୍ୟମାନଙ୍କ ପରି ।
ଚୂନ ସୁରକି ଖସି ଯାଇଥିବା ଘରଟିକୁ
ଇଚ୍ଛା ହୁଏ ଆଉଁଷି ଦେବାକୁ
ଆଜି ଏତେ ଦିନ ପରେ ।

*୧୨୫, ପ୍ରୀତମପୁରୀ, ଆଚାର୍ଯ୍ୟ ବିହାର, ଭୁବନେଶ୍ୱର-୭୫୧୦୧୩*
*ଦୂରଭାଷ: ୯୪୩୭୦୧୧୦୦୩*

# ଅନ୍ତହୀନ ଲଢ଼େଇ

**ଡକ୍ଟର ନାରାୟଣ ପଣ୍ଡା**

ପାଉଁଶର ପାହାଡ଼
ନିଆଁର ନଅର ଭିତରେ
ବାଟଖୋଜୁଚି
ଅଧାମରା ଭୋକିଲା
ବିକଳ ଜୀବନ ।

ପବନରେ
ପହଁରି ବୁଲୁଚି
ରକ୍ତପାୟୀ ପଶାରେ ଅହଂକାର ।
କମାଣ ବୋମାର
ପାଉଁଶିଆ ଧୂଆଁରେ
ଆବୃତ ଆକାଶ ।

ରଂଗହୀନ ଦିଗହୀନ
ବେସୁରା ଜୀବନ ।
କମାଣରେ ଗର୍ଜୁଚି
ଅହରହ
ଆକାଶ ପବନ ।

ଶୈଶବ
ଶୋଷିତ ଏଠି
ଯୌବନ
ନିଆଁଦୋଳିରେ ଝୁଲୁଚି ।
ମନେହୁଏ ଯେପରି
ଗହନ ଅରଣ୍ୟରେ
ମହାବଳ ବାଘଟେ ମାତିଚି ।

ନିଜ ଭିତରେ
ମୁଣ୍ଡ ଟେକୁଥିବା ପ୍ରତିବାଦ
ତୋପନିଆଁରେ
ମୁହୂର୍ତ୍ତରେ ପାଲଟି ଯାଉଚି
ଅଙ୍ଗାର ପାଉଁଶ ।
କୋହ ଲୁହରେ
ତାଜା ରକ୍ତରେ
ବଦଳିଯାଇଚି ମାଟିର ରଂଗ ।

*ବଉଳପଦା, ବଳରାମପୁର, ଆଠଗଡ଼, କଟକ-୭୫୪୨୯୫*

# କଇଁଫୁଲ ରାତି

**ପିନାକୀ ମିଶ୍ର**

ରାତ୍ରି ଗୋ' ତୁମେ ତମସା ଅଜାଡ଼ି ଆହୁରି ବହଳ ହୁଅ
ଜହ୍ନ ବି ବସୁ ପାହାଡ଼ ପିଢ଼ାରେ ପାଣିରେ ଦିଶୁ ତା' ମୁହଁ,
ମିଳନ ଲଗନେ ଲାଜର ଓଢ଼ଣା କେମିତି ଖୋଲିବି କୁହ ?
ଆଡ଼ମୁହାଁ କରି ସଖୀ ତ ବସିଛି ନୂଆ ବାପଘର ଝିଅ,

ନବବଧୂ ଲାଜ
ବିଷମ ଏ ଚିଜ
ଭୂଇଁରେ ମୁରୁଜ
ହଂସିନୀ ସଜ
ପ୍ରଣୟସୂତାର ଗଣ୍ଠି ଫିଟିନି ଛୁଁ ଛୁଁ ଝରେ ଲୁହ ॥

ମୁଁ ତ ଚାହୁଁଛି ସରମି ନଯାଉ ଲାଜୁଆଣି ଲାଜକୁଳି
ମୁଁ ତ ଚାହୁଁଛି ମଳୟ ନକରୁ ବିଲପାଟେ ହୁଳହୁଳି,
ଆଜି ଟିକେ ରହ ଭାବୁକ ଫଗୁଣ କାଲିକି ଲେଖିବୁ ଚିଠି
ବାସନ୍ତିକାର ଭିତର ଭୀତିକୁ ବୁଝିପାରେ ବନବିଥି,

ନୀଳ ଯଉବନ
ନୀଳ କଂପନ
ନୀଳ ଶିହରଣ
ନୀଳକଇଁ ମନ
ମୋ'ମନ ମରୁରେ ରେଶମୀ ଋତୁଟେ ବାସିଲାଣି ମହମହ
ପ୍ରଣୟସୂତାର ଗଣ୍ଠି ଫିଟିନି ଛୁଁ ଛୁଁ ଝରେ ଲୁହ ॥

ତୁମକୁ ଡାକୁଛି ମୋ' ଗାଁ ପୋଖରୀ ମଖମଲୀ ନୀଳକଇଁ
କେମିତିକା ତୁମ ଆଖି ଓଠ ଗାଲ ଲାବଣ୍ୟ କଳିବାପାଇଁ,
ତୁମକୁ ଡାକୁଛି ଯୋଗିନୀ ରାତିର ଜୁଳୁଜୁଳୁ ଗୋଟେ ତାରା
ଧଳାବଉଦ ବି ଭଉଁରୀ ଭ୍ରମରେ ଈର୍ଷାରେ ଭୋଗେ କାରା,

ବେଗଧାଇଁ ବେଳ
ମନ ଉତ୍ତାଳ
ଢେଉ ଢଳଢଳ
ଆଖି ଛଳଛଳ
ବନ୍ଧନ ଫେଇ କନିଆଁ ସାଜିବା କଠିନ ନୁହଁ କି କୁହ
ଆଡ଼ମୁହାଁ କରି ସଖୀ ତ ବସିଛି ନୂଆ ବାପଘର ଝିଅ ॥

ରାତ୍ରି ଗୋ' ତୁମେ ଦେଖିବ ନାହିଁକି ବଧୂଲୀ ଅଧର ହସ
ଶୁଣିବ ନାହିଁକି ଉଷୁମ ଫୁଲାଣ କଥାର କୋଇଲିରାସ,
ତୁମେ ବି ନୀରବ ସିଏ ବି ନୀରବ ଟାଣୁଛି ଗଜରାବାସ
ଚନ୍ଦ୍ରମାରାତି ମାତିବ ନାହିଁକି ( ? ) କରପଛେ ମୋତେ ଦାସ,

କୃଷ୍ଣରାତିରେ
ଘନକବରୀରେ
ଚଂପା ଚଉତା
କଟୀବନ୍ଧରେ
କିଏ ସଜେଇଛି ରୂପାମ୍ବିକାର ନବପରିଣିତା ଦେହ
ଜହ୍ନ ବି ବସୁ ପାହାଡ଼ ପିଢ଼ାରେ ପାଣିରେ ଦିଶୁ ତା' ମୁହଁ ॥

ଗୋଧୂଳିଗାଁର ଗହମୀ ରାତିରେ ସଭିଏଁ ଗଲେଣି ଶୋଇ
ବିଭାବରୀ ମୋ' ଧୂସର ପ୍ରାଣକୁ ନାବିକ ସଜେଇ ଦେଇ,
ଢେଉ ଡାକୁଛି କି ଉଛୁଳା ନଇରେ ନୀଳ ଅଭିସାର ପାଇଁ ?
ମୁଗ୍ଧ ଆକାଶ ତନ୍ଦ୍ରା ଫେଡିଛି ଦେଖିବାକୁ ନୀଳକଇଁ,

କଥା ତ କହୁନି
ପାଖକୁ ଆସୁନି
ଡାକି ମୁଁ ପାରୁନି
ନିରେଖେ ରଜନୀ
ଆଉ କେତେ ଦୀର୍ଘ ଏଇ ନୀରବତା ସରୁନି କାହିଁକି କୁହ ( ? )
ରାତ୍ରୀ ଗୋ' ତୁମେ ତମସା ଅଜାଡ଼ି ଆହୁରି ବହଳ ହୁଅ ॥

ସରୁ ସମ୍ଭ୍ରମ ଯଉବନ ତଟେ ସୁଗନ୍ଧିତ ଚଇତାଳି
ସମୟ ମୋତେ ତ ସାଧବ ସଜେଇ, ଆଜି କହେ ତୋର ପାଳି,
ବ୍ୟଥାର ଅତୀତ ଘୁଞ୍ଚିଯାଇଛି ହସିଦେଲି ଟିକେ ଭାବି
ସଖୀ ନୂଆନୂଆ ମୋତେ ତ ଭାବୁନି ଓଠରେ ଦେଇଛି ଚାବି,

ଗୋପନ କଥାକୁ
ହାତର ଛୁଆଁକୁ
ଥିରି ପ୍ରଣୟକୁ
ଆଖି ଇସାରାକୁ
କଇଁ ହେଲେ ଭଲା କାନପାଶେ ତା'ର ଆସ୍ତେ ବୁଝେଇ କହ
ପ୍ରଣୟ ସୂତାର ଗଣ୍ଠି ଫିଟିନି ଛୁଁ ଛୁଁ ଝରେ ଲୁହ ॥

ଉଠିବ ବନ୍ୟା ମାତିବ ଅନଳ ବଢ଼ିବ ରାତିର ତାତି
କଇଁ ପଚାରିବ କୋଉଠୁ ଅଇଲା ( ? ) ବୋକୀଝିଅ କେଶବତୀ,
ଆଉ ଘଡ଼ିକରେ ତମସା ଫେରିବ ପଡ଼ିବକି ନାହିଁ ଗାର
ଆଜି ନହେଲେ ତ କାଲିକି ପଡ଼ିବ ଛନ୍ଦବତୀର ତାଳ,

ରାତ୍ରୀଗୋ' ଆସ
ପାଖେ ମୋର ବସ
ଅମୃତରସ
ଦିଅଗୋ' ଆଶୀଷ
ଯାହା ବି ଯେତିକି ମୋତେ ତ ମିଳିଛି ନୀଳପୁରୁଷର ଦାୟ
ମିଳନ ଲଗନେ ଲାଜର ଓଢ଼ଣା କେମିତି ଖୋଲିବି ହାୟ ?

ରାତ୍ରୀ ଗୋ' ତୁମେ ତମସା ଅଜାଡ଼ି ଆହୁରି ବହଳ ହୁଅ
ଜହ୍ନ ବି ବସୁ ପାହାଡ଼ ପିଢ଼ାରେ ପାଣିରେ ଦିଶୁ ତା' ମୁହଁ ॥

*'ଶୂନ୍ୟନୀଳ'*
*ଚର୍ଚ୍ଚ ପାଖ, କଜେଲ ରୋଡ଼, କେନ୍ଦୁଝର*
*ଦୂରଭାଷ: ୯୪୩୮୧୧୮୩୯୭*

# ଜହ୍ନ ଓ ଜୁଆର

**ପ୍ର. ଗିରିଜା ଶଙ୍କର ଶର୍ମା**

ଆକାଶର ଯେଉଁ କୋଣରେ ଥାଏ
ଅସଂଭବ ନୀରବତା
ସେଇଠି ଜହ୍ନ ଦୋଳି ଖେଳୁଥାଏ
ତାରା ମାନଙ୍କ ଗହଣରେ।
ଆଜି ସମୁଦ୍ରରେ ଜୁଆର ଉଠିବ
ଢେଉମାନେ ଚେଷ୍ଟା କରିବେ
ଜହ୍ନକୁ ଛୁଇଁବା ପାଇଁ।
ଦେଖେଇ ଦେବା ପାଇଁ,
ତାଙ୍କର ପ୍ରୀତି ସାମ୍ରାଜ୍ୟ,
ସମୁଦ୍ର ଭିତରୁ ଜୁଆର କହିବ
ଜହ୍ନ ମୁଁ ତ ଚିରଦିନ ତୁମର।

ଜହ୍ନ ହସି ହସି କହେ
ମୋତେ ଭଲ କରି ଦେଖି ନିଅ
ମୋ ଦେହରେ କେତେ କେତେ ଦାଗ,
ସମସ୍ତେ କହନ୍ତି, ଏହା ମୋ ଦେହର କଳଂକ।
ତୁମେ ମୋ ଜ୍ୟୋସ୍ନାର ତୋଫା ଆଲୁଅକୁ ଦେଖି
ଭୁଲି ଯାଉଛି କି ମୋର କଳଂକକୁ ?
ଏବେ କହ ତୁମେ କି ଭଲ ପାଅ ମୋତେ ?

ସମୁଦ୍ରରେ ଢେଉ ବାରଂବାର ଉଠୁଥାଏ ପଡୁଥାଏ।

ସମୁଦ୍ର କହେ – ତୁମେ କି ଜାଣନା ଜହ୍ନ
ମୁଁ କେମିତି ଧୋଇ ଦିଏ ଧରଣୀର ଧୂଷର ବକ୍ଷକୁ।
ତାର ଆବର୍ଜନା ସବୁ
ସଫା କରିଦିଏ ମୋର ଜୁଆର।
ଥରେ ପାଖକୁ ଆସି ଦେଖ।
ମୋର ପ୍ରୀତି ପାପୁଲିରେ
ମୁଁ କେମିତି ପୋଛି ଦେବି ତୁମର ସର୍ବାଙ୍ଗ।
ଆହୁରି ଉଜ୍ଜ୍ୱଳି ଉଠିବ ତୁମେ
ମୋ ଜ୍ୟୋସ୍ନାର ଗାଢ଼ ଧଳା ଆଲୁଅରେ।

*ଧନ କଉଡ଼ା, ସଂବଲପୁର-୭୬୮୦୦୬*

*ଦୂରଭାଷ: ୮୯୧୭୪୯୪୦୯୫*

# ସମୟର ନାହିଁ ପୂର୍ଣ୍ଣଚ୍ଛେଦ

**ବିଷ୍ଣୁ ମୋହନ**

ସମୟର ନାହିଁ ପୂର୍ଣ୍ଣଚ୍ଛେଦ
ନାହିଁ ଅପରାନ୍ତ, ନାହିଁ ତା'ର ନିୟମ ସଂହିତା
ସର୍ବଦା ସେ, ଗତିଶୀଳତାରେ ଉନ୍ମୁଖ, ଅବିଶ୍ରାମ, ଅବିଚଳିତ
ନିରବଚ୍ଛିନ୍ନ ଭାବରେ ସମୟର ନଈ, ଯାଅଇ ବହି
ଅପେକ୍ଷା ନକରି କାହାରେ, ନିଜ କର୍ମ ସଂପାଦନରେ
ପୂର୍ଣ୍ଣଚ୍ଛେଦ ନପକାଇ କେବେ
କେତେବେଳେ ଅନୁଭବ ସିଦ୍ଧ ହୁଏ, ଆତ୍ମହରା ରୂପ
ସୃଜନ କଳାର, ଆଉ କେବେ ଅଶ୍ଳୀଳ ଅସମାପିକାର
ଦୃଶ୍ୟ ବହୁଳ
ଘଟଣା, ଦୁର୍ଘଟଣାର କାହାଣୀରେ, ସମୟର ପୂର୍ଣ୍ଣ କଳେବର
କେବେ ପାଞ୍ଚାଳୀକୁ ନଗ୍ନ କରେ, ପ୍ରଦର୍ଶିତ କରି
ପାଶବିକତାର ବୀଭତ୍ସ ଦୃଶ୍ୟ
ଆଉ କେବେ ଆଧାତ୍ମିକତାରେ ପରିପୂର୍ଣ୍ଣ ନିର୍ଦ୍ଦିଷ୍ଟ ବିଷୟ।
ଆସେ ଅପୂର୍ବ ଆଲୋକ ଛଟାରେ ଭରି ଉଦୟାଚଳ,
ଆସଇ ବୈଶାଖୀ ମଧ୍ୟାହ୍ନର ନିଷ୍ଠୁରତା, ତାପରେ ଆସେ
ଅସ୍ତରାଗ ଅଭିସାର, ପରିଶେଷରେ ନିବିଡ଼ ରାତ୍ରିର
ଅରଣ୍ୟ ଅଂଧକାର
ସମୟ ସ୍ରୋତରେ ଭାସିଆସେ କେବେ ମୌସୁମୀର ମଧୁଚୁମ୍ବା,
ରୌଦ୍ରର ଦହନ, ଶୀତାର୍ତ୍ତ ପଉଷ, ଆସେ ପୁଣି ରୋମାଂଚରେ
ଭରା ହସନ୍ତ ବସନ୍ତ
ସବୁ କିଛି ଆସେ, ପୁଣି ଚାଲିଯାଏ, ଦିଗନ୍ତ ରେଖାରେ
ଭାସିଯାଏ ସମୟ ନଈରେ
ବାଂଧି ରଖି ହୁଏ ନାହିଁ କିଛି ନିଜ ଆୟତ୍ତରେ।
କେବେ ଆସେ ତାରାଙ୍କ ମେଲଣ, କେବେ ପୁଣି ପୁନେଇଁର
ଜହ୍ନ ମୋହିନୀ ରୂପରେ
ପରିଶେଷରେ ଆସେ, ରାକ୍ଷସୀର ରୂପ ଧାରଣ କରି
ନିବିଡ଼ ଅଂଧାର, ମେଲାଇ ନିଶୀଥ କାୟାରେ
ପଡ଼ିନାହିଁ କେବେ ପୂର୍ଣ୍ଣଚ୍ଛେଦ କେଉଁଥିରେ
ଚାଲିଥାଏ ସବୁକିଛି ଧାରାବାହିକତାରେ ଏ ମାଟି ମଂଚରେ।
ସମୟ ସୁଅରେ ଭାସିଆସେ କେତେ ସୁଖ ସମୃଦ୍ଧି, କେବେ ପୁଣି
ଆସେ ବିଷାଦର କଳାବାଦଲ, ଯାହା ମାନବ କରଇ ଭୋଗ
ଅତୀବ ଆକୁଳତାରେ, ଯେତେ ବାଡ଼େଇ ଛାତି ହେଲେବି,

ଫେରି ଆସେନି କ୍ଷଣିକ ସୁଖ ସମୃଦ୍ଧି ମୃଗତୃଷ୍ଣାର ରୂପରେ
"ତ୍ୱମେ ବଂ ଭାନ୍ତିଂ, ଅନୁଭାତି ସର୍ବଂ"
ସମସ୍ତ ଔଜ୍ଜଲ୍ୟତା ପ୍ରକାଶିତ, ଆଲୋକିତ ହୋଇ
ଆସେ, ଚାଲିଯାଏ ସମୟ ସ୍ରୋତରେ
ସାମର୍ଥ୍ୟ ନାହିଁ କାହାର ତାକୁ ଅଟକାଇବାରେ
କେବେ ଏ ସମୟ ଆଣେ ଅନନ୍ତ ଆବେଗର ପ୍ରବହଣ,
କେବେ ସବୁ ମଧୁମୟ ସ୍ୱପ୍ନ ହୁଏ ନିଦ୍ରାମଗ୍ନ
ଲବ୍ଧ ହୁଏ ସବୁକିଛି, ସ୍ୱଳ୍ପ ଅବଧି ମଧ୍ୟରେ
ବିଶ୍ୱକର୍ମାଙ୍କର ଏ ଭବମଂଚରେ
ମରିମରି ବଂଚିବାକୁ ହୁଏ, ଶୂନ୍ୟର ଇସାରାରେ
ଆତଙ୍କିତ ଅସହାୟତା, ନିବିଡ଼ ନିଃସଙ୍ଗତା
ସବୁ କଥା ଭାସିଆସି ଲାଗିଯାଏ କୂଳରେ, ପୁଣି
ନିଃଶେଷ ହୋଇଯାଏ ସମୟ ସ୍ରୋତରେ ।

*ଦୂରଭାଷ: ୭୨୦୫୭୫୮୨୫୫*

# କାୟାନ୍ତର

**ସୁଶୀଲ କୁମାର ପାଣିଗ୍ରାହୀ**

ମୁଁ ଅନ୍ଧାରର
ତୁମ ଆଗରେ ଥାଇ ବି ଅଦୃଶ୍ୟ
ମୋର ମୁଁ ସହ

କାହିଁକି ଖୋଜୁଛ ମୋତେ
ଯିଏ ଆଲୁଅ ଖୋଜୁନି
ସେ ଆଉ କେଉଁ ଦିଗରୁ ଦେଖିଲେ
ଉଜ୍ଜ୍ୱଳ ?

ଆଖିର ଭ୍ରମ ବଡ଼ ଚମତ୍କାର
ଦେଖ –
କିଏ କହିବ ମୋ ଠାରେ
ହସରେ ନାହିଁ
ଗଭୀର ସମୁଦ୍ର ଓ ସୀମାହୀନ ଆକାଶ
ବିମ୍ବ

ମିଠା ବଂଶୀସ୍ୱରରେ
କେବେ ଶୁଣିନ ବୋଧେ
କଟା ବାଉଁଶ ବଣର ଯନ୍ତ୍ରଣା

କିଏ କହିବ–
ଆଲିଙ୍ଗି ନେଉଥିବା ମୋର
ପ୍ରେମଗୀତ ସ୍ପର୍ଶହୀନ ତୁଚ୍ଛା
ମୋହିନୀ ମନ୍ତ୍ର !

ଶୁଣ !
ମୋ ଶବ୍ଦ କଣ
ଜଙ୍ଗଲର ?

ଛୁଆଁ ଟିକେ
ଅନୁଭବ କର
ତୁମ ଭିତରେ
ଅନୁରଣିତ ହେଉଛି କି ନାହିଁ
ଫୁଲର ଅନ୍ତଃସ୍ୱର

ନିଜ ତିଆରି ବିବଶତା
ବନଶୀ କଣ୍ଟା

ମୋର ଛଦ୍ମ ନିରୀହତା ହିଁ
ଥୋପ
ପ୍ରତିଟି ଶ୍ୱାସରେ
ଭରିବା ଲାଗି ଜିଜୀବିଷା
ଏ ମୋର କାୟାନ୍ତର

ନିଜ ଗୋଡ଼ରେ
ଠିଆ ହେଇପାରୁନି ତ
ଆଉ ଦୁଇଟା ଗୋଡ଼ ଖୋଜୁଛି ।

ନିଜଠୁ ନିଜେ ଖସିଯିବାର କଳା ଇଏ
ନ ହେଲେ ବୀଜଙ୍କ ପରି ଭାଗ୍ୟକୁ
ପୋତି ରହିଲେ ମେଘର ଛାଇରେ
କଣ ହୁଏ ଅଙ୍କୁରୋଦଗମ ?

ଜୀଇଁବା ଓ ମରିବା ମଝିର
ମାୟାବୀ ଅନ୍ଧାରରେ ମୋର
ଏ ପ୍ରତାରଣା
ମୋର ରଂଗଛଡ଼ା ସବୁଜ ଅହଂକାରର
ଉତ୍ତରଣ ପ୍ରଦର୍ଶନର ସହଜ କୌଶଳ ।

*କଲ୍ୟାଣୀ ରେସିଡେନ୍ସି, ଫ୍ଲାଟ-୨୦୩, ଫାର୍ମ ରୋଡ଼, ସମ୍ବଲପୁର-୨*
*ଦୂରଭାଷ: ୮୧୪୪୨୨୮୨୦୨*

# ପ୍ରେମ ଧନ

**କୀର୍ତ୍ତନ ସାହୁ**

ତମ ବର୍ଷାର ତାତିକୁ
ସହୁଛି ମୁଁ ବାର ବାର
ତମ ଶୀତ ତାତିଠୁ ବି
ଆହୁରି ଏ ଭୟଙ୍କର।

ଏଠି ଗ୍ରୀଷ୍ମର ତାତିତ
ସହି ହେଉଥିଲା ଦେହେ
ଏତେ ଜଳିବା ନ ଥିଲା
ଜୀବନ ଯାତନା ମୋହେ।

କାଲି ଝିପି ଝିପି ବର୍ଷା
ଲାଗୁଥିଲା ଭାରି ମିଠା
ଆଜି ଚିପୁଡ଼ି ଦେଲେ ତ
ରସ ନାହିଁ ଖାଲି ସିଠା।

କାଲି ଶୀତ ସକାଳରେ
ବହୁ ଥିଲା ମୃଦୁ ବାଆ
ଆଜି ଧୂର୍ମୁସର ଶବ୍ଦ
ଦୁମ୍ ଦୁମ୍ ଶୁଭେ ଯାହା।

ଥିଲା କୋହ ଭରା ମୁହଁ
ମିଠା ମିଠା ତାର ଛବି
ଏବେ ବୈଶାଖର ଖରା
ମୁଣ୍ଡ ଉପରେ ରବି।

ତମ ଆଖି ଝରା ଲୁହ
ଉଷ୍ମ ଉଷ୍ମ ମିଠା ପଣ
ଏବେ ଶୁଷ୍କ ଆଖି କୋଣ
ଭାବନାର ଦେହ କ୍ଷୀଣ।

ଏଇ ଅଛି ଏଇ ନାହିଁ
ଭାବ ଝପଟାଇ ପଶେ
ଦୁଃଖ ବତୁରାର ଛବି
ଦେହ ସାରା ମୋର ଦିଶେ।

ଥିଲା ସରୁ ନଈ ଧାର
ଶୁଭୁ ଥିଲା କୁହୁ ତାନ
ଏବେ ଅସ୍ତ ବ୍ୟସ୍ତ ନଦୀ
ବାରମ୍ବାର ଭଙ୍ଗା ମନ।

ଦେହ ଭିଜା ପ୍ରେମ ଧନ
ସାନ୍ତ୍ୱନାର ବତୀଘର
ଅକ୍ଷୁର୍ଣ୍ଣ ରହିଛି ଥିବ
ମଧୁମୟ ମଧୁ ଝର।

*ମିଶ୍ର କଲୋନୀ, ଶାଳପଡ଼ା, କେନ୍ଦୁଝର*
*ଦୂରଭାଷ: ୯୪୩୮୪୧୪୭୦୧*

# ସକାଳ : ଜୀବନ୍ତ ଝରକା

**ଡାକ୍ତର କୃଷ୍ଣଚନ୍ଦ୍ର ରଥ**

ପୂର୍ବାକାଶ  ପିନ୍ଧିଛି ସ୍ୱର୍ଣ୍ଣାଭ ପୋଷାକ
ଶୈଶବର ଛୋଟ ହରିଣ ପରି
ଡେଇଁବ ସୂରୁଜ ମା କୋଳରୁ
ରଚିଯିବ ସ୍ୱପ୍ନର ସକାଳ।

ମନ୍ଦିରରୁ ଭାସିଆସେ ଓଁ କାରର
ତରଙ୍ଗାୟିତ ଲହରୀ
ଘଣ୍ଟା ଘଣ୍ଟର ତାଳଦିଆ ଗୁଞ୍ଜନ
ବୁଲୁଛି ଆଳତୀ
ଧରିତ୍ରୀ ଓ ଆକାଶକୁ ବନ୍ଦନା କରୁଛି
ଟୁପୁରୁ ଟାପର ଭକ୍ତଙ୍କର ଗୁହାରୀ।

ପକ୍ଷୀଙ୍କର କିଚିରୀ ମିଚିରି
ଶବ୍ଦରେ ପୁରି ଉଠୁଛି ସମୟ
କୁଆଁ ତାରା ଦିଶୁନି ଏବେ
କୁହୁଡ଼ିରେ ଅନ୍ଧାର ଆଲୋକ ଖେଳ
ସବୁଜ ଦୂବ ଘାସରେ
କାକର ବିନ୍ଦୁର ମେଳ
ସମୁଦ୍ରରେ ସୂର୍ଯ୍ୟଙ୍କ
ରଥ ଚଳଚଞ୍ଚଳ।

ପୂର୍ବ ଦିଶାର ରଙ୍ଗୀନ ଛଟାରେ
ସକାଳର ସରଳ କୋମଳ
ତେଜରେ ପୁରି ଯାଉଛି ପେଟ
ଭୁଲି ଯାଇଛି ଧୂଳି, ମଳି,
ଅଳନ୍ଧୁ ଭରା କାଳିର ଚିତ୍ରପଟ
ଜୀବନ୍ତ ଝରକା ଦେଇ
ପଶିଆସିଛି ନୂଆ ସକାଳ।

ପଶିଆସିଛି ସୁଗନ୍ଧ ମଳୟ ।

ରଙ୍ଗୀନ ପ୍ରଜାପତି ଆଉ ଛୋଟ ଚଢ଼େଇ
ଟିକି ଚଢ଼େଇ ଚଞ୍ଚୁ ମାରୁଛି ବାରମ୍ବାର
ପ୍ରତିଦ୍ୱନ୍ଦୀ ଭାବି ପ୍ରତିବିମ୍ବକୁ
ଦର୍ପଣର ଧାରରେ ବସି ।
ସମୟ ଗଡ଼ି ଚାଲିଛି
ମୁହଁ ମାଡ଼ି ଶେଜରେ ଶୋଇଥିବା ମୋତେ
ବାରମ୍ବାର ଧକ୍କା ମାରୁଛି
ସ୍ୱାଗତ କରିବାକୁ ନୂଆ ସକାଳର
ବର୍ଣ୍ଣିଳ ଛଟାକୁ ।

*କେ-୪, ଫ୍ଲାଟ-୧୪୭୦*
*କଳିଙ୍ଗ ବିହାର, ପାତ୍ରପଡ଼ା, ଭୁବନେଶ୍ୱର*
*ଦୂରଭାଷ: ୯୪୩୭୧୬୩୭୬୩*

ଶେଫାଳି ଯେ ଲୋଟି
ଫୁଟିଯାନ୍ତି ଆକାଶରେ
ତାରା କୋଟି କୋଟି ॥

ନଈପଠା ଧାରେ ଧାରେ
କାଶତଣ୍ଡୀ ନାଚ
ନଈ ପୋଖରୀର ପାଣି
ଦିଶେ ସତେ କାଚ ॥

ମରତେ ପାଇବେ ପୂଜା
ମାଆ ହେଇ ଖୁସି
ଦେଖିବେ ଦେବୀଙ୍କ ଯାତ
ମୀନା ଲୀନା ଲୁସି ॥

*କୁଞ୍ଜର-ସଙ୍ଗଳାଇ, ପିପିଲି, ପୁରୀ*
*ଦୂରଭାଷ: ୯୬୬୮୮୨୨୧୯୦*

# କବିତା - ଚମକାଏ ଗାଆଁ ଅଶିଣ ଆସି

**ପ୍ରଶାନ୍ତ କୁମାର ଦାଶ**

ପୋଖରୀରେ ଫୁଟେ କଇଁ
ଆକାଶରେ ଜହ୍ନ
ଜହ୍ନିଫୁଲ ଫୁଟା ସଞ୍ଜ
କିଣିନିଏ ମନ ॥

ଅଶିଣ ନରମଖରା
ଚମକାଏ ଗାଆଁ
ରାତିରୁ ଶିଶିର ପଡ଼େ
ଘାସଦେହେ ଛାଆଁ ॥

ଆକାଶରେ ନାହିଁ ମେଘ
ଘଡ଼ଘଡ଼ି ଡାକ
ଖୁସିରେ ଉଡ଼ନ୍ତି ଦୂରେ
ସବୁ ପକ୍ଷୀଯାକ ॥

ଶରତ ଆସିଛି ନେଇ
କେତେ ବ୍ରତ ଓଷା
କିଶୋରୀ ବାନ୍ଧଇ ତାର
ଫୁଲଦିଆ ଖୋସା ॥

ରାତିସାରା ବାସୁଥାଏ

# ପହଲ ଗାଓଁ

**ଶ୍ରୀ ଭୁବନେଶ୍ୱର ବିଶି**

ଧର୍ମ ପରରି ରକ୍ତ ବୁହାଇଲ
ଧିକ୍‌କାର ତୁମ ଆରାଧ
ଧ୍ୱଂସ ପଥରେ ଆଗେଇଛ ତମେ
ମୃତ୍ୟୁ ତୁମ ନୁହେଁ ଦୁର୍ଭେଦ୍ୟ ॥

ଫାଟି ଯାଆରେ ଧରଣୀ
ସଦ୍ୟ ବିଧବାର କୋହରେ
ଭାସି ଯାଆରେ ସିନ୍ଧୁ
ବିକଳ ମାଆର ଲୁହରେ ।
ଏଇନା ସିନ୍ଦୁରା ଫାଟିବ
ସକାଳ ହେବ
ନୂଆ ସୂର୍ଯ୍ୟ ଦେଖିବାକୁ
ତୁ ବି ନଥିବୁ ଜହ୍ଲାଦ
ପ୍ରସ୍ତୁତ ହେଉଛି
ସମ୍ମୁଖ ଯୁଦ୍ଧ ପାଇଁ
ତୋ ପଳାୟନର
ସକଳ ପଥ ଅବରୁଦ୍ଧ ॥

*ରେଳବାଇ କଲୋନି, ଜୟପୁର, କୋରାପୁଟ-୭୬୪୦୦୨*
*ଦୂରଭାଷ: ୭୫୮୭୪୪୫୮୦୩*

# ଉଠରେ ଉଠରେ

**ରବୀନ୍ଦ୍ର କୁମାର ମହାପାତ୍ର**

ଉଠରେ ଉଠରେ,
ଓଡ଼ିଆ ଜାଗରେ।
ସ୍ୱ ଅଭିମାନରେ,
ନିଜର ଶୈଳୀରେ।
ମାନବ ବାଦରେ,
ବୁଝାଅ ବିଶ୍ୱରେ।
ବିଶ୍ୱ ଭାତୃଭାବ,
ନୀଳାଚଳ କ୍ଷେତ୍ର।
ଏକାଠି ଖିଆରେ,
ନଥାଏ ଛୁଆଁରେ।
ଧରଣୀ ଚମକେ,
ଜାତି ନନ୍ଦିଘୋଷେ।
ସବୁରି ଠାକୁର,
ଜାତିର ଈଶ୍ୱର।
ଓଡ଼ିଆ କଳାର,
ଦରିଆ ପାରିର।
ଗଉରୀ ଶଙ୍କର,
ମଧୁ ବାରିଷ୍ଟର।
କୋଣାରକ ଗାଥା,
ଧରମାର କଥା।
ବାଜି ଗୋପବନ୍ଧୁ,
ବକ୍ସି ଜଗବନ୍ଧୁ।
ବାଘା ଯତୀନର,
ବୀର ସୁରୁନ୍ଦର।
ତେଜି ତାଙ୍କ ପ୍ରାଣ,
ସ୍ୱାଧୀନତା ରଣ।
ବଳଦେବ ରଥ,
ଦୀନକୃଷ୍ଣ ଦାସ।
ସାରଳା ଭାରତ,
ଭଞ୍ଜଙ୍କ ସାହିତ୍ୟ।
ଫକୀର ମୋହନ,
ମାତୃଭାଷା ମାନ।
କବି ରାଧାନାଥ
ବାଗ୍ମୀ ଲକ୍ଷ୍ମୀକାନ୍ତ।
ପୁରୁଣା କଥାରେ,
ହେଜରେ ମନରେ।
ଗୋଟିଏ ପୁଅ ନାଚ,
ଓଡ଼ିଶୀ ସଂଗୀତ।
ମୟୁରଭଞ୍ଜର,
ଛଉନୃତ୍ୟ ତାର।
ତାରକସି କାମ,
କଟକର ନାମ।
ସମ୍ବଲପୁରର,
ଶାଢ଼ୀ ନାଚ ତାର।
ଏକଥା ଭୁଲିଲୁ,
ଓଡ଼ିଆ ଶୋଇଲୁ।
ବିଦେଶୀରେ ମତି,
ଭୁଲୁ ଜାତିପ୍ରୀତି।
ଓଡ଼ିଆ କଂସାରେ,
ପଖାଳ ନାହିଁରେ।
ମାତୃଭାଷା କୋହ,
ଇଂରାଜୀରେ ମୋହ।
କେଭେତୁ ବୁଝିବୁ,
ଓଡ଼ିଆ ଯୁଝିବୁ।
ଭାବ ତୋଷାମଦ,
ଶ୍ୱାନବାଟେ ପାଦ।
ଛାଡୁ ପଶୁବଳ,
ଜାଗୁ ଆତ୍ମବଳ।
ତେଜ ନିଜ ସ୍ୱାର୍ଥ,
ବିଶ୍ୱ ହିତେ ମାତ।
କର୍ପୂର ଯାଇଛି।
କନା ପଡ଼ିଅଛି।
ପୂଜା ଜାତି କଳା,
କରୁଅଛୁ ହେଳା।
ଅସ୍ତ ଗଉରବ,
ଉଠିଲେ ଫେରିବ।
ଉଠରେ ଉଠରେ
ଓଡ଼ିଆ ଜାଗରେ।

*ପ୍ଲଟ ନଂ-୨/୯୫, (୮୯୨), କଲ୍ୟାଣ ବିହାର, ହାଇଟେକ୍ ପ୍ଲାଜା*
*ନିକଟ, ପୋ.- କୁହା, ସୁନ୍ଦରପଦା,*
*ଭୁବନେଶ୍ୱର-୭୫୧୦୦୨*
*ଦୂରଭାଷ: ୮୮୯୫୭୫୮୮୬୦*

ରମ୍ୟରଚନା

# ନାରୀ ସେକାଳେ, ଏକାଳେ

ଗିରିଜା ମଞ୍ଜରୀ ପାଢ଼ୀ

ମନୁସ୍ମୃତିରେ କଥାଟିଏ ଅଛି, ନାରୀକୁ ବାଲ୍ୟକାଳରେ ପିତାର ଆଶ୍ରୟରେ, ଯୌବନରେ ପତିର ଆଶ୍ରୟରେ ଏବଂ ବାର୍ଦ୍ଧକ୍ୟରେ ପୁତ୍ରର ଆଶ୍ରୟରେ ରହିବାକୁ ପଡ଼ିଥାଏ। ସତକଥା, ଆମ କବିମାନେ ବି ସେମିତି ଗୋଟାଏ କଥା ଲେଖି ଯାଇଛନ୍ତି - "ବିନାଶ୍ରୟେ ନ ବର୍ତ୍ତନ୍ତେ କବିତା, ବନିତା, ଲତା ... କବିତା, ଲୁଣ ପରି ବନିତା ମଧ୍ୟ ନିର୍ଭରଶୀଳା, ପୁରୁଷାଶ୍ରୟୀ। ଭାବିଲେ, ଅବାଗିଆ ଲାଗେ, ପୁରୁଣା କାଳିଆ କଥା। କିହୋ, ଏ ଯୁଗରେ ନାରୀ ତ ପୁରୁଷଙ୍କ ପରି ସବୁ କ୍ଷେତ୍ରରେ ସମାନ। ପ୍ରଗତିରେ ଶିକ୍ଷାରେ, ସ୍ୱାଧୀନତାରେ ରାଜନୀତିରେ, ବାକ୍ ଚାତୁରୀରେ ଆଗୁଆ। ଇଂରାଜୀରେ ଅଛି ଲେଡିଜ ଫାଷ୍ଟ, ତାମାନେ ଆଗେ ନାରୀ, ତା' ତଳକୁ ପୁରୁଷ। କିନ୍ତୁ ଏଇଟା କ'ଣ ସୃଷ୍ଟିର ନିୟମ ? ହୋଇପାରେ, ନ ହୋଇ ବି ପାରେ।

ନାରୀ ପୁରୁଷ ମଧ୍ୟରେ କେବଳ ଶରୀର ଗଠନଟାକୁ ଛାଡ଼ି ଦେଲେ ବାକି ସବୁ ସମାନ ବୋଲି ମନେହୁଏ। ସେ ଯାହା ହେଉନା କାହିଁକି, ନାରୀଠାରେ ନାରୀତ୍ୱ ସର୍ବାଦୌ ବାଂଛନୀୟ।

ଆମ ପିଲା ଦିନରେ ଆଇ, ଜେଜେମାମାନଙ୍କୁ ଯେମିତି ଦେଖିଛୁ, ମନେହୁଏ, ସେମାନେ ଥିଲେ ଅସୂର୍ଯ୍ୟଂପଶ୍ୟା। ମୁହଁ ପର୍ଯ୍ୟନ୍ତ ଓଢ଼ଣା ଟଣା। ସାରା ଦେହ ନାନା ପ୍ରକାର ଗହଣାରେ ଭର୍ତ୍ତି। ଏ ଯୁଗରେ ସେଗୁଡ଼ିକର ନାମ ମଧ୍ୟ ଅନେକଙ୍କୁ ଅଜଣା। ଗଳାରେ କଣ୍ଠି, ଧାନୁଆ ମାଳି, ତୁଳସୀପତ୍ର ମାଳି, ହରଡ଼ଫାଳିଆ ମାଳି, ସୋରିଷ ମାଳି। ଏସବୁ ସୂତାରେ ଗଣ୍ଠି ଦିଆଯାଇ ଗୁନ୍ଥା ଯାଇଥାଏ। ତା' ଛଡ଼ା ହଂସୁଳୀ, ଚନ୍ଦ୍ରାହାର, ଦୋସରି ଚିନା ମାଳି, ସୁକି ମାଳି ଆଦି। ମୁଣ୍ଡରେ ଖୋସା ବା ବେଣୀରେ କେତେକୀ ଟାହିଆ, ନାଗର ମଲ୍ଲୀ, କିଆ ପତର ଆଉ ମଥା ଉପରକୁ ମଥାମଣି। ଲମ୍ବ ବେଣୀ ଉପରେ ସ୍ପ୍ରିଙ୍ଗ ଲଗା ସେବତୀ ଫୁଲ। ବେଣୀ ଶେଷ ଭାଗରେ ରୂପା ଚଉଁରୀ ବା ଥୋପ। କାନରେ କର୍ଣ୍ଣଫୁଲ, ନାଟ ମୟୂର, ଝୁମୁକା, କୁଣ୍ଡଳ, ନୋଳୀ, ଗୋକ୍ଷୁରା, କୁଣ୍ଡଳ, ପଥର ବସା କାନଫୁଲ, ମାଙ୍କେଡ଼ି କାନପାଶା, କାନର ଅନେକ ଅଳଙ୍କାର ଚନ୍ଦ୍ରହାରା ସହ ଜଡ଼ିତ। ନାରୀମାନେ ନାକରେ ପୁଣି ପିନ୍ଧୁଥିଲେ, ବସଣୀ, ନୋଲକ, ନୋଥ, ନାକଛବି, ଗୋଲାପ ଓ ଗୁଣା ଆଉ ଦଣ୍ଡୀ। ବାହୁରେ ପିନ୍ଧୁଥିଲେ ତାଗ, ଅନନ୍ତ, କୃଷ୍ଣଚୂଡ଼ା ଓ ବଳା। ତା' ତଳକୁ ହାତରେ ପିନ୍ଧୁଥିଲେ ଚୂଡ଼ି, ବାହୁଟି, ବଳା, ବଟଫଳ, ମଗର ମୁହାଁ ଖଡୁ, ପଣସ କଣ୍ଟାଉଳି, ଚୁଡ଼ି। ଆଉ ଆଙ୍ଗୁଠିମାନଙ୍କରେ ପ୍ରକାର ପ୍ରକାରର ସୁନା ମୁଦି। ଧନୀ ଘରର ନାରୀମାନେ ହୀରା, ନୀଳା, ମଣି ମାଣିକ୍ୟ ଖଚିତ ଅଳଙ୍କାର ମାନ ମଧ୍ୟ ପିନ୍ଧୁଥିଲେ।

ସେତେବେଳେ ନାରୀମାନେ ପୁଣି ପିନ୍ଧୁଥିଲେ ପାଦରେ ପାହୁଡ଼, ପାଉଁଜୀ, ବାଲା, ମଲା, ବାଙ୍କିଆ, ବାଜେଲୀ ବଳା ଆଉ ପାଦ ଆଙ୍ଗୁଠିମାନଙ୍କରେ ଝୁଣ୍ଟିଆ, ଯାଉଁଳୀ ମୁଦି। ପୂର୍ବେ ଓଡ଼ିଆ ଘରର ଆଇ, ଜେଜେମା ମାନଙ୍କ ଦେହରେ ମଠା, କ୍ଷୀରୋଦ୍ରୀ ବା ତନ୍ତ ବୁଣା ଚଉଡ଼ା ଧଡ଼ି କସ୍ତା ଶାଢ଼ୀ। ବିନା ଅନ୍ତର୍ବାସରେ ଏମିତି ପରିପାଟୀରେ ପିନ୍ଧି ମୁଣ୍ଡରେ ଓଢ଼ଣା ଟାଣିଥିବେ ନାକର ଅଗ୍ରଭାଗ ପର୍ଯ୍ୟନ୍ତ। ଦେହଟି ସୁନ୍ଦର ଭାବରେ ଘୋଡ଼ାଇ ହୋଇ ରହିଥିବ। ଗୁଣ୍ଟୁଣୀ ହାତୀ ପରି ଚାଲି ଯାଉଥିବାବେଳେ ଯେମିତି ଝନକ ଝନକ ପାୟଲ ବାଜେ...

ଏମାନେ ଅନ୍ତଃପୁର ବାସିନୀ। ସେମାନଙ୍କର ପୃଥିବୀ ହେଲା ସେମାନଙ୍କର ଘର ସଂସାର। ଏମାନେ ଧୀରା, ନମ୍ରା, ମଧୁର ଭାଷିଣୀ। ଓଢ଼ଣା ତଳୁ କଥା ନ କହି ଚୁ' ମାରି ବା ଇଙ୍ଗିତରେ ଅନ୍ୟ ସହିତ ଭାବ ବିନିମୟ କରିଥାନ୍ତି। ଏମାନେ ଥିଲେ ସୁଜାୟା, ସୁଗୃହିଣୀ, ସୁବଧୂ ଆଉ ସୁଜନନୀ।

ଏହାପରେ ଆମ ମା' ଆଉ ବଡ଼ମା'ମାନଙ୍କର ଯୁଗ। ଏ ବେଳକୁ ବେଶ ପୋଷାକରେ ପରିବର୍ତ୍ତନ ଘଟିଛି। ବଦଳିଛି ଶିକ୍ଷାଦୀକ୍ଷା। ଏମାନେ ଅଶିକ୍ଷିତା ନ ହୋଇ ସ୍ୱଳ୍ପ ଶିକ୍ଷିତା। ପୁରୁଣା କାଳର ପୋଷାକ, ବେଶଭୂଷା ପ୍ରତି ନାସିକା କୁଞ୍ଚନ। ସ୍ୱଳ୍ପ ଆଭୂଷଣ ପ୍ରିୟା। ଘରେ ମିଲ୍ ସୂତା ଶାଢ଼ୀ। ଆଉ ବାହାରକୁ ସିଲ୍କ, ମଠା, ଅବା ପାଟଲୁଗା। ସାଧା କରି ଓଡ଼ିଆଣୀ ଢଙ୍ଗରେ ପିନ୍ଧା। ଚଉଡା ଧଡ଼ିର ଓଢ଼ଣା ଅଧା ମୁଣ୍ଡ ଉପରକୁ। କାନି ପଣତରେ ବା ଅଣ୍ଟାରେ ରୂପାର ଚାବି ପେନ୍ଥା। ଦେହରେ ଅନ୍ତର୍ବାସ।

ଅଳତା ଲଗା ପାଦରେ ହାଲ୍‌କା ଝୁଣ୍ଟିଆ। ହାତରେ କାଚ ଭୂଡ଼ି ସହିତ ସୁନା ଚୂଡ଼ି, ସୁନା ବଳା, ରୁଲି ବା ଚୁଡ଼। ଆଙ୍ଗୁଠିରେ ଗୋଟାଏ ବା ଦୁଇଟା ସୁନା ମୁଦି। ବେକରେ ଚେନ୍ ବା ହାରଟିଏ। ନାକରେ ନାକଛବି ବା ଚିକ୍‌ଚିକିଆ ପଥର ବସା ନାକଫୁଲ। କାନରେ ଝୁମ୍‌କା ଅବା ଟପ୍। ମୁଣ୍ଡରେ ବଲ୍ ଖୋସା, ବେଣୀ ଜଟ, ଅବା ବେକ ଉପରକୁ ହାଲ୍‌କା ବଡ଼ ଖୋସା। ସେଇଟା ପୁଣି ସୁଗନ୍ଧିତ ଶୁଭ୍ର ଫୁଲରେ ମଣ୍ଡିତ। ଖୋସାରେ ପୁଷ୍ପ, ସୁମଙ୍ଗଳୀ ରମଣୀଙ୍କ ଶୋଭା ବର୍ଦ୍ଧନକାରୀ। କପାଳରେ ବଡ଼ ସିନ୍ଦୁର ଟୋପା ଆଉ ସୀମନ୍ତରେ ଚଉଡ଼ା ରକ୍ତିମ ସିନ୍ଦୁର ଗାର, ପତି ସୋହାଗର ସ୍ମାରକୀ। ନୟନରେ କଜଳ ଗାର। ରୂପଟି ଦେଖିଲେ ଅସଲ ମାଆ, ମାଆ, ଭାବଟି ଅନ୍ତର ଭିତରୁ ଉଛୁଳି ଉଠେ। ମାଆ ବୋଲି ଡାକି ଦେଲେ, ଧାଇଁ ଆସି କୁଣ୍ଢାଇ ପକାଇବେ। ପଣତ କାନିରେ ଦେହ ମୁହଁ ପୋଛି ପକାଇବେ। ପିଢ଼ା ପକାଇ ଖାଇବାକୁ ବାଢ଼ି ଦେବେ ନ ତିଉଣ ଛଅ ଭଜା। ପାଖରେ ବସି ସବୁଯାକ ବଳେଇ ବଳେଇ ପୁଣି ଖୁଆଇବେ।

ସେମାନେ ପୁଣି ପିଲାଙ୍କ ପାଠପଢ଼ା କଥା ବୁଝିବେ। ଘରର ପୁରୁଷମାନଙ୍କୁ ସବୁ କଥାରେ ସହଯୋଗ କରିବେ। ଗାଈ ଗୋରୁ, କୁଣିଆ ମଇତ୍ର, ଯାନି ଯାତ୍ରା ପୂନେଇଁ ପରବ ସବୁ କାମ କରିବେ। ଧାନ, ଚାଉଳ, ରବି, ରସୁଣ, ଆଚାର ବଡ଼ି ସାଇତି ରଖିବେ। ଘର ପୋଛି ଝୋଟି ଚିତା ପକାଇବେ। ଓଷା ବ୍ରତ ପାଳିବେ। ଘରେ କେହି ରୋଗବାଗରେ ପଡ଼ିଲେ ରାତି ସାରା ନ ଶୋଇ ସେବା କରିବେ। ଏମାନେ ଘରର ଲକ୍ଷ୍ମୀ ଆଉ ପତିଦେବଙ୍କର ସହଧର୍ମିଣୀ ଓ ସହକର୍ମିଣୀ।

ତା' ପର ଯୁଗଟା ଆମର। ସ୍କୁଲରେ ଫ୍ରକ୍। କଲେଜରେ ଶାଢ଼ୀ। ବାପା ମାଙ୍କ ଅନୁଗତା କନ୍ୟା। ଗୁରୁଜନଙ୍କ ଅଙ୍ଗୁଳି ନିର୍ଦ୍ଦେଶକୁ ଅପେକ୍ଷା। ବିନାନୁମତିରେ କେଉଁଠିକି ଯିବା ନିଷେଧ। ରାତିରେ ପଦାକୁ ଗୋଡ଼ କାଢ଼ିବାକୁ ମନା। ବୟଙ୍କ ସହିତ କଥା ମନା। ଉପନ୍ୟାସ ପଢ଼ିବା ମନା, କବିତା ଲେଖିବାକୁ ମନା। ହେଲେ ଶେଷ ଦୁଇଟି କାମ କିନ୍ତୁ ଖୁବ୍ ଗୋପନରେ ଲୁଚା ଛପାରେ ହୁଏ। କବିତା ଲେଖା ହୋଇ ଚିରାହୁଏ ଆଉ ପଢ଼ା ବହି ଭିତରେ ଲୁଚାଇ ଲୁଚାଇ ଉପନ୍ୟାସ ପଢ଼ାହୁଏ। ବହୁତ କାଇଦା କଟକଣା ଭିତରେ ଜୀବନ। କେବଳ ମନଦେଇ ପାଠପଢ଼, ଶ୍ଳୋକ, ସ୍ତୋତ୍ର ଆବୃତ୍ତି କରି ଶିଖ। ସନ୍ଧ୍ୟା ସକାଳେ ପ୍ରାର୍ଥନା କର। କାର୍ତ୍ତିକ ମାସ ବଡ଼ି ଭୋରୁ ଗାଧୋଇ ତୁଳସୀ ମୂଳରେ ମୁରୁଜ ପକାଅ। ମାର୍ଗଶିର ଗୁରୁବାରରେ ଧୂଆ ପୋଛା ଘର ଦ୍ୱାର, ଅଗଣାରେ ଷୋଳ କୋଠି ପଦ୍ମ ଫୁଟାଅ। ଦୀପାବଳୀରେ ଧୂଆ ପୋଛା କରି ଦୀପାଳୀ ଜଳାଅ। ପର୍ବ ପର୍ବାଣୀରେ ଓଡ଼ିଆ ଘରର ପିଠା – କାକରା, ଆରିସା, ମଣ୍ଡା, ଚିତୋଉ, ଛୁଞ୍ଚିପତ୍ର, ଏଣ୍ଡୁରୀ, ଚକୁଳୀ ପୋଡ଼ପିଠା କରି ଶିଖ। ଛୁଞ୍ଚିକାମ, ଉଲବୁଣା, ମେସିନ ସିଲେଇ ଶିଖ। ଲୁଗା ଇସ୍ତ୍ରୀ କରି ଶିଖ। ସବୁ ଉପରେ ପ୍ରଥମେ ସ୍ୱଭାବ ଚରିତ୍ର ଠିକ୍ ରଖ। ଯେହେତୁ ଥିଲେ ଆଉ ପଛେ ଗୁଣ ହଜାର ଚରିତ୍ର ନଥିଲେ ସବୁ ଅସାର।

ଏସବୁ ହେଲା ସମ୍ଭ୍ରାନ୍ତ ମଧ୍ୟବିତ୍ତ ଘର ଝିଅମାନଙ୍କର ସଣ୍ଡଣା।

ପୁଣି ଜେନେରେସନ ଗ୍ୟାପ। ଗୋଟାଏ ପିଢ଼ିରୁ ଆଉ ଗୋଟିଏ ପିଢ଼ି। ଛୋଟ ଦିନରୁ ଝିଅପୁଅଙ୍କର କମନ୍ ଡ୍ରେସ୍। ବାବା ଡ୍ରେସ୍। ସମାନ ହେୟାର ଷ୍ଟାଇଲ୍। ସମାନ ନାମ, ଯେମିତି ପପ୍ପୁ, ବାବା, ରାଜ୍, ଶୋଭନ୍, ମୋହନ ଏମିତି ବି ଝିଅମାନଙ୍କର ନାମ ହୋଇଥାଏ। ଛୋଟବେଳେ ପୁଅମାନଙ୍କ ପରି ସ୍କୁଲ ବେଳେ ବାଇସାଇକେଲ ଆଉ କଲେଜରେ ସ୍କୁଟର ବା ସ୍କୁଟର ସ୍ତ୍ରୀ ଲିଙ୍ଗ ସ୍କୁଟି। ତାପରେ ଝିଅମାନେ ପୁଅଙ୍କଠାରୁ ବେଳେବେଳେ ଶିକ୍ଷା ଦୀକ୍ଷାରେ ଆଗେଇ ଯାନ୍ତି। ଏକା ଚାକିରି, ପୁଣି ପୁଅ ଝିଅ ଏକା ପ୍ରକାର କାର ଚଳାଇ ଅଫିସ ବି ଯାଆନ୍ତି। ଏଇଟା ଇଣ୍ଟରନେଟର ଯୁଗ। ମୋବାଇଲର ଯୁଗ। ପୃଥିବୀଟା ହାତ ମୁଠାରେ। କଥା କଥାକେ ଆଉ କଟକ, ପୁରୀ, ବାଲେଶ୍ୱର ନୁହେଁ କି ଭୁବନେଶ୍ୱର ନୁହେଁ ସିଧା ଆମେରିକା, ଲଣ୍ଡନ, ଅଷ୍ଟ୍ରେଲିଆ, ସୁଇଜର ଲ୍ୟାଣ୍ଡ।

ଏବେକାର ନାରୀମାନଙ୍କର ବେଶଭୂଷା ସଂସ୍କୃତିରେ ପରିବର୍ତ୍ତନ ଆସିଛି। ବାରହାତ କେଶର ଯୁଗ ଶେଷ ହୋଇଛି। କାହାର ସମୟ ଅଛି ଝାଙ୍କିଏ କେଶର ଯତ୍ନ ନେବାକୁ। ବୟକଟ, ବେଷ୍ଟ କଟ୍, ବାରହାତୀ ଶାଢ଼ୀ ପିନ୍ଧା ଯୁଗ ଶେଷ। ଜିନ୍‌ସ, ଚୁଡ଼ିଦାର, ସ୍କଟସ୍, ମିନି ଡ୍ରେସ୍। ବିବାହିତା, ଅବିବାହିତା, ସମସ୍ତଙ୍କର ଏକା ଷ୍ଟାଇଲ। ମୁଣ୍ଡରେ ସିନ୍ଦୁର କେଉଁଠି ଜଣାପଡ଼େନି। ତୁଚ୍ଛା ଖାଲି ହାତ। ଆଖିରେ ସନ୍‌ଗ୍ଲାସ, ଓଠରେ ଲିପଷ୍ଟିକ୍। କେବେ ସେଇ ରଙ୍ଗ ଅଧରରେ ସିଗାରେଟ ବା ଚୁରୁଟ। ଠୋ ଠା କଥା, ହୋ, ହୋ, ହସ। ମୁହଁରୁ ବାଣୀ ନୁହେଁ ବାଣ ଫୁଟେ। ବଡ଼ କର୍କଶ କଥା। ଲଘୁଜନ ଗୁରୁଜନ ବିଚାର ନାହିଁ। ସବୁଥିରେ ଗୋଟାଏ ଯେମିତି ହୁ କେୟାରସ ଭାବ। ଅବଶ୍ୟ ଅନେକ ଏ ପ୍ରକାର ସ୍ମାର୍ଟ। ସମସ୍ତେ ନୁହଁନ୍ତି। ଏ ଯୁଗରେ ନାରୀ ମା, ନୁହେଁ, ଡାକେ ମମ୍। ବାପାଙ୍କୁ ଡେଡ୍। ନିଜ ଚଳଣୀକୁ ଘୃଣା। ମାତୃଭୂମି ଓ ମାତୃଭାଷା ଏମାନଙ୍କର ନାପସନ୍ଦ। ନିଜ ସଂସ୍କୃତି, ସଭ୍ୟତା, ଭବ୍ୟତା ପ୍ରତି ହତାଦର। ଓଲ୍‌ଡ ଫ୍ୟାସନଡ୍ କଲ୍‌ଚର। ପୂଜା ପାଠ, ସତ୍‌ସଙ୍ଗ ସବୁ ଫାଣ୍ଟାଷ୍ଟିକ୍ ବ୍ଲାଇଣ୍ଡ ବିଲିଫ୍, ବକୱାସ୍। ମାର୍ ଗୁଲି ଏ କଲ୍‌ଚରକୁ। ଅନେକ ଝିଅଙ୍କ ମନୋଭାବ ଏହିପରି। ରଜ, କୁଆଁର ପୂନେଇଁ, ପ୍ରଥମାଷ୍ଟମୀ ଆଜି ସାତସପନ। କାହିଁଗଲା ସେ ରଜ ଦୋଳି। ବନସ୍ତେ ଡାକିଲା ଗଜ ଗୀତ, କାହିଁ ହଜିଗଲା କୁଆଁରୀ କଣ୍ଠର ଫୁଲ ବଉଳ ବେଣୀ ଗୀତ। ଏବେ ସେସବୁ କିଛି ଅନୁଷ୍ଠାନଙ୍କ ଅନୁଗ୍ରହରୁ ମଞ୍ଚରେ ବା ପାର୍କରେ ପାଳିତ ହେଉଛି। ଏବେ କିନ୍ତୁ ଜୋରସୋରରେ ପାଳିତ ହେଉଛି ବାର୍ଥଡ଼େ, ମ୍ୟାରେଜ ଆନିଭରସରି, ନିୟୁ ଇୟର ମିଡ୍‌ନାଇଟ ଆଉ ଭାଲେଣ୍ଟାଇନ ଡେ। ଓଡ଼ିଆ ଏବେ ଇଂରେଜ ବନିଯାଇଛି। ନିଜ ରାଇଜକୁ ଘୃଣା, ନିଜ ଭାଷାକୁ ଘୃଣା, ଖାଇବା ବେଳେ ନିଜ ହାତକୁ ଘୃଣା, ଆଉ ନିଜର ମୂଳ ପୋଷାକ ଧୋତି ଚାଦର ଆଉ ଶାଢ଼ୀକୁ ଘୃଣା।

ଦୁଃଖର ବିଷୟ ଆଜିର ବସ୍ତୁବାଦ ଜଗତରେ ନାରୀଠାରୁ ଧିରେ ଅପସରି ଯାଉଛି ତାର ସହଜାତ ମଧୁର ଗୁଣଗୁଡ଼ିକ। ଯେମିତି ଲଜ୍ଜା, କ୍ଷମା, ଦୟା, ସେବା, ଭକ୍ତି, କରୁଣା ଆଦି ଗୁଣମାନ। ଏହା ବଦଳରେ

ତା ମନରେ ଜାଗ୍ରତ ହେଉଛି ଅହଂ, ଗର୍ବ, ଅସହିଷ୍ଣୁତା, କ୍ରୋଧ ହିଂସା ଓ ଯୁକ୍ତି ତର୍କର ପ୍ରବୃତ୍ତି । ଅନ୍ୟଠାରୁ ନିଜକୁ ଟପିଯିବାର ଆସ୍ଫାଳନ ନାରୀକୁ ବିପଥଗାମୀ କରୁଛି । ତା ମନରେ ଆଉ ନାହିଁ ଶୁଦ୍ଧତା, ଶୁଚିତା । କେବଳ ମନରେ ନେଗେଟିଭ ନେସ୍, ସଂସାରରେ ହମ୍ କିସିସେ କମ ନେହିଁର ଭାବନା । ବାପା ମା, ଆଜ୍ଞାକାରୀ । ଶାଶୁଘରେ ଅର୍ଥାତ୍ ସ୍ୱାମୀ ଘରେ ସ୍ୱାମୀ ଆଉ ଦେବତା ନୁହେଁ । ଟେମ୍ପରାରୀ ଫ୍ରେଣ୍ଡ । ଯେତେଦିନ ମନ କଣ୍ଢେଇ ପରି ନଚାଅ । ଖେଳ ସରିଲେ, ମନକୁ ନ ପାଇଲେ ଛାଡ଼ିଦିଅ । ଡିଭୋର୍ସ ତ ଏ ଯୁଗର ଏକ ଫେସନ ହୋଇଗଲାଣି । ପୋଷାକ ବଦଳାଇବା ପରି କ୍ଷଣକ୍ଷଣକେ ଦମ୍ପତ୍ତି ପାର୍ଟନର ବଦଳାଉଛନ୍ତି । ଗଇଁଠାଳ ବନ୍ଧା ହେବା ମାନେ ଯେ ପତିପତ୍ନୀ ଜୀବନ ସାରା ବାନ୍ଧି ହୋଇ ରହିବେ, ଏହାର କିଛି ମାନେ ନାହିଁ । କିଏ ମାନେ ବିବାହ କାଳୀନ ସେଇ ମନ୍ତ୍ରତନ୍ତ୍ରଗୁଡାକୁ । କୋର୍ଟ କଚେରୀ ଅଛି, ରେଜେଷ୍ଟ୍ରି ଅଫିସ ଅଛି । ପାଖରେ ଥିବା ଫୁଲ ଦୋକାନରୁ ପଚାଶ ଟଙ୍କିଆ ଦୁଇଟି ଫୁଲମାଳରେ ବିବାହ ଶେଷ । ଦେଖିବା କଥା, ଏ ବିବାହ କେତେଦିନ ଟେକୁଛି । ଏ ପାଖରେ ଫ୍ୟାମିଲି ପ୍ଲାନିଂର ସ୍ଲୋଗାନ ସତ୍ୱେ ଜନ ସଂଖ୍ୟା ବଢ଼ାଇ ଚାଲିଛନ୍ତି କେତେକ ଗୋଷ୍ଠୀ । ଯାହାଙ୍କର ପିଲାକୁ ଶିକ୍ଷାଦୀକ୍ଷା ପାଳି ପୋଷିବା, ମଣିଷ କରିବାର କ୍ଷମତା ନଥାଏ, ପୋକ,ଜୋକ ପରି ସାଲୁବାଲୁ ହେଉଥିବା ସେପରି ପିଲାଗୁଡା । ଚରିବୁଲିଖାନ୍ତି । ଚୋରି କରନ୍ତି । ପକେଟ କାଟନ୍ତି, ଦରକାର ହେଲେ ଆତଙ୍କୀ ହୁଅନ୍ତି । ଏ ଦିଗରୁ ଜନସଂଖ୍ୟା କମେ ନାହିଁ । ଅନ୍ୟପକ୍ଷରେ ଉଚ୍ଚ ବଂଶୀୟ ଖାନାଦାନୀ ମଣିଷ । ଯେଉଁମାନଙ୍କ ଧମନୀରେ ଶୁଦ୍ଧ ଶୁଚି ରକ୍ତ ପ୍ରବାହିତ, ସେମାନଙ୍କ ଉତ୍ତର ପିଢ଼ିର ଦାୟାଦ ରମଣୀମାନଙ୍କର ଏକି ପରିଣତି ? କାହିଁକି ବଂଶଲୋପର ଏ ପ୍ରବୃତ୍ତି । କାହିଁକି ନାରୀ ଆଉ ନାରୀ ହେବାକୁ ଚାହୁଁନାହିଁ । କାହିଁକି ଭଲଲାଗୁନି ତାକୁ ପତ୍ନୀତ୍ୱ, ମାତୃତ୍ୱ । ଏବେ 'ପ୍ରେମ' ନାମକ ଅମୂଲ୍ୟ ବସ୍ତୁଟିର ଦାମ୍ ଅନେକ କମି ଯାଇଛି । ସମ୍ପର୍କରେ ମଧୁର ଲୀଳା ପାଇଁ କାହାର ହୁଏତ ସମୟର ଅଭାବ । ତାଛଡା ଅନୁକୂଳ ସୁସଜ୍ଜିତ ଶୟନ କକ୍ଷର ଆବଶ୍ୟକତା ବା କଣ ! ପାର୍କ, ହୋଟେଲ ଏପରିକି ରାସ୍ତାଘାଟ ହିଁ ବେଡ୍ ରୁମ୍ ଲଜ୍ଜା ସରମ ହୀନ ଦେହଜ ଆବେଗହିଁ ପ୍ରେମର ପରିଭାଷା । ପ୍ରାକୃତିକ ପ୍ରେମର ମଧୁର ସ୍ପନ୍ଦନ କ୍ରମଶଃ ହଜି ଯାଉଛି ବୁକୁତଳୁ । ଉଭେଇ ଯାଉଛି କଦମ୍ବ ଫୁଲର ରୋମାଞ୍ଚ । ପଥୁରିଆ ବୁକୁତଳୁ ହଜି ଗଲାଣି ମାତୃତ୍ୱର ଅଭୀପ୍ସା । ସେ ବୁକୁରୁ ଆଉ ଝରୁନି ଅମୃତ । ଝରୁଛି ଅଗ୍ନିର ସ୍ଫୁଲିଙ୍ଗ । ନାରୀ ଆଉ ନାରୀ ହେବାକୁ ଚାହୁଁନି । ନାରୀ ପୁଣି ମାଆ ହେବାକୁ ଚାହୁଁନି ବହୁତ କ୍ଷେତ୍ରରେ ।

ନାରୀ କିନ୍ତୁ ସୃଷ୍ଟିଶାଳିନୀ । ଆନନ୍ଦ ସ୍ୱରୂପା ସ୍ନେହମୟୀ ଭଗିନୀ, ଜନନୀ, ଜାୟା । ନିଜେ ଆନନ୍ଦରେ ରହି ସଂସାରକୁ ଆନନ୍ଦ ବିତରଣ କରି ସୃଷ୍ଟି ରକ୍ଷା କରିବା ତାର ପ୍ରଧାନ କର୍ତ୍ତବ୍ୟ । ତେବେ ନାରୀର ଆନନ୍ଦ କେଉଁଥିରେ ? ମଣିଷ ହେବାରେ, ନା ଅମଣିଷ ହେବାରେ ? ଟଙ୍କା ରୋଜଗାରରେ ନା ତୋଷାମୋଦରେ ? କେହି ନିଜକୁ ଜାଣି ଆନନ୍ଦ ପାଏ । କେହି ନିଜକୁ ଜଣାଇ ଆନନ୍ଦ ପାଏ । ଆଉ ଗୋଟିଏ ପ୍ରକାରର ଆନନ୍ଦ ଅଛି, ତାହା ହେଉଛି ସୃଷ୍ଟିର ନିୟମ ମାନିବା କିମ୍ବା ନିୟମ ଭାଙ୍ଗିବାର ଆନନ୍ଦ । ନାରୀ ଯଦି ନାରୀତ୍ୱର ସମସ୍ତ ନିୟମ କାନୁନ, ଶୃଙ୍ଖଳା ଭିତରୁ ବାହାରି ଆସି ଆନନ୍ଦ ପାଏ, ତେବେ ନାରୀର ଏହା କି ପ୍ରକାର ଆନନ୍ଦ ?

*ଏଲ୍ ୩/୩ ଖାରବେଳ ନଗର*
*ଭୁବନେଶ୍ୱର-୯*
*ମୋ: ୭୯୭୮୬୫୭୨୪୪*



ତନ୍ମାତ୍ର

# ଓଲିଉଡ଼ର ନୂଆ ଚଳଚ୍ଚିତ୍ର




## -: ଡେଲିଭରି ବୟ :-

କାହାଣୀ ର ବିଷୟବସ୍ତୁ କିଛି ଏହିପରି:- ପ୍ରାର୍ଥ ଜଣେ ସାଧାରଣ ଯୁବକ, ଯିଏ ଡେଲିଭେରୀ ବୟ ଭାବେ କାମ କରେ, ଅଚାନକ ଗୋଟିଏ ଅଜଣା ହତ୍ୟା ମାମଲାରେ ଜଡ଼ିତ ହେଇଯାଏ। ପ୍ରତ୍ୟେକ ହତ୍ୟା ସ୍ଥଳ ସହିତ କିଛି ନା କିଛି ଭାବେ ତାଙ୍କ ସଂପର୍କ ଜଡ଼ିତ ଥାଏ। କେବେ ତାଙ୍କ ଡେଲିଭେରୀ ରୁଟ୍ ଦ୍ୱାରା, କେବେ କେବେ ଟାର୍ଗେଟମାନଙ୍କ ସହିତ ସାକ୍ଷାତ ସମ୍ପର୍କ ମାଧ୍ୟମରେ। ମିଡ଼ିଆ ଏହି ସଂପର୍କକୁ ନିଜ ସ୍ୱାର୍ଥ ପାଇଁ ଉଚ୍ଚାରଣ କରିବାରୁ ପାର୍ଥଙ୍କୁ ସନ୍ଦେହଭାଜନରେ ପରିଣତ କରିଦିଏ। ସହର ଜନମତ ଏବଂ ପୋଲିସ୍‌ର ଚାପ ତାଙ୍କ ଉପରେ ବଢ଼ିଥାଏ। ତାଙ୍କ ପିତା ଜଣେ ସମ୍ମାନିତ ପୋଲିସ୍ ଅଧିକାରୀ। ଡ୍ୟୁଟି ଏବଂ ପୁତ୍ର ପ୍ରତି ସୁରକ୍ଷାବୋଧର କର୍ତ୍ତବ୍ୟ ରଖିଛନ୍ତି; କିନ୍ତୁ ଏହି ଘଟଣାର ଗୁପ୍ତ ଭିତ୍ତିରେ ରହିଛି ବର୍ଷ ପୁରୁଣା ପାରିବାରିକ ଦୁଃଖ। ପାର୍ଥଙ୍କ ଭାଣିଜୀ ପଲ୍ଲବୀଙ୍କ ମୃତ୍ୟୁ। ଜ୍ୟୋତିର୍ମୟ ଏବଂ ସ୍ୱପ୍ନଦୃଷ୍ଟି ପଲ୍ଲବୀ, ମିଡ଼ିଆର ଅସତ୍ୟ ପ୍ରଚାର, ନିନ୍ଦା ଓ ହାରାସ୍‌ମେଣ୍ଟରେ ଜୀବନରୁ ବିମୁଖ ହୋଇ, ଆତ୍ମହତ୍ୟା କରିଥିଲେ। ସେହି ଘାତକ ସ୍ମୃତି ପରିବାରକୁ ଭିତରୁ ଭାଙ୍ଗିଦେଇଥିଲା।

ସତ୍ୟକୁ ପ୍ରମାଣ କରିବାର ଯୁଦ୍ଧରେ, ପାର୍ଥ ଯେତେବେଳେ ସବୁ ସତ୍ୟକୁ ମୁହାଁମୁହିଁ ଦେଖିବାକୁ ଲାଗିଲେ, ସେତେବେଳେ ପ୍ରକାଶ ପାଇଲା ମୂଳ ଅପରାଧୀ ଏବଂ ତା' ସହିତ ସେଇ ସେନସେସନାଲ୍ ଜର୍ଣ୍ଣାଲିଷ୍ଟର କୁପ୍ରଭାବ। ଏହି କାହାଣୀ ଦେଖାଏ କିପରି ଅଜଣା ଅସତ୍ୟ ଖବର ପ୍ରଚାର କରିବାରେ ଜୀବନ ଧ୍ୱଂସ ହୋଇପାରେ ଓ ସତ୍ୟ କିପରି ଶିରୋନାମାର ଦୌଡ଼ରେ ବଳି ପଡ଼ିଯାଏ। ଡେଲିଭେରୀ ବୟ ୨ କେବଳ ଏକ ଥ୍ରୀଲର ନୁହେଁ, ଏହା ହେଉଛି ଅନ୍ୟାୟ ବିରୁଦ୍ଧରେ ଯୁଦ୍ଧ ଓ ପ୍ରାୟଶ୍ଚିତର ଏକ ହୃଦୟସ୍ପର୍ଶୀ ଯାତ୍ରା। ଟ୍ୱିଷ୍ଟରେ ପୂର୍ଣ୍ଣ ଏହି ଚଳଚ୍ଚିତ୍ର ଦର୍ଶକଙ୍କୁ ଶେଷ ପର୍ଯ୍ୟନ୍ତ ସନ୍ଦେହ, ସତ୍ୟ ଓ ବଞ୍ଚିବାର ମୂଲ୍ୟ ନେଇ ଚିନ୍ତିତ କରି ରଖିବ।

ବ୍ୟାନର: ଇମୋସିନ ମିଡ଼ିଆପ୍ରାଇଭେଟ୍ ଲିମିଟେଡ୍, ଚିତ୍ରନାଟ୍ୟ ଓ ନିର୍ଦ୍ଦେଶନା: ଅଶ୍ୱିନୀ ତ୍ରିପାଠୀ, ସଙ୍ଗୀତ: ବୈଦ୍ୟନାଥ ଦାଶ, ଅଭିନୟରେ: ଶୈଳେନ୍ଦ୍ର ସାମନ୍ତରାୟ, ପ୍ରିୟମ୍ବଦା ସ୍ୱାଇଁ, ଅର୍ଚ୍ଚିତା ସାହୁ, ବୁଦ୍ଧାଦିତ୍ୟ ମହାନ୍ତି, ଶ୍ରୀତମ ଦାସ, ପୁପିନ୍ଦର, ସୁଶାନ୍ତ ଦାସ ମହାପାତ୍ର, ଶକ୍ତି ବରାଳ ପ୍ରମୁଖ।





## -: ଇନ୍ଦ୍ରଧନୁ :-

କାହାଣୀର ବିଷୟବସ୍ତୁ:- ମାନବ ଇତିହାସର ଦୀର୍ଘ ଯାତ୍ରାରେ ଇନ୍ଦ୍ରଧନୁର ସାତଟି ରଙ୍ଗକୁ ଦର୍ଶନ, କଳା, ପ୍ରକୃତି ଏବଂ ନାନାଦି ଭାବନାର ବ୍ୟାଖ୍ୟା କରିବା ପାଇଁ ଭିନ୍ନ ଭିନ୍ନ ଭାବରେ ଅଭିବ୍ୟକ୍ତ କରାଯାଇଛି। କେବେ ଏହି ରଙ୍ଗଗୁଡ଼ିକ ଆମର ସାଂସ୍କୃତିକ ଏବଂ ଆଧ୍ୟାତ୍ମିକ ଜୀବନର ପ୍ରତୀକ ଭାବେ ବ୍ୟବହୃତ ହୋଇଛନ୍ତି ତ କେବେ ଏ ରଙ୍ଗ ମାଧ୍ୟମରେ ଚିତ୍ରିତ ହେଇଚି ବହୁ ପାର୍ଥିବ ଅବବୋଧ ଓ ଅନେକ ଅତିପାର୍ଥିବ ଅବଧାରଣା। ଏ ରଙ୍ଗ ସବୁର ବ୍ୟାଖ୍ୟାରେ ଲୁଚିରହିଛି ପ୍ରେମ, ଆକାଂକ୍ଷା, ଆସ୍ଥା, ଆଶା, ଭୟ, ଅପେକ୍ଷା ଏବଂ ଶୂନ୍ୟତା ଭଳି ଅନେକ ଚେତନାର ଚିତ୍ର। ସେଇ ଚେତନାମାନଙ୍କ ମଧ୍ୟରୁ କିଛି ଚେତନାକୁ ସାତୋଟି ଛୋଟ ଛୋଟ କାହାଣୀ ଆକାରରେ ଏକାଠି ଗୁନ୍ଥି ଗଢ଼ିବାକୁ ଚେଷ୍ଟା ହୋଇଛି ସିନେମା ପରଦାର ଏ 'ଇନ୍ଦ୍ରଧନୁ' ରେ।

'ଇନ୍ଦ୍ରଧନୁ' - ବାଇଗଣୀ, ଘନନୀଳ, ନୀଳ, ସବୁଜ, ହଳଦୀ, ନାରଙ୍ଗୀ ଓ ଲାଲ - 'ବାଘନିସହନାଲା' ର ଏଇ କ୍ରମରେ ଆକାଶରେ ସାତରଙ୍ଗର ଇନ୍ଦ୍ରଧନୁ ଦିଶିବା ପରି ପରଦାର ଏ ଇନ୍ଦ୍ରଧନୁରେ ବି ସମ-କ୍ରମିକତାରେ ରହିଛି ସାତୋଟି ସାଙ୍ଗଭିତ୍ତିକ କାହାଣୀ। ଏମିତି ଦେଖିବାକୁ ଗଲେ, ବାଇଗଣୀ ରଙ୍ଗର ଗୋଲାପରୁ ଆରମ୍ଭ ହେଇଚି କଥା ଓ ଶେଷ ହେଇଚି ଲାଲ ରଙ୍ଗର ସୂର୍ଯ୍ୟାସ୍ତରେ। ଟିକେ ନିରିଖେଇକି ଦେଖିଲେ, ଛୋଟ ପିଲାଟିଏର ସରଳ ବିଶ୍ୱାସରୁ ଆରମ୍ଭ ଏ ଇନ୍ଦ୍ରଧନୁ, ଯାହାର ଶେଷ ଦୁଇ ବୟସ୍କ ମଣିଷଙ୍କ ଅନାବିଳ ପ୍ରେମ ପାଖରେ। ମଝିରେ ଅଛି ଆଉ ପାଞ୍ଚୋଟି କାହାଣୀ, ଯହିଁରେ ଅଛି ଘନନୀଳ ରଙ୍ଗର ମୟୂରପର, ନୀଳ ରଙ୍ଗର କଇଁ, ସବୁଜ ରଙ୍ଗର କ୍ଲୋରୋଫିଲ୍, ହଳଦୀ ରଙ୍ଗର ବାଘ ଓ ନାରଙ୍ଗୀ (କମଳା) ରଙ୍ଗର ଚୁଚୁମା। କିନ୍ତୁ ଏକଥା ସତ, ଯେ ଏ କାହାଣୀସବୁ କେବଳ ରଙ୍ଗର କଥା କୁହନ୍ତିନି ଆମ 'ଇନ୍ଦ୍ରଧନୁ'ରେ। ରଙ୍ଗର କଥା କହିବା ଆଳରେ, ଏମାନେ କୁହନ୍ତି ପ୍ରେମ କଥା, ବିଶ୍ୱାସ କଥା, ସ୍ୱପ୍ନ କଥା ଓ ସ୍ୱପ୍ନଭଙ୍ଗ କଥା।

କାହାଣୀ, ଚିତ୍ରନାଟ୍ୟ ଓ ସଂଳାପ- ସୂର୍ଯ୍ୟସ୍ନାତ ତ୍ରିପାଠୀ। ଅଭିନୟରେ ସୁଧଶ୍ରୀ ମଧୁସ୍ମିତା, ଧରିତ୍ରୀ ଖଣ୍ଡୁଆଳ, ସାଗର ଷଡ଼ଙ୍ଗୀ। ଅଭିଷେକ ଗିରି, ଭାସ୍ୱତୀ ବସୁ, ଦିଶାନି ଦେବାଞ୍ଜନା, ସୌମ୍ୟରଞ୍ଜନ, ଅମିଷା ମହାନ୍ତି, ନଚିକେତା ସ୍ୱାଇଁ, ଜ୍ୟୋତିର୍ମୟୀ ସାହୁ, ଦୀପନ୍ୱିତ ମହାପାତ୍ର, ସମର୍ପିତା ଦାସ, ଶ୍ରୀମାନ ବିଶ୍ୱଜିତ୍, ରିଙ୍କୁ ପ୍ରଧାନ, ରୂପଶ୍ରୀ, ସୁରଜ କୁମାର ମିଶ୍ର, ସନ୍ଦୀପ୍ ଦଳ, ଧରମୁ କୁଣ୍ଡ, ଚଉଧୁରୀ ବିକାଶ ଦାସ, ଦେବଦତ୍ତ ପତି, କୃଷ୍ଣପ୍ରସାଦ ଦାସ, ରମାକାନ୍ତ ମିଶ୍ର, ସ୍ମିତା ମହାନ୍ତି ପ୍ରମୁଖ।

*ସୌଜନ୍ୟ:- "ଚଳଚ୍ଚିତ୍ର ଜଗତ"*




# ଭାରତରେ କ୍ରୀଡ଼ାର ଅଭିବୃଦ୍ଧି

ସର୍ବବିଧ କ୍ଷେତ୍ରରେ ଭାରତ ଉନ୍ନତିର ଶୀର୍ଷ ସୋପାନ ଦିଗରେ ଅଗ୍ରଗତି କରୁଥିବା ବେଳେ କ୍ରୀଡ଼ାକ୍ଷେତ୍ରରେ ଭାରତ ଅନେକ ପଛରେ ପଡ଼ିଯାଇଥିବା କାହାରିକୁ ବ୍ୟତିବ୍ୟସ୍ତ କରୁଥିବାମାନେ ହୁଏ ନାହିଁ। ଗୋଟିଏ ଦେଶର ସର୍ବବିଧ ଉନ୍ନତିର ଅସଲ ପରିମାପକ ହେଲା ଏହାର କ୍ରୀଡ଼ା କ୍ଷେତ୍ରରେ ଏକ ଆକର୍ଷଣୀୟ ଅଗ୍ରଗତି। ଯଦି ୟୁରୋପୀୟ ଏବଂ ଆମେରିକୀୟ ଦେଶ ଗୁଡ଼ିକ ସହିତ, ଏଭଳିକି ଚୀନ, ଜାପାନ, କୋରିଆ, ଇସ୍ରାଏଲ ଭଳି କିଛି ଏସୀୟ ଦେଶମାନଙ୍କ ସହ ତୁଳନା କରାଯାଏ ତେବେ ପରିଷ୍କାର ଜଣାପଡ଼ିଯାଏ ଯେ ଭାରତ କ୍ରୀଡ଼ା କ୍ଷେତ୍ରରେ କେତେ ପଛୁଆ। ଅଳ୍ପକିଛି କମନଓ୍ୱେଲଥ ଦେଶମାନଙ୍କ ମଧ୍ୟରେ ଆମେ କେବଳ କ୍ରୀକେଟ କ୍ଷେତ୍ରରେ ବହୁତ ଆଗୁଆ ରହିଯାଇ ଗର୍ବ ଓ ଗୌରବନ୍ୱିତ ଅନୁଭବ କରୁଥିଲେ ମଧ୍ୟ ବିଶ୍ୱକ୍ରୀଡ଼ା ମାନଚିତ୍ରରେ ଆମେ ଅତ୍ୟନ୍ତ ଗୌଣ ସ୍ଥାନର ଅଧିକାରୀ। ଠିକ୍ ଯେମିତି ଅର୍ଥନୀତି, କୂଟନୀତି ଓ ସାମାଜିକ ଅଗ୍ରଗତି ପାଇଁ ଯୋଜନାବଦ୍ଧ କାର୍ଯ୍ୟକ୍ରମର ଆବଶ୍ୟକତା ରହିଛି ସେଇଭଳି କ୍ରୀଡ଼ା କ୍ଷେତ୍ରରେ ମଧ୍ୟ ଅନୁରୂପ ଯୋଜନାବଦ୍ଧ ପଦକ୍ଷେପର ଆବଶ୍ୟକତା ରହିଛି।

କ୍ରୀଡ଼ାର ଯେଉଁ କେତେଗୁଡ଼ିଏ ବିଭାଗରେ ବିଶ୍ୱ ମାନଚିତ୍ରରେ ଦେଶର ସ୍ଥିତିକୁ ଉଜ୍ଜ୍ୱଳ କରିବାର ଅଛି ସେଗୁଡ଼ିକ ହେଲା ଫୁଟବଲ, ଟେନିସ, କୁସ୍ତି, ବକ୍ସିଂ, ଦୌଡ଼କୁଦ, ସନ୍ତରଣ, ବ୍ୟାଡ୍‌ମିଣ୍ଟନ ଓ ଟେବୁଲ ଟେନିସ ଭଳି ପ୍ରତିଯୋଗିତା ଯେଉଁଥିରେ ବିଶ୍ୱର ପ୍ରାୟ ଛଅଶହ କୋଟିରୁ ଉର୍ଦ୍ଧ୍ୱ ଜନସଂଖ୍ୟା ଆଗ୍ରହ ପ୍ରଦର୍ଶନ କରି ଅଂଶଗ୍ରହଣକାରୀଙ୍କୁ "ହିରୋ" ର ସମ୍ମାନ ଦେଇଥାଆନ୍ତି। ତୁଳାନତ୍ମକ ଭାବରେ କ୍ରୀକେଟ କ୍ଷେତ୍ରରେ ଜନସାଧାରଣଙ୍କର ଆଗ୍ରହ ଓ ତାରକା ସୃଷ୍ଟିର ଇଚ୍ଛା ଭାରତର ପ୍ରାୟ ଶହେ କୋଟି ଲୋକଙ୍କୁ ବାଦ୍ ଦେଲେ ଲକ୍ଷ କରାଯାଏ ବିଶ୍ୱର କେବଳ ଆଉ ଦଶରୁ ପନ୍ଦର କୋଟି ଲୋକଙ୍କ ମଧ୍ୟରେ। ଶତକଡ଼ା ହିସାବରେ ବିଶ୍ୱର ସମୁଦାୟ କ୍ରୀଡ଼ାପ୍ରେମୀ ଜନସାଧାରଣଙ୍କର ଏହା ଶତକଡ଼ା ଦୁଇଭାଗରୁ ମଧ୍ୟ କମ୍। ଆମେ କିଛି ଭଲ କ୍ରୀକେଟ୍ ଖେଳୁଥିବା ଦେଶ ଭାବରେ କ୍ରୀଡ଼ା କ୍ଷେତ୍ରରେ ଅଗ୍ରଣୀ ବୋଲି ଗର୍ବକରୁ। ଏହା ଅଷ୍ଟ୍ରେଲିଆରେ ଫୁଟି, ଆମେରିକାରେ ବେସ୍‌ବଲ ଏବଂ କେତେକ ମୁଷ୍ଟିମେୟ ଦେଶର ଧନୀକ ଶ୍ରେଣୀର ଲୋକେ ଖେଳୁଥିବା ଗଲ୍‌ଫ ଭଳି କିଛି କ୍ରୀଡ଼ାର ଅନୁରୂପ। ସମଗ୍ର ବିଶ୍ୱରେ କ୍ରୀଡ଼ାର ଲୋକପ୍ରିୟତାକୁ ମାପିଲେ ଦେଖାଯାଏ ଯେ ଫୁଟବଲ, ଦୌଡ଼କୁଦ, କୁସ୍ତି ଓ ବକ୍ସିଂ ହେଲେ ସର୍ବାଧିକ ଲୋକପ୍ରିୟ ଏବଂ ବିଶ୍ୱର ଧନୀକ ଓ ଉନ୍ନତ ଦେଶର ଜନସାଧାରଣଙ୍କ ନିକଟରେ ଟେନିସ ଓ ବ୍ୟାଡ୍‌ମିଣ୍ଟନ ଲୋକପ୍ରିୟତାର ଶୀର୍ଷରେ।

ଏବେ ଭାରତରେ ଯେଉଁ କ୍ରୀଡ଼ା ଗୁଡ଼ିକର ଯୋଜନାବଦ୍ଧ କାର୍ଯ୍ୟକ୍ରମ ଜରିଆରେ ପ୍ରସାର ଓ ମାନବୃଦ୍ଧିର ବ୍ୟବସ୍ଥା କରାଯାଇପାରିବ ସେମାନଙ୍କ ମଧ୍ୟରେ ଫୁଟବଲ ସବୁଠାରୁ ଉପରେ କାରଣ ବିଶ୍ୱର ଏହା ସବୁଠାରୁ ଲୋକପ୍ରିୟ କ୍ରୀଡ଼ା ଏବଂ ଏଥି ନିମନ୍ତେ ଭାରତୀୟଙ୍କ ନିକଟରେ ଆବଶ୍ୟକୀୟ ଆଗ୍ରହ ଓ ଦକ୍ଷତା ରହିଛି। ଲାଟିନ ଆମେରିକୀୟ ଦେଶ ବ୍ରାଜିଲ ଓ ଆର୍ଜେଣ୍ଟିନା ଭଳି ଭାରତୀୟ ଖେଳାଳୀଙ୍କର ସମାନ ଦକ୍ଷତା ରହିଛି। ଅଧିକନ୍ତୁ ଏସୀୟ ମହାଦେଶରେ ପଚଶ ଓ ଷାଠିଏ ଦଶକରେ ସର୍ବଶ୍ରେଷ୍ଠ ଚାରୋଟି ଦଳ ମଧ୍ୟରେ ଭାରତ ସ୍ଥାନ ପାଇଥିଲା। କୋରିଆ, ଜାପାନ, ଚୀନ, ଇରାନ ଓ କିଛି ଆରବ ଉପସାଗରୀୟ ଦେଶ ଭାରତ ଠାରୁ ସେତେବେଳେ କମ୍ ମାନ୍ୟତାରେ ଥାଇ ମଧ୍ୟ ଯୋଜନାବଦ୍ଧ ଭାବରେ ସେମାନଙ୍କର ଫୁଟବଲ ଖେଳିବାର ଦକ୍ଷତାରେ ଅସାମାନ୍ୟ ଅଭିବୃଦ୍ଧି ଘଟାଇ ଆଜି ବିଶ୍ୱ ଫୁଟବଲ ମାନଚିତ୍ରରେ ନିଜ ଦେଶ ପାଇଁ ସ୍ଥାନ ସୃଷ୍ଟି କରିଛନ୍ତି ଏବଂ ଭାରତ ତା'ର ସ୍ଥାନଟିକୁ ସଂପୂର୍ଣ୍ଣ ହରାଇସାରିଛି। ବାସ୍ତବ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ଠିକ୍ ଭାରତୀୟ କ୍ରୀକେଟ୍ ବୋର୍ଡ଼ର ପରିଚାଳନା ଢାଞ୍ଚାରେ ସରକାର ଓ କିଛି କର୍ପୋରେଟ୍‌ଙ୍କ ଭାଗିଦାରୀରେ ଯଦି କିଛି ସକ୍ରିୟ ଯୋଜନାବଦ୍ଧ କାର୍ଯ୍ୟକ୍ରମ ଗ୍ରହଣ କରାଯାଇପାରିବ ତାହେଲେ ଭାରତୀୟଙ୍କର ଆଗ୍ରହ ଓ ଦକ୍ଷତା ଯଥାର୍ଥ ଭାବରେ ଫୁଟବଲ କ୍ଷେତ୍ରରେ ମଧ୍ୟ ପ୍ରଦର୍ଶିତ ହୋଇପାରିବ। ଏଥିପାଇଁ ଭିତ୍ତିଭୂମି, ଅର୍ଥ ବରାଦ

ଓ ଆର୍ଥିକ ପ୍ରୋତ୍ସାହନ ଏକାନ୍ତ ଜରୁରୀ। ହକିର ପୁନରୁଦ୍ଧାର ପାଇଁ କରାଯାଇଥିବା ପ୍ରଚେଷ୍ଟାରେ ଏଇ ଢାଞ୍ଚା କିଛିଟା ପରିଲକ୍ଷିତ ହୋଇଥିଲେ ମଧ୍ୟ ତା'ଠାରୁ ଆହୁରି ଅଧିକ କିଛି କରାଯିବାର ଆବଶ୍ୟକତା ରହିଛି।

ଦୌଡ଼କୁଦରେ ଭାରତ ପଛୁଆ ରହିଥିବା ଉଦ୍‌ବେଗଜନକ। କୁସ୍ତି ଓ ବକ୍ସିଂର କିଛି ଉନ୍ନତି ଘଟିଥିଲେ ମଧ୍ୟ ଏହା ପର୍ଯ୍ୟାପ୍ତ ନୁହେଁ। ଏଇ ଖେଳଗୁଡ଼ିକର ବିକାଶ ନିମନ୍ତେ ଭିତ୍ତିଭୂମି ନିମନ୍ତେ ବିଶେଷ ଖର୍ଚ୍ଚ କରିବାକୁ ନହେଲେ ମଧ୍ୟ ଉପଯୁକ୍ତ ଭିତ୍ତିଭୂମି ସୃଷ୍ଟି କରିବାକୁ ଭଲ ଯୋଜନାର ଆବଶ୍ୟକତା ରହିଛି। ମନେ ରଖିବାକୁ ହେବ ଯେ ଏଭଳି କ୍ରୀଡ଼ାର ବିକାଶ ନିମନ୍ତେ ଭିତ୍ତିଭୂମି ସହିତ ପ୍ରୋତ୍ସାହନ ମଧ୍ୟ ଜରୁରୀ ଯାହାକି କିଛିଟା ଖର୍ଚ୍ଚସାପେକ୍ଷ। କ୍ରିକେଟ ଭଳି ଏଇ ସବୁ ଖେଳଗୁଡ଼ିକ ମଧ୍ୟ ଯୁବଗୋଷ୍ଠୀ ମଧ୍ୟରେ ପର୍ଯ୍ୟାପ୍ତ ରୋଜଗାରର ସମ୍ଭାବନା ସୃଷ୍ଟି କରିବାର ସୁଯୋଗ ତିଆରି କରିବାର ଅଛି। ଆମ ଦେଶର ଯେଉଁ ରାଜ୍ୟଗୁଡ଼ିକ ଏହାର ଅଧିବାସୀଙ୍କର ଶାରୀରିକ ଦକ୍ଷତା ପାଇଁ ପରିଚିତ ସେଇମାନେ ହିଁ ଏ ଯୋଜନାର ମୁଖ୍ୟ ଉପଭୋକ୍ତା ହୋଇପାରିବେ। ସମୁଦାୟ ଲୋକସଂଖ୍ୟା ମଧ୍ୟରୁ ପ୍ରାୟ କୋଡ଼ିଏ ପ୍ରତିଶତ ଭାଗ ଜନଜାତି ଓ ପଞ୍ଜାବ, ହରିଆଣା, ବିହାର, ମଧ୍ୟ ଭାରତର ତଥା ପଶ୍ଚିମ ଭାରତର କିଛି ରାଜ୍ୟ ଏବଂ ଉତ୍ତରପୂର୍ବାଞ୍ଚଳର ଅଧିବାସୀମାନେ ଏଭଳି କ୍ରୀଡ଼ାର ଏଇ ବିଭାଗଗୁଡ଼ିକ ରୁଦ୍ଧିମନ୍ତ କରାଇପାରିବା ଆପାତତଃ ନିଶ୍ଚିତ କିନ୍ତୁ ଏଥିପାଇଁ ଭାରତ ସରକାରଙ୍କ ଯୋଜନା ଓ ରାଜ୍ୟମାନଙ୍କୁ ସମର୍ଥନ ଏକାନ୍ତ ଆବଶ୍ୟକ। ଆମର ଯୋଜନା ବିଷାରଦମାନେ ବୋଧହୁଏ ପର୍ଯ୍ୟାପ୍ତ ଭାବରେ ଅନୁଭବ କରିପାରିନାହାନ୍ତି ଯେ ଏଇ ସବୁ କ୍ରୀଡ଼ା ଗୁଡ଼ିକରେ ଅଗ୍ରଗତି ଭାରତର ଅର୍ଥନୀତିକୁ ସମୃଦ୍ଧ କରିବା ସହିତ ଦେଶକୁ ଏକ ବିକାଶଶୀଳ ରାଷ୍ଟ୍ର ଭାବରେ ଛିଡ଼ା କରାଇପାରିବ।

ଟେନିସ, ବ୍ୟାଡ଼ମିଣ୍ଟନ ଓ ଟେବୁଲ ଟେନିସ ଭଳି କ୍ରୀଡ଼ାରେ ଭାରତୀୟ କର୍ପୋରେଟମାନେ ଅଗ୍ରଣୀ ଭୂମିକା ନେବା ଉଚିତ। ସେମାନଙ୍କର ସି.ଏସ୍.ଆର ପାଣ୍ଠିର ସିଂହଭାଗ ଏଭଳି କ୍ରୀଡ଼ା କ୍ଷେତ୍ରରେ ବିନିଯୋଗ କରାଯିବା ନିମନ୍ତେ ଏକ ସରକାରୀ ନୀତି ପ୍ରଣୟନ ମଧ୍ୟ ଆବଶ୍ୟକ ଯେଭଳିକି ସେମାନଙ୍କ ସହଯୋଗିତାରେ ସରକାର ଭିତ୍ତିଭୂମି ତିଆରି ଓ ପ୍ରୋତ୍ସାହନ ନିମନ୍ତେ ନିଜସ୍ୱ ନୀତି ପ୍ରଣୟନ କରିବେ। ବହୁ ବିଳମ୍ବରେ ହେଲେ ମଧ୍ୟ ଆମ ଦେଶ ପର୍ଯ୍ୟଟନକୁ ଏହିସବୁ ଦୃଷ୍ଟିରୁ ଗୁରୁତ୍ୱ ପ୍ରଦାନ କରିବା ଆରମ୍ଭ କରିଛି ଏବଂ ଠିକ୍ ସେଇଭଳି ବିଳମ୍ବରେ ହେଲେ ମଧ୍ୟ ଆମର ଯୋଜନା ପ୍ରଣୟନକାରୀମାନେ କ୍ରୀଡ଼ା ଉପରେ ଦୃଷ୍ଟି ଦେବାଟା ଠିକ୍ ହେବ।

ଏଠାରେ ଗୋଟିଏ ବିଷୟ ପ୍ରଣିଧାନ ଯୋଗ୍ୟ ଯେ କୌଣସି କ୍ରୀଡ଼ାରେ ଉତ୍ତମ ସଫଳତା ଦେଶକୁ ଗୌରାବନ୍ୱିତ କରାଇବା ସହିତ ସେହି ନିର୍ଦ୍ଦିଷ୍ଟ କ୍ରୀଡ଼ା ପ୍ରତି ଲୋକମନରେ ଅଧିକ ଆଗ୍ରହ ଓ ଉତ୍ସାହ ସୃଷ୍ଟିକରିଥାଏ। ସେହି କାରଣରୁ ସେଇ କ୍ରୀଡ଼ାରେ ଅଧିକରୁ ଅଧିକ ଖେଳାଳୀ ସୃଷ୍ଟି ହୁଅନ୍ତି ଗୌରବ ଏବଂ ସ୍ୱୀକୃତି ଆକାଂକ୍ଷାରେ। ତିନି ଦଶନ୍ଧି ଧରି ହକିଖେଳରେ ଭାରତର ଚରମ ଅଧୋଃଗତି ଜନମନରେ ହକି ପ୍ରତି ବିତୃଷ୍ଣା ଜନ୍ମାଇଦେଇଥିଲା। ଏହାଫଳରେ ଅଧିକ ଭଲ ଖେଳାଳୀ ବାହାରି ପାରୁନଥିଲେ ଏବଂ କେହି କେହି ଭଲ ଖେଳିଲେ ମଧ୍ୟ ସ୍ୱୀକୃତି ଓ ଅର୍ଥପ୍ରାପ୍ତି ନଥିଲା। ବିଗତ ଅଲିଂପିକ୍ ଓ ବିଶ୍ୱକପ୍‌ରେ ଭାରତର ବ୍ରୋଞ୍ଜ ପଦକ ଲାଭ ହକିକୁ ଇତିମଧ୍ୟରେ ଲୋକପ୍ରିୟ କରାଇଦେଇଛି। ସେଇ ପ୍ରକାରର ସଫଳତା ପାଇଲା ପରେ ମହିଳା ହକି ମଧ୍ୟ ଲୋକପ୍ରିୟ ହୋଇପାରିଛି। ଠିକ୍ ସେଇଭଳି ଟେନିସ୍‌ରେ ସାନିଆ ମିର୍ଜା, ମହେଶ ଭୂପତି ଓ ଲିଆଣ୍ଡର ପେସ୍‌ଙ୍କର ସଫଳତା ଭାରତୀୟ ଟେନିସ୍‌ରେ ନୂଆ ଉତ୍ସାହ ଭରିଦେଇଛି। ବ୍ୟାଡ଼ମିଣ୍ଟନରେ ମଧ୍ୟ ସାଇନା ନେହୱାଲ, ସିନ୍ଧୁ ଓ ଲକ୍ଷ ସେନଙ୍କର ସଫଳତା ଅନୁରୂପ ଜାଗରଣ ସୃଷ୍ଟି କରିଛି ବ୍ୟାଡ଼ମିଣ୍ଟନ ଜଗତରେ। ଅବଶ୍ୟ ଏହି କ୍ଷେତ୍ରରେ ପ୍ରକାଶ ପାଦୁକୋନେ ଓ ସଇଦ ମୋଦୀଙ୍କ ଭଳି ଖେଳାଳୀଙ୍କର ଅତୀତର ସଫଳତା ହିଁ ଏଭଳି ବାତାବରଣ ସୃଷ୍ଟିକରିପାରିଛି। ବକ୍ସିଂ ଓ କୁସ୍ତିରେ କିଛି କିଛି ସଫଳତା ଓ ଭାରୋତ୍ତୋଳନ କିଛି ଭଲ ପ୍ରଦର୍ଶନ ମଧ୍ୟ ଉଭୟ କ୍ରୀଡ଼ା କ୍ଷେତ୍ରରେ ଯଥେଷ୍ଟ ଉତ୍ସାହ ସୃଷ୍ଟି କରିପାରିଛି। "ସଫଳତାର ଦାବୀଦାର ହେବାକୁ ସମସ୍ତେ ଆଗ୍ରହ।" ଏଇ ତତ୍ତ୍ୱ ହିଁ ଖେଳଜଗତରେ ଉତ୍ସାହ ସୃଷ୍ଟି କରିବାରେ ଏକ ମୂଳମନ୍ତ୍ର ବୋଲି ବିଚାର କରାଯାଇପାରେ। ସାମୟିକ ସଫଳତା ଅପେକ୍ଷା ଲଗାତର ସଫଳତା ଏହି ଉତ୍ସାହ ଦେବା ପ୍ରକ୍ରିୟାକୁ ଅଧିକ ସକ୍ରିୟ କରିଥାଏ।

ଏଇ ପରିପ୍ରେକ୍ଷୀରେ ଏହା ଏକାନ୍ତ ଭାବରେ ଆବଶ୍ୟକ ଯେ ଜନସାଧାରଣଙ୍କର ଆଗ୍ରହ ଓ ସରକାରଙ୍କର ଲକ୍ଷ୍ୟ ଓ ଅଭିପ୍ରାୟରେ ପର୍ଯ୍ୟାପ୍ତ ପରିବର୍ତ୍ତନ ତଥା ସକାରାତ୍ମକତାର ଉଦ୍ରେକ ହେବା ଜରୁରୀ। କେବଳ ଏଭଳି ହୋଇ ପାରିଲେ ହିଁ କ୍ରୀଡ଼ା ମାନଚିତ୍ରରେ ଆମ ଦେଶର ଦେଢ଼ଶହ କୋଟି ଜନସାଧାରଣ ବିଶ୍ୱ ମାନଚିତ୍ରରେ ଉପଯୁକ୍ତ ସ୍ଥାନ ପାଇପାରିବେ।

ଜ୍ୟୋତିଷ ବିଚାର



# ମାସିକ ରାଶିଫଳ


## (ତା: ୧୫/୧୦/୨୦୨୫ ରୁ ତା: ୧୪/୧୧/୨୦୨୫)

ଜ୍ୟୋତିର୍ବିଦ- ବିଶ୍ୱନାଥ ନାୟକ



**ମେଷ:-** ମାସଟି ଆପଣଙ୍କ ନିମିତ୍ତ ମଧ୍ୟମ ଶୁଭଫଳ ଦାୟକ ହେଲେବି ମଝିରେ ମଝିରେ ମାନସିକ ଅଶାନ୍ତି ଓ ଶାରିରୀକ ଦୁର୍ବଳତା ଦେଖାଦେଲେ ଆଶ୍ଚର୍ଯ୍ୟ ଚକିତ ହେବାର ନାହିଁ। ପାରିବାରିକ ଅଶାନ୍ତି ଯୋଗେ କର୍ମର ଗତିପଥ ଲମ୍ବାହେବ ଏବଂ ଗତି ଶିଥିଳତା ହେବ। ତେବେ କର୍ମ ଅଟକିଯିବାର ଆଶଙ୍କା ନାହିଁ। ସମସ୍ତ ପ୍ରକାରର ନକାରାତ୍ମକ ପରିବେଶକୁ ଧୈର୍ଯ୍ୟ ଓ ସାହାସର ସହିତ ମୁକାବିଲା କରି ଆଗେଇବେ। ଉତ୍ତମ ବନ୍ଧୁ ଓ ଗୁରୁଜନମାନଙ୍କର ଆଶୀର୍ବାଦ ଓ ପ୍ରେରଣା ମନରେ ଉତ୍ସାହ ଜାତ କରିବ। ଅଜଣା ବ୍ୟକ୍ତି କେହି ଦେବଦୂତ ସାଜି ସାହାଯ୍ୟ କରିପାରନ୍ତି। ସାମାଜିକ ସ୍ତରରେ ଆଶୀର୍ବାଦର ପାତ୍ର ହେବେ। ବିବାଦୀୟ କ୍ଷେତ୍ର ସହଜ ସରଳ ହେବ। ମନର ଦୁର୍ବଳତା ଅନ୍ୟ ଆଗରେ ପ୍ରକାଶ ନ କରିବା ଭଲ। ଦେବ କାର୍ଯ୍ୟରେ ଶ୍ରଦ୍ଧା ବଳିବ। ମାଙ୍ଗଳିକ କାର୍ଯ୍ୟରେ ଯୋଗଦାନ କରିବେ। ଆର୍ଥୀକ ଦିଗ କାମଚଳା ପରିବେଶ ଦେଇ ଗତି କରିବ। ବେପାର ବାଣିଜ୍ୟରେ ଉତ୍ତମ ମନୋନିବେଶ କରି କାରବାର ଚଳାଇବେ। ସୁଖ ଭ୍ରମଣର ଯୋଗ ଅଛି। ଖାଦ୍ୟ ଓ ପୋଷାକର ରୁଚି ବଢ଼ିବ। ଥଣ୍ଡା କାଶ ଓ ଅମ୍ଳରୋଗର ଶିକାର ହୋଇପାରନ୍ତି। ପାରିବାରିକ ଜୀବନରେ ଚିନ୍ତା ଓ ଦାୟିତ୍ୱର ବୋଝ ବଢ଼ିବ। ମହିଳାମାନେ ଦାୟିତ୍ୱ ନିର୍ବାହରେ କଲବଲ ହୋଇପାରନ୍ତି। ଭୋଗ ବିଳାସ ନିମିତ୍ତ ସୁଯୋଗ ହାତଛଡ଼ା ହେବନାହିଁ। ବିଦ୍ୟାର୍ଥୀମାନେ କୃତକାର୍ଯ୍ୟ ହେବେ।

ଅଶୁଭ ଦିବସ:- ୩୦, ୧, ୧୦, ୧୧, ୧୨ ଅଷ୍ଟମଚନ୍ଦ୍ର:- ୨୦, ୨୧, ୨୨ ଘାତଚନ୍ଦ୍ର:- ୨, ୩ ବାକିଦିନ ଶୁଭ।



**ବୃଷ:-** ଶୁଭାଶୁଭ ମିଶ୍ରିତଫଳ ମାସଟିରେ ପ୍ରାପ୍ତ ହେଲେବି ପୂର୍ବ ତୁଳନାରେ ପରିସ୍ଥିତି ସୁଧାର ହେବ। କର୍ମକ୍ଷେତ୍ରରେ ଆଗକୁ ଆଗକୁ ମାଡ଼ି ଚାଲିବାର ପଥ ପରିଷ୍କାର ହେବ। ଗଠନମୂଳକ ଚିନ୍ତାଧାରାର ପ୍ରତିପୋଷକ ହେବେ। କର୍ତ୍ତବ୍ୟ କର୍ମରେ ନିଜକୁ ସାମିଲ କରି ଭବିଷ୍ୟତ ଯୋଜନାର ମାନଚିତ୍ର ଆଙ୍କିବେ। ଗୁରୁଜନମାନଙ୍କର ଆଶୀର୍ବାଦ ଓ ଦୈବୀକୃପା ସଫଳ କାମ କରାଇବ। ଶତ୍ରୁମାନେ ଦୁର୍ବଳ ହୋଇପଡ଼ିବା କାରଣରୁ ନିରୁପଦ୍ରବ ଜୀବନଚର୍ଯ୍ୟାର ଅବକାଶ ମିଳିବ। ସାମାଜିକ ସ୍ତରରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିପାରନ୍ତି। ବିବାଦୀୟ କ୍ଷେତ୍ରରୁ ଆତଙ୍କିତ ହେବାର ନାହିଁ। ଆର୍ଥୀକ ସ୍ଥିତି ପୂର୍ବ ତୁଳନାରେ ମଜବୁତ ହେବ। ବନ୍ଧୁ ମିଳନ ଓ ଦୂରଭ୍ରମଣରୁ ଆନନ୍ଦ ପାଇବେ। ବ୍ୟକ୍ତିତ୍ୱର ପରିପ୍ରକାଶ ଘଟିବ। ଆପଣାରମାନେ ଈର୍ଷା କରିପାରନ୍ତି। କେହି କେହି ସମାଲୋଚନା କଲେବି ଭ୍ରୂକ୍ଷେପ ନ କରି ନିଜ ବାଟରେ ଗତିଶୀଳ ହେବେ। ଖାଦ୍ୟପେୟରେ ସନ୍ତୁଳନ ରକ୍ଷା କରିବା ଆବଶ୍ୟକ। ଥଣ୍ଡା ଓ ପେଟରୋଗ ଦେଖାଦେଇପାରେ, ଧୈର୍ଯ୍ୟ ଧାରଣ ଏକାନ୍ତ ଆବଶ୍ୟକ। ପାରିବାରିକ ଜୀବନରେ ବ୍ୟତିକ୍ରମ ଦେଖାଦେବ। ମହିଳାମାନେ ଚିନ୍ତାଶୀଳ ହେବେ। କର୍ମରେ ବାଧା ଉପୁଜିବ ନାହିଁ। ବିଦ୍ୟାର୍ଥୀମାନେ ବିଦ୍ୟାପଟୁ ହେବେ।

ଅଶୁଭ ଦିବସ:- ୨, ୩, ୬, ୭ ଅଷ୍ଟମଚନ୍ଦ୍ର:- ୨୩, ୨୪ ଘାତଚନ୍ଦ୍ର:- ୧୫, ୧୬, ୧୭, ୧୩, ୧୪ ବାକିଦିନ ଶୁଭ।



**ମିଥୁନ:-** ଚଳିତ ମାସଟି ଆପଣଙ୍କ ପକ୍ଷେ ପୂର୍ବ ତୁଳନାରେ ଶୁଭାଧିକ୍ୟ ହେବ। କର୍ମପଥରେ ବିନା ବାଧାରେ ଅଗ୍ରଗତି କରିବେ। ପୂର୍ବର ଅନେକ ଅଶାନ୍ତି ଓ ଦୁଶ୍ଚିନ୍ତା ଅପସରି ଯିବା ଯୋଗେ ମନରେ ସାହାସ ଓ ଆଗ୍ରହ ପରିଲକ୍ଷିତ ହେବ। ଉପରିସ୍ଥ ମାନଙ୍କ ପ୍ରେରଣା ଓ ସହକର୍ମୀମାନଙ୍କ ସହଯୋଗ ଉଦ୍‌ବୁଦ୍ଧ କରିବ। ବକେୟା କର୍ମର ପରିସମାପ୍ତି ଘଟାଇ ନୂତନ ଆଶାପୋଷଣ କରିପାରନ୍ତି। ସାମାଜିକ କ୍ଷେତ୍ରରେ ଅବହେଳିତ ହେବାର ଆଶଙ୍କା ନାହିଁ। କର୍ମରେ ପ୍ରବୃତ୍ତ ହେବା ଯୋଗେ ଅନେକ ନକାରାତ୍ମକ ଚିନ୍ତାଧାରା ହ୍ରାସ ପାଇବ। ବିବାଦୀୟ କ୍ଷେତ୍ରରୁ ଫାଇଦା ଉଠାଇବେ। ପତିତ ଧନ ହାତକୁ ଆସିବା ଫଳରେ ଅର୍ଥନୈତିକ ଅବସ୍ଥାରେ ସୁଧାର ଆସିବ। ବେପାର ବାଣିଜ୍ୟରୁ ଦୁଇପଇସା ଠୁଳ କରିପାରିବେ। ନିର୍ମାଣ କାର୍ଯ୍ୟ ଆଗେଇ ଚାଲିବ। ଭ୍ରମଣରୁ ମଜା ଉଠାଇପାରନ୍ତି। ବ୍ୟକ୍ତିତ୍ୱର ପରିସ୍ଫୁଟତ ହେବ। ପ୍ରତିଯୋଗିତାରେ

କୃତିତ୍ୱ ହାସଲ କରିବେ। ସ୍ନାୟବିକ ଦୁର୍ବଳତା ଓ ଥଣ୍ଡା ଜ୍ୱର ଆକ୍ରାନ୍ତ କରିବ। ପାରିବାରିକ ପରିବେଶ ଅତିଷ୍ଠ କରିବନାହିଁ।
ମହିଳାମାନେ ସୁଖ ଓ ଆନନ୍ଦର ସହିତ ସମୟ ବିତାଇବେ। ନେତୃତ୍ୱ ଶାନ୍ତି ବୃଦ୍ଧିପାଇବ। ବିଦ୍ୟାର୍ଥୀମାନେ ଦିଗହରା ହେବେନାହିଁ।
ଅଶୁଭ ଦିବସ:- ୧୮, ୧୯, ୪, ୫, ୮, ୯ ଅଷ୍ଟମଚନ୍ଦ୍ର:- ୨୫, ୨୬, ୨୭ ଘାତଚନ୍ଦ୍ର:- ୨୮, ୨୯ ବାକିଦିନ ଶୁଭ।




**କର୍କଟ:-** ମାସଟି ଆପଣଙ୍କ ପକ୍ଷେ ପୂର୍ବ ତୁଳନାରେ ସହାୟକ ହେବ। କର୍ମପଥରେ ବାଧାବିଘ୍ନ ଉପଗତ ହେଲେବି ଗତିପଥ ସଙ୍କୁଚିତ ହେବନାହିଁ। ଉପରିସ୍ଥ ମାନଙ୍କଠାରୁ ସ୍ନେହ ଓ ପ୍ରେରଣା ଲାଭ କରିବାଦ୍ୱାରା ସାହାସ ଜୁଟିବ। ଏକନିଷ୍ଠ ଚିନ୍ତାଧାରା ଓ ଦୈବୀକୃପା ଯୋଗେ ସମସ୍ତ ପରିବେଶକୁ କରାୟତ୍ତ କରିବାରେ ସମର୍ଥ ହେବେ। ଉତ୍ସର୍ଗୀକୃତ ମନୋଭାବ ପୋଷଣ କରି କର୍ମରେ ଲିପ୍ତ ରହିବା ଫଳରେ ଅନେକ ଅବଶୋଷ ଓ ଦୁଶ୍ଚିନ୍ତା ଲାଘବ ହେବ। ଭାବ ପ୍ରବଣତାକୁ ପ୍ରଶସ୍ତ ଦେବେନାହିଁ। ଆକାଂକ୍ଷିତ କର୍ମରେ ସଫଳତା ମିଳିବ। ନୂତନ ଯୋଜନା ହାତେଇ ପାରନ୍ତି। ସାମାଜିକ ସ୍ତରରେ ପଛେଇଯିବାର ଆଶଙ୍କା ରୂପନେବ ନାହିଁ। ଆର୍ଥୀକ ସ୍ଥିତି କ୍ରମଶଃ ସୁଧାର ହେବ। ବେପାର ବାଣିଜ୍ୟରେ ନୂତନ କୌଶଳ ପ୍ରୟୋଗ କରିବେ। ଦାୟିତ୍ୱର ପରିସର ବୃଦ୍ଧିପାଇବ। ମାଙ୍ଗଳିକ କାର୍ଯ୍ୟର ପଦଧ୍ୱନି ଶୁଣାଯାଇପାରେ। ବନ୍ଧୁମିଳନର ଯୋଗ ଅଛି। ସ୍ୱଜନ ଓ ସନ୍ତାନମାନଙ୍କ ଯୋଗେ ଚିନ୍ତିତ ହୋଇପାରନ୍ତି। ପିତ୍ତଦୋଷ ଓ ଥଣ୍ଡା ଜ୍ୱର ଦେଖାଦେବ। ପାରିବାରିକ ସ୍ନେହ ଅତୁଟ ରହିବ। ମହିଳାମାନେ ନିଜ ଚିନ୍ତାଧାରାକୁ ପ୍ରାଧାନ୍ୟ ଦେବେ। ଆଶାର ପରିସର ବୃଦ୍ଧି ଘଟିବ। ବିଦ୍ୟାର୍ଥୀମାନେ ପରିଶ୍ରମକୁ ପାଥେୟ କରି ଆଗେଇବେ।
ଅଶୁଭ ଦିବସ:- ୨୦, ୨୧, ୨୨ ଅଷ୍ଟମଚନ୍ଦ୍ର:- ୨୮, ୨୯ ଘାତଚନ୍ଦ୍ର:- ୧୦, ୧୧, ୧୨ ବାକିଦିନ ଶୁଭ।



**ସିଂହ:-** ଆପଣଙ୍କ ନିମିତ୍ତ ମାସଟି ଶୁଭଫଳ ପ୍ରଦାୟକ ହେବାର ସୂଚନା ଅଛି। ପୂର୍ବରୁ ବାକିପଡ଼ିଥିବା କାର୍ଯ୍ୟର ପୂର୍ଣ୍ଣତା ଦେବା ସହିତ ନୂତନ କାର୍ଯ୍ୟର ଶୁଭାରମ୍ଭ କରି ଅଗ୍ରଗତି କରିବେ। ପରିବେଶ ଓ ପରିସ୍ଥିତି ଅନୁକୂଳ ହେବା ଯୋଗେ କର୍ମର ଗତି ସାବଲୀଳ ହେବ। ସାହାଯ୍ୟ ଓ ସହଯୋଗର ହାତମାନ ଲମ୍ବି ଆସିବା ଫଳରେ ଉତ୍ସାହର ସହିତ କର୍ମ ସଂପାଦନ କରିବେ। ଗଠନ ମୂଳକ କାର୍ଯ୍ୟରେ ତତ୍ପରତା ବୃଦ୍ଧି ପାଇବ। ଶତ୍ରୁମାନଙ୍କୁ ଅକ୍ଳେଶରେ ଆୟତ୍ତ କରିବାର ମଉକା ମିଳିବ। ସାମାଜିକ କ୍ଷେତ୍ରରେ ନିଜର ମାନ ଇଜ୍ଜତ ଅକ୍ଷୁର୍ଣ୍ଣ ରହିବ। ସାଙ୍ଗଠନିକ କାର୍ଯ୍ୟରେ ଛାମୁଆ ଭୂମିକା ନିର୍ବାହ କରିବେ। ମାଙ୍ଗଳିକ କାର୍ଯ୍ୟରେ ଆଗୁଆ ହେବେ। ରକ୍ତ ସଂପର୍କୀୟମାନେ କପଟତା ଆଚରଣ କରିପାରନ୍ତି। ଭ୍ରମଣରୁ ସୁଖ ଓ ମାନସିକ ଶାନ୍ତି ମିଳିବ। ପରିଶ୍ରମ ଓ କୌଶଳ ଦ୍ୱାରା ଅସମ୍ଭବକୁ ସମ୍ଭବରେ ପରିଣତ କରିବେ। ଆର୍ଥୀକ ଦିଗରୁ ଉପକୃତ ହେବାର ସମୟ। ଚରଣ ପରିଶୋଧରେ ସକ୍ଷମ ହେବେ। ରକ୍ତ ଶର୍କରା ଓ ପିତ୍ତ ଦୋଷ ଦେଖାଦେବ। ପାରିବାରିକ ଜୀବନରେ ବୁଝାମଣାର ଅଭାବ ଦେଖାଦେଲେ ବି ତାହା ସୀମା ଲଙ୍ଘନ ହେବନାହିଁ। ମହିଳାମାନେ ନିଜ ମର୍ଜିରେ ଚାଲିବେ। ଅର୍ଥାଭାବ ତଥା ମନସ୍ତାପ ଦେଖାଦେବ ନାହିଁ। ବିଦ୍ୟାର୍ଥୀମାନେ ଆଗକୁ ଆଗକୁ ମାଡ଼ି ଚାଲିବେ।
ଅଶୁଭ ଦିବସ:- ୧୫, ୧୬, ୧୭, ୧୩, ୧୪ ଅଷ୍ଟମଚନ୍ଦ୍ର:- ୩୦, ୧ ଘାତଚନ୍ଦ୍ର:- ୨୫, ୨୬, ୨୭ ବାକିଦିନ ଶୁଭ।



କନ୍ୟା:- ମାସଟି ଆପଣଙ୍କୁ ଶୁଭଫଳ ପ୍ରଦାନ କରି ହର୍ଷମୁଖର କରିପାରେ। ଶାରିରୀକ ଓ ମାନସିକ ଅବସ୍ଥାରେ ଉନ୍ନତି ଘଟିବା ଯୋଗେ କର୍ମକ୍ଷେତ୍ରରେ ନିରଳସ ଭାବେ କର୍ତ୍ତବ୍ୟ ସଂପାଦନ କରିବେ। ଦକ୍ଷତା ଓ ଯୋଜନା ବଦ୍ଧତାକୁ ଆଧାର କରି କର୍ମକ୍ଷେତ୍ରରେ ଉଚ୍ଚଭୂମିକା ନିର୍ବାହ କରିବାର ସୁଯୋଗ ଉପଗତ ହେବ। ଅଭୀଷ୍ଟ ପ୍ରାପ୍ତି ନିମିତ୍ତ ଯତ୍ନବାନ ହେବେ। ଅଭିଳାଷ ପୂରଣ ହେବାର ସମୟ। ଶତ୍ରୁମାନେ ହୀନବଳ ହେବା ଫଳରେ କାର୍ଯ୍ୟ ସାଧନ ସରଳ ହେବ। ସାମାଜିକ ସ୍ତରରେ ମୁଣ୍ଡ ଉଚ୍ଚା ରଖି ଚାଲିବେ। ବିବାଦୀୟ କ୍ଷେତ୍ରରୁ ବିଜୟର ଆଶା ଅଧିକ। ବେପାର ବାଣିଜ୍ୟରେ ନୂତନ ଅଧ୍ୟାୟ ସୃଷ୍ଟି କରାଇପାରନ୍ତି। ଦେବକର୍ମରେ ନିଜକୁ ନିୟୋଜିତ କରିବେ। ଆର୍ଥୀକ କାରବାରରେ ସାବଧାନତା ଅବଲମ୍ବନ କରିବା ଆବଶ୍ୟକ। ନୂତନ ସୌଖୀନ ଦ୍ରବ୍ୟର ଉପଭୋକ୍ତା ହେବେ। ବନ୍ଧୁମେଳରେ ସମୟ ବିତିବ। ପୁରୁଣା ରୋଗ ବ୍ୟାଧିରୁ ଉପଶମ ପାଇବେ। ହଠାତ୍ ଧନପ୍ରାପ୍ତିର ଯୋଗ ଅଛି। ଆଶା ପୂରଣ ନିମିତ୍ତ କିଛିଟା ସମୟର ଆବଶ୍ୟକତା ଅଛି। ସ୍ନାୟୁ ଦୋଷ ଓ ଦୃଷ୍ଟି ଦୋଷ ବ୍ୟଥିତ କରିପାରେ। ପାରିବାରିକ ଜୀବନରେ ମନ ମିଳାଇ ଚଳିଲେ ଦୁଶ୍ଚିନ୍ତାର ଶିକାର ହେବେନାହିଁ। ମହିଳାମାନେ ପ୍ରତ୍ୟେକ କ୍ଷେତ୍ରରେ ବିଜୟ ହାସଲ କରିବେ। ଈଶ୍ୱର ବିଶ୍ୱାସ ବୃଦ୍ଧିପାଇବ। ବିଦ୍ୟାର୍ଥୀମାନେ ପରିଶ୍ରମକୁ କଷ୍ଟ ମଣିବେ।
ଅଶୁଭ ଦିବସ:- ୧୮, ୧୯, ୨୩, ୨୪ ଅଷ୍ଟମଚନ୍ଦ୍ର:- ୨, ୩ ଘାତଚନ୍ଦ୍ର:- ୬, ୭ ବାକିଦିନ ଶୁଭ।



**ତୁଳା:-** ଚଳିତ ମାସଟିରେ ଆପଣ ଶୁଭାଶୁଭ ମିଶ୍ରିତଫଳ ପ୍ରାପ୍ତ ହେବେ। ଜଂଜାଳ ଓ ଦାୟିତ୍ୱ ମଧ୍ୟରେ ଚାପିହୋଇ ରହିଲେବି କର୍ମକୁ ଅଣହେଳା କରିପାରିବେ ନାହିଁ। ଅନ୍ୟ ଉପରେ ଆଶା ଭରସା କରିବା ଉଚିତ ହେବନାହିଁ। ପ୍ରତ୍ୟେକ ନିଜ ନିଜର ସ୍ୱାର୍ଥ ପ୍ରତି ଦୃଷ୍ଟିଦେବେ। ବେଳେବେଳେ ପରିସ୍ଥିତିର ଚାପରେ ପଡ଼ି ଅଣନିଶ୍ୱାସୀ ହେଲେ ପନ୍ଥା ଅନ୍ୱେଷଣ କରିବା ସହଜ ହେବନାହିଁ। ଧୈର୍ଯ୍ୟ, ନିଷ୍ଠା ଓ ଈଶ୍ୱର ବିଶ୍ୱାସ ଦ୍ୱାରା ସମସ୍ତ ପ୍ରକାରର ଜଟିଳ ପରିବେଶରୁ ସହଜ ଉଦ୍ଧାର ମିଳିବ। କର୍ମପଥର ଅଡୁଆ ପରିସ୍ଥିତିକୁ ଆୟତ୍ତକୁ ଆଣି ଆଗେଇବେ। ମନର ବ୍ୟଥା ଓ ଶରୀରର କ୍ଳେଶକୁ ନିଜ ଭିତରେ ସମାହିତ କରିବାକୁ ପଡ଼ିବ। ସାମାଜିକ କ୍ଷେତ୍ରରେ ସତର୍କତା ଅବଲମ୍ବନ କରି ସ୍ଥିତି ଦୃଢ଼ କରିବେ। ବେପାର ବାଣିଜ୍ୟ ପୂର୍ବଭଳି ଚାଲୁ ରହିବ। ଆର୍ଥୀକ ଦିଗ


ମଧ୍ୟମ ଧରଣର ରହିବ। ଗୁରୁଜନମାନଙ୍କ ସ୍ୱାସ୍ଥ୍ୟ ଚିନ୍ତିତ କରାଇପାରେ। ଉନ୍ନତିର ଦିଗକୁ ଧାବିତ ହେବେ। ମାଙ୍ଗଳିକ କାର୍ଯ୍ୟରେ ଯୋଗଦାନ କରିବାର ଅଛି। ରକ୍ତ ଶର୍କରା ଓ ବାତଦୋଷ ଦେଖାଦେବ। ପାରିବାରିକ ଜୀବନରେ ବିଶୃଙ୍ଖଳା ଘଟିବାର ନାହିଁ। ମହିଳାମାନେ ଚଉଆଖିଆ ହୋଇ ପରିସ୍ଥିତି ଓ ପରିବେଶକୁ ସଜାଡ଼ିନେବାରେ ସମର୍ଥ ହେବେ। ବିଦ୍ୟାର୍ଥୀମାନଙ୍କ ନିମିତ୍ତ ଅନୁକୂଳ ସମୟ।

ଅଶୁଭ ଦିବସ:- ୨୦, ୨୧, ୨୨, ୨୫, ୨୬, ୬, ୭ ଅଷ୍ଟମଚନ୍ଦ୍ର:- ୪, ୫ ଘାତଚନ୍ଦ୍ର:- ୨୩, ୨୪ ବାକିଦିନ ଶୁଭ।



**ବିଛା:-** ପୂର୍ବାପେକ୍ଷା ଚଳିତ ମାସଟି ଅଧିକ ଶୁଭ ପ୍ରଭାବକ ହେବାର ସୂଚନା ମିଳୁଛି। କର୍ମର ଗତି ସାବଲୀଳ ହେବ। ମନର ଅବଶୋଷ ମେଣ୍ଟିଯିବା କାରଣରୁ କର୍ମରେ ଆଗ୍ରହ ପରିଲକ୍ଷିତ ହେବ। ସମସ୍ତ ପ୍ରକାରର ନକାରାତ୍ମକ ଚିନ୍ତାଧାରାକୁ ମନରୁ ପ୍ରତ୍ୟାହାର କରି ଏକନିଷ୍ଠ ଭାବେ କର୍ମରେ ପ୍ରବୃତ୍ତ ହେବେ। ଆଚରଣ ବ୍ୟବହାର ଓ ବଚନ କୁଶଳତା ଯୋଗେ ଅନ୍ୟମାନଙ୍କର ସାହାଯ୍ୟ ସହଯୋଗ ଉପଲବ୍ଧ ହେବ। ସାମାଜିକ ସ୍ତରରେ ଉପେକ୍ଷିତ ହେବାର ଆଶଙ୍କା ନାହିଁ। ବିବାଦୀୟ କ୍ଷେତ୍ରରେ ଉତ୍ତମ ଫଳପ୍ରାପ୍ତି ନିମିତ୍ତ କିଛି ସମୟର ଆବଶ୍ୟକତା ଅଛି। ବେପାର ବାଣିଜ୍ୟର ଧାରାରେ କ୍ରମଶଃ ଉନ୍ନତି ପରିଲକ୍ଷିତ ହେବ। ଆର୍ଥୀକ ସଙ୍କଟ ଅପସରି ଯିବା କାରଣରୁ ଆଶ୍ୱସ୍ତ ହେବେ। କର୍ତ୍ତବ୍ୟ ଓ କୃପା ଯୋଗେ ସମସ୍ତ ପ୍ରକାରର ପରିବେଶକୁ ଆୟତ୍ତରେ ରଖିବାର ସାମର୍ଥ୍ୟ ମିଳିବ। କିଛି ଲୋକ ମୁହଁରେ ମିଠା କଥା କହି ପଛରେ ସମାଲୋଚନା କରିବାକୁ ପଛାଇବେ ନାହିଁ। ମାଙ୍ଗଳିକ କାର୍ଯ୍ୟରେ ବ୍ୟୟ କରିବାକୁ ପଡ଼ିବ। ତୀର୍ଥ ଭ୍ରମଣର ଯୋଜନା କରିବେ। ଶୁଭକାର୍ଯ୍ୟ ନିମିତ୍ତ ଅଣ୍ଟା ଭିଡ଼ିବେ। ହାତ ଓ ଗୋଡ଼ରେ ଯନ୍ତ୍ରଣା ଅନୁଭୂତ ହେବ। ବାୟୁଦୋଷ ଦେଖାଦେବ। ପାରିବାରିକ ସ୍ଥିତି ବିଗିଡ଼ିବ ନାହିଁ। ମହିଳାମାନେ ଧୈର୍ଯ୍ୟ ଓ ସାହାସର ସହିତ କର୍ମତତ୍ପର ହେବେ। ମନୋବଳ ଯୋଗେ କର୍ମ ସାଧିତ ହେବ। ବିଦ୍ୟାର୍ଥୀମାନେ ଉଚ୍ଚଶିକ୍ଷା ନିମିତ୍ତ ଅନୁପ୍ରାଣିତ ହେବେ।

ଅଶୁଭ ଦିବସ:- ୨୮, ୨୯, ୮, ୯ ଅଷ୍ଟମଚନ୍ଦ୍ର:- ୬, ୭ ଘାତଚନ୍ଦ୍ର:- ୪, ୫ ବାକିଦିନ ଶୁଭ।




**ଧନୁ:-** ମାସଟିରେ ଆପଣଙ୍କ ନିମିତ୍ତ ଶୁଭଫଳ ପ୍ରାପ୍ତିର ଆଶା ଅଧିକ। କର୍ମ ପଥରେ ଉତ୍ସାହର ସହିତ ଦ୍ରୁତଗତି ଧାରଣ କରି ଲକ୍ଷ୍ୟସ୍ଥଳରେ ପହଞ୍ଚିବାର ପ୍ରଚେଷ୍ଟା ବଳବତ୍ତର କରିବେ। ମଝିରେ ମଝିରେ ଛୋଟ ଛୋଟ ସମସ୍ୟା ଦେଖାଦେଲେବି ତାହା ଦୀର୍ଘସ୍ଥାୟୀ ଅଥବା କର୍ମ ପ୍ରତିବନ୍ଧକ ହେବନାହିଁ। କଳ୍ପନା ବିଳାସୀ ନହୋଇ ବାସ୍ତବବାଦୀ ଓ କର୍ମମୁଖର ହେଲେ କର୍ତ୍ତବ୍ୟ ସାଧନରେ ଦୁଶ୍ଚିନ୍ତା ଅଥବା ଦୁର୍ବଳତା ପ୍ରବେଶ କରିବ ନାହିଁ। ବେଳେବେଳେ ସମସ୍ୟା ବାଧକ ନହୋଇ ଫାଇଦା ଉଠାଇବାରେ ସହାୟକ ହେବ। ଉପରିସ୍ଥ ମାନଙ୍କଠାରୁ ଉତ୍ତମ ସହଯୋଗ ପାଇବେ। ଚେଷ୍ଟା ଚରିତ୍ର ବିଫଳ ହେବାର ନାହିଁ। ସାମାଜିକ ସ୍ତରରେ ଲୋକମାନ୍ୟତା ବୃଦ୍ଧି ପାଇବାର ସମ୍ଭାବନା ଅଛି। ବିବାଦୀୟ କ୍ଷେତ୍ର ମନସ୍ତାପର କାରଣ ହେବ ନାହିଁ। ବେପାର ବାଣିଜ୍ୟରେ ମନଉଣା ହେବାର ନାହିଁ। ଆର୍ଥୀକ ଦିଗ କ୍ରମବର୍ଦ୍ଧନଶୀଳ ହେବ। କର୍ମରେ ଉନ୍ନତି ସାଙ୍ଗକୁ ପ୍ରଶଂସାର ପାତ୍ର ବନିପାରନ୍ତି। ଯାତ୍ରା ସୁଫଳ ହେବ। ନୂତନ ଭବିଷ୍ୟତ ଯୋଜନାରେ ମନବଳାଇବେ। କ୍ରୋଧ ଓ ଅହଂକାରକୁ ନିୟନ୍ତ୍ରଣ କଲେ ଶାନ୍ତି ମିଳିବ। ପାରିବାରିକ ଜୀବନରେ ଅନ୍ୟମାନଙ୍କ ଅଧିକାରକୁ ନଜର ଦେବାକୁ ପଡ଼ିବ। ମହିଳାମାନେ ଦୀର୍ଘ ମିଆଦି ଆଶା ପୋଷଣ କରିବେ। ଅଧିକାର ବୃଦ୍ଧିପାଇବ। ବିଦ୍ୟାର୍ଥୀମାନେ କର୍ତ୍ତବ୍ୟରେ ଅବହେଳା କରିବେ ନାହିଁ।

ଅଶୁଭ ଦିବସ:- ୧୦, ୧୧, ୧୨ ଅଷ୍ଟମ ଚନ୍ଦ୍ର:- ୮, ୯ ଘାତଚନ୍ଦ୍ର:- ୩୦, ୧ ବାକିଦିନ ଶୁଭ।



**ମକର:-** ଆପଣଙ୍କ ନିମିତ୍ତ ମାସଟି ସମସ୍ତ ଦିଗରେ ଶୁଭଫଳ ପ୍ରଦାନକରି ଶାନ୍ତି ସନ୍ତୋଷ ଓ ଉତ୍ସାହପ୍ରଦ ହେବ। ଶତ୍ରୁମାନଙ୍କୁ କଳେବଳେ କୌଶଳେ ହୀନବଳ କରି କର୍ତ୍ତବ୍ୟ ଦିଗରେ ଆଗୁଆ ହେବେ। ଯୋଜନାବଦ୍ଧ କାର୍ଯ୍ୟରେ ଯତ୍‌ପରୋନାସ୍ତି ଚେଷ୍ଟା ଚରିତ୍ର ବଳବତ୍ତର କରିବେ। ଲୋକ ସଂପର୍କକୁ ଆଧାର କରି ସମାଜସେବାରେ ନିଜକୁ ନିୟୋଜିତ କରିବେ। ସାମାଜିକ ସ୍ତରରେ ପତିଆରା ବୃଦ୍ଧି ନିମିତ୍ତ ଉଦ୍ୟମ କରି ସଫଳକାମ ହେବେ। ଅନ୍ୟ ଉପରେ ଭରସା ନକରି କିମ୍ବା ଅନ୍ୟର ମତାମତକୁ ଅପେକ୍ଷା ନକରି ନିଜବୁଦ୍ଧିରେ ବାଟ ଚାଲିବେ। ବିବାଦୀୟ କ୍ଷେତ୍ର ସପକ୍ଷରେ ଯିବାର ଆଶା କରିହେବ। ବେପାର ବାଣିଜ୍ୟରେ ନୂତନ ଧାରାର ଅନୁପ୍ରବେଶ କରି ଲାଭବାନ ହେବେ। ଦୂର ବ୍ୟବସାୟରୁ ଲାଭର ପରିମାଣ ଅଧିକ ଆଶା କରାଯାଇପାରିବ। ବେପାର ବାଣିଜ୍ୟକୁ ଆଧାର କରି ଦୂରଯାତ୍ରା କରିବେ। କଳା ସଂସ୍କୃତିରୁ ପ୍ରତିଷ୍ଠା ମିଳିବ। ସୌଖୀନ ଦ୍ରବ୍ୟ ଓ ମୂଲ୍ୟବାନ ଦ୍ରବ୍ୟ କ୍ରୟ କରିବେ। ମାଙ୍ଗଳିକ କାର୍ଯ୍ୟରେ ଅର୍ଥ ବ୍ୟୟ ଘଟିବ। ସରକାରୀ କଳରୁ ଫାଇଦା ଉଠାଇବେ। ସ୍ନାୟବିକ ଦୁର୍ବଳତା ଓ ପିତ୍ତଦୋଷରେ କ୍ଳେଶ ପାଇପାରନ୍ତି। ପାରିବାରିକ ଜୀବନରେ ସମସ୍ତଙ୍କ ସହିତ ମନ ମିଳାଇ ଚଳିବେ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ବିଗିଡ଼ିପାରେ। ମହିଳାମାନେ କର୍ତ୍ତବ୍ୟରେ ଅଣହେଳା କରିବେ ନାହିଁ। ସ୍ୱାମୀଙ୍କୁ ଉତ୍ତମ ପରାମର୍ଶ ଦେଇପାରନ୍ତି। ବିଦ୍ୟାର୍ଥୀମାନେ ସହଜିଆ ବାଟକୁ ଆପଣେଇବେ।

ଅଶୁଭ ଦିବସ:- ୧୫, ୧୬, ୧୭, ୨୩, ୨୪, ୨, ୩, ୧୩, ୧୪ ଅଷ୍ଟମଚନ୍ଦ୍ର:- ୧୦, ୧୧, ୧୨ ଘାତଚନ୍ଦ୍ର:- ୧୦, ୧୧, ୧୨ ବାକିଦିନ ଶୁଭ।



**କୁମ୍ଭ:-** ଚଳିତ ମାସଟି ଆପଣଙ୍କ ପକ୍ଷେ ପୂର୍ବ ତୁଳନାରେ ଫଳ ହିତକର ହେବ। ଧୈର୍ଯ୍ୟ ଓ ସାହାସର ସହିତ ବକେୟା କର୍ମର ପରିସମାପ୍ତି ଘଟାଇ ନୂତନ କର୍ମ ଯୋଜନାରେ ଆଗେଇବାର ସୁଯୋଗ କରାୟତ୍ତ ହେବ। ଦେହ ଓ ମନର ଦୁଃସ୍ଥିତି ଅପସରି ଯିବାଯୋଗେ କର୍ମ ସଂପାଦନ କରିବାର ପ୍ରବୃତ୍ତି ବର୍ଦ୍ଧିତ ହେବ।

ଶତ୍ରୁ ତଥା ସମସ୍ତ ନକାରାତ୍ମକ ପରିବେଶରୁ ସହଜ ଉଦ୍ଧାର ମିଳିବାର ଆଶା ଅଧିକ । ସାମାଜିକ ସ୍ତରରେ ଲୋକଙ୍କଠାରୁ ସାହାଯ୍ୟ ଓ ସହାନୁଭୂତି ଲାଭକରି ମନକୁ ଦୃଢ଼ ଓ ଶାନ୍ତ କରିବେ । ବେପାର ବାଣିଜ୍ୟରେ ଦୁଇପାଦ ଆଗେଇଯିବାର ସୂଚନା ମିଳୁଛି । ବିବାଦୀୟ କ୍ଷେତ୍ର କ୍ରମଶଃ ସରଳ ହେବ । ଆପଣାରମାନେ ଅସହଯୋଗ କରିବେ । ଆର୍ଥୀକ ଦିଗରୁ ହନ୍ତସନ୍ତ ହେବାର ନାହିଁ । ଭ୍ରମଣ ଯୋଗକୁ ଏଡ଼ାଇ ଦେଇପାରନ୍ତି । ମାଙ୍ଗଳିକ କାର୍ଯ୍ୟରେ ସଂପୃକ୍ତି ଘଟିବ । ଖାଦ୍ୟ, ପୋଷାକ ଓ ସୌଖୀନ ବସ୍ତୁ ପ୍ରତି ଲାଳାୟିତ ହେବେ । ଚକ୍ଷୁ, ଦନ୍ତରେ ପୀଡ଼ା ପାଇବା ସହିତ ରକ୍ତ ଶର୍କରା ରୋଗ ଦେଖାଦେବ । ପାରିବାରିକ ଜୀବନରେ ବୁଝାମଣାରେ ବିପରୀତ ଦିଗ ଦେଖାଦେଇପାରେ । ମହିଳାମାନେ ଧୈର୍ଯ୍ୟ ଧାରଣ କଲେ ଶାନ୍ତି ଓ ସୁଫଳ ପାଇବେ । ଗଠନମୂଳକ କାର୍ଯ୍ୟ ଓ ଦେବ କାର୍ଯ୍ୟରେ ମନୋନିବେଶ କରିବେ । ବିଦ୍ୟାର୍ଥୀମାନେ ଯେତେ କଷ୍ଟ ହେଲେବି କର୍ତ୍ତବ୍ୟକୁ ପ୍ରମୁଖତା ଦେବେ ।

ଅଶୁଭ ଦିବସ:- ୧୮, ୧୯, ୨୫, ୨୬, ୨୭, ୪, ୫, ୬, ୭ ଅଷ୍ଟମଚନ୍ଦ୍ର:- ୧୫, ୧୬, ୧୭, ୧୩, ୧୪ ଘାତଚନ୍ଦ୍ର:- ୨୩, ୨୪ ବାକିଦିନ ଶୁଭ ।



**ମୀନ:-** ମାସଟିରେ ଶୁଭାଶୁଭ ମିଶ୍ରିତ ଫଳ ଭୋଗ କରିବେ । ନୂତନ ଉତ୍ସାହର ସହିତ କର୍ମପଥରେ ଆଗୁସାର ହେବେ । କର୍ମସ୍ଥଳରେ ଶାନ୍ତି ମିଳିବା ସହିତ କ୍ଷମତାର ପରିସର ବୃଦ୍ଧି ଘଟିବ । ଉପରିସ୍ଥ ମାନଙ୍କର ଶ୍ରଦ୍ଧା ଓ ବିଶ୍ୱାସ ଭାଜନ ହେବାଫଳରେ କର୍ମ କରିବାର ଆଗ୍ରହ ବୃଦ୍ଧି ପାଇବ । ସରକାରୀ କଳରେ କୌଣସି କାର୍ଯ୍ୟ ଅଟକିଥିଲେ ତାହା ଚଳିତ ମାସରେ ହାସଲ କରିବାର ଅଛି । ଧୈର୍ଯ୍ୟ, ସାହାସ ଓ କର୍ମନିଷ୍ଠା ଯୋଗେ କର୍ମକ୍ଷେତ୍ରରେ ଓ ସାମାଜିକ ସ୍ତରରେ ଆଦୃତି ଲାଭ କରିବାର ଅଛି । ବିବାଦୀୟ କ୍ଷେତ୍ର ଆପଣଙ୍କ ସପକ୍ଷରେ ଯିବ । ବେପାର ବାଣିଜ୍ୟର ଧାରା ପ୍ରସାରିତ ହେବାର ସୂଚନା ମିଳୁଛି । ଦୈବୀକୃପା ଯୋଗେ ଅଭୀଷ୍ଟ ପୂରଣ ହେବ । ମୂଲ୍ୟବାନ ଦ୍ରବ୍ୟର ଅଧିକାର ମିଳିବ । ଗୁରୁଜନମାନଙ୍କ ସ୍ୱାସ୍ଥ୍ୟ ସମସ୍ୟା ଭୟଭୀତ କରିପାରେ । ବନ୍ଧୁମିଳନ ସହିତ ମାଙ୍ଗଳିକ କାର୍ଯ୍ୟରେ ଯୋଗଦାନ କରିବେ । ଆର୍ଥୀକ ଦିଗରୁ ଚିନ୍ତିତ ହେବାର ନାହିଁ । ଅବୟବରେ ଆଘାତ ଆସିପାରେ । ଶର୍ଦ୍ଦିଶ୍ଳେଷ୍ମା ସାଙ୍ଗକୁ ବାୟୁଦୋଷରେ ଆକ୍ରାନ୍ତ ହୋଇପାରନ୍ତି । ପାରିବାରିକ କ୍ଷେତ୍ରରେ ଅଶାନ୍ତି ଭୋଗିବାର ନାହିଁ । ମହିଳାମାନେ ସ୍ୱାଧୀନ ଜୀବନଯାପନ କରିବେ । ପରିବାରରୁ ଆଦର ଓ ସମ୍ମାନ ମିଳିବ । ସଞ୍ଚୟ ମନୋବୃତ୍ତି ବୃଦ୍ଧି ପାଇବ । ବିଦ୍ୟାର୍ଥୀମାନେ ଉପଯୁକ୍ତ ସ୍ଥାନ ପ୍ରାପ୍ତ ହେବେ ।

ଅଶୁଭ ଦିବସ:- ୨୦, ୨୧, ୨୨, ୮, ୯ ଅଷ୍ଟମଚନ୍ଦ୍ର:- ୧୮, ୧୯ ଘାତଚନ୍ଦ୍ର:- ୨୮, ୨୯ ବାକିଦିନ ଶୁଭ ।

***ନୂଆଗାଁ, ଇଟିପୁର, ଖୋର୍ଦ୍ଧା***
***ଦୂରଭାଷ: ୬୩୭୨୫୯୬୯୧୯***

**DM Associates**
**Chartered Accountants**
**307, Block - A, 3rd Floor, Nirmala Plaza**
**Forest Park, Bhubaneswar**
**Ph.: +91 674 259511-13**
**Telefax : +91 674 2595912**

***We undertake***
***Auditing, Taxation, Consultancy outsourcing***

Postal Regd. No. CK (C)/91/2024-2026
The Samaroha November - 2025, Vol. - 35, Issue - 2
RNI Regd. No. : 034056/1981


KALINGA COMMERCIAL CORPORATION LTD
A Leading Turnkey Service Provider for Mining Sector
(ISO 9001 : 2008 Certified)

*Our Strength is-*
*Unity &*
*Teamwork with*





*Commitment and*
*Dedication*

*Our Motto –*
*No Words but Deeds*





*Aiming for Excellence*
*in Achievement with*
*Customer Satisfaction*

Our Vision:
Aspire to set Benchmark on Global Mining,Value Creation and Corporate Social Responsibility

*CORPORATE OFFICE*

A/47, NILAKANTHA NAGAR, NAYAPALLI, BHUBANESWAR, ODISHA 751012
MOB: 9937559264
WEB: www.kccl.co.in


₹ 20/-

Date of Publication : 17.11.2025
Facebook: The Samaroha
E-mail: thesamaroha@gmail.com, Website: www.samaroha.in